# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୧୨/୨୦୨୨ (୧୬ ପୃଷ୍ଠା) | Bhubaneswar, Tuesday, April 12/2022 | Page 16 | ₹ 7.00 | ★★★★★★

୪୮ଶ ଭାଗ ୧୩୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଅମିତ ଅଧିନାୟକ**

ଜର୍ମାନୀ ବିପକ୍ଷ ପ୍ରୋ ଲିଗ୍ ହକି ମ୍ୟାଚ ପାଇଁ ଭାରତୀୟ ପୁରୁଷ ହକି ଦଳର ଅଧିନାୟକ ପଦରେ ଅପରିବର୍ତ୍ତିତ ରହିଛନ୍ତି ଓଡ଼ିଶାର ଅମିତ ରୋହିଦାସ।

**୧୬ ୧୨**

**୨୨ରେ 'ଜର୍ସି'**

ବଲିଉଡ୍ ଚକୋଲେଟ୍ ହିରୋ ଶାହିଦ କପୁରଙ୍କ ଅଭିନୀତ ଫିଲ୍ମ 'ଜର୍ସି' ଆସନ୍ତା ୧୪ ବଦଳରେ ୨୨ରେ ମୁକ୍ତିଲାଭ କରିବ।



# ସର୍ବୋଚ୍ଚ ରୋପ୍‌ୱେରେ ଦୁର୍ଘଟଣା



ଝାଡ଼ଖଣ୍ଡ ପର୍ଯ୍ୟଟନ ବିଭାଗର ତଥ୍ୟ ଅନୁସାରେ ବାବା ବୈଦ୍ୟନାଥ ମନ୍ଦିରଠାରୁ ୨୦ କିଲୋମିଟର ଦୂରରେ ରହିଥିବା ତ୍ରିକୂଟ ରୋପ୍‌ୱେ ଭାରତର ସର୍ବୋଚ୍ଚ ଭୂଲମ୍ବ ରୋପ୍‌ୱେ। ଉକ୍ତ ପାହାଡ଼ର ଉଚ୍ଚତା ୩୯୨ ମିଟର ହୋଇଥିବାବେଳେ ରୋପ୍‌ୱେର ଲମ୍ବ ୭୬୬ ମିଟର। ଏଥିରେ ଥିବା ୨୫ଟି ଟ୍ରଲିରେ ୧୦୦ ଜଣ ବସିପାରିବାର ବ୍ୟବସ୍ଥା ରହିଛି।

- କେବୁଲ-କାର୍ ପିଟିହୋଇ ୨ ମୃତ, ଏକାଧିକ ଆହତ
- ୨୪ ଘଣ୍ଟା ପରେ ଅଟକି ରହିଛନ୍ତି ୨୦ ଯାତ୍ରୀ
- ଉଦ୍ଧାର କାର୍ଯ୍ୟରେ ବାୟୁସେନା ସାମିଲ

ରାଞ୍ଚି,୧୧।୪

ଝାଡ଼ଖଣ୍ଡର ଦେଓଘର ଜିଲା ଅନ୍ତର୍ଗତ ତ୍ରିକୂଟ ପାହାଡ଼ରେ ଥିବା ଦେଶର ସର୍ବୋଚ୍ଚ ରୋପ୍‌ୱେରେ ରବିବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ଦୁଇଟି କେବୁଲ୍-କାର୍ ପରସ୍ପର ମଧ୍ୟରେ ଧକ୍କା ହେବାରୁ ୨ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଛନ୍ତି। ରୋପ୍‌ୱେ ଅଚଳ ହୋଇଯିବାରୁ ୪୮ଜଣ ଯାତ୍ରୀ ପାଖାପାଖି ୪୦୦ମିଟର ଉଚ୍ଚରେ ଝୁଲି ରହିଥିଲେ। ସେମାନଙ୍କ ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍ ଯବାନଙ୍କ ସମେତ ବାୟୁସେନାର ଏମ୍‌ଆଇ-୧୭, ଏମ୍‌ଆଇ-୧୭ ଭି୫ ହେଲିକପ୍ଟରକୁ ସାମିଲ କରାଯାଇଛି। ସୋମବାର ସନ୍ଧ୍ୟା ସୁଦ୍ଧା ୨୨ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିବାବେଳେ ଦୀର୍ଘ ୨୪ ଘଣ୍ଟା ପରେ ବି ସେଠାରେ ୨୦ରୁ ଊର୍ଦ୍ଧ୍ୱ ଫସି ରହିଥିବା ଜଣାପଡ଼ିଛି।

ଦୁର୍ଘଟଣାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିଲେ ହେଁ କେବୁଲ-କାର୍‌ରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି। ଏହି ଘଟଣା ପରେ ରୋପ୍‌ୱେର ପରିଚାଳକ ଓ ଅନ୍ୟ କର୍ମଚାରୀମାନେ ଫେରାର ହୋଇଯାଇଛନ୍ତି। ଦୁର୍ଘଟଣା ସମୟରେ ଡେଇଁ ପଡ଼ିଥିବା ୨ଜଣ ଗୁରୁତର ଆହତ ହୋଇଛନ୍ତି। ଏନ୍‌ଡିଆର୍‌ଏଫ୍‌ର ଗୋଟିଏ ଟିମ୍ ସହ ଇଣ୍ଡୋ-ତିବେଟାନ୍ ବର୍ଡର ପୋଲିସ (ଆଇଟିବିପି) ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛି। ଦେଓଘର ଡେପୁଟି କମିଶନର ମଞ୍ଜୁନାଥ ଭଜନ୍ତ୍ରୀ ଏବଂ ଏସ୍‌ପି ସୁଭାଷ ଚନ୍ଦ୍ର ଜାଟ ଘଟଣାସ୍ଥଳରେ ରହି ଉଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି। ସ୍ଥାନୀୟ ଲୋକେ ମଧ୍ୟ

☞ପୃଷ୍ଠା-୪

# 'ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂଆ ଯୁଗ'

## ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଲୋକାର୍ପିତ

- ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ
- ଆୟୁଷ୍ମାନ ଭାରତ ଲାଗୁ କରନ୍ତୁ ଓଡ଼ିଶା ସରକାର: କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ

ପୁରୀ ଅଫିସ,୧୧।୪

ପୁରୀର ବାଲିଗୁଆଳିଠାରେ ନବନିର୍ମିତ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଏବଂ ୫ମହଲା ବିଶିଷ୍ଟ ହଷ୍ଟେଲକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଶ୍ରୀଜଗନ୍ନାଥ ମେଡିକାଲ କଲେଜ ସ୍ଥାପନ ଦ୍ୱାରା ପୁରୀବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ପୂରଣ ହୋଇଛି। ପୁରୀ ଜିଲା ପାଇଁ ଆଜିର ଦିନଟି ଏକ ଐତିହାସିକ ଦିନ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରରେ ଏକ ଉନ୍ନତମାନର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି। ଏହାଦ୍ୱାରା ପୁରୀ ଜିଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେବା ସହ ମେଧାବୀ ଛାତ୍ରୀଛାତ୍ରମାନେ ମେଡିକାଲ ପାଠ ପଢିପାରିବେ। ଏହି କଲେଜରେ ୧୦୦ଟି ଏମ୍‌ବିବିଏସ୍ ଆସନ ରହିଛି। ବର୍ତ୍ତମାନ ରାଜ୍ୟରେ ୮ଟି ସରକାରୀ ମେଡିକାଲ କଲେଜର ସମୁଦାୟ ଏମ୍‌ବିବିଏସ୍ ଆସନ ସଂଖ୍ୟା ୧୨୫୦କୁ ବୃଦ୍ଧି ପାଇଛି। ରାଜ୍ୟ ସରକାରଙ୍କ ୧୫ ପ୍ରତିଶତ ସଂରକ୍ଷଣ ନିୟମ ଯୋଗୁ ଏଠାରେ ଅତି ଗରିବ ଛାତ୍ରୀଛାତ୍ର ପାଠ ପଢ଼ିବା ସୁଯୋଗ ପାଇପାରିଛନ୍ତି। ବିଦ୍ୟାର୍ଥୀ ଓ ଶିକ୍ଷକଙ୍କ ଉଦ୍ୟମରେ ଲୋକଙ୍କୁ ସେବା ଯୋଗାଇବାରେ ଏହା ଏକ ପ୍ରତିଷ୍ଠିତ ଅନୁଷ୍ଠାନରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତରେ ଭଲ ଡାକ୍ତର ହୋଇ ନିଷ୍ଠାପର ଭାବେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରୁ

☞ପୃଷ୍ଠା-୮



ଲୋକାର୍ପଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ସଚିବ ଭି.କେ. ପାଣ୍ଡିଆନ।

# ଶେହବାଜ୍ ପାକିସ୍ତାନ ନୂଆ ପ୍ରଧାନମନ୍ତ୍ରୀ

## ଭୋଟ ବର୍ଜନ କଲା ପିଟିଆଇ

**ଇସ୍‌ଲାମାବାଦ, ୧୧।୪:** ପ୍ରାୟ ମାସେ ଧରି ପାକିସ୍ତାନ ରାଜନୀତିରେ ଅସ୍ଥିରତା ଲାଗି ରହିବା ପରେ ଦେଶ ଏବେ ନୂଆ ପ୍ରଧାନମନ୍ତ୍ରୀଙ୍କୁ ପାଇଛି। ପିଏମ୍‌ଏଲ୍-ଏନ୍ ନେତା ୭୦ ବର୍ଷୀୟ ଶେହବାଜ୍ ଶରିଫ୍ ସୋମବାର ବିନା ପ୍ରତିଦ୍ୱନ୍ଦ୍ୱିତାରେ ପାକିସ୍ତାନର ପ୍ରଧାନମନ୍ତ୍ରୀ ନିର୍ବାଚିତ ହୋଇଛନ୍ତି। ରାତିରେ ସେ ତାଙ୍କ ପଦ ଓ ଗୋପନୀୟତାର ଶପଥ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ରାଷ୍ଟ୍ରପତି ଆରିଫ୍ ଅଲ୍‌ଭି ଅସୁସ୍ଥ ହୋଇପଡ଼ିଥିଲେ। ଫଳରେ ପାକିସ୍ତାନ ସିନେଟ୍ ଅଧ୍ୟକ୍ଷ ସାଦିକ୍ ସଞ୍ଜରାନୀ ଶେହବାଜ୍‌ଙ୍କୁ ଶପଥ ପାଠ କରାଇଥିଲେ। ପାକିସ୍ତାନ ତେହରିକ୍-ଏ-ଇନ୍‌ସାଫ୍ (ପିଟିଆଇ) ଅଧ୍ୟକ୍ଷ ଇମ୍ରାନ୍ ଖାନ୍ ଅନାସ୍ଥା ଭୋଟରେ ହାରି ଶାସନରୁ ବିଦା ହେବା ପରେ ବିରୋଧୀ ମେଣ୍ଟ ଶେହବାଜ୍‌ଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ମନୋନୀତ

☞ପୃଷ୍ଠା-୪



**ଆଜିର ସମ୍ପାଦକୀୟ**

**ପେଟର ନିଆଁ**

# ୭ ଜଣଙ୍କ ଉପରେ ମାଡ଼ିଗଲା କୋଣାର୍କ ଏକ୍ସପ୍ରେସ୍

ଅମରାବତୀ, ୧୧।୪

ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲାରେ ସୋମବାର ରାତିରେ କୋଣାର୍କ ଏକ୍ସପ୍ରେସ୍ ମାଡ଼ିଯାଇ ୭ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ବଟୁଆ ଗ୍ରାମ ନିକଟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ସିକନ୍ଦରାବାଦ୍-ଗୁଆହାଟୀ ସୁପରଫାଷ୍ଟ ଏକ୍ସପ୍ରେସ୍ ଅଟକିଥିଲା। ଏହି ସମୟରେ ଯାତ୍ରୀମାନେ ଉକ୍ତ ଟ୍ରେନ୍‌ରୁ ଓହ୍ଲାଇ ପାଖ ରେଳଲାଇନରେ ଛିଡ଼ା ହୋଇଥିବାବେଳେ ବିପରୀତ ଦିଗରୁ ଆସୁଥିବା କୋଣାର୍କ ଏକ୍ସପ୍ରେସ୍ ସେମାନଙ୍କ ଉପରେ ମାଡ଼ି ଯାଇଥିଲା। ଫଳରେ ୭ ଜଣଙ୍କ ମୃତ୍ୟୁ ଘଟିଛି। ଅନେକଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା ରହିଛି। ଆହତମାନଙ୍କୁ ନିକଟସ୍ଥ ଚିପୁରୁପାଲି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଜିଆର୍‌ପି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ଝଣ୍ଡାକୁ ନେଇ ଗୋଷ୍ଠୀ ସଂଘର୍ଷ

- ଯୋଡ଼ାରେ ୧୪୪ ଧାରା ଜାରି
- ଟେକାପଥର ମାଡ଼ ସହ ବାଇକ୍ ପୋଡ଼ାଜଳା

ଯୋଡ଼ା, ୧୧।୪ (ଡି.ଏନ.ଏ.)

ରାମନବମୀ ଅବସରରେ ଏକ ଶିବ ମନ୍ଦିରରେ ଝଣ୍ଡା ଲଗାଇବାକୁ ନେଇ କେନ୍ଦୁଝର ଜିଲା ଯୋଡ଼ା ସହରରେ ସୋମବାର ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଉଭୟ ଗୋଷ୍ଠୀ ମାର୍‌ପିଟ୍ ହେବା ସହ ପରସ୍ପରକୁ ଟେକାପଥର ମାଡ଼ କରିଥିଲେ। ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ ଲାଗି ଉଦ୍ୟମ କରିଥିଲେ ମଧ୍ୟ ଉତ୍ତେଜନା ଥମି ନ ଥିଲା। ଅଳ୍ପସଂଖ୍ୟକ ପୋଲିସ ଫୋର୍ସ ଥିବାରୁ ବାମେବାରୀ ଥାନା ଅଧିକାରୀ ମନୋରଞ୍ଜନ ବିଶି ଗୋଟିଏ ରାଉଣ୍ଡ ଫାଙ୍କା ଗୁଳିଚାଳନା କରିଥିଲେ। କେତେକାଂଶରେ ଉତ୍ତେଜନା ଥମିଥିଲେ ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ ନ ହେବାରୁ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। ଘଟଣାସ୍ଥଳରେ କେନ୍ଦୁଝର ଏସ୍‌ପି ମିତ୍ରଭାନୁ ମହାପାତ୍ର, ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରତିମୟ, ବଡ଼ବିଲ ଏସ୍‌ଡିପିଓ ହିମାଂଶୁ ଭୂଷଣ ବେହେରା, ତହସିଲଦାର ଆଲୋକ ପଟେଲ, ଯୋଡ଼ା ବିଡିଓ ଜଗନ୍ନାଥ ହନୁମାନଙ୍କ ସମେତ

☞ପୃଷ୍ଠା-୪

# ଜେଲ ଅନ୍ତେବାସୀଙ୍କୁ ପାଠ ପଢ଼ାଉଛନ୍ତି ପୁଞ୍ଜିଲାଲ







ପୁଞ୍ଜିଲାଲ ମେହେର

- ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ଜେଲରେ ଅଛନ୍ତି
- ୩୫ ଅନ୍ତେବାସୀ ମାଟ୍ରିକ୍, ଯୁକ୍ତ୨ ପରୀକ୍ଷାର୍ଥୀ

ବଲାଙ୍ଗୀର ଅଫିସ, ୧୧।୪

ଜେଲ ଭିତରେ ବନ୍ଦୀ ଅନ୍ତେବାସୀଙ୍କୁ ପାଠ ପଢ଼ାଇବା ଉପରେ ଗୁରୁତ୍ୱ ଦେଉଛନ୍ତି ବଲାଙ୍ଗୀର ଜିଲା କାରାଗାର କର୍ତ୍ତୃପକ୍ଷ। ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ଅଭିଯୁକ୍ତ ପୁଞ୍ଜିଲାଲ ମେହେର। ଜେଲ ଭିତରେ ଥିବା ଅନ୍ତେବାସୀଙ୍କୁ ଇଂଲିଶ୍ ପାଠ ପଢ଼ାଉଛନ୍ତି ଭଇଁଷା କଲେଜର ଏହି ପୂର୍ବତନ ଇଂଲିଶ୍ ବିଭାଗ ଅଧ୍ୟାପକ। ସେ ଏବେ ସ୍ପୋକେନ୍ ଇଂଲିଶ୍, ଭୋକାବୁଲାରି ଏବଂ ଲାର୍ନର କୋର୍ସ କରାଉଛନ୍ତି। ତେବେ ଜେଲ ଭିତରେ ଅନ୍ତେବାସୀଙ୍କୁ ପୁଞ୍ଜିଲାଲଙ୍କ ଇଂଲିଶ୍ ପାଠ ପଢ଼ାଇବା ଚର୍ଚ୍ଚାର ବିଷୟ ହୋଇଛି।

ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ସଂସ୍ଥାନ (ଏନ୍‌ଆଇଓଏସ୍) ଏବଂ ଇନ୍ଦିରା ଗାନ୍ଧୀ ନ୍ୟାଶନାଲ ଓପନ ୟୁନିଭର୍ସିଟି (ଆଇଜିଏନ୍‌ଓୟୁ) ଜରିଆରେ ଜେଲ ଅନ୍ତେବାସୀମାନେ ପାଠ ପଢ଼ିବାର ବ୍ୟବସ୍ଥା କରାଯାଇଛି। ବଲାଙ୍ଗୀର ଜିଲା କାରାଗାରରେ ଏବେ ୩୫ ଜଣ ଅନ୍ତେବାସୀ ମାଟ୍ରିକ୍ ଓ ଯୁକ୍ତଦୁଇ ପରୀକ୍ଷା ଦେଉଛନ୍ତି। ଏଥିସହିତ ୩ଜଣ ଯୁକ୍ତତିନି ଏବଂ ୨ଜଣ ପିଜି ଆଡମିଶନ୍ କରିଛନ୍ତି। ଏନ୍‌ଆଇଓଏସ୍ ଜରିଆରେ ଚାଲିଥିବା ଏହି ପରୀକ୍ଷାରେ ଏବେ ୨୫ଜଣ ଅନ୍ତେବାସୀ ମାଟ୍ରିକ୍ ଓ ୧୦ ଜଣ ଅନ୍ତେବାସୀ

☞ପୃଷ୍ଠା-୪


**୭୪ତମ**

**ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ** ୧୩.୦୪.୨୦୨୨ ରୁ ୧୫.୦୪.୨୦୨୨

BHUBANESWAR MUNICIPAL CORPORATION BMC | ଓଡ଼ିଶା ସରକାର | cdcc CAPITAL DAY CELEBRATION COMMITTEE BHUBANESWAR

DADLS - 04

**୧୩.୦୪.୨୦୨୨, ସ୍ଥାନ : ଓଡ଼ିଶା ବିଧାନସୌଧ ସମ୍ମୁଖ, ଭୁବନେଶ୍ୱର**

ସକାଳ ଘ.୭.୩୦ମି. - ରାଜଧାନୀର ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନଙ୍କ ଚିତ୍ତାକର୍ଷକ ବେସାମରିକ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ

ମୁଖ୍ୟ ଅତିଥି - **ଡ. ସୂର୍ଯ୍ୟ ନାରାୟଣ ପାତ୍ର**, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା

ସଦୟ ଉପସ୍ଥିତି
- **ଶ୍ରୀଯୁକ୍ତ ସମୀର ରଞ୍ଜନ ଦାଶ**, ମାନ୍ୟବର ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା
- **ଶ୍ରୀଯୁକ୍ତ ପ୍ରତାପ ଜେନା**, ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଆଇନ, ପଞ୍ଚାୟତିରାଜ ଓ ପାନୀୟ ଜଳ
- **ଶ୍ରୀଯୁକ୍ତ ପଦ୍ମନାଭ ବେହେରା**, ମାନ୍ୟବର ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ, ଯୋଜନା ଓ ସଂଯୋଜନ
- **ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା**, ମାନ୍ୟବର ମନ୍ତ୍ରୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ବିଜ୍ଞାନ ଓ ବୈଷୟିକ, ସାଧାରଣ ଉଦ୍ୟୋଗ
- **ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା**, ମାନ୍ୟବର ବିଧାୟକ, ଭୁବନେଶ୍ୱର (ମଧ୍ୟ)
- **ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ**, ମାନ୍ୟବର ବିଧାୟକ, ଭୁବନେଶ୍ୱର (ଉତ୍ତର)
- **ଶ୍ରୀମତୀ ସୁଲୋଚନା ଦାସ**, ମାନ୍ୟବର ମେୟର, ଭୁବନେଶ୍ୱର ମହାନଗର ନିଗମ
- **ଶ୍ରୀଯୁକ୍ତ ବିଷ୍ଣୁପଦ ସେଠୀ**, ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ
- **ଶ୍ରୀଯୁକ୍ତ ସଞ୍ଜୟ କୁମାର ସିଂ**, ଉପାଧ୍ୟକ୍ଷ, ବିଡ଼ିଏ ତଥା କମିଶନର, ଭୁବନେଶ୍ୱର ମହାନଗର ନିଗମ
- **ଶ୍ରୀଯୁକ୍ତ ସୌମେନ୍ଦ୍ର ପ୍ରିୟଦର୍ଶୀ**, ପୋଲିସ କମିଶନର, ଭୁବନେଶ୍ୱର-କଟକ
- **ଶ୍ରୀଯୁକ୍ତ ଇନ୍ଦ୍ରମଣି ତ୍ରିପାଠୀ**, ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ
- **ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ମହାପାତ୍ର**, ଜିଲ୍ଲାପାଳ, ଖୋର୍ଦ୍ଧା
- **ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ସ୍ୱାଇଁ**, ଅତିରିକ୍ତ ଜିଲ୍ଲାପାଳ, ଭୁବନେଶ୍ୱର
- **ଶ୍ରୀଯୁକ୍ତ ପ୍ରଦୋଷ ପଟ୍ଟନାୟକ**, ସଭାପତି, **ଶ୍ରୀଯୁକ୍ତ ସନତ ମିଶ୍ର**, ସାଧାରଣ ସମ୍ପାଦକ ଓ **ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ କୁମାର ମହାନ୍ତି**, ଉପ ସଭାପତି, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି

ସକାଳ ୮ ଘଟିକା - ୧୩ ଜଣ ବ୍ୟକ୍ତିବିଶେଷଙ୍କୁ **'ରାଜଧାନୀ ଗୌରବ ସମ୍ମାନ-୨୦୨୨'** ପ୍ରଦାନ

ପୂର୍ବାହ୍ନ ଘ.୮.୩୦ମି. - ସାଧାରଣ ସଭା | ପୂର୍ବାହ୍ନ ୯ ଘଟିକା - କାର୍ଯ୍ୟକ୍ରମ ସମାପ୍ତି

**ସ୍ଥାନ : ଉତ୍କଳ ମଣ୍ଡପ, ଭୁବନେଶ୍ୱର**

ଅପରାହ୍ନ ୪ ଘଟିକା - ରାଜଧାନୀର ସ୍କୁଲ ଓ କଲେଜ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସାଂସ୍କୃତିକ ପ୍ରତିଯୋଗିତା

ସନ୍ଧ୍ୟା ଘ.୬.୩୦ ମି.- ସାଧାରଣ ସଭା, ସମ୍ବର୍ଦ୍ଧନା ଓ ପୁରସ୍କାର ବିତରଣ

ସଦୟ ଉପସ୍ଥିତି
- **ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା**, ମାନ୍ୟବର ମନ୍ତ୍ରୀ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ବିଜ୍ଞାନ ଓ ବୈଷୟିକ
- **ଶ୍ରୀଯୁକ୍ତ ଜ୍ୟୋତିପ୍ରକାଶ ପାଣିଗ୍ରାହୀ**, ମାନ୍ୟବର ମନ୍ତ୍ରୀ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି
- **ଶ୍ରୀଯୁକ୍ତ ରଘୁନନ୍ଦନ ଦାସ**, ମାନ୍ୟବର ମନ୍ତ୍ରୀ, ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ
- **ଶ୍ରୀଯୁକ୍ତ ମାନସ ରଞ୍ଜନ ମଙ୍ଗରାଜ**, ଉପଦେଷ୍ଟା, ଓଡ଼ିଶା ସରକାର, ଗଣମାଧ୍ୟମ ଓ ଲୋକସମ୍ପର୍କ
- **ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା**, ମାନ୍ୟବର ବିଧାୟକ, ଭୁବନେଶ୍ୱର (ମଧ୍ୟ)
- **ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉତ**, ମାନ୍ୟବର ବିଧାୟକ, ଭୁବନେଶ୍ୱର (ଉତ୍ତର)
- **ଶ୍ରୀମତୀ ସୁଲୋଚନା ଦାସ**, ମାନ୍ୟବର ମେୟର, ଭୁବନେଶ୍ୱର ମହାନଗର ନିଗମ
- **ଶ୍ରୀଯୁକ୍ତ ମଧୁସୂଦନ ପାଢ଼ୀ**, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
- **ଶ୍ରୀଯୁକ୍ତ ବିଷ୍ଣୁପଦ ସେଠୀ**, ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ
- **ଶ୍ରୀଯୁକ୍ତ ସଞ୍ଜୟ କୁମାର ସିଂ**, ଉପାଧ୍ୟକ୍ଷ, ବିଡ଼ିଏ ତଥା କମିଶନର,ଭୁବନେଶ୍ୱର ମହାନଗର ନିଗମ
- **ଶ୍ରୀଯୁକ୍ତ ସୌମେନ୍ଦ୍ର ପ୍ରିୟଦର୍ଶୀ**, ପୋଲିସ କମିଶନର, ଭୁବନେଶ୍ୱର-କଟକ
- **ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ମହାପାତ୍ର**, ଜିଲ୍ଲାପାଳ, ଖୋର୍ଦ୍ଧା
- ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି (ସଂଚାଳନ)

**ସନ୍ଧ୍ୟା ୭ ଘଟିକା - ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ର ଏବଂ ସାଥୀ କଳାକାରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ**

୧୪.୦୪.୨୦୨୨ ଓ ୧୫.୦୪.୨୦୨୨ - ଉତ୍କଳ ମଣ୍ଡପ, ଭୁବନେଶ୍ୱରଠାରେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ସୁବାସ ଦାଶ, ପ୍ରଶାନ୍ତ ପାଢ଼ୀ ଓ ସହଯୋଗୀଙ୍କ ସଙ୍ଗୀତ ପରିବେଷଣ ଏବଂ ସାଂସ୍କୃତିକ ଦଳ ଦ୍ୱାରା ନୃତ୍ୟ ପରିବେଷଣ

**ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗ ଦେବାକୁ ସାଦର ଆମନ୍ତ୍ରଣ ।**

**ନିବେଦକ :** ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି

OIPR-15001/13/0007/2223

**ବ୍ରିଜ୍ ଚୋରି ଘଟଣାରେ ୮ ଗିରଫ**

ବିହାରର ରୋହତସ ଜିଲାରେ ୬୦ ଫୁଟ ବ୍ରିଜ୍ ଚୋରି ଘଟଣାରେ ରବିବାର ସ୍ଥାନୀୟ ପୋଲିସ ଜଳସେଚନ ବିଭାଗର ସବ୍-ଡିଭିଜନାଲ ଅଫିସରଙ୍କ ସମେତ ୮ ଜଣଙ୍କୁ ଗିରଫ କରିଛି। ଚୋରିରେ ବ୍ୟବହୃତ ଜେସିବି ଏବଂ ୨୪୭ କି.ଗ୍ରା ଲୁହା ସାଙ୍ଗକୁ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିବା ରୋହତସ ଏସ୍‌ପି ଆଶିଷ ଭାରତୀ କହିଛନ୍ତି।

## ସଂକ୍ଷେପରେ

### ଇମ୍ରାନ୍‌ଙ୍କ ବିରୋଧରେ ଦେଶଦ୍ରୋହ ମାମଲା ଖାରଜ

ପାକିସ୍ତାନର ଗାଦିଚ୍ୟୁତ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଏବଂ ଅନ୍ୟ ପୂର୍ବତନ ମନ୍ତ୍ରୀଙ୍କ ନାଁରେ ଆସିଥିବା ଦେଶଦ୍ରୋହ ମାମଲାକୁ ଇସ୍‌ଲାମାବାଦ ହାଇକୋର୍ଟ ଖାରଜ କରିଛନ୍ତି। ଏହା ଗ୍ରହଣୀୟ ନୁହେଁ ବୋଲି ମୁଖ୍ୟ ବିଚାରପତି ଅଥର ମିନାଲ୍ଲା କହିବା ସହ ଆବେଦନକାରୀ ମୌଲବୀ ଇକ୍‌ବାଲ ହାଇଦରଙ୍କ ଉପରେ ୧ ଲକ୍ଷ ଟଙ୍କା ଜରିମାନା ଲଗାଇଛନ୍ତି। ଏଥିସହ ଇମ୍ରାନ୍ ଏବଂ ପୂର୍ବତନ ମନ୍ତ୍ରୀଙ୍କୁ ନୋ-ଫ୍ଲାଏ ଲିଷ୍ଟରେ ରଖିବାକୁ ହୋଇଥିବା ଆବେଦନ ସହ ଇମ୍ରାନ୍‌ଙ୍କ ସରକାର ଭାଙ୍ଗିବା ପଛରେ ବିଦେଶୀ ଷଡ଼ଯନ୍ତ୍ରର ତଦନ୍ତ ନିମନ୍ତେ ପାଇଁ ଦାଖଲ ପିଟିଶନକୁ ମଧ ଖାରଜ କରିଦିଆଯାଇଛି।



### ଜଗନଙ୍କ ନୂଆ କ୍ୟାବିନେଟରେ ୫ ଉପ-ମୁଖ୍ୟମନ୍ତ୍ରୀ

**ଅମରାବତୀ, ୧୧।୪:** ଆନ୍ଧ୍ର ପ୍ରଦେଶର ନୂଆ ମନ୍ତ୍ରିମଣ୍ଡଳ ଗଠନ ପରେ ସୋମବାର ମନ୍ତ୍ରୀମାନେ ଶପଥ ନେଇଛନ୍ତି। ନୂଆ କ୍ୟାବିନେଟରେ ୫ ଜଣ ଉପ-ମୁଖ୍ୟମନ୍ତ୍ରୀ ସ୍ଥାନ ପାଇଛନ୍ତି। ୨୦୧୯ କ୍ୟାବିନେଟର ଡେପୁଟି ସିଏମ୍ ଥିବା ଆମଜାଦ ବାଶା ଏବଂ ନାରାୟଣା ସ୍ୱାମୀଙ୍କୁ ପୁଣିଥରେ ଉପ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଦିଆଯାଇଥିବାବେଳେ ମୁଥ୍ୟାଲା ନାଇଡୁ, କିଛୁ ସତ୍ୟନାରାୟାଣା ଏବଂ ରଜନ୍ନା ଦୋରାଙ୍କୁ ଜଗନ ନୂଆ ଉପ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ପ୍ରଦାନ କରିଛନ୍ତି। ନୂଆ ମନ୍ତ୍ରିମଣ୍ଡଳରୁ ବରିଷ୍ଠ ରାଜନେତା ବାଦ୍ ପଡ଼ିବା କାରଣରୁ ଲୋକେ ପ୍ରତିବାଦ କରୁଥିବା ଗଣମାଧମ ରିପୋର୍ଟରେ ପ୍ରକାଶ ପାଇଛି। ଆନ୍ଧ୍ର ପ୍ରଦେଶର ନୂଆ କ୍ୟାବିନେଟରେ ୪ ମହିଳାଙ୍କୁ ମନ୍ତ୍ରୀ ଦାୟିତ୍ୱ ପ୍ରଦାନ କରାଯାଇଛି। କ୍ୟାବିନେଟରେ ୧୧ ପୁରୁଣା ଚେହେରା ଥିବାବେଳେ ୨୫ ମନ୍ତ୍ରୀଙ୍କ ଭିତରୁ ୧୭ ଜଣ ଦଳିତ, ଆଦିବାସୀ ଓ ଅନ୍ୟ ସମ୍ପ୍ରଦାୟର ନେତାଙ୍କୁ ମନ୍ତ୍ରୀପଦ ଦିଆଯାଇଛି।

### ଖାର୍ଗେଙ୍କୁ ଇଡି ଜେରା

**ନୂଆଦିଲ୍ଲୀ,୧୧।୪ (ପି.ଟି.):** ନ୍ୟାଶନାଲ ହେରାଲ୍ଡ ଖବରକାଗଜ ପ୍ରକାଶ କରୁଥିବା କଂଗ୍ରେସ ପରିଚାଳିତ ଆସୋସିଏଟେଡ୍ ଜର୍ନାଲ୍ସ ଲିମିଟେଡ (ଏଜେଏଲ୍) ବିରୋଧରେ ମନିଲଣ୍ଡରିଂ ମାମଲାର ତଦନ୍ତ ଚାଲିଥିବାବେଳେ ଏଥିସହ ସମ୍ପୃକ୍ତ ଅଭିଯୋଗରେ ବରିଷ୍ଠ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ସୋମବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜେରା କରିଛି। ଇଡି ସମନ କ୍ରମେ ରାଜ୍ୟ ସଭାର ୭୯ ବର୍ଷୀୟ ବିରୋଧୀ ଦଳ ନେତା ଏହାର ମୁଖ୍ୟାଳୟରେ ପୂର୍ବାହ୍ନ ୧୧ଟାରେ ହାଜର ହୋଇଥିଲେ। ମନିଲଣ୍ଡରିଂ ପ୍ରତିକାର ଆଇନର ବ୍ୟବସ୍ଥା ଅନୁଯାୟୀ ତାଙ୍କ ବୟାନ ରେକର୍ଡ କରାଯାଇଛି। ଖାର୍ଗେ 'ୟଙ୍ଗ ଇଣ୍ଡିଆନ' ଏବଂ ଏଜେଏଲ୍‌ର କାର୍ଯ୍ୟକର୍ତ୍ତା ଥିବାରୁ ତାଙ୍କୁ ପଚରାଉଚରା କରିବା ଆବଶ୍ୟକ ରହିଥିବା ଜଣେ ଅଧିକାରୀ କହିଛନ୍ତି। ୨୦୧୬ରୁ ଇଡି ଏଜେଏଲ୍ ଓ କଂଗ୍ରେସର ବିଭିନ୍ନ ନେତାଙ୍କ ମନିଲଣ୍ଡରିଂରେ ରହିଥିବା ଭୂମିକା ଉପରେ ତଦନ୍ତ ଚଳାଇଛି। ଏହି ମାମଲାରେ ଅନ୍ୟମାନଙ୍କ ମଧ୍ୟରେ ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ନେତା ଭୂପିନ୍ଦର ସିଂ ହୁଡା, ଦିବଂଗତ ନେତା ମୋତିଲାଲ ଭୋରା ପ୍ରମୁଖ ଅଭିଯୁକ୍ତ ଅଛନ୍ତି।

# ଭାରତ ସହ ସୁସମ୍ପର୍କ ଚାହୁଁ



ଶେହବାଜ୍‌ଙ୍କ ଜଣେ ସମର୍ଥକ ପାର୍ଲାମେଣ୍ଟ ବାହାରେ ଖୁସି ମନାଉଛନ୍ତି।



ଶେହବାଜ୍ ଶରିଫ୍

ଇସଲାମାବାଦ, ୧୧।୪

ପାକିସ୍ତାନର ୨୩ତମ ପ୍ରଧାନମନ୍ତ୍ରୀ ଭାବେ ଶେହବାଜ ଶରିଫ୍ ସୋମବାର ଶପଥ ଗ୍ରହଣ କରିଛନ୍ତି। ବିନା ପ୍ରତିଦ୍ୱନ୍ଦ୍ୱିତାରେ ଦେଶର ମୁଖ୍ୟ ଭାବେ ନିର୍ବାଚିତ ହେବା ପରେ ଶେହବାଜ୍ ନିଜ ପ୍ରଥମ ଭାଷଣରେ ଚାଇନା, ଭାରତ ଓ ଆମେରିକା ସହ ସମ୍ପର୍କ ସମେତ ଏକାଧିକ ପ୍ରସଙ୍ଗ ଉଠାଇଥିଲେ। ବିଶେଷ କରି ବିଦେଶ ନୀତି ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପାକିସ୍ତାନ ଭାରତ ସହ ଭଲ ସମ୍ପର୍କ ଚାହେଁ। କିନ୍ତୁ କଶ୍ମୀର ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ନ ହେବା ପର୍ଯ୍ୟନ୍ତ ତାହା ହୋଇପାରିବ ନାହିଁ ବୋଲି ଶେହବାଜ କହିଛନ୍ତି। କଶ୍ମୀର ପ୍ରସଙ୍ଗକୁ ପ୍ରତ୍ୟେକ ଅନ୍ତର୍ଜାତୀୟ ମଞ୍ଚରେ ଉପସ୍ଥାପନ କରାଯିବ। ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଝିବା ଆବଶ୍ୟକ ଯେ, ଉଭୟ ଦେଶରେ ଦାରିଦ୍ର୍ୟତା ରହିଛି। ତେଣୁ ଏକାଠି କଶ୍ମୀର ବିବାଦର ସମାଧାନ କରି ଦାରିଦ୍ର୍ୟତା ସହ ଲଢ଼ିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ସେହିପରି ଚାଇନା-ପାକିସ୍ତାନର ବନ୍ଧୁତାକୁ ସମୟ ପରୀକ୍ଷା କରିସାରିଛି। ଏହି ସମ୍ପର୍କକୁ କେହି ଭାଙ୍ଗିପାରିବେ ନାହିଁ ବୋଲି ଶେହବାଜ୍ କହିଛନ୍ତି। ଆମେରିକା ସହ ପାକିସ୍ତାନର ଐତିହାସିକ ସମ୍ପର୍କ ରହିଆସିଛି। ଏଥିରେ କେତେକ ଦ୍ୱନ୍ଦ୍ୱ ଓ ଭୁଲ ବୁଝାମଣା ରହିଥିବା ସେ ପ୍ରକାଶ କରିଛନ୍ତି।

ଇମ୍ରାନ୍ ଖାନ୍‌ଙ୍କ ସରକାର ଭାଙ୍ଗିବା ପଛରେ ବିଦେଶୀ ଷଡ଼ଯନ୍ତ୍ର ଅଭିଯୋଗ ଏବଂ 'ଧମକପୂର୍ଣ୍ଣ ଚିଠି' ବାବଦରେ ମଧ ଶେହବାଜ୍ ନିଜ ବକ୍ତବ୍ୟରେ ଉଠାଇଥିଲେ। ସେ କହିଥିଲେ, ମାର୍ଚ୍ଚ ୭ରେ ଉକ୍ତ ଚିଠି ଆସିଥିବା କୁହାଯାଉଛି। କିନ୍ତୁ ଇମ୍ରାନ୍‌ଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ନିମନ୍ତେ ଏହାର ବହୁ ପୂର୍ବରୁ ନିଷ୍ପତ୍ତି ନିଆଯାଇଥିଲା। ଯଦି ଇମ୍ରାନ୍ ମିଛ କହୁନାହାନ୍ତି ତେବେ ସେ ସର୍ବସାଧାରଣରେ ଉକ୍ତ ଚିଠିକୁ ପ୍ରଦର୍ଶନ କରନ୍ତୁ। ଇମ୍ରାନ୍ ବିଦେଶୀ ଷଡ଼ଯନ୍ତ୍ରର ପ୍ରମାଣ ଦେଲେ ସେ ଇସ୍ତଫା ଦେଇ ଘରକୁ ପଳାଇବେ। ପାର୍ଲାମେଣ୍ଟର ସୁରକ୍ଷା କମିଟି, ସଶସ୍ତ୍ର ବାହିନୀ ଅଧିକାରୀ, ପ୍ରଶାସନ, ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ ମୁଖ୍ୟ, ବହିର୍ବ୍ୟାପାର ସଚିବ ଏବଂ ସମ୍ପୃକ୍ତ ରାଷ୍ଟ୍ରଦୂତଙ୍କ ଏହି ଚିଠି ବାବଦରେ ସୂଚନା ଦିଆଯିବ ବୋଲି ଶେହବାଜ କହିଥିଲେ।

### 'ବିଦେଶୀ ଷଡ଼ଯନ୍ତ୍ର' ପ୍ରମାଣିତ ହେଲେ ଇସ୍ତଫା ଦେବି

### ଶୁଭେଚ୍ଛା ଜଣାଇଲେ ମୋଦି

**ନୂଆଦିଲ୍ଲୀ, ୧୧।୪:** ପାକିସ୍ତାନର ନୂଆ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍‌ଙ୍କୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭେଚ୍ଛା ଜଣାଇଛନ୍ତି। ଟୁଇଟ୍ ଯୋଗେ ସେ ଶେହବାଜଙ୍କୁ ଏକ ବାର୍ତ୍ତା ମଧ ଦେଇଛନ୍ତି। ଭାରତ ଆତଙ୍କବାଦ ମୁକ୍ତ ଅଞ୍ଚଳରେ ସ୍ଥିରତା ଓ ଶାନ୍ତି ଚାହେଁ, ଯାହାଦ୍ୱାରା ବିକାଶ ଦିଗରେ ସୃଷ୍ଟ ଆହ୍ୱାନ ଉପରେ ଧ୍ୟାନ ଦିଆଯାଇପାରିବ ଏବଂ ଲୋକଙ୍କ ହିତ ସୁନିଶ୍ଚିତ ହୋଇପାରିବ ବୋଲି ମୋଦି କହିଛନ୍ତି।

### ଶେହବାଜ୍ ଶରିଫ୍ କିଏ

ପାକିସ୍ତାନ ମୁସ୍‌ଲିମ୍ ଲିଗ୍-ନୱାଜ (ପିଏମ୍‌ଏଲ୍-ଏନ୍)ର ଅଧ୍ୟକ୍ଷ ଶେହବାଜ୍ ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ୍ ଶରିଫ୍‌ଙ୍କ ଭାଇ। ଶେହବାଜ୍ ପାକିସ୍ତାନ ପଞ୍ଜାବ ପ୍ରଦେଶରେ ୩ ଥର(୧୯୯୭, ୨୦୦୮ ଏବଂ ୨୦୧୩) ତଥା ସବୁଠାରୁ ଦୀର୍ଘ ସମୟ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ରହିଛନ୍ତି। ୧୯୯୭ରେ ସେ ପ୍ରଥମ ଥର ପଞ୍ଜାବରେ କ୍ଷମତାକୁ ଆସିଥିଲେ। ହେଲେ ୧୯୯୯ରେ ଜେନେରାଲ ପରଭେଜ୍ ମୁଶରଫ୍ ସେନା ବିଦ୍ରୋହ କରିବା ପରେ ଶେହବାଜ୍‌ଙ୍କୁ ପାକିସ୍ତାନ ଛାଡ଼ିବାକୁ ପଡ଼ିଥିଲା। ସେ ସାଉଦି ଆରବରେ ୮ ବର୍ଷ ରହିଥିଲେ।

୨୦୦୭ରେ ଭାଇ ନୱାଜଙ୍କ ସହ ସେ ପାକିସ୍ତାନ ଫେରିଥିଲେ। ୨୦୦୮ ସାଧାରଣ ନିର୍ବାଚନ ପରେ ଶେହବାଜ୍ ପୁଣି ପଞ୍ଜାବ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୧୮ରେ ପିଏମ୍‌ଏଲ୍-ଏନ୍ ନିର୍ବାଚନରେ ପରାଜିତ ହୋଇଥିଲା। ପରେ ସେ ବିରୋଧୀ ଦଳ ନେତା ନିର୍ବାଚିତ ହୋଇଥିଲେ। ୨୦୧୯ ଡିସେମ୍ବରରେ ସେ ଆଇନଗତ ସମସ୍ୟାରେ ପଡ଼ିଥିଲେ। ମନି ଲଣ୍ଡରିଂ ମାମଲାରେ ନ୍ୟାଶନାଲ ଆକାଉଣ୍ଟାବିଲିଟି ବ୍ୟୁରୋ (ଏନ୍‌ଏବି) ଶେହବାଜ ଓ ତାଙ୍କ ପୁଅଙ୍କ ୨୩ ସମ୍ପତ୍ତି ବାଜ୍ୟାପ୍ତ କରିଥିଲା। ୨୦୨୦ ସେପ୍ଟେମ୍ବର ୨୮ରେ ଏନ୍‌ଏବି ତାଙ୍କୁ ଗିରଫ କରିଥିଲା। ୨୦୨୧ ଏପ୍ରିଲରେ ଲାହୋର ହାଇକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଥିଲେ।

### ପଞ୍ଜାବରେ ପୈତୃକ ଗାଁ

ଭାରତର ପଞ୍ଜାବ ପ୍ରଦେଶ ସହ ଶେହବାଜ୍ ଶରିଫ୍‌ଙ୍କ ସଂଯୋଗ ରହିଛି। ଅମୃତସର ନିକଟ ଜତି ଉମ୍‌ରା ଗ୍ରାମ ଶେହବାଜ୍ ଓ ଭାଇ ନୱାଜ ଶରିଫ୍‌ଙ୍କ ପୈତୃକ ଗାଁ। ଶେହବାଜ୍ ପାକିସ୍ତାନ ପ୍ରଧାନମନ୍ତ୍ରୀ ହେବାପରେ ସେଠାରେ ଉତ୍ସବର ମାହୋଲ ଖେଳିଛି। ଭାରତ-ପାକିସ୍ତାନ ଅଲଗା ହେବା ପୂର୍ବରୁ ୧୯୩୨ରେ ଶରିଫ୍‌ଙ୍କ ପରିବାର ଲାହୋର ପଳାଇଥିଲେ। ୨୦୧୩ରେ ଶେହବାଜ୍ ତାଙ୍କ ପୈତୃକ ଗ୍ରାମ ପରିଦର୍ଶନରେ ଆସିଥିଲେ।

### ନୱାଜଙ୍କୁ ପ୍ରଧାନମନ୍ତ୍ରୀ କହିଲେ ବାଚସ୍ପତି

#### ମେ'ରେ ପାକିସ୍ତାନ ଫେରିବେ



ପାକିସ୍ତାନ ନ୍ୟାଶନାଲ ଆସେମ୍ବ୍ଲିରେ ଶେହବାଜ ଶରିଫ୍ ପ୍ରଧାନମନ୍ତ୍ରୀ ନିର୍ବାଚିତ ହେବା ପରେ ବାଚସ୍ପତି ଆୟାଜ୍ ସାଦିକ୍ ଭୁଲ୍‌ରେ ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ୍‌ଙ୍କ ନାଁ ନେଇଥିଲେ। ପରେ ବାଚସ୍ପତି ଏଥିପାଇଁ ଭୁଲ୍ ମାଗିବା ସହ ପିଏମ୍‌ଏଲ୍-ଏନ୍ ସୁପ୍ରିମୋଙ୍କ ନାଁ ସର୍ବଦା ତାଙ୍କ ମନ ଏବଂ ହୃଦୟରେ ଅଛି ବୋଲି କହିଥିଲେ। ପିଏମ୍‌ଏଲ୍-ଏନ୍ ସଦସ୍ୟ ଏବଂ ଦଳ ଉପାଧ୍ୟକ୍ଷା ମରିୟମ୍ ନୱାଜ୍ ପାର୍ଲାମେଣ୍ଟରେ ନୱାଜ୍ ଶରିଫ୍‌ଙ୍କ ଛବି ଦେଖାଇ ଶେହବାଜ୍‌ଙ୍କୁ ସମର୍ଥନ କରିଥିଲେ। ଅନ୍ୟପକ୍ଷରେ ଗାଦିଚ୍ୟୁତ ପ୍ରଧାନମନ୍ତ୍ରୀ ନୱାଜ ଶରିଫ୍ ଆସନ୍ତା ମାସରେ ଇଦ୍ ପରେ ଲଣ୍ଡନରୁ ପାକିସ୍ତାନ ଫେରିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ପାନାମା ପେପର୍ସରେ ତାଙ୍କ ନାଁ ସାମ୍ନାକୁ ଆସିବା ପରେ ନୱାଜ୍‌ଙ୍କ ନାମରେ ଏକାଧିକ ଦୁର୍ନୀତି ମାମଲା ରୁଜୁ ହୋଇଥିଲା। ୨୦୧୭ ଜୁଲାଇରେ ସେ ଗାଦିଚ୍ୟୁତ ହୋଇଥିଲେ। ୨୦୧୯ ନଭେମ୍ବରରେ ଶରିଫ୍ ଚିକିତ୍ସା ପାଇଁ ଲାହୋର ହାଇକୋର୍ଟଙ୍କ ଅନୁମତି କ୍ରମେ ଲଣ୍ଡନ ଯାଇଥିଲେ।

## ଏବିଭିପି ସଦସ୍ୟଙ୍କ ଗିରଫ ଦାବିରେ ବିକ୍ଷୋଭ



ନୂଆଦିଲ୍ଲୀ, ୧୧।୪

ରାମ ନବମୀରେ ଆମିଷ ଭୋଜନକୁ କେନ୍ଦ୍ର କରି ଦିଲ୍ଲୀ ଜେଏନ୍‌ୟୁ ୟୁନିଭର୍ସିଟିରେ ରକ୍ତାକ୍ତ ସଂଘର୍ଷ ଘଟଣାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ସଦସ୍ୟଙ୍କୁ ଗିରଫ ପାଇଁ ସର୍ବଭାରତୀୟ ଛାତ୍ର ସଙ୍ଗଠନ (ଏଆଇଏସ୍‌ଏ) ଦାବି କରିଛି। ଏ ନେଇ ଏଆଇଏସ୍‌ଏର ଜେଏନ୍‌ୟୁ ଶାଖା ପକ୍ଷରୁ ସୋମବାର ଦିଲ୍ଲୀ ପୋଲିସ ମୁଖ୍ୟାଳୟ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ୟୁନିଭର୍ସିଟି କ୍ୟାମ୍ପସ୍‌ରେ ଥିବା କାଭେରୀ ହଷ୍ଟେଲରେ ରାମନବମୀ ଉତ୍ସବ ପାଳନ ଓ ଆମିଷ ଭୋଜନକୁ ନେଇ ରବିବାର ଅପରାହ୍ନରେ ଆଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଏବଂ ବାମପନ୍ଥୀ ଛାତ୍ର ସଙ୍ଗଠନ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ପ୍ରାୟ ୫୦ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ନିଜ ଖାଦ୍ୟ ପସନ୍ଦକୁ ଏବିଭିପି ଜବରଦସ୍ତି ଅନ୍ୟମାନଙ୍କ ପାଇଁ ଲାଗୁ କରିବାକୁ ଚେଷ୍ଟା କରୁଥିବା ବାମପନ୍ଥୀ ଛାତ୍ର ସଙ୍ଗଠନ ପକ୍ଷରୁ ଅଭିଯୋଗ ହୋଇଛି। ଏଥିରେ ସମ୍ପୃକ୍ତ ଏବିଭିପି ଛାତ୍ରୀଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ବିକ୍ଷୋଭ କରିଥିବା କେତେଜଣ ଏଆଇଏସ୍‌ଏ କର୍ମୀଙ୍କୁ ପୋଲିସ ଅଟକ ରଖିଛି। ଅପରପକ୍ଷେ କେତେଜଣ ଏବିଭିପି ସଦସ୍ୟଙ୍କ ନାମରେ ସୋମବାର ମାମଲା ରୁଜୁ କରାଯାଇଛି।

ଶିକ୍ଷାନୁଷ୍ଠାନ ପରିସରରେ ଏଭଳି ହିଂସାକାଣ୍ଡକୁ ବରଦାସ୍ତ କରାଯିବ ନାହିଁ ବୋଲି ୟୁନିଭର୍ସିଟି ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହାସହ ଆମିଷ ଖାଦ୍ୟ ପରଷା ଯିବାରେ କୌଣସି କଟକଣା ଲଗାଯାଇ ନ ଥିବା ସ୍ପଷ୍ଟ କରାଯାଇଛି। ଏଭଳି ଘଟଣାରେ ୟୁନିଭର୍ସିଟି ପ୍ରଶାସନର କୌଣସି ସମ୍ପୃକ୍ତି ନାହିଁ ବୋଲି ଏକ ବିବୃତିରେ କୁହାଯାଇଛି।

### ଜେଏନ୍‌ୟୁ ହିଂସା

## ପେନ୍‌ସନ ଅର୍ଥରେ ମନ୍ଦିର ତୋଳିଲେ ମୁସଲମାନ ବ୍ୟକ୍ତି

**ଚାମରାଜନଗର, ୧୧।୪ (ଆଇଏଏନ୍‌ଏସ୍)**



କର୍ନାଟକରେ କିଛି ମାସ ହେଲା ସାମ୍ପ୍ରଦାୟିକ ଉତ୍ତେଜନା ଲାଗି ରହିଥିବାବେଳେ ଚାମରାଜନଗର ଜିଲାରେ ଜଣେ ମୁସଲମାନ ନିଜ ପେନ୍‌ସନ ଅର୍ଥରେ ମନ୍ଦିର ନିର୍ମାଣ କରି ରାଜ୍ୟବାସୀଙ୍କ ହୃଦୟ ଜିତିପାରିଛନ୍ତି। ପି. ରହମନ ନାମକ ଏହି ବ୍ୟକ୍ତି ଚିକ୍କାହୋଲ୍ ଜଳଭଣ୍ଡାରରେ କାର୍ଯ୍ୟ କରନ୍ତି। ସେ ନିଜ ପେନ୍‌ସନ ଅର୍ଥ ଖର୍ଚ୍ଚ କରି ଜଳଭଣ୍ଡାର ନିକଟରେ ଏକ ଗଣେଶ ମନ୍ଦିର ନିର୍ମାଣ କରିଛନ୍ତି। ତାଙ୍କର ଏହି ମହତ କାର୍ଯ୍ୟକୁ ସାରା ରାଜ୍ୟରେ ପ୍ରଶଂସା କରାଯାଉଛି। ମନ୍ଦିର ତୋଳିବା ଲାଗି ତାଙ୍କୁ ଦୈବୀବାଣୀ ହୋଇଥିଲା। ଏହା ତାଙ୍କର ଜୀବନବ୍ୟାପୀ ଅଭିଜ୍ଞତା, ଯାହା ମନେପଡ଼ିଲେ, ଆଖିକୁ ଲୁହ ଆସିଯାଇଥାଏ ବୋଲି ସେ କହିଛନ୍ତି।

ରହମନ କେବଳ ମନ୍ଦିର ନିର୍ମାଣ କରିନାହାନ୍ତି, ସେଠାରେ ଜଣେ ପୂଜକଙ୍କୁ ନିଯୁକ୍ତ କରିଛନ୍ତି। ତାଙ୍କୁ ପ୍ରତି ମାସରେ ୪,୦୦୦ ଟଙ୍କା ପାରିଶ୍ରମିକ ଦେଇଥାନ୍ତି ରହମନ। ଏହା ବ୍ୟତୀତ ପ୍ରତି ସୋମବାର ଓ ଶୁକ୍ରବାର ସେ ମନ୍ଦିର ପାଇଁ ଫୁଲ ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ଆୟୋଜନ କରିଥାନ୍ତି। ପୂଜାରେ ସାମିଲ ହୋଇଥିବା ପ୍ରତ୍ୟେକ ଶ୍ରଦ୍ଧାଳୁଙ୍କୁ ସେ ପ୍ରସାଦ ବଣ୍ଟନ କରିଥାନ୍ତି। ନିକଟରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ଦେଖାଦେଇଥିବା ଉତ୍ତେଜନା ସମ୍ପର୍କରେ ପ୍ରଶ୍ନ ହେବାରୁ ଲୋକେ କାହିଁକି ଏଭଳି ହୁଅନ୍ତି, ତାହା ସେ ବୁଝିପାରନ୍ତି ନାହିଁ ବୋଲି କହିଛନ୍ତି। ସମସ୍ତଙ୍କ ରକ୍ତ ସମାନ, ମଣିଷ ମଧ୍ୟରେ କୌଣସି ଭିନ୍ନତା ନାହିଁ ବୋଲି ରହମନ କହିଛନ୍ତି।

## ଫୁସ୍‌ଫୁସ୍‌ରୁ ବାହାରିଲା ଦାନ୍ତ

ମୁମ୍ବାଇ, ୧୧।୪

ମୁମ୍ବାଇର ଏକ ହସ୍ପିଟାଲରେ ଡାକ୍ତର ଅସ୍ତ୍ରୋପଚାର କରି ଜଣେ ୬ ବର୍ଷୀୟ ବାଳକଙ୍କ ଫୁସ୍‌ଫୁସ୍‌ରୁ ଦାନ୍ତ ବାହାର କରିଛନ୍ତି। ବାଳକ ଜଣକ ଭୁଲ୍‌ରେ ଦାନ୍ତକୁ ଗିଳି ଦେଇଥିଲେ। ପରେ ସେ ଖାଦ୍ୟ ଖାଇବାରେ କଷ୍ଟ ଅନୁଭବ କରିବା ସହ ନିଶ୍ୱାସ ପ୍ରଶ୍ୱାସ ନେଇ ପାରି ନ ଥିଲେ। ପରିବାର ଲୋକେ ତାଙ୍କୁ ୱକ୍‌ହାର୍ଦତ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ରେଡିଓଲୋଜି ପରେ ତାଙ୍କ ଡାହାଣ ବ୍ରୋଙ୍କସ୍‌ରେ ଦାନ୍ତ ଫସିଥିବା ଜଣାପଡ଼ିଥିଲା। ଫଳରେ ତୁରନ୍ତ ତାଙ୍କ ଅସ୍ତ୍ରୋପଚାର କରାଯାଇ ଦାନ୍ତକୁ ବାହାର କରାଯାଇଥିଲା। ଗତ ମାର୍ଚ୍ଚରେ ତାମିଲନାଡୁରେ ଜଣେ ମହିଳାଙ୍କ ବ୍ରଶ୍ କରୁଥିବା ସମୟରେ ବାଥ୍‌ରୁମ୍‌ରେ ଖସିପଡ଼ିଥିଲେ। ଫଳରେ ତାଙ୍କ ପାଟିରେ ଟୁଥ୍‌ବ୍ରଶ ଲାଖି ଯାଇଥିଲା। ଡାକ୍ତରଖାନାକୁ ଯିବାପରେ ମହିଳାଙ୍କ କ୍ୟାଭିଟିରେ ବ୍ରଶ୍‌ଟି ଗଳିଯାଇଥିବା ଡାକ୍ତର ଦେଖିବାକୁ ପାଇଥିଲେ। ପରେ ତାହାକୁ ସର୍ଜରୀ ମାଧ୍ୟମରେ କଢ଼ା ଯାଇଥିଲା।

## ୪ ରାଜ୍ୟରେ ସାମ୍ପ୍ରଦାୟିକ ସଂଘର୍ଷ

ନୂଆଦିଲ୍ଲୀ,୧୧।୪

- ରାମନବମୀ ଶୋଭାଯାତ୍ରା ବେଳେ ବହୁ ଆହତ
- ୧୪୪ ଧାରା ଜାରି

ରାମନବମୀ ଉତ୍ସବ ପାଳନ ବେଳେ ରବିବାର ଗୁଜରାଟ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ହିଂସାତ୍ମକ ସାମ୍ପ୍ରଦାୟିକ ସଂଘର୍ଷ ଘଟିଛି। ଏଥିରେ ଅନେକେ ଆହତ ହୋଇଛନ୍ତି। ଉତ୍ତେଜନା ଲାଗିରହିଥିବାରୁ ସମ୍ପୃକ୍ତ ଅଞ୍ଚଳଗୁଡ଼ିକରେ ୧୪୪ ଧାରା ଜାରି ସହ ଅତିରିକ୍ତ ସୁରକ୍ଷା ବଳ ମୁତୟନ କରାଯାଇଛି। ମଧ୍ୟପ୍ରଦେଶର ଖାର୍‌ଗୋନ୍ ଅନ୍ତର୍ଗତ କେତେକ ସ୍ଥାନରେ ରାମନବମୀ ଶୋଭାଯାତ୍ରା ବେଳେ ହିଂସାକାଣ୍ଡ ଘଟିଛି। ଉତ୍ୟକ୍ତ ଲୋକେ ୧୦ରୁ ଉର୍ଦ୍ଧ୍ୱ ଘର ଜାଳିଦେଇଥିବାବେଳେ ସଂଘର୍ଷରେ ଏସ୍‌ପି ସିଦ୍ଧାର୍ଥ ଚୌଧରୀଙ୍କ ସମେତ ଦୁଇ ଡଜନରୁ ଅଧିକ ଲୋକ ଆହତ ହୋଇଛନ୍ତି। ଫଳରେ ପ୍ରଶାସନ ପକ୍ଷରୁ ଉକ୍ତ ଅଞ୍ଚଳରେ କର୍ଫ୍ୟୁ ଜାରି କରାଯାଇଛି। ଶୋଭାଯାତ୍ରାରେ ବାଜୁଥିବା ଉତ୍ତେଜନାପୂର୍ଣ୍ଣ ଗୀତକୁ ବିରୋଧ କରିବାରୁ ବିବାଦ ସୃଷ୍ଟି ହୋଇଥିଲା। ଲୋକେ ମସ୍‌ଜିଦ ଓ ଘର ଉପରକୁ ଟେକା ଫିଙ୍ଗିଥିଲେ। ସ୍ଥିତି ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ଲାଠିଚାଳନା କରିଥିଲା। ଏହି ଘଟଣାରେ ୭୭ ଜଣଙ୍କୁ ଗିରଫ କରାଯାଇଛି।

ସେହିପରି ଗୁଜରାଟର ହିମ୍ମତନଗର ଏବଂ ଖମ୍ଭାତ ସହରରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଦେଖାଦେବାରୁ ଉତ୍ୟକ୍ତ ଲୋକଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ହିମ୍ମତନଗର ସହରର ଛପରିୟାଠାରେ ଶୋଭାଯାତ୍ରା ପହଞ୍ଚିବା ପରେ ଦୁଇ ସମ୍ପ୍ରଦାୟର ଲୋକେ ପରସ୍ପର ଉପରକୁ ଢେଲାମାଡ଼ କରିଥିଲେ। ସେହିପରି ଆନନ୍ଦ ଜିଲାର ଖମ୍ଭାତ ସହରରେ ଶୋଭାଯାତ୍ରା ବେଳେ ଟେକାମାଡ଼ ସହ ଦୋକାନ ଓ ଗାଡ଼ି ଭଙ୍ଗାରୁଜା ହୋଇଥିଲା। ଝାଡ଼ଖଣ୍ଡର ଲୋହାରଡାଗା ଜିଲାର ହିର୍‌ହି ଗ୍ରାମରେ ଉତ୍ତେଜନା ବେଳେ ୮ ଜଣ ଆହତ ହୋଇଛନ୍ତି। ସେଠାରେ ୧୪୪ ଧାରା ଜାରି ହେବା ସହ ଧର୍ମୀୟ ସମାବେଶ ଓ ଶୋଭାଯାତ୍ରାକୁ ନିଷେଧ କରାଯାଇଛି। ସେହିପରି ବୋକାରୋ ଜିଲାର ବେର୍ମୋ ଅଞ୍ଚଳରେ ଶୋଭାଯାତ୍ରା ବେଳେ ହିଂସାକାଣ୍ଡ ଘଟିଛି। ପଶ୍ଚିମବଙ୍ଗର ଶିବପୁର ଅଞ୍ଚଳରେ ଏକ ରାଲିରେ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି)ର ଉତ୍ତେଜନାପୂର୍ଣ୍ଣ ଭାଷଣକୁ କେନ୍ଦ୍ରକରି ଉତ୍ତେଜନା ଦେଖାଦେଇଥିଲା। ପଞ୍ଚଶୀଳ ଆପାର୍ଟମେଣ୍ଟ ନିକଟରେ ଦୁଇ ସମ୍ପ୍ରଦାୟର ଲୋକେ ପରସ୍ପରକୁ ଢେଲାମାଡ଼ କରିଥିଲେ। ମୁଲ୍ଲିକ ଫାଟକ ଓ ଫକୀର ବଜାରରେ ଶୋଭାଯାତ୍ରା ବେଳେ ପୋଲିସ କର୍ମଚାରୀଙ୍କ ସହ କେତେଜଣ ଆହତ ହୋଇଛନ୍ତି।

## ୟୁକ୍ରେନ୍‌ରେ ନାଗରିକ ସୁରକ୍ଷାକୁ ଗୁରୁତ୍ୱ

ନୂଆଦିଲ୍ଲୀ,୧୧।୪

### ବାଇଡେନ୍-ମୋଦି ଭର୍ଚୁଆଲ ଆଲୋଚନା





ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ ସୋମବାର ୪୭ ଦିନରେ ପହଞ୍ଚିଥିବାବେଳେ ପ୍ରଥମ ଥର ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ମଧ୍ୟରେ ଭର୍ଚୁଆଲ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ୟୁକ୍ରେନ୍ ଜନସାଧାରଣଙ୍କ ସୁରକ୍ଷା ଏବଂ ସେମାନଙ୍କ ପାଇଁ ନିରବଚ୍ଛିନ୍ନ ମାନବୀୟ ସହାୟତା ପ୍ରେରଣ ଉପରେ ଭାରତ ଗୁରୁତ୍ୱ ଦେଇଛି। ଯୁଦ୍ଧ କ୍ଷତିଗ୍ରସ୍ତ ୟୁକ୍ରେନ୍‌କୁ ଭାରତ ଔଷଧ ଓ ରିଲିଫ ସହାୟତା ଯୋଗାଇ ଦେଉଛି। ରୁଷିଆ ୟୁକ୍ରେନ୍ ମଧ୍ୟରେ ଚାଲିଥିବା ଆଲୋଚନା ଶାନ୍ତି ଫେରାଇ ଆଣିବା ନେଇ ଭାରତ ଆଶାବାଦୀ ଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ବୁଚା ସହରରେ ନିରୀହ ଲୋକଙ୍କୁ ହତ୍ୟା କରାଯିବା ଘଟଣାକୁ ଭାରତ ତୁରନ୍ତ ନିନ୍ଦା କରିବା ସହ ଏହାର ଉପଯୁକ୍ତ ତଦନ୍ତ ଦାବି କରିଥିଲା ବୋଲି ଭର୍ଚୁଆଲ ଆଲୋଚନା ବେଳେ ମୋଦି ବାଇଡେନ୍‌ଙ୍କୁ କହିଛନ୍ତି। ଗତବର୍ଷ ସେପ୍ଟେମ୍ବରରେ ପ୍ରଧାନମନ୍ତ୍ରୀ ୱାଶିଂଟନ ଯାଇଥିବାବେଳେ ଭାରତ-ଆମେରିକା ସହଭାଗିତା ଅନେକ ବିଶ୍ୱିକ ସମସ୍ୟାର ସମାଧାନ କରିପାରିବ ବୋଲି ସେତେବେଳେ ବାଇଡେନ୍ କହିଥିଲେ। ତାଙ୍କର ଏହି ଉକ୍ତିରେ ସମ୍ପୂର୍ଣ୍ଣ ସହମତ ବୋଲି ମୋଦି କହିବା ସହ ବିଶ୍ୱର ବୃହତ ଓ ସର୍ବପୁରାତନ ଗଣତନ୍ତ୍ର ସ୍ୱାଭାବିକ ବନ୍ଧୁ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ରୁଷିଆରୁ ଭାରତ ତେଲ କିଣିବା ନିଷ୍ପତ୍ତି ସମେତ ୟୁକ୍ରେନ୍ ସଙ୍କଟ ବେଳେ ନୂଆଦିଲ୍ଲୀର ଆଭିମୁଖ୍ୟକୁ ନେଇ ୱାଶିଂଟନ ଅସନ୍ତୋଷ ବ୍ୟକ୍ତ କରିଆସିଛି। ଯୁଦ୍ଧକୁ ନେଇ ଭାରତର ପ୍ରତିକ୍ରିୟା ସମ୍ପର୍କରେ ମୋଦି କହିଥିଲେ, ସେ ଅନେକ ଥର ରୁଷିଆ ଓ ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି ଓ ଶାନ୍ତି ଫେରାଇ ଆଣିବା ପାଇଁ ଅନୁରୋଧ କରିଛନ୍ତି। ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ସହ ସିଧାସଳଖ କଥା ହେବା ପାଇଁ ମୋଦି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କୁ ପରାମର୍ଶ ଦେଇଥିଲେ ବୋଲି ଭର୍ଚୁଆଲ ବୈଠକରେ କହିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୯,୯୨,୬୦,୮୨୩ | ୬୨,୦୪,୦୯୨ | ୪୪,୮୯,୦୪,୧୧୫ |
| ଭାରତ | ୪,୩୦,୩୬,୧୩୨ | ୫,୨୧,୭୨୨ | ୪,୨୫,୦୩,୩୮୩ |
| ଓଡ଼ିଶା | ୧୨,୮୭,୮୫୪ | ୯୧୨୨(+୫୩) | ୧୨,୭୮,୫୩୬ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଶକ୍ତି ଓ ଜଳବାୟୁ ସୂଚକାଙ୍କ: ର୍ୟାଙ୍କ ୨୨ରେ ଓଡ଼ିଶା

ନୂଆଦିଲ୍ଲୀ,୧୧।୪

ନୀତି ଆୟୋଗ ପକ୍ଷରୁ ସୋମବାର ରାଜ୍ୟ ଶକ୍ତି ଓ ଜଳବାୟୁ ସୂଚକାଙ୍କ- ରାଉଣ୍ଡ ୧ ର୍ୟାଙ୍କିଙ୍ଗ୍ ପ୍ରକାଶ ପାଇଛି। ସାମଗ୍ରିକ ର୍ୟାଙ୍କିଙ୍ଗ୍ ତାଲିକାରେ ଓଡ଼ିଶା ୨୨ ନମ୍ବର ସ୍ଥାନରେ ରହିଛି। ସେହିପରି ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ୩ଟି ବର୍ଗରେ ବିଭକ୍ତ କରାଯାଇଛି। ସେଥିମଧ୍ୟରୁ ୨୦ଟି ବଡ଼ ରାଜ୍ୟ, ୮ଟି ଛୋଟ ରାଜ୍ୟ ଏବଂ ୭ଟି କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ୩ ପୃଥକ୍ ର୍ୟାଙ୍କିଙ୍ଗ୍ ତାଲିକା ପ୍ରକାଶ ପାଇଛି। ବଡ଼ ରାଜ୍ୟଗୁଡ଼ିକର ର୍ୟାଙ୍କିଙ୍ଗ୍ ତାଲିକାରେ ଓଡ଼ିଶା ୩୭.୧ ସ୍କୋର ସହ ୧୬ ନମ୍ବର ସ୍ଥାନରେ ଥିବାବେଳେ ଗୁଜରାଟ ୫୦.୧ ସ୍କୋର ସହ ଶୀର୍ଷରେ ରହିଛି। ଗୁଜରାଟ ପଛକୁ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଯଥାକ୍ରମେ କେରଳ(୪୯.୧) ଏବଂ ପଞ୍ଜାବ (୪୮.୬) ରହିଛି। ସେହିପରି ତାଲିକାରେ ତଳ ସ୍ଥାନ ତଥା ୨୦, ୧୯, ୧୮ ଓ ୧୭ ନମ୍ବରରେ ଯଥାକ୍ରମେ ଛତିଶଗଡ଼(୩୧.୭), ମଧ୍ୟପ୍ରଦେଶ(୩୨.୬), ଝାଡ଼ଖଣ୍ଡ (୩୫.୨) ଓ ରାଜସ୍ଥାନ (୩୫.୪) ରହିଛି। ସାମଗ୍ରିକ ର୍ୟାଙ୍କିଙ୍ଗ କ୍ଷେତ୍ରରେ ଗୁଜରାଟ ୫ ନମ୍ବର ସ୍ଥାନରେ ରହିଥିବାବେଳେ ଚଣ୍ଡୀଗଡ଼ ଶୀର୍ଷରେ ରହିଛି।

ରାଜ୍ୟ ଶକ୍ତି ଓ ଜଳବାୟୁ ସୂଚକାଙ୍କ ୬ଟି ମାପଦଣ୍ଡ ଉପରେ ଆଧାରିତ। ସେଗୁଡ଼ିକ ହେଲା ୧- ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକର (ଡିସ୍‌କମ୍) ପ୍ରଦର୍ଶନ, ୨- ଶକ୍ତି ପାଇବାର ସହଜସାଧ୍ୟ ବ୍ୟବସ୍ଥା, ସୁଲଭତା ଏବଂ ନିର୍ଭରଯୋଗ୍ୟତା, ୩- ସ୍ୱଚ୍ଛ ଶକ୍ତି ବା ଅକ୍ଷୟ ଶକ୍ତି କ୍ଷମତା ବୃଦ୍ଧି ପାଇଁ ପଦକ୍ଷେପ, ୪- ଶକ୍ତି ଦକ୍ଷତା, ୫- ପରିବେଶଗତ ନିରନ୍ତରତା ଏବଂ ୬- ଶକ୍ତି କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ନୂଆ ପଦକ୍ଷେପ। ଏହି ୬ଟି ମାପଦଣ୍ଡ ମୋଟ ୨୭ଟି ବିଷୟ ଉପରେ ଆଧାରିତ ହୋଇଛି।

ଉପରୋକ୍ତ ୬ଟି ମାପଦଣ୍ଡ ମଧ୍ୟରୁ ବିଦ୍ୟୁତ୍ ବିତରଣ କମ୍ପାନୀର ପ୍ରଦର୍ଶନ ୯ ବିଷୟକୁ ନେଇ ଆକଳନ କରାଯାଇଥିବାବେଳେ ଏ କ୍ଷେତ୍ରରେ ଓଡ଼ିଶା ମୋଟ ୫୯ ସ୍କୋର ପାଇ ବଡ଼ ରାଜ୍ୟଗୁଡ଼ିକ ମଧ୍ୟରେ ୧୦ମ ସ୍ଥାନରେ ରହିଛି। ପଞ୍ଜାବ(୭୭.୧) ଏହି କ୍ଷେତ୍ରରେ ଶୀର୍ଷରେ ରହିଛି। କିନ୍ତୁ ଓଡ଼ିଶା ଦ୍ୱିତୀୟ ମାପଦଣ୍ଡ ଅର୍ଥାତ୍ ଶକ୍ତି ପାଇବାର ସହଜସାଧ୍ୟ ବ୍ୟବସ୍ଥା, ସୁଲଭତା ଏବଂ ନିର୍ଭରଯୋଗ୍ୟତା କ୍ଷେତ୍ରରେ ୫୭.୪ ସ୍କୋର ହାସଲ କରି ତୃତୀୟ ସ୍ଥାନରେ ରହିଛି। ଏହି ମାପଦଣ୍ଡର ଶୀର୍ଷରେ ରହିଛି କେରଳ (୬୭.୩)। ୩ୟ ମାପଦଣ୍ଡ କ୍ଷେତ୍ରରେ ହରିୟାଣା ୪୨.୯ ସ୍କୋର ସହ ଶୀର୍ଷରେ ରହିଥିବାବେଳେ ଓଡ଼ିଶା ୪.୮ ସ୍କୋର ସହ ୧୭ ନମ୍ବର ସ୍ଥାନରେ ରହିଛି। ୪ର୍ଥ ମାପଦଣ୍ଡରେ ଓଡ଼ିଶା(୨୧.୮)ର ସ୍ଥାନ ୧୫ରେ ରହିଥିବାବେଳେ ତାମିଲନାଡୁ (୮୫.୪) ଶୀର୍ଷରେ ରହିଛି। ପରିବେଶଗତ ନିରନ୍ତରତା ଭଳି ଗୁରୁତ୍ୱପୂର୍ଣ୍ଣ ମାପଦଣ୍ଡ(୫) କ୍ଷେତ୍ରରେ ଓଡ଼ିଶା ୨୨.୬ ସ୍କୋର ସହ ୧୮ ନମ୍ବର ସ୍ଥାନରେ ରହିଛି। ଏ କ୍ଷେତ୍ରରେ ସର୍ବାଗ୍ରେ ରହିଛି ହିମାଚଳ ପ୍ରଦେଶ(୫୨.୧)। ସେହିପରି ୬ଷ୍ଠ ମାପଦଣ୍ଡ ତଥା ନୂଆ ପଦକ୍ଷେପ କ୍ଷେତ୍ରରେ ଓଡ଼ିଶାର ପ୍ରଦର୍ଶନ ଭଲ ନାହିଁ। ବୈଦ୍ୟୁତିକ ଯାନ (ଇଭି) ଅନ୍ତଃପ୍ରବେଶ, ଇଭି ପାଇଁ ଚାର୍ଜ ଭିତ୍ତିଭୂମି ଉପଲବ୍ଧତା ଓ ଗ୍ରାହକଙ୍କ ତୁଳନାରେ ସ୍ମାର୍ଟମିଟର ବ୍ୟବସ୍ଥା ଭଳି ୩ଟି ବିଷୟକୁ ନେଇ ଏହି ମାପଦଣ୍ଡ ଆଧାରିତ। କିନ୍ତୁ ଏ କ୍ଷେତ୍ରରେ ମାତ୍ର ୦.୯ ସ୍କୋର ସହ ଓଡ଼ିଶା ୧୮ ନମ୍ବର ସ୍ଥାନରେ ରହିଥିବାବଳେ ୩୮.୧ ସ୍କୋର ସହ ହିମାଚଳ ପ୍ରଦେଶ ଶୀର୍ଷରେ ରହିଛି।

ଛୋଟ ରାଜ୍ୟ ର୍ୟାଙ୍କିଙ୍ଗ୍ ତାଲିକାରେ ଗୋଆ(୫୧.୪) ଶୀର୍ଷରେ ଏବଂ ଅରୁଣାଚଳ ପ୍ରଦେଶ(୨୭) ସବା ତଳେ ଥିବାବେଳେ କେନ୍ଦ୍ରଶାସିତ ଅଞ୍ଚଳ ର୍ୟାଙ୍କିଙ୍ଗ୍ ତାଲିକାରେ ଚଣ୍ଡୀଗଡ଼ (୫୫.୭) ଶୀର୍ଷରେ ଏବଂ ଲାକ୍ଷାଦ୍ୱୀପ (୨୬.୯) ତଳସ୍ଥାନରେ ରହିଛି। ସେହିପରି ବଡ଼ ରାଜ୍ୟଗୁଡ଼ିକର ର୍ୟାଙ୍କିଙ୍ଗ୍ ତାଲିକାର ୪ରୁ ୧୫ ନମ୍ବର ଯାଏ ହରିୟାଣା (୪୭.୯), ଉତ୍ତରାଖଣ୍ଡ (୪୬.୫), ମହାରାଷ୍ଟ୍ର (୪୬), ହିମାଚଳ ପ୍ରଦେଶ (୪୫.୪), କର୍ଣାଟକ (୪୩.୮), ତାମିଲନାଡୁ (୪୩.୪), ଆସାମ (୪୨.୬), ତେଲଙ୍ଗାନା (୪୧.୯), ଆନ୍ଧ୍ରପ୍ରଦେଶ (୪୧.୬), ଉତ୍ତରପ୍ରଦେଶ (୪୧), ପଶ୍ଚିମବଙ୍ଗ (୩୮.୯) ଓ ବିହାର(୩୮.୩) ରହିଛି।

# ରାଜ୍ୟର ୭ ସହର ଅତି ପ୍ରଦୂଷିତ

- ରାମ୍‌କୋ ଅଞ୍ଚଳ ତାଲିକାରୁ ବାଦ୍
- ଆଜି କୋର୍ଟରେ ହାଜର ହେବେ ରାମ୍‌କୋ କର୍ତ୍ତୃପକ୍ଷ
- ଜାଣିଶୁଣି ଦିଆଯାଉଛି ସୁରକ୍ଷା
- ଅତିଷ୍ଠ, ନୟାନ୍ତ ହେଲେଣି ପ୍ରଦୂଷିତ ଅଞ୍ଚଳବାସୀ

ଯାଜପୁର ଅଫିସ,୧୧।୪

ବାୟୁରେ ପ୍ରଦୂଷଣର ମାତ୍ର ଜାଣିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ଦ୍ୱାରା ରାଜ୍ୟର ୧୭ ସହରରେ ନିୟମିତ ବାୟୁ ପରୀକ୍ଷଣ କରାଯାଉଛି। ଏହି କ୍ରମରେ ଯାଜପୁରରୋଡ-କଳିଙ୍ଗନଗର, କଟକ, ଭୁବନେଶ୍ୱର, ଅନୁଗୋଳ, ତାଳଚେର, ରାଉରକେଲା ଓ ବାଲେଶ୍ୱରକୁ ଅତି ପ୍ରଦୂଷିତ ସହର ଭାବେ ଚିହ୍ନଟ କରାଯାଇଛି। ନିକଟରେ ଶେଷ ହୋଇଥିବା ବିଧାନସଭା ବଜେଟ୍ ଅଧିବେଶନରେ ବିଧାୟକ ମୋହନ ଚରଣ ମାଝିଙ୍କ ଏକ ପ୍ରଶ୍ନର ଉତ୍ତରରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏସ୍‌ପିସିବିର ରିପୋର୍ଟ ଆଧାରରେ ଏହା ଦର୍ଶାଇଛନ୍ତି। କିନ୍ତୁ ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁରଠାରେ ଥିବା ରାମ୍‌କୋ ସିମେଣ୍ଟ କାରଖାନା ଦ୍ୱାରା ପ୍ରଭାବିତ ଅଞ୍ଚଳକୁ ଏଥିରେ ବାଦ୍ ଦିଆଯାଇଛି। ସ୍ଥାନୀୟ ଗ୍ରାମବାସୀଙ୍କ ଅଭିଯୋଗକୁ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ସ୍ୱୀକାର କରି ରାମ୍‌କୋର ଦୁଇ ଅଧିକାରୀଙ୍କୁ ଜବାବ ତଲବ୍ କରିଛନ୍ତି। ରାମ୍‌କୋ ସିମେଣ୍ଟ କାରଖାନାର ଉତ୍କଟ ପ୍ରଦୂଷଣକୁ ଲୁଚାଇ ଏସ୍‌ପିସିବି କର୍ତ୍ତୃପକ୍ଷ କେବଳ ସହଯୋଗୀ ହୋଇନାହାନ୍ତି ବରଂ ସାଧାରଣ ଲୋକଙ୍କ ଜୀବନ ପ୍ରତି ଖେଳ ଖେଳୁଛନ୍ତି ବୋଲି ମତପ୍ରକାଶ ପାଇଛି।

ମନ୍ତ୍ରୀ ଆରୁଖ ତାଙ୍କ ରିପୋର୍ଟରେ ଆହୁରି ଦର୍ଶାଇଛନ୍ତି, ଉପରୋକ୍ତ ସହରଗୁଡ଼ିକରେ ବାୟୁ ପ୍ରଦୂଷଣର ମାତ୍ରାକୁ ହ୍ରାସ କରିବା ପାଇଁ ଏକ ବିସ୍ତୃତ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରାଯାଇଛି। ଏହି ଆକ୍ସନ ପ୍ଲାନ୍ ଅନୁଯାୟୀ ପ୍ରଦୂଷିତ ସହରଗୁଡ଼ିକରେ ପ୍ରଦୂଷଣର ଉତ୍ସ ଓ କାରଣ ଠିକ୍ ଜାଣିବା ପାଇଁ ଅନୁଧ୍ୟାନ କରାଯାଉଛି। ଏହାଦ୍ୱାରା ବିଭିନ୍ନ ପ୍ରଦୂଷଣ ଉତ୍ସ ଯଥା କଳକାରଖାନା, ଯାନବାହନ, ନିର୍ମାଣ ଜନିତ କାର୍ଯ୍ୟ ଆଦିରୁ ପ୍ରଦୂଷଣ ମାତ୍ରାର ଆନୁପାତିକ ପରିସଂଖ୍ୟାନ ମିଳିପାରିବ। ଏହାପରେ ରିପୋର୍ଟଗୁଡ଼ିକର ନିଷ୍କର୍ଷ ଓ ସୁପାରିସ ଅନୁଯାୟୀ ପଦକ୍ଷେପ ନିଆଯାଇ ପାରିବ ବୋଲି ମନ୍ତ୍ରୀ ଆରୁଖ ପ୍ରତିଶ୍ରୁତି ଦେଇଛନ୍ତି। ହେଲେ ରାଜ୍ୟରେ ପ୍ରଦୂଷଣ ରିପୋର୍ଟ ପ୍ରସ୍ତୁତିରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇ ଆସୁଛି। ଏହାର ଜ୍ୱଳନ୍ତ ଉଦାହରଣ ଯାଜପୁରରେ ଜଳଜଳ ହୋଇ ଦିଶୁଛି। ପ୍ରଥମରେ ରାମ୍‌କୋ ସିମେଣ୍ଟ କାରଖାନାରୁ ନିର୍ଗତ ସିମେଣ୍ଟ ଗୁଣ୍ଡ ଓ ବିଷାକ୍ତ ବାୟୁ ପ୍ରଦୂଷଣ ଅଣାୟତ୍ତ ହୋଇଛି। ଏନେଇ ସ୍ଥାନୀୟ ପ୍ରଭାବିତ ଲୋକେ ଅତିଷ୍ଠ ହୋଇ ମାର୍ଚ୍ଚ ୨୪ରେ ଆବଶ୍ୟକ କାଗଜପତ୍ର ସହ ରାମ୍‌କୋର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଓ ପବ୍ଲିକ ରିଲେଶନ ଅଫିସର(ପିଆର୍‌ଓ)ଙ୍କ ବିରୋଧରେ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ୨୮।୩।୨୦୨୨ରେ ଏହାର ଶୁଣାଣି କରି ଉପରୋକ୍ତ ଅଧିକାରୀଦ୍ୱୟଙ୍କୁ ଜବାବ ତଲବ୍ ନୋଟିସ ଜାରି କରିଥିଲେ। ଏହି ନୋଟିସ ଉପରେ ଯଦି କିଛି ଆପତ୍ତି ଥାଏ ତେବେ ୧୨।୪।୨୦୨୨ ପୂର୍ବାହ୍ନ ୧୦ଟାରେ ଆବଶ୍ୟକ କାଗଜପତ୍ର ସହ ଉପସ୍ଥିତ ରହିବାକୁ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ରାମ୍‌କୋ ସିମେଣ୍ଟ କାରଖାନାର ବିଷାକ୍ତ ଗୁଣ୍ଡ ଦୈନନ୍ଦିନ ପରିଚର୍ଯ୍ୟାକୁ ବାଧା ଦେଉଛି। ଆଖପାଖ ଜଳଉତ୍ସଗୁଡ଼ିକ ବ୍ୟବହାର ଅନୁପଯୋଗୀ ହୋଇଯାଇଛି। ଖାଦ୍ୟ, ବସ୍ତ୍ରରେ ଗୁଣ୍ଡ ପଡି ଲୋକଙ୍କ ଜୀବନ ପ୍ରତି ବିପଦ ଦେଖା ଦେଇଛି। ଏହାବାଦ୍ ଧର୍ମଶାଳା ତହସିଲ ଅଞ୍ଚଳରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପଥର ଖାଦାନ ଚାଲିଥିବାରୁ ସଂପୃକ୍ତ ଅଞ୍ଚଳବାସୀ ବାୟୁ ପ୍ରଦୂଷଣରେ ଅତିଷ୍ଠ ହୋଇ ପଡିଛନ୍ତି। ତଥାପି ପ୍ରଶାସନ ଓ ଲୋକ ପ୍ରତିନିଧି କୁମ୍ଭକର୍ଣ୍ଣ ନିଦ୍ରାରେ ରହି ମୁହଁ ଖୋଲୁ ନାହାନ୍ତି ବୋଲି ଚର୍ଚ୍ଚା ହେଉଛି।

ମନ୍ତ୍ରୀଙ୍କ ରିପୋର୍ଟ ଅନୁସାରେ ଅନୁଗୋଳରେ ୯୫ ପିଏମ୍(୧୦) ବା ପାର୍ଟିକୁଲେଟ ମେଟର, ବାଲେଶ୍ୱରରେ ୭୬ ପିଏମ୍ ୧୦, ବ୍ରହ୍ମପୁରରେ ୬୩ ପିଏମ୍୧୦, ଭୁବନେଶ୍ୱରରେ ୧୦୩ ପିଏମ୍୧୦, ବଣେଇଗଡ଼ରେ ୯୪ ପିଏମ୧୦, କଟକରେ ୯୦ ପିଏମ୍୧୦, ଝାରସୁଗୁଡ଼ାରେ ୧୦୩ ପିଏମ୍୧୦, କଳିଙ୍ଗନଗରରେ ୧୧୬ ପିଏମ୍୧୦, କେନ୍ଦୁଝରରେ ୭୭ ପିଏମ୍୧୦, କୋଣାର୍କରେ ୫୪ ପିଏମ୍୧୦, ପାରାଦୀପରେ ୧୦୯ ପିଏମ୍୧୦, ପୁରୀରେ ୯୮ ପିଏମ୧୦, ରାଜଗାଙ୍ଗପୁରରେ ୧୧୯ ପିଏମ୧୦, ରାୟଗଡାରେ ୬୯ ପିଏମ୍୧୦, ରାଉରକେଲାରେ ୧୧୭ ପିଏମ୍୧୦, ସମ୍ବଲପୁରରେ ୧୦୨ ପିଏମ୍୧୦ ଓ ତାଳଚେରରେ ୧୦୫ ପିଏମ୍୧୦ ରହିଛି। ଏସ୍‌ପିସିବିର ରିପୋର୍ଟ ଅନୁସାରେ ୦ ରୁ ୫୦ ପିଏମ୍୧୦ ହେଉଛି ଅତି ଭଲ ପରିବେଶ। ୫୧ରୁ ୧୦୦ ସନ୍ତୋଷଜନକ ସ୍ଥିତି। ଏହିକ୍ରମରେ ସରକାରଙ୍କ ଦ୍ୱାରା ପରିକଳ୍ପିତ ଆକ୍ସନ ପ୍ଲାନ କେବେ କାର୍ଯ୍ୟକାରୀ ହେବ ଏବଂ ଲୋକେ ବିଭିନ୍ନ କାରଖାନାର ପ୍ରଦୂଷଣରୁ ମୁକ୍ତି ପାଇବେ ତାହାକୁ ପ୍ରଭାବିତ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି।

## ଓଏସ୍‌ଏସ୍‌ଟିଇଟି ମୂଲ୍ୟାୟନରେ ତ୍ରୁଟି ଅଭିଯୋଗ

**କଟକ ଅଫିସ,୧୧।୪:** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଏସ୍‌ଏସ୍‌ଟିଇଟି) ମୂଲ୍ୟାୟନରେ ତ୍ରୁଟି ଥିବା ଅଭିଯୋଗ ଉଠିଛି। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଓଏସ୍‌ଏସ୍‌ଟିଇଟିରେ କମ୍ ମାର୍କ ଯୋଗୁ ବହୁ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇପାରି ନାହାନ୍ତି। ପରୀକ୍ଷା ଖାତାକୁ ପୁଣିଥରେ ଯାଞ୍ଚ କରି ନୂତନ ଭାବେ ମୂଲ୍ୟାୟନ କରିବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ସୋମବାର ବିଭିନ୍ନ ଜିଲାରୁ ପରୀକ୍ଷାର୍ଥୀମାନେ କଟକ ଆସି ବୋର୍ଡ ସଭାପତି ଏବଂ କଣ୍ଟ୍ରୋଲରଙ୍କୁ ଭେଟିଛନ୍ତି। ଅଭିଯୋଗ ମୁତାବକ, ବୋର୍ଡ ପକ୍ଷରୁ ୱେବସାଇଟରେ ଦିଆଯାଇଥିବା ଉତ୍ତରଖାତା ଅନୁଯାୟୀ ଯାହା ମାର୍କ ରହିଛି ତାହା ବୋର୍ଡର ମାର୍କ ସହ ସମାନ ରହୁନାହିଁ। ବଲାଙ୍ଗୀରର କୁମାରୀ ବେହେରାଙ୍କ କହିବା ଅନୁଯାୟୀ, ଉତ୍ତରଖାତାରେ ତାଙ୍କର ୭୨ ମାର୍କ ରହିଥିଲା। ହେଲେ ଫଳ ପାଇବା ପରେ ସମୁଦାୟ ୫୦ ମାର୍କ ଥିବା ସେ ଅଭିଯୋଗ କରିଛନ୍ତି। ବାଲେଶ୍ୱରର ସୌଭାଗ୍ୟ ରଞ୍ଜନ ପତିଙ୍କ ଓଏମ୍‌ଆର ଉତ୍ତରଖାତା ଅନୁଯାୟୀ ୭୧ ମାର୍କ ରହିଥିଲା। କିନ୍ତୁ ବୋର୍ଡର ରେଜଲ୍ଟରେ ତାଙ୍କର ୬୭ ମାର୍କ ଥିବାରୁ ସେ ଫେଲ ହୋଇଯାଇଛନ୍ତି। ବୋର୍ଡ ଉପସଭାପତି ନୀହାର ରଞ୍ଜନ ମହାନ୍ତି କହିଛନ୍ତି, ମାର୍କକୁ ନେଇ ଆପତ୍ତି ଥିଲେ ଲିଖିତ ଭାବେ ବୋର୍ଡକୁ ଜଣାନ୍ତୁ। ତ୍ରୁଟି ଥିଲେ ବିଚାରକୁ ନିଆଯିବ।

## ବଦଳିଲେ ଗୋଇନ୍ଦା ନିର୍ଦ୍ଦେଶକ

### ଆର୍.ପି.କୋଚେଙ୍କୁ ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର,୧୧।୪(ବ୍ୟୁରୋ)

ରାଜ୍ୟ ଗୋଇନ୍ଦା ନିର୍ଦ୍ଦେଶକ ଲଳିତ ଦାସଙ୍କୁ ରାଜ୍ୟ ସରକାର ବଦଳି କରିଛନ୍ତି। ତାଙ୍କୁ ଗୃହ ବିଭାଗର ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି(ଓଏସ୍‌ଡି) ଭାବେ ବଦଳି କରାଯାଇଛି। ୧୯୯୩ ବ୍ୟାଚ୍ ଆଇପିଏସ୍ ଅଫିସର ତଥା ସ୍ପେଶାଲ ଆର୍ମଡ ପୋଲିସ(ଏସ୍‌ଏପି) ଏଡିଜିପି ଆର୍.ପି. କୋଚେଙ୍କୁ ଗୋଇନ୍ଦା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏ ନେଇ ଗୃହ ବିଭାଗ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି।


ଆର୍.ପି. କୋଚେ

ଆଗକୁ ଆଇପିଏସ୍ ସ୍ତରରେ ଏକ ବଡ଼ଧରଣର ଅଦଳବଦଳ ହେବାର ସମ୍ଭାବନା ରହିଛି। ଗୋଇନ୍ଦା ନିର୍ଦ୍ଦେଶକ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଅତିରିକ୍ତ ଭାବେ କୋଚେଙ୍କ ହାତରେ ରହିବ ନା ଆଉ କାହାକୁ ଏହା ଦିଆଯିବ, ତାହା ଆଗାମୀ କିଛିଦିନ ମଧ୍ୟରେ ଜଣାପଡ଼ିବ। ତେବେ ଗୋଇନ୍ଦା ନିର୍ଦ୍ଦେଶକ ଥିବା ଲଳିତ ଦାସଙ୍କୁ ହଠାତ୍ ଗୃହ ବିଭାଗ ଓଏସ୍‌ଡି କରିବା ପଛର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ତାଙ୍କ କାର୍ଯ୍ୟରେ ସରକାର ସନ୍ତୁଷ୍ଟ ନ ଥିବା ନେଇ ଆଲୋଚନା ହେଉଛି।

## ୪୨ ଡିଗ୍ରୀ ଉପରେ ୪ ସହର

**ଭୁବନେଶ୍ୱର,୧୧।୪(ବ୍ୟୁରୋ):** ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପାରଦ ଉପରମୁହାଁ ରହିଛି। ୪ଟି ସହର ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀ ଉପରେ ରହିଥିବା ବେଳେ ୧୧ ସହର ୪୦ ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବାରିପଦାରେ ସର୍ବାଧିକ ତାପମାତ୍ରା ୪୨.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ା ୪୨.୪, ବଲାଙ୍ଗୀର ୪୨.୫, ସୋନପୁର ୨୧.୧, ଅନୁଗୋଳ ୪୧.୯, ସମ୍ବଲପୁର ୪୧.୪, ସୁନ୍ଦରଗଡ଼ ୪୧, ହୀରାକୁଦ ୪୦.୯, ତାଳଚେର ୪୦.୨, ଭବାନୀପାଟଣା ୪୦.୮ ଏବଂ ତାଳଚେରରେ ୪୧.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ବାଲେଶ୍ୱର, ମୟୂରଭଞ୍ଜ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଝଡ଼ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସେହିପରି ଆସନ୍ତା ୧୪ ଓ ୧୫ ତାରିଖରେ ରାଜ୍ୟର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

# ଅଭିଯୁକ୍ତଙ୍କୁ ଘାସକଟାଳି ବେଶରେ ଧରିଲା ପୋଲିସ

କୁଜଙ୍ଗ, ୧୧।୪ (ଡି.ଏନ୍.ଏ.)

୩ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ କାବୁ କରିବାରେ ସଫଳ ହୋଇଛି। ଏଥିପାଇଁ ପୋଲିସକୁ ଘାସକଟାଳି ବେଶ ଧାରଣ କରିବାକୁ ପଡ଼ିଛି। ସମ୍ପୃକ୍ତ ଅଭିଯୁକ୍ତ ଜଗତ୍‌ସିଂହପୁର ଜିଲା ଢିଙ୍କିଆ ଚାରିଦେଶରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ଅଞ୍ଚଳରେ ଅଭୟଚାନ୍ଦପୁର ଥାନା କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ଜଡ଼ିତ ଥିଲେ। ସେ ହେଲେ ଏହି ଅଞ୍ଚଳର ନୂତନ ଦାସ।

ଗତ ଡିସେମ୍ବର ୩ ତାରିଖ ରାତିରେ ଗୋବିନ୍ଦପୁରସ୍ଥିତ ପ୍ରଭାତ ରାଉତଙ୍କ ଘର ଉପରେ ବୋମାମାଡ଼ ହୋଇଥିଲା। ୪ ତାରିଖରେ ପୋଲିସ ଘଟଣାର ତଦନ୍ତ କରିବାକୁ ଢିଙ୍କିଆ ଗ୍ରାମକୁ ଆସିଥିଲା। ଏହି ସମୟରେ ପୋଲିସ କର୍ମଚାରୀଙ୍କ ଉପରେ କେତେଜଣ ଗ୍ରାମବାସୀ ଆକ୍ରମଣ କରିବା ସହ ଗାଡ଼ି ଭଙ୍ଗାରୁଜା କରିଥିଲେ। ଉକ୍ତ ଆକ୍ରମଣରେ ନୂତନ ମଧ୍ୟ ସାମିଲ ଥିଲେ। ପୋଲିସ ଏହି ମାମଲାରେ ପୂର୍ବରୁ ୫ ଜଣଙ୍କୁ ଗିରଫ କରିଥିବାବେଳେ ନୂତନ ଚକମା ଦେଇ ବୁଲୁଥିଲେ। ରବିବାର ଅପରାହ୍ନରେ ନୂତନ ଢିଙ୍କିଆ ଗ୍ରାମର ଏକ ବିଲରେ ଲୁଚିଥିବା ନେଇ ପୋଲିସକୁ କୌଣସି ସୂତ୍ରରୁ ସୂଚନା ମିଳିଥିଲା। ତାଙ୍କୁ ଧରିବା ପାଇଁ ଥାନାର କେତେଜଣ ପୋଲିସ କର୍ମଚାରୀ ସାଦା ପୋଷାକରେ ଦା' ଏବଂ ଅଖା ଧରି ଘାସ କଟାଳି ସାଜି ବିଲକୁ ଯାଇଥିଲେ। ନୂତନ ସେମାନଙ୍କୁ ଚିହ୍ନି ନ ପାରି ପଦାକୁ ଆସିଥିଲେ। ଏହି ସମୟରେ ପୋଲିସ ତାଙ୍କୁ ଗିରଫ କରିଥିଲା। ସୋମବାର ନୂତନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ଥାନା ଅଧିକାରୀ ଜୀବନାନନ୍ଦ ଜେନା କହିଛନ୍ତି।

# ଭିଡିଓ କନ୍‌ଫରେନ୍ସରେ କୋର୍ଟରେ ହାଜର ହେଲେ ଶର୍ମିଷ୍ଠାଙ୍କ ସମେତ ୮ ଅଭିଯୁକ୍ତ

**କ୍ୟାମେରାମ୍ୟାନ ମାନସ ହତ୍ୟା ଘଟଣା**

**୨୨ରେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ**



ଚାନ୍ଦବାଲି, ୧୧।୪(ଡି.ଏନ.ଏ.)

ନୟାଗଡ଼ ଜିଲା ରଣପୁର ଥାନା ଅଧୀନ ମଝିଆଖଣ୍ଡ ଗୋଡ଼ିପୋଖରୀ ଗ୍ରାମର କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ଭଦ୍ରକ ଜେଲ୍‌ରେ ଥିବା ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତଙ୍କ ସମେତ ୮ ଅଭିଯୁକ୍ତଙ୍କୁ ସୋମବାର ଚାନ୍ଦବାଲି ଜେଏମ୍‌ଏଫ୍‌ସି କୋର୍ଟରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ହାଜର କରାଯାଇଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୨ ତାରିଖକୁ ଧାର୍ଯ୍ୟ କରାଯାଇଛି। ଉକ୍ତ ଦିନ ଅଭିଯୁକ୍ତମାନଙ୍କୁ କୋର୍ଟରେ ହାଜର ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ୮ ଅଭିଯୁକ୍ତ ଗିରଫ ପରେ କ୍ରାଇମବ୍ରାଞ୍ଚ ଏକାଧିକବାର ରିମାଣ୍ଡରେ ନେଇ ତଦନ୍ତ ଜାରି ରଖିଥିବା ବେଳେ ମାନସ ହତ୍ୟା ପଛରେ ପ୍ରକୃତ କାରଣ ଏଯାଏ ସ୍ପଷ୍ଟ ହୋଇପାରିନାହିଁ। ଗତ ମାର୍ଚ୍ଚ ୨୯ରେ କ୍ରାଇମବ୍ରାଞ୍ଚ ଅଭିଯୁକ୍ତ ନିରଞ୍ଜନ ସେଠୀ, ରଞ୍ଜନ ନାୟକ, ଶର୍ମିଷ୍ଠା ଏବଂ ଝୁନା ଭୋଇଙ୍କୁ ଚାନ୍ଦବାଲି କୋର୍ଟରେ ହାଜର କରିଥିଲା। ପରେ ପ୍ରଥମ ପର୍ଯ୍ୟାୟରେ ଶର୍ମିଷ୍ଠା ଓ ଝୁନାଙ୍କୁ ୫ଦିନିଆ ରିମାଣ୍ଡରେ ନେଇ କ୍ରାଇମବ୍ରାଞ୍ଚ ଟିମ୍ ଜେରା କରିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଗତ ୩ ତାରିଖରେ ପୁନର୍ବାର ସେମାନଙ୍କୁ ରିମାଣ୍ଡରେ ନେଇଥିଲା। ରିମାଣ୍ଡ ଅବଧି ସରିବାରୁ ୭ ତାରିଖରେ ଚାନ୍ଦବାଲି କୋର୍ଟରେ ହାଜର ପରେ ଭଦ୍ରକ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା।



# ଚାଷୀଙ୍କ ଭାବାବେଗ ସହ ଖେଳ ନାହିଁ

## ମୋଦିଙ୍କୁ କେସିଆରଙ୍କ ଆହ୍ୱାନ



ନୂଆଦିଲ୍ଲୀରେ ଟିଆରଏସ୍ ନେତାଙ୍କ ସହ କେସିଆର ଏବଂ ଚାଷୀ ନେତା ରାକେଶ ଟିକାୟତ ଧାରଣାରେ ବସିଛନ୍ତି।

**ନୂଆଦିଲ୍ଲୀ,୧୧।୪**

ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) କେନ୍ଦ୍ର ସରକାରଙ୍କ ଧାନ କିଣା ନୀତିକୁ ଦୃଢ଼ ସମାଲୋଚନା କରିଛନ୍ତି। ତାଙ୍କ ରାଜ୍ୟରୁ ଧାନ କିଣିବେ କି ନାହିଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ୨୪ ଘଣ୍ଟା ମଧ୍ୟରେ ଜବାବ ଦିଅନ୍ତୁ ବୋଲି ସୋମବାର ନୂଆଦିଲ୍ଲୀରେ ଆୟୋଜିତ ପ୍ରତିବାଦ ରାଲିରେ କେସିଆର୍ ଆହ୍ୱାନ ଦେଇଛନ୍ତି। କେନ୍ଦ୍ର ଜବାବ ନ ରଖିଲେ ସାରା ଦେଶରେ ଆନ୍ଦୋଳନ ହେବ ବୋଲି ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍ଏସ୍) ଅଧ୍ୟକ୍ଷ ଚେତାବନୀ ଦେଇଛନ୍ତି। ନୂଆଦିଲ୍ଲୀର ତେଲେଙ୍ଗାନା ଭବନଠାରେ ଟିଆର୍ଏସ୍ ନେତାମାନେ ଧାରଣାରେ ବସିଥିଲେ। ଆମ ଚାଷୀମାନଙ୍କ ଭାବାବେଗ ସହ ଖେଳ ନାହିଁ। ସେମାନେ ଭିକାରୀ ନୁହନ୍ତି। ଉତ୍ପାଦିତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ପାଇବା ଅଧିକାର ସେମାନଙ୍କର ରହିଛି ବୋଲି କେସିଆର୍ ପ୍ରଧାନମନ୍ତ୍ରୀଙ୍କୁ କହିଛନ୍ତି। ସାରା ଦିନ ଧାରଣାରେ ବସିଥିବା କେସିଆର୍ଙ୍କୁ ଭାରତୀୟ କିଷାନ ୟୁନିୟନ (ବିକେୟୁ) ନେତା ରାକେଶ ଟିକାଏତ୍ ସମର୍ଥନ ଜଣାଇଛନ୍ତି। ୨୦୧୪ରେ ତେଲେଙ୍ଗାନାରେ ଟିଆର୍ଏସ୍ କ୍ଷମତାକୁ ଆସିବା ପରେ ଦିଲ୍ଲୀରେ ଏହା ଥିଲା ଦଳର ପ୍ରଥମ ବିକ୍ଷୋଭ ସମାବେଶ। ରାଜ୍ୟର ସମ୍ପୂର୍ଣ୍ଣ ମନ୍ତ୍ରିମଣ୍ଡଳ, ଦଳୀୟ ଏମ୍ପି, ଏମ୍ଏଲ୍ସି ଏବଂ ଏମ୍ଏଲ୍ଏମାନେ ଧାରଣାରେ ବସିଥିଲେ। ଚଳିତ ରବି ଋତୁରେ ଉଷୁନା ଚାଉଳ କିଣିବା ପାଇଁ ତେଲଙ୍ଗାନା ସରକାର କେନ୍ଦ୍ରକୁ ଅନୁରୋଧ କରିଥିଲେ। କେନ୍ଦ୍ର ଏଥିପାଇଁ ମନା କରିଦେବା ପରେ ଟିଆର୍ଏସ୍ ଏହାର ପ୍ରତିବାଦକୁ ଜୋର୍ଦାର କରିବା ସହ ଦିଲ୍ଲୀରେ ପହଞ୍ଚିଛି। କେନ୍ଦ୍ର ସରକାର କେବଳ ଧାନ କିଣିବ, ଉଷୁନା ଚାଉଳ କିଣିବ ନାହିଁ ବୋଲି ସ୍ପଷ୍ଟ କରିଦେଇଛି।

# ତୃତୀୟ ସପ୍ତାହ ସୁଦ୍ଧା ନୂଆ ପିସିସି ସଭାପତି

■ ସଭାପତି ମନୋନୟନ ପ୍ରକ୍ରିୟା ଆରମ୍ଭ, ଚେଲ୍ଲାକୁମାରଙ୍କୁ ଦାୟିତ୍ୱ
■ କିଛି ଦିନ ମଧ୍ୟରେ ଦିଲ୍ଲୀ ଗସ୍ତ କରିବେ, ବିଧାୟକ ଓ ଦଳୀୟ ନେତା

**ଭୁବନେଶ୍ୱର,୧୧।୪ (ବ୍ୟୁରୋ)**

ନିର୍ବାଚନ ପରେ ନିର୍ବାଚନ ରାଜ୍ୟ କଂଗ୍ରେସର ଦୁର୍ବଳ ପ୍ରଦର୍ଶନକୁ ନେଇ ସଭାପତି ପରିବର୍ତ୍ତନ ଚର୍ଚ୍ଚା ଜୋର ଧରିଥିଲା। ଏହାକୁ କେନ୍ଦ୍ର କରି ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ପକ୍ଷରୁ ନୂତନ ପିସିସି ସଭାପତି ମନୋନୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟ ପ୍ରଭାରୀ ଡ. ଏ. ଚେଲ୍ଲାକୁମାରଙ୍କୁ ପିସିସି ସଭାପତି ଚୟନ ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି। ସଂସଦର ବଜେଟ ଅଧିବେଶନ ପରେ ବର୍ତ୍ତମାନ ଚେଲ୍ଲାକୁମାର ନିଜ ନିର୍ବାଚନମଣ୍ଡଳୀ ତାମିଲନାଡୁର କ୍ରିଷ୍ଣାଗିରି ଗସ୍ତରେ ଅଛନ୍ତି। ଏହି ଆଦେଶ ପରେ ସେ ଖୁବ୍ ଶୀଘ୍ର ଦିଲ୍ଲୀ ଗସ୍ତ କରିବେ। ଇତି ମଧ୍ୟରେ ରାଜ୍ୟ କଂଗ୍ରେସର ବରିଷ୍ଠ ନେତାମାନଙ୍କ ସହ ଚେଲ୍ଲାକୁମାର ଆଲୋଚ଼ନା କରିଛନ୍ତି। ଚ଼ୟନ ପ୍ରକ୍ରିୟା ପାଇଁ ପ୍ରଦେଶ କଂଗ୍ରେସର ସଭାପତି ଆଶାୟୀ, ବିଧାୟକ ତଥା ନେତାମାନଙ୍କୁ ଡକାଯିବ। ଆଲୋଚ଼ନା କରାଯାଇ ମନୋନୟନ ପ୍ରକ୍ରିୟା ମାଧ୍ୟରେ ସଭାପତି ଚୂଡ଼ାନ୍ତ କରାଯିବ। ନୂତନ ପିସିସି ସଭାପତି ଚୟନ ପ୍ରକ୍ରିୟା ଚଳିତ ମାସ ତୃତୀୟ ସପ୍ତାହ ସୁଦ୍ଧା ଶେଷ କରିବାକୁ ଧାର୍ଯ୍ୟ କରାଯାଇଛି। ଯେହେତୁ ତୃତୀୟ ସପ୍ତାହରେ ରାହୁଲ ଗାନ୍ଧୀ ବିଦେଶ ଗସ୍ତ କରିବେ। ଏହା ପୂର୍ବରୁ ସମ୍ଭବତଃ ରାଜ୍ୟ କଂଗ୍ରେସର ନୂତନ ସଭାପତି ଘୋଷଣା କରାଯାଇପାରେ। ଅପରପକ୍ଷେ ପିସିସି ସଭାପତି କଂଗ୍ରେସ ୯ ବିଧାୟକଙ୍କ ମଧ୍ୟରୁ କରାଯିବାକୁ ନେଇ ବିଧାୟକମାନେ ଦାବି କରୁଛନ୍ତି। ଯେତେବେଳେ କି ପୂର୍ବତନ ସଭାପତିମାନେ ଏହି ପଦବୀ ଦୌଡ଼ରୁ ନିଜକୁ ଦୂରରେ ରଖିଛନ୍ତି। ତେବେ ବରିଷ୍ଠ ନେତା ଭକ୍ତଚ଼ରଣ ଦାସ ଓ ବିଧାୟକଙ୍କ ମଧ୍ୟରୁ ଜଣଙ୍କୁ ଏହିପରି ଭାବେ ଦୁଇ ଜଣଙ୍କ ନାମକୁ ସଭାପତି ପଦ ପାଇଁ ଚୂଡ଼ାନ୍ତ କରାଯାଇଥିବା ବିଶେଷ ସୂତ୍ରରୁ ସୂଚ଼ନା ମିଳିଛି। ପଞ୍ଚାୟତ ଓ ପୌର ନିର୍ବାଚ଼ନ ପରେ ଦଳର ଦୁର୍ବଳ ପ୍ରଦର୍ଶନକୁ ନେଇ ପିସିସି ପରିବର୍ତ୍ତନ ଦାବି ଜୋର ଧରିଥିଲା। ଦଳର ଦୁର୍ବଳ ପ୍ରଦର୍ଶନ ପାଇଁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱକୁ ଦଳ ଭିତରୁ ସମାଲୋଚ଼ନା କରାଯାଇଥିଲା। ପ୍ରାୟ ସମସ୍ତ କଂଗ୍ରେସ ବିଧାୟକ ତଥା ପୂର୍ବତନ ସଭାପତିମାନେ ମଧ୍ୟ ଦଳରେ ସଭାପତି ପରିବର୍ତ୍ତନର ନାରାକୁ ସମର୍ଥନ ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ପୂର୍ବତନ ସଭାପତି ଓ ବିଧାୟକମାନେ ହାଇକମାଣ୍ଡଙ୍କ ନିଷ୍ପତ୍ତିକୁ ଗ୍ରହଣ କରିବେ ବୋଲି କହିଛନ୍ତି। ଏନେଇ ପୂର୍ବତନ ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ମୁଁ ଦିଲ୍ଲୀ ଯାଇ ନାହିଁ କି ସଭାପତି ଦୌଡ଼ରେ ମଧ୍ୟ ନାହିଁ। ତେବେ ଦଳ ଯେଉଁ ଦାୟିତ୍ୱ ଦେବ ସେହି ଅନୁସାରେ କାର୍ଯ୍ୟ କରିବି। ସେହିପରି ଦିଲ୍ଲୀରେ ଦଳୀୟ ନେତାଙ୍କୁ ସାକ୍ଷାତ କରି ଫେରିଥିବା ପୂର୍ବତନ ଜୟଦେବ ଯେନା କହିଛନ୍ତି, ଦଳର ହାଇକମାଣ୍ଡ ପିସିସି ସଭାପତି ପରିବର୍ତ୍ତନ ନେଇ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ପିସିସି ସଭାପତି ହେବା ନେଇ ମୋର ମାନସିକତା ବି ନାହିଁ। ମୁଁ ଦଳର ସଚ୍ଚା ସୈନିକ, ଦଳ ଯାହାକୁ ଦାୟିତ୍ୱ ଦେବ ତାଙ୍କ ସହିତ କାର୍ଯ୍ୟ କରିବାକୁ ପ୍ରସ୍ତୁତ ଅଛି ବୋଲି ଯେନା କହିଛନ୍ତି। ଅପରପକ୍ଷେ ଦଳର ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରୁ କାହାକୁ ଦାୟିତ୍ୱ ଦେବା ପାଇଁ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକ୍ୱିମ ମତ ରଖିଛନ୍ତି। ସେ କହିଛନ୍ତି, ବିଧାୟକଙ୍କ ମଧ୍ୟରୁ କାହାକୁ ଦାୟିତ୍ୱ ଦିଆଗଲେ ତାହାର ଭଲ ପ୍ରଭାବ ଦଳ ଉପରେ ପଡ଼ିବ। ପୂର୍ବରୁ ମୋତେ ଯେଉଁ ଦାୟିତ୍ୱ ଦିଆଯାଇଛି ତାହାକୁ ସୂଚାରୁ ରୂପେ ତୁଲାଇ ଆସିଛି। ଦୃଢ଼ ବିଶ୍ୱାସ ହାଇକମାଣ୍ଡ ଯାହା ନିଷ୍ପତ୍ତି ନେବେ ସମସ୍ତେ ତାକୁ ମାନିବେ। ସେହିପରି ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଦଳରେ ଆମୂଳ ଚୂଳ ପରିବର୍ତ୍ତନ ପାଇଁ ଦାବି କରିଛନ୍ତି।




# ଥୋମାସ, ଜାଖରଙ୍କୁ କଂଗ୍ରେସ ଶୃଙ୍ଖଳା କମିଟି ନୋଟିସ

**ନୂଆଦିଲ୍ଲୀ,୧୧।୪**

ଦଳ ବିରୋଧୀ କାର୍ଯ୍ୟ ଲାଗି ଦୁଇ ବରିଷ୍ଠ କଂଗ୍ରେସ ନେତା କେ.ଭି. ଥୋମାସ ଏବଂ ସୁନୀଲ ଜାଖରଙ୍କୁ ଦଳୀୟ ଶୃଙ୍ଖଳା କମିଟି ପକ୍ଷରୁ ସୋମବାର ନୋଟିସ ଜାରି ହୋଇଛି। ଏ.କେ. ଆଣ୍ଟୋନିଙ୍କ ଅଧ୍ୟକ୍ଷତାରେ ଗଠିତ ଏଆଇସିସି ଶୃଙ୍ଖଳା କମିଟି ପଞ୍ଜାବ କଂଗ୍ରେସ ନେତା ତଥା ପୂର୍ବତନ ରାଜ୍ୟ ସଭାପତି ସୁନୀଲ ଜାଖର ଏବଂ କେରଳ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଥୋମାସଙ୍କୁ ନୋଟିସ ଜାରି କରି ସପ୍ତାହେ ମଧ୍ୟରେ ସ୍ପଷ୍ଟୀକରଣ ଦେବାକୁ କହିଛି। ସୂଚନାଯୋଗ୍ୟ, ରାଜ୍ୟ ସଭା ଆସନ ପାଇଁ ଟିକେଟ ନ ମିଳିବାରୁ ଥୋମାସ ଅସନ୍ତୁଷ୍ଟ ରହିଥିଲେ। ଏପ୍ରିଲ ୯ରେ ସିପିଆଇଏମ୍ ପାର୍ଟି କଂଗ୍ରେସ ଅବସରରେ ଆୟୋଜିତ ଏକ ସେମିନାରରେ ସେ ଯୋଗଦେଇଥିଲେ। ଏହି ଘଟଣା ପରେ ଥୋମାସଙ୍କୁ ତୁରନ୍ତ ଦଳରୁ ବହିଷ୍କାର କରାଯିବାକୁ କେରଳ କଂଗ୍ରେସ ପକ୍ଷରୁ ଦାବି ହୋଇଥିଲା।

ସେହିପରି ପଞ୍ଜାବ ମୁଖ୍ୟମନ୍ତ୍ରୀ ପଦ ପାଇଁ ଜାଖରଙ୍କୁ ଅଣଦେଖା କରାଯିବାରୁ ସେ ଦଳକୁ ସମାଲୋଚନା କରିଥିଲେ। ପଞ୍ଜାବ ବିଧାନସଭା ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପାଇଁ ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂ ଚନ୍ନିଙ୍କୁ ଦାୟୀ କରିଥିଲେ।

# ସଶକ୍ତୀକରଣ ନାଁରେ ମହିଳାଙ୍କୁ ଶୋଷଣ ଚାଲିଛି: ଭାଜପା

**ଭୁବନେଶ୍ୱର,୧୧।୪(ବ୍ୟୁରୋ)**

ଭାଜପା ପକ୍ଷରୁ ଗତ ୬ରୁ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ସାମାଜିକ ନ୍ୟାୟ ସେବା ପକ୍ଷ ପାଳନ କରାଯାଉଛି। ଏହି ଅବସରରେ ଭାଜପାର କାର୍ଯ୍ୟକର୍ତ୍ତାମାନେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଗରୀବକଲ୍ୟାଣ ଯୋଜନା ତଥା ମହିଳାଙ୍କ ସାମାଜିକ, ଅର୍ଥନୈତିକ କ୍ଷେତ୍ରରେ ଅଗ୍ରଗତି ପାଇଁ ମୋଦୀ ସରକାରଙ୍କ ଦ୍ୱାରା କରାଯାଇଥିବା ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରିଆସୁଛନ୍ତି। ହେଲେ ୨୩ ବର୍ଷ ନିରଙ୍କୁଶ ଭାବେ ଶାସନ କରିଆସୁଥିବା ବିଜେଡି ମହିଳା ସଶକ୍ତିକରଣ ନାଁରେ ମହିଳା ଶୋଷଣ ନୀତି ଆପଣାଇଛି ବୋଲି ଭାଜପା ମୁଖପାତ୍ର ସୋନାଲି ସାହୁ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୋନାଲି କହିଛନ୍ତି, କେନ୍ଦ୍ର ସରକାର ମହିଳାଙ୍କ ପାଇଁ ସାରା ଭାରତରେ ୧୦ କୋଟି ୯୫ ଲକ୍ଷ ଶୌଚାଳୟ କରିଛନ୍ତି। ହେଲେ କେନ୍ଦ୍ରରୁ ଶୌଚାଳୟ ପାଇଁ ଆସିଥିବା ୭୦୦ କୋଟି ଟଙ୍କାର ଦୁର୍ନୀତି ହୋଇଛି। ରାଜ୍ୟରେ ୧୦୦ ପରିବାରରୁ ୬୫ ଜଣଙ୍କ ଘରେ ଶୌଚାଳୟ ନାହିଁ। ସେହିପରି ଭାରତ ବର୍ଷରେ ୧୦ କୋଟି ପରିବାର ଉଜ୍ଜ୍ୱଳା ଯୋଜନା ଲାଭ ପାଉଛନ୍ତି। କିନ୍ତୁ ଓଡିଶାରେ ରାଜ୍ୟ ସରକାରଙ୍କ ଦୃଢ଼ ଇଚ୍ଛାଶକ୍ତି ଅଭାବରୁ କେନ୍ଦ୍ରୀୟ ଯୋଜନାର ସଫଳ ରୂପାୟନ ହୋଇପାରୁନାହିଁ। ଶିକ୍ଷା କ୍ଷେତ୍ରରେ ଓଡ଼ିଶା ସର୍ବଭାରତୀୟ ସ୍ତରରେ ୧୩ତମ ସ୍ଥାନରେ ରହିବା ଶିକ୍ଷାର ଅବ୍ୟବସ୍ଥାକୁ ଆଙ୍ଗୁଳି ନିର୍ଦ୍ଦେଶ କରୁଛି। ରାଜ୍ୟରେ ୩୭୦ଟି ପଞ୍ଚାୟତରେ ହାଇସ୍କୁଲ ନ ଥିବାବେଳେ ୪୦୦ ବାଳିକା ବିଦ୍ୟାଳୟରେ ଶୌଚାଳୟକୁ ପାଣିର ସଂଯୋଗୀକରଣ କରାଯାଇନାହିଁ। ରାଜ୍ୟରେ ମହିଳାଙ୍କ ସ୍ୱାକ୍ଷରତା ହାର ୬୪.୦୧% ରହିଛି। ରାଜ୍ୟରେ ପ୍ରତ୍ୟେକ ଦିନ ୬ ଜଣ ମହିଳା ଧର୍ଷଣ ଶିକାର ହେଉଥିବା ବେଳେ ୪ ଜଣ ମହିଳା ଅପହରଣ ହେଉଛନ୍ତି। ରାଜ୍ୟ ସରକାର ଏସ୍ଏଚଜି ଗ୍ରୁପର ସଦସ୍ୟତା ଆଢ଼ୁଆଳରେ ମହିଳାଙ୍କୁ ବିଜେଡି କାର୍ଯ୍ୟକର୍ତ୍ତା ଭାବେ ବ୍ୟବହାର କରି ରାଜନୈତିକ ପଷାପାଲିର ଗୋଟି ଭାବେ ପରିଚାଳନା କରିବା ନିନ୍ଦନୀୟ ବୋଲି ସେ କହିଛନ୍ତି।

# କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ




ପୌରାଧ୍ୟକ୍ଷାଙ୍କ ଘର ସମ୍ମୁଖ ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି ରାଜ୍ୟ ଭାଜପା ପ୍ରତିନିଧି ଦଳ।

## ପୌରାଧ୍ୟକ୍ଷାଙ୍କ ଘରକୁ ବୋମାମାଡ଼ ଘଟଣା

**ଢେଙ୍କାନାଳ ଅଫିସ,୧୧।୪**

ଢେଙ୍କାନାଳ ପୌରାଞ୍ଚଳର ୧୯ନଂ. ୱାର୍ଡରେ ରହୁଥିବା ନବନିର୍ବାଚିତ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ରଙ୍କ ଘର ଉପରକୁ ଶନିବାର ବିଳମ୍ବିତ ରାତିରେ ହୋଇଥିବା ବୋମାମାଡ଼ ଘଟଣାକୁ ତୀବ୍ର ନିନ୍ଦା କରିଛି ରାଜ୍ୟ ଭାଜପା। ତୁରନ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଜୋର୍ଦାର ଆନ୍ଦୋଳନ କରାଯିବ ବୋଲି ସୋମବାର ଘଟଣାସ୍ଥଳ ପରିଦର୍ଶନରେ ଆସିଥିବା ରାଜ୍ୟ ଭାଜପାର ଏକ ପ୍ରତିନିଧି ଦଳ ଚେତାବନୀ ଦେଇଛି।

ରାଜ୍ୟ ଭାଜପା ପକ୍ଷରୁ ଏକ ସ୍ୱତନ୍ତ୍ର ପ୍ରତିନିଧି ଦଳ ଅପରାହ୍ନ ୩ଟାରେ ଢେଙ୍କାନାଳରେ ପହଞ୍ଚିଥିଲା। ଏହି ପ୍ରତିନିଧି ଦଳରେ ଥିବା ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଲୋଇସିଙ୍ଗା ବିଧାୟକ ଡ. ମୁକେଶ ମହାଲିଙ୍ଗ, ରାଜ୍ୟ ଭାଜପା ଉପସଭାପତି ତଥା ଢେଙ୍କାନାଳ ଜିଲ୍ଲା ପ୍ରଭାରୀ ପ୍ରଭାତୀ ପରିଡା, ଅନ୍ୟ ଉପସଭାପତି ଅନିତା ଶୁଭଦର୍ଶିନୀ ପୌରାଧ୍ୟକ୍ଷାଙ୍କ ଘର ତଥା ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ପରେ ପ୍ରତିନିଧି ଦଳ ପୌରାଧ୍ୟକ୍ଷା ପାତ୍ର ଓ ତାଙ୍କ ସ୍ୱାମୀ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ରଙ୍କ ସହିତ ଆଲୋଚନା କରିଥିଲେ। ବିଜୁ ଜନତା ଦଳ ଲୋକମାନଙ୍କୁ ଭୟଭୀତ କରି ଭୋଟ ହାତେଇଛି। ଗୁଣ୍ଡାମାନଙ୍କୁ ପ୍ରୋତ୍ସାହନ ଦେଇଛି। ସେମାନଙ୍କ ମାଧ୍ୟମରେ ନିର୍ବାଚନ ଜିତିଛି। ପ୍ରଶାସନ ଓ ପୋଲିସ ବିଜେଡିର ହାତବାରିସୀ ସାଜିଛନ୍ତି। ଏହି କାରଣରୁ ନିର୍ବାଚନ ପରବର୍ତ୍ତି ହିଂସା ରାଜ୍ୟରେ ଅଣାୟତ୍ତ ହୋଇଛି। ଅଭିଯୁକ୍ତମାନଙ୍କୁ ପୋଲିସ ଘଣ୍ଟ ଘୋଡ଼ାଉଛି। ରାଜ୍ୟ ସରକାର ମହିଳା ସଶକ୍ତୀକରଣ କଥା କହୁଥିବା ବେଳେ ପୌର ପରିଷଦର ଅଧ୍ୟକ୍ଷ ପଦବୀରେ ବସିଥିବା ଜଣେ ମହିଳାଙ୍କ ଘର ଉପରକୁ ଏଭଳି ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ। ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଭାଜପା ରାସ୍ତାକୁ ଓହ୍ଲାଇବ ବୋଲି ପ୍ରତିନିଧିମଣ୍ଡଳୀ ଚେତାବନୀ ଦେଇଥିଲେ। ଏହାପରେ ପ୍ରତିନିଧି ମଣ୍ଡଳୀ ପୌରାଧ୍ୟକ୍ଷାଙ୍କ ସୁରକ୍ଷା ଏବଂ ଦୋଷୀଙ୍କ ଗିରଫ ଦାବିରେ ଜିଲାପାଳ ସରୋଜ କୁମାର ସେଠୀଙ୍କୁ ଭେଟି ଆଲୋଚନା କରିଥିଲେ।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIVBBS2022037, ତା.07.04.2022ରିଖ

**କାର୍ଯ୍ୟର ନାମ :** ତାଳଚେର ରୋଡ଼ ଠାରେ ଫ୍ଲାଇ ଓଭର ସହିତ ଜରପଡ଼ା - ବୁଢ଼ାପଙ୍କ ତୃତୀୟ ଏବଂ ଚତୁର୍ଥ ଲାଇନ୍ର ନିର୍ମାଣ ସମ୍ବନ୍ଧୀୟ ବିଦ୍ୟୁତୀକରଣ କାର୍ଯ୍ୟଗୁଡ଼ିକ ସହିତ ବୋଇଣ୍ଡା ଠାରେ ରେଳ ସୁରକ୍ଷା ବଳ (RPF) ପୋଷ୍ଟ ଏବଂ ରେଳ ସୁରକ୍ଷା ବଳ (RPF) ବାରାକ୍ ତଥା ଅନୁଗୁଳ ଠାରେ ଅଧିକାରୀ ବିଶ୍ରାମ ଗୃହର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 470.89** ଲକ୍ଷ, EMD (ଟଙ୍କାରେ): 3,85,500/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.29.04.2022ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା / ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

**ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉପର୍ଦ୍ଦ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-Bର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପୁର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।**

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-07/CF/22-23



**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :

1. **TPWODL/SA/O/SU/008: Rate Contract for supply of LA**
2. **TPWODL/SA/O/SU/009: Rate Contract for supply of AAA Conductor**

Interested bidders to submit Tender Participation Fee and Authorization Letter through email on or before **20th April 2022, 1500Hrs for sl. no.1 & 22nd April 2022, 1500Hrs for sl. no.2** after which link from e-Tender system shall be shared.

For detailed tender documents of all tenders mentioned above, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.

Sd /- **Chief-Contracts and Stores**



GOVERNMENT OF ODISHA No. O-48
**OFFICE OF THE SUPERINTENDING ENGINEER, RWS&S DIVISION, PHULBANI**
Ph.: 06842-253314, eerwss_plb@ori.nic.in, eerwssplb@gmail.com

**CORRIGENDUM TO BID IDENTIFICATION NO. SE (RWSS) PLB - 1/2022-23**

1. As per Finance Department Office Memorandum No. 8484 dated 5.4.2022, the Bidders should execute "Bid Security Declaration" in lieu of Bid Security with stipulation that if they withdraw or modify their Bids during period of validity etc. they will be suspended for the time specified in the tender documents. Successful bidder will have to submit Bid Security amount as applicable at the time of execution of Agreement.
2. Regarding E.M.D. - Amount as mentioned in Column 4 of Annexure will be received through Online is not necessary

All other terms and conditions as mentioned in the said Bid Identification No. will remain unchanged.

Sd./- Superintending Engineer
RWS&S Division, Phulbani
OIPR-25006/11/0003/2223



**OFFICE OF THE SUPERINTENDING ENGINEER, RWS&S DIVISION, BARGARH**
Email: eerwss_bgh@nic.in, Ph (O): 06646-233220, FAX: 06646-234626
No. 1613 Dt.05.04.2022

**GOVERNMENT OF ODISHA "e" PROCUREMENT NOTICE**
**Bid Identification No. 19 of 2021-22**

No. O-32: The Executive Engineer, RWS&S Division, Bargarh on behalf of the Governor of Odisha invites tenders from the valid licensed holder contractors of class 'C' or 'B' and "D" or "C" registered with any Department of State Government or equivalent class of Central Govt. etc. to be eventually drawn up in P1 contract form for the work as per terms and condition noted below.

1. Name of the work : Construction of RR Stone Masonry Open Well, Construction of 3.00 mtr & 6.00 mtr inner dia RCC Intake well with laying of Infiltration Gallery under Paikmal & Jharbandh Block in the District Bargarh.
2. Approx. Estimated Cost : Rs.13.73 to 34.37 lakhs
3. Date and time of availability of document in the portal : Dt.12.04.2022 to Dt.25.04.2022 upto 5.00 P.M.
4. Last date/time for receipt of bids in the portal : Dt.12.04.2022 upto 5.00 P.M.
5. Date & time of Opening of Tender : Dt.26.04.2022 at 11.00 A.M.
6. Name and address of the Officer Inviting Bid : Executive Engineer, RWS&S Division, Bargarh, District- Bargarh

Further details can be seen from the e-procurement portal **"http//tendersorissa.gov.in"**.
The authority reserves the right to reject any or all the tenders without assigning any reason thereof.

Sd./- Executive Engineer, RWS&S Division, Bargarh
OIPR-25157/11/0001/2223



**OFFICE OF THE COLLECTOR & DISTRICT MAGISTRATE, BARGARH**
**(ST & SC DEVELOPMENT SECTION)**
No. 697 Date: 11.04.2022

**Corrigendum to Advertisement No. 2401 Dtd.30.12.2021 for Engagement of Initial Appointee Teachers**

No. V-10: Pursuant to this office Advertisement No. 2401 Dtd.30.12.2021 published in the Odia daily newspaper The Samaj & The Dharitri on 31st December 2021, applications were invited for engagement of Initial Appointee Teachers. In partial modifications to the said advertisement with respect to upper age limit as per GA Deptt. Notification No. 771/ GAD Dtd.11.01.2022, fresh applications are invited from the candidates in the prescribed format who were not eligible due to age criteria fixed earlier so as to reach to the Office of the District Welfare Officer, Bargarh on or before 30.04.2022 through Registered Post/Speed Post only. The details of the corrigendum may be obtained from the district website www.bargarh.nic.in.

Sd./- Collector, Bargarh
OIPR-26025/11/0001/2223



GOVERNMENT OF ODISHA E-mail: rw_rourkela@yahoo.co.in
**OFFICE OF THE EXECUTIVE ENGINEER, RURAL WORKS DIVISION, ROURKELA**
**TENDER CALL NOTICE**
No. O-37 BID IDENTIFICATION NO. ONLINE-SERKL-01 of 2022-23

1. Name of the Work : Road Work (Balance Work)
2. Total No. of Works : 1 (One) No.
3. Estimated Cost : Rs.33.67 lakhs
4. Class of Contractor : "C" & "B" Class
5. Period of Completion : 04 (Four) Calendar Months
6. Type of Tender : Single Cover
7. Other details :

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Rourkela | Online-SERKL-01 of 2022-23 | 12.04.2022 from 10.00 A.M. | 21.04.2022 upto 5.00 P.M. |

Further details can be seen from the website www.tendersorissa.gov.in.

Sd./- Superintending Engineer, RW Division, Rourkela
OIPR-25067/11/0001/2223



राष्ट्रीय विज्ञान शिक्षा एवं अनुसंधान संस्थान भुवनेश्वर
**NATIONAL INSTITUTE OF SCIENCE EDUCATION AND RESEARCH BHUBANESWAR**
(परमाणु ऊर्जा विभाग, भारत सरकार का एक स्वयंशासित संस्थान)
(AN AUTONOMOUS INSTITUTE UNDER DAE, GOVERNMENT OF INDIA)

**ADMISSION TO MASTERS PROGRAM IN MEDICAL AND RADIOLOGICAL PHYSICS**

**The National Institute of Science Education and Research (NISER) Bhubaneswar**, invites applications from interested candidates for the **M. Sc. program in Medical and Radiological Physics at the Centre for Medical and Radiation Physics, NISER, Odisha, India.**

**PROGRAM DETAILS**

| | |
|---|---|
| **Degree awarding institute** | Homi Bhabha National Institute, Mumbai and NISER |
| **Duration of the course** | 2 years Master's program and 1-year mandatory internship. |
| **Total No. of seats** | 10 |
| **Minimum qualification and selection** | 60% marks in B. Sc with physics as a main course and JAM 2022 / JEST 2022 scorecards. The shortlisting will be based on JAM 2022 / JEST 2022 marks, followed by interview for selection. |
| **Fellowship** | Rs. 16,000/- p.m. + HRA and Contingency as per DAE rules, during master's program. |
| **Internship hospitals as per AERB guidelines** | All India Institute of Medical Sciences, Bhubaneswar, Acharya Harihara Post Graduate Institute of Cancer, Cuttack and Tata Memorial Centre, Mumbai. |

More details about the program are available at: **https://oldsite.niser.ac.in/CMRP/**

**HOW TO APPLY**

See announcements section of NISER website **https://www.niser.ac.in/** or Scan the **QR** code

**IMPORTANT DATES**

| | |
|---|---|
| **Last date of online application** | 15th May 2022 |
| **Date of interview** | 1st - 4th July 2022 |
| **Announcement of final selection list** | 5th July 2022 |

**ADDRESS FOR CORRESPONDENCE**

"Centre for Medical and Radiation Physics, NISER, PO- Jatni, Dist- Khurda, Odisha, 752050"
**Email : cmrp@niser.ac.in**



GOVERNMENT OF ODISHA No. O-41
**OFFICE OF THE CHIEF CONSTRUCTION ENGINEER CENTRAL RURAL WORKS CIRCLE, BHUBANESWAR**
No.। ୪୫୬ / Date: 08.04.2022

**"e" PROCUREMENT NOTICE FOR PMGSY-III(B-III) & PMGSY-II (B-I) WORKS FOR THE YEAR 2021-22**

| | | |
|---|---|---|
| 1. | Name of the Work | PMGSY-III (B-III) & PMGSY-II (B-I) Works for the year 2021-22 |
| 2. | Total No. of Packages | 05 Nos. |
| 3. | Estimated Cost of the Package | Varies from Rs.116.90 lakhs to Rs.1263.58 lakhs |
| 4. | Class of Contractors | |
| | a) Estimated cost more than Rs.40.00 lakhs upto Rs.3.00 Crores | B Class & A Class (of Odisha PWD) or relevant Class of other licensing authorities |
| | b) Estimated cost more than Rs.3.00 Crores upto Rs.6.00 Crores | A Class & Special Class (Of Odisha PWD) or relevant Class of other licensing authorities |
| | c) Estimated cost more than Rs.6.00 Crores upto Rs.15.00 Crores | Special Class & Super Class (of Odisha PWD) or relevant class of other licensing authorities |
| 5. | Period of Completion | Packages costing less than Rs.3.00 Crores - 09 (Nine) months. Packages costing more than Rs.3.00 Crores & less than Rs.5.00 Crores - 11 (Eleven) months Packages costing more than Rs.5.00 Crore - 12 (Twelve) months |
| 6. | Offered rates by bidder | The offered rate by the contractor shall be excluding GST |
| 7. | Other details | |

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of submission of original financial instrument along with affidavit regarding correctness of information | Date & time of opening of tender | |
|---|---|---|---|---|---|---|---|
| | | From | To | | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 | 8 |
| Chief Construction Engineer, Central Rural Works Circle, Bhubaneswar | Tender Online - C.C.-07 of 2022 | 16.04.22 at 11.00 A.M. | 30.04.22 upto 5.00 P.M. | 28.04.22 upto 3.00 P.M. | 02.05.22 to 05.05.22 Upto 5.00 P.M. (During office hour) | 02.05.22 at 11.00 A.M. | To be intimated later on |

Further details can be seen from the website: **www.pmgsytenders.gov.in.**

Sd./- Chief Construction Engineer,
Central Rural Works ircle, Bhubaneswar
OIPR-25082/11/0001/2223

"ମୋର ବିଶ୍ୱାସ ଭାରତର ଦୁର୍ବଳତାର ପ୍ରଧାନ କାରଣ ତା'ର ଦାସତ୍ୱ ନୁହେଁ– ଦାରିଦ୍ର୍ୟ କି ଧର୍ମ ବା ଆଧ୍ୟାତ୍ମିକତାର ଅଭାବ ମଧ୍ୟ ନୁହେଁ କିନ୍ତୁ ଚିନ୍ତାଶକ୍ତିର ହ୍ରାସ ଓ ଜ୍ଞାନର ଜନ୍ମଭୂମିରେ ଅଜ୍ଞାନର ବିସ୍ତାର। ସର୍ବତ୍ର ମୁଁ ଦେଖୁଛି– ଚିନ୍ତା କରିବା ନିମିତ୍ତ ଅନିଚ୍ଛା ଓ ଅକ୍ଷମତା ଆଉ ମଧ୍ୟ ଭୟ। –ଶ୍ରୀଅରବିନ୍ଦ



# ପେଟର ନିଆଁ

ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ପୁଣି ଖବରର ଶିରୋନାମା ପାଲଟିଛି। ଦୁଇ ଛାତ୍ର ଗୋଷ୍ଠୀ ମଧ୍ୟରେ ହିଂସା ଯୋଗୁ କ୍ୟାମ୍ପସରେ ଉତ୍ତେଜନା ଦେଖାଦେଇଛି। ମିଳିଥିବା ଖବରରୁ ଜଣାପଡ଼ିଛି ଯେ, ୧୦ ଏପ୍ରିଲ ଶ୍ରୀରାମ ନବମୀ ଥିବାରୁ କାବେରୀ ହଷ୍ଟେଲରେ ଆମିଷ ଖାଇବାକୁ ନେଇ ଗଣ୍ଡଗୋଳ ହୋଇଛି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଛାତ୍ରମାନେ ହଷ୍ଟେଲରେ ରାମନବମୀ ଉପଲକ୍ଷେ ପୂଜା କରୁଥିବା ବେଳେ ବାମପନ୍ଥୀ ଛାତ୍ରଗୋଷ୍ଠୀ ଏଥିରେ ବାଧା ସୃଷ୍ଟି କରିଥିଲେ। ଅନ୍ୟପକ୍ଷରେ ବାମପନ୍ଥୀ ଛାତ୍ରମାନେ ଅଭିଯୋଗ କରିଛନ୍ତି, ଆମିଷ ଖାଉଥିବା ବେଳେ ଏବିଭିପି ପକ୍ଷରୁ ସେମାନଙ୍କୁ ରୋକାଯାଇଥିଲା। ଦୁଇ ଗୋଷ୍ଠୀ ମଧ୍ୟରେ କେଉଁଥିପାଇଁ ହିଂସା ଘଟିଲା ତାହା ଏଠାରେ ବସି କହିବା ସମ୍ଭବ ନୁହେଁ। କିନ୍ତୁ ଏହା ସତ୍ୟ ଯେ ଅସହିଷ୍ଣୁତା ସକ୍ରିୟ ରାଜନୀତିରୁ ଗଡ଼ି ଆସି କ୍ୟାମ୍ପସ ପରିବେଶକୁ ନଷ୍ଟ କରିଦେଉଛି। ତେବେ ମନେରଖିବାକୁ ହେବ ଯେ, ଦିଲ୍ଲୀ ଓ ଜେଏନ୍‌ୟୁ ଉଭୟ ବିଶ୍ୱବିଦ୍ୟାଳୟରେ ବାମପନ୍ଥୀ ଓ ଏବିଭିପିର ଝଗଡ଼ା ବହୁ ଦଶନ୍ଧିରୁ ଚାଲିଆସିଛି। ଜେଏନ୍‌ୟୁରେ ବିଶେଷକରି ବାମପନ୍ଥୀମାନଙ୍କର ଉପସ୍ଥିତି ଅଧିକ ରହିଥାଏ, କାରଣ ସେହିଠାରେ ବେଶି ସଂଖ୍ୟକ ପିଲା ପାଠୁଆ ଏବଂ ନିମ୍ନ ମଧ୍ୟବିତ୍ତ ପରିବାରରୁ ଆସିଥାଆନ୍ତି।

କିଛିବର୍ଷ ପୂର୍ବେ ଗୋମାଂସ ଓ ଆମିଷ ଭୋଜନକୁ ବିରୋଧ କରି ଦକ୍ଷିଣପନ୍ଥୀମାନେ ଦେଶର ବିଭିନ୍ନ ସ୍ଥାନରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଥିଲେ। ଉତ୍ତରପ୍ରଦେଶ ଦାଦ୍ରୀର ମହମ୍ମଦ ଅଖଲାକଙ୍କ ହତ୍ୟା ୨୦୧୫ରେ ଦେଶ ଓ ବିଦେଶରେ ଚହଳ ସୃଷ୍ଟି କରିଥିଲା। ବିବିଧତାରେ ପରିପୂର୍ଣ୍ଣ ଭାରତବର୍ଷରେ ବିଭିନ୍ନ ଜାତି ଓ ସମ୍ପ୍ରଦାୟର ବ୍ୟକ୍ତି ନିଜସ୍ୱ ସଂସ୍କୃତି, ପର୍ବ, ଚାଲିଚଳଣ, ଖାଦ୍ୟ, ପୋଷାକ ଆଦିକୁ ନେଇ ଚାଲିଥାଆନ୍ତି। ଏକ ଧର୍ମନିରପେକ୍ଷ ରାଷ୍ଟ୍ରରେ କେହି କାହାରି ଉପରେ ଚାପ ପକାଇବା ଉଚିତ ନୁହେଁ ବୋଲି ସମ୍ବିଧାନରେ ଉଲ୍ଲେଖ ରହିଛି। ହେଲେ ଦେଖାଯାଉଛି ଯେଉଁ ଅଞ୍ଚଳରେ ଯିଏ ସଂଖ୍ୟାଗରିଷ୍ଠ ଅଛନ୍ତି, ସେମାନେ ସଂଖ୍ୟାଲଘୁଙ୍କ ଉପରେ ନିଜ ଧର୍ମ ଓ ବିଶ୍ୱାସକୁ ଥୋପି ଦେବାକୁ ଚାହୁଁଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସମ୍ବିଧାନ ଏକ ଜୀବିତ ସତ୍ତା ନୁହେଁ। ସେଥିରେ ଉଲ୍ଲେଖ ଥିବା ପ୍ରତ୍ୟେକଟି ଚିନ୍ତାଧାରାକୁ କାର୍ଯ୍ୟକାରୀ କରାଇବାକୁ ହେଲେ ଉଭୟ ଜନସାଧାରଣ ଓ ସରକାରଙ୍କ ସକ୍ରିୟ ସହଯୋଗ ସବୁବେଳେ ଲୋଡ଼ା।

> **ଏଥିରୁ ବୁଝିବାକୁ ହେବ ଯେ, ଗୋଟିଏ ଗୋଷ୍ଠୀ ଜୋରଜବରଦସ୍ତ ନିଜର ଇଚ୍ଛାକୁ ଅନ୍ୟମାନଙ୍କ ଉପରେ ଲଦିବାର ପ୍ରୟାସ ହୋଇଥିଲା, ଯାହାକି କୌଣସି ଧାର୍ମିକ ଚିନ୍ତା କିମ୍ବା ଶ୍ରୀରାମଙ୍କ ପାଇଁ ଭକ୍ତି ଯୋଗୁ ହୋଇ ନ ଥିଲା।**

ଜେଏନ୍‌ୟୁ କଥା ଦେଖିଲେ ଦକ୍ଷିଣପନ୍ଥୀମାନେ ଅଭିଯୋଗ ଆଣିଛନ୍ତି ଯେ, ବାମପନ୍ଥୀ ଚିନ୍ତାଧାରାରେ ବିଶ୍ୱାସ କରୁଥିବା ଛାତ୍ରମାନେ ସେମାନଙ୍କୁ ଶ୍ରୀରାମ ନବମୀ ପୂଜା ପାଳନ କରିବାରେ ବ୍ୟାହତ ସୃଷ୍ଟି କରିଥିଲେ। ଖବରରୁ ଯାହା ଜଣାପଡ଼ିଛି ଏବିଭିପି ଛାତ୍ରମାନେ ଯେଉଁ ଜାଗାରେ ପୂଜାର ଆୟୋଜନ କରିଥିଲେ, ବାମପନ୍ଥୀ ଛାତ୍ରମାନେ ସେହି ଜାଗାରେ ଆମିଷ ଖାଉ ନ ଥିଲେ। କାହାଣୀଟି ସମ୍ପୂର୍ଣ୍ଣ ଭିନ୍ନ ଓ ହସ୍ୟାସ୍ପଦ। ମିଳିଥିବା ଖବର ଅନୁଯାୟୀ, ପ୍ରତ୍ୟେକ ରବିବାରରେ ଜେଏନ୍‌ୟୁର ସବୁ ହଷ୍ଟେଲରେ ରହୁଥିବା ପିଲା ଆମିଷ ଓ ନିରାମିଷ ଖାଦ୍ୟ ବାଛିପାରିବେ। ଏବର୍ଷ ରାମନବମୀ ପଡ଼ିଲା ରବିବାର। ଏବିଭିପିର ବାହୁବଳ ପ୍ରଦର୍ଶନ ମାଧ୍ୟମରେ ଗତାନୁଗତିକ ଖାଦ୍ୟ ଯୋଗାଣକୁ ବଦଳାଇବାର ଚେଷ୍ଟା କରାଯାଇଥିଲା। ପ୍ରଥମେ ମାଂସ ଯୋଗାଉଥିବା କଣ୍ଟ୍ରାକ୍ଟର ଉପରେ ଆକ୍ରମଣ କରାଯାଇ ତାଙ୍କୁ ରୋକିବାର ଉଦ୍ୟମ ହୋଇଥିଲା। ତାହା ବିଫଳ ହେବା ପରେ ମେସ୍ କର୍ମଚାରୀମାନଙ୍କ ଉପରେ ଆକ୍ରମଣ ହେଲା ଏବଂ ପରେ ଖାଇବା ଘରେ ବସିଥିବା ଛାତ୍ରଙ୍କ ଉପରେ ମାଡ଼ ଆରମ୍ଭ ହୋଇଗଲା। ଏଥିରୁ ବୁଝିବାକୁ ହେବ ଯେ, ଗୋଟିଏ ଗୋଷ୍ଠୀ ଜୋରଜବରଦସ୍ତ ନିଜର ଇଚ୍ଛାକୁ ଅନ୍ୟମାନଙ୍କ ଉପରେ ଲଦିବାର ପ୍ରୟାସ ହୋଇଥିଲା, ଯାହାକି କୌଣସି ଧାର୍ମିକ ଚିନ୍ତା କିମ୍ବା ଶ୍ରୀରାମଙ୍କ ପାଇଁ ଭକ୍ତି ଯୋଗୁ ହୋଇ ନ ଥିଲା।

ଆଜିର ଭାରତରେ ଧର୍ମ ପ୍ରସଙ୍ଗକୁ ଏଡ଼ାଇବା ସମ୍ଭବପର ହେଉନାହିଁ। ଅନ୍ୟପଟେ ଏହି ସମୟରେ ଏହିଭଳି ସମସ୍ୟା ସୃଷ୍ଟି କରାଇବା ପଛରେ ଲୁକ୍କାୟିତ ଉଦ୍ଦେଶ୍ୟ ମଧ୍ୟ ଥାଇପାରେ। ଅହେତୁକ ଦରଦାମ ବୃଦ୍ଧି, ନିଯୁକ୍ତି ସୁଯୋଗର ଘୋର ଅଭାବ ସହିତ ଅର୍ଥନୈତିକ ଦୁରବସ୍ଥା ଭାରତକୁ ଆଷ୍ଟେଇ ଦେଲାଣି। ଲୋକଙ୍କ ଦୃଷ୍ଟିକୁ ଅନ୍ୟତ୍ର ନେବାକୁ ହେଲେ ଧର୍ମ ଉପରେ ସଙ୍କଟ କିମ୍ବା ଜୋରଜବରଦସ୍ତ ହିନ୍ଦୀ ଭାଷା ବ୍ୟବହାର ଭଳି ଅପ୍ରାସଙ୍ଗିକ ବିଷୟକୁ ଯେତେ ଅଧିକ ପ୍ରଚାର କରିହେବ, ସେତେ ବେଶି ଲୋକ ପେଟର ନିଆଁକୁ ଭୁଲିଯାଇ ଧର୍ମ ପଛରେ ଗୋଡ଼ାଇବେ। ଏହି ଆଶା ଅଧିକ ଶକ୍ତିଶାଳୀ ହୋଇପାରେ। ନଚେତ୍ ପେଟର ନିଆଁ ଭାରତୀୟଙ୍କୁ ସଦ୍‌ବୁଦ୍ଧି ଦେଇପାରେ।

## ଶ୍ରୀଲଙ୍କା ସଙ୍କଟ ଓ ଜନବିରୋଧୀ ରାଜନୀତି



ବିଚିତ୍ର ବିଶ୍ୱାଳ

ପ୍ରତ୍ୟେକ ଘଟଣାରେ ରାଜନୀତିର ରଙ୍ଗ ଦେଇ ସେଥିରୁ ରାଜନୈତିକ ଫାଇଦା ହାସଲ କରିବା ରାଜନୈତିକ ଦଳଗୁଡ଼ିକର ମୁଖ୍ୟ ଲକ୍ଷ୍ୟ ହୋଇଯାଇଛି। ଏହି ଦୌଡ଼ରେ ସମ୍ପ୍ରତି ସରକାରରେ ଥିବା ଦଳ ଅନ୍ୟମାନଙ୍କଠାରୁ ବହୁତ ଆଗରେ ଅଛି। ଅବଶ୍ୟ ସରକାରଙ୍କ ପାଖରେ ନିଜର ପ୍ରଚାର କରିବା ପାଇଁ ଓ ପୁନଶ୍ଚ ଗାଦି ଦଖଲ କରିବା ଲାଗି ଯଦି କୌଣସି ବିକାଶର ଉଦାହରଣ ନ ଥାଏ, ତେବେ ସେ ଲୋକମତକୁ ପ୍ରଭାବିତ କରିବା ପାଇଁ ଧର୍ମ, ଜାତି ନାଁରେ ଲୋକଙ୍କୁ ଭାଗ ଭାଗ କରି ଭୋଟ୍‌କୁ ଧ୍ରୁବୀକରଣ କରିବା ସହିତ ଭିନ୍ନ ଭିନ୍ନ ଘଟଣାରେ ଅଯଥା ରାଜନୀତିର ପୁଟ ଦେଇ ବିରୋଧୀ ଦଳକୁ ନିନ୍ଦା କରିବାର ପନ୍ଥା ଆପଣେଇବା ସ୍ୱାଭାବିକ। ଆମ ଦେଶରେ ଏବେ ଠିକ୍ ସେଇଆ ଚାଲୁଛି।

ଭାରତର ପଡ଼ୋଶୀ ଦେଶ ଶ୍ରୀଲଙ୍କା ଏବେ ଆର୍ଥିକ ସଙ୍କଟରେ। ସମଗ୍ର ଦେଶରେ ଗୃହଯୁଦ୍ଧ ଭଳି ପରିସ୍ଥିତି। ଲୋକମାନଙ୍କ ପାଖରେ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ଘୋର ଅଭାବ ଦେଖାଦେଇଛି। ଖାଦ୍ୟ ଓ ଅନ୍ୟାନ୍ୟ ଦୈନନ୍ଦିନ ସାମଗ୍ରୀର ଅଭାବ ଯୋଗୁ ଦଙ୍ଗା ହଙ୍ଗାମାରେ ଜଳୁଛି ଭାରତର ଏହି ପଡ଼ୋଶୀ ରାଷ୍ଟ୍ର। ଶ୍ରୀଲଙ୍କାରେ ଗାଡ଼ି ଘୋଡ଼ା ଚାଲିବା ପ୍ରାୟତଃ ବନ୍ଦ ହୋଇଯାଇଛି। ସମଗ୍ର ଦେଶରେ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍‌ର ଅଭାବ ଦେଖାଦେଇଛି। ସ୍କୁଲ ଓ କଲେଜ ଆଦି ବନ୍ଦ ହୋଇଯାଇଛି। ଛାତ୍ରୀଛାତ୍ରମାନଙ୍କର ପରୀକ୍ଷା ରଦ୍ଦ କରିଦିଆଯାଇଛି। ସରକାରରେ ଥିବା ସମସ୍ତ ମନ୍ତ୍ରୀ କ୍ୟାବିନେଟ୍‌ରୁ ଇସ୍ତଫା ଦେଇଛନ୍ତି। ସ୍ପଷ୍ଟ ଶବ୍ଦରେ କହିଲେ, ଶ୍ରୀଲଙ୍କାର ଜନସାଧାରଣ ରାସ୍ତା ଉପରେ ହାହାକାର କରୁଛନ୍ତି।

ଶ୍ରୀଲଙ୍କାର ଏପରି ପରିସ୍ଥିତି ସହିତ ଆମ ଦେଶର କିଛି ସମ୍ପର୍କ ନାହିଁ। କିନ୍ତୁ ଶ୍ରୀଲଙ୍କା ପରିସ୍ଥିତିର ଉଦାହରଣ ଦେଇ ଆମ ଦେଶର ସରକାରରେ ଥିବା ରାଜନୈତିକ ଦଳ ବିଭିନ୍ନ ଆଞ୍ଚଳିକ ଦଳଗୁଡ଼ିକର ଜନବାଦୀ ଆଭିମୁଖ୍ୟ ପ୍ରତି ପ୍ରଶ୍ନ ଉଠେଇଛି। ଶ୍ରୀଲଙ୍କା ପରିସ୍ଥିତି ଉତ୍କଟ ହେବା ପରେ ଗତ ଏପ୍ରିଲ ୨ ରେ ଆମ ଦେଶର କିଛି ବରିଷ୍ଠ ଅମଲାମାନେ ପ୍ରଧାନମନ୍ତ୍ରୀଙ୍କୁ ଏକ ବୈଠକରେ କହିଛନ୍ତି ଯେ, ଭାରତର ଭିନ୍ନ ଭିନ୍ନ ରାଜ୍ୟଗୁଡ଼ିକ ସାଧାରଣ ଲୋକମାନଙ୍କୁ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ମାଧ୍ୟମରେ ଯେପରି ମାଗଣା ଦ୍ରବ୍ୟ ଓ ସେବା ଆଦି ପ୍ରଦାନ କରୁଛନ୍ତି, କିଛି ଦିନ ମଧ୍ୟରେ ଭାରତ ଶ୍ରୀଲଙ୍କା ଭଳି ପରିସ୍ଥିତି ଭୋଗ କରିବ। ସରକାରୀ ଅଧିକାରୀମାନଙ୍କର ଏହି ଅଭିଯୋଗ ସମ୍ପୂର୍ଣ୍ଣ ଭାବେ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ବୁଝିହେଉଛି। କାରଣ ଉପରୋକ୍ତ ଅମଲା ଗୋଷ୍ଠୀ ଯେଉଁ କେତୋଟି ରାଜ୍ୟର ଉଦାହରଣ ଦେଇଛନ୍ତି, ସେସବୁ ରାଜ୍ୟରେ ଆଞ୍ଚଳିକ ଦଳଗୁଡ଼ିକର ସରକାର ଅଛି। ବିଶେଷକରି ସେମାନେ ଆମ୍ ଆଦ୍‌ମୀ ପାର୍ଟିର ସରକାର ଥିବା ଦିଲ୍ଲୀ ଓ ପଞ୍ଜାବର ଉଦାହରଣ ଦେଇଛନ୍ତି। ସେମାନଙ୍କର ଅଭିଯୋଗ ଯେ, ଆମ୍ ଆଦ୍‌ମୀ ପାର୍ଟି ଯେପରି ଲୋକମାନଙ୍କୁ ମାଗଣା ସେବା ଓ ଦ୍ରବ୍ୟର ପ୍ରତିଶ୍ରୁତି ଦେଉଛି ଏବଂ ତାହାକୁ କାର୍ଯ୍ୟକାରୀ କରୁଛି, ତାହା ଦ୍ୱାରା ଉପରୋକ୍ତ ରାଜ୍ୟଗୁଡ଼ିକ ଦେବାଳିଆ ହୋଇଯିବା ସହିତ ଭାରତ ମଧ୍ୟ ଶ୍ରୀଲଙ୍କା ପରିସ୍ଥିତିକୁ ସାମ୍ନା କରିବ। ତେଣୁ ପ୍ରଧାନମନ୍ତ୍ରୀଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ସେମାନେ ଅନୁରୋଧ କରିଛନ୍ତି। ନିକଟ ଅତୀତରେ ଅନୁଷ୍ଠିତ ହୋଇଥିବା ନିର୍ବାଚନରେ ଭାଜପା ପରେ ଆମ୍ ଆଦ୍‌ମୀ ପାର୍ଟି(ଏଏପି) ବିପୁଳ ସଫଳତା ପାଇଥିବାରୁ ଏଏପି ଓ ତା'ର ନୀତିକୁ ନିମ୍ନଭାବେ ଦର୍ଶାଇବା ପାଇଁ ଏହା ଏକ ସୁଚିନ୍ତିତ ପଦକ୍ଷେପ। ସମ୍ପ୍ରତି କ୍ଷମତାରେ ଥିବା ଭାଜପା ନିକଟ ଭବିଷ୍ୟତରେ ଯଦି କେଉଁ ଦଳ ତରଫରୁ ଆହ୍ୱାନର ସମ୍ମୁଖୀନ ହେବାକୁ ଯାଉଛି, ତାହା ହେଉଛି ଆମ୍ ଆଦ୍‌ମୀ ପାର୍ଟି। ଏହି ପାର୍ଟିର ବିକାଶ ଯୋଜନା ଓ ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମଗୁଡ଼ିକୁ ଭାଜପା ତା'ର କ୍ଷମତା ଲୋଭ ପ୍ରତି ବିପଦ ବୋଲି ଭାବୁଥିବାରୁ ବର୍ତ୍ତମାନ ଶ୍ରୀଲଙ୍କାର ଉଦାହରଣ ନେଇ ଏଏପିକୁ ତଳୁଆ ଦେଖାଇବାକୁ ଭାଜପାର ଆଇ.ଟି. ସେଲ୍ କାର୍ଯ୍ୟକ୍ରମ ଆରମ୍ଭ କରିଦେଲାଣି। ଆମ୍ ଆଦ୍‌ମୀ ପାର୍ଟି ସାଧାରଣ ଲୋକଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଓ ବିଜୁଳି ପରି ସେବାକୁ ମାଗଣା କରିବାକୁ ପ୍ରତିଶ୍ରୁତି ଦେଉଛି ଓ କରୁଛି ମଧ୍ୟ। ଦୁର୍ଭାଗ୍ୟଜନକ ଭାବେ ଏପରି କାମକୁ ଦେଶ ବିରୋଧୀ ବୋଲି ପ୍ରଚାର କରାଯାଉଛି। ଓଧ ସହିତ ବଣ ବିରାଡ଼ି ବାଇ ହେବା ପରି ଭକ୍ତମାନେ ଅନ୍ଧ ଭାବେ ଏହାକୁ ନିନ୍ଦା କରି ଜନକଲ୍ୟାଣକାରୀ କାର୍ଯ୍ୟକ୍ରମକୁ ଦେଶ ବିରୋଧୀ ବୋଲି ଚିତ୍ରଣ କରୁଛନ୍ତି। ବରିଷ୍ଠ ଅମଲା ଗୋଷ୍ଠୀ ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖରେ ଯେଉଁ କେତୋଟି ରାଜ୍ୟରେ ମାଗଣା ଜିନିଷ ବଣ୍ଟାଯାଉଛି ବୋଲି କହିଛନ୍ତି, ସେଥିରେ ଗୋଟିଏ ଭାଜପା ଶାସିତ ରାଜ୍ୟ ନାହିଁ। ମାଗଣା ଦ୍ରବ୍ୟ ଓ ସେବା ଦେବାରେ କର୍ନାଟକ, ଗୁଜରାଟ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଆଦି ଭାଜପାଶାସିତ ରାଜ୍ୟଗୁଡ଼ିକ ବି ପଛରେ ନାହାନ୍ତି।

ବିଭିନ୍ନ ରାଜ୍ୟ ସରକାର ଲୋକମାନଙ୍କୁ ସବୁ ଜିନିଷ ମାଗଣାରେ ବାଣ୍ଟୁଛନ୍ତି ବୋଲି ଯେତେବେଳେ ଅଭିଯୋଗ କରାଯାଉଛି, ସେତେବେଳେ କେମିତି ଆମେ ଦେଖିପାରୁନେ ଯେ, କେନ୍ଦ୍ର ସରକାର କିଭଳି ଭାବେ ଅମ୍ବାନୀ, ଆଦାନୀ ଓ ଅନ୍ୟାନ୍ୟ କମ୍ପାନୀଗୁଡ଼ିକୁ ଲକ୍ଷ ଲକ୍ଷ କୋଟି କୋଟି ଟଙ୍କା ଟିକସ ଛାଡ଼ କରୁଛନ୍ତି! ଏହା କ'ଣ ସେମାନଙ୍କୁ ମାଗଣା ସେବା ନୁହେଁ କି? ଗୋଟିଏ ଗଣତାନ୍ତ୍ରିକ ଜନକଲ୍ୟାଣକାରୀ ସରକାରଙ୍କ କାମ ହେଉଛି ଗରିବ, ଅସହାୟ ଲୋକମାନଙ୍କୁ ଆବଶ୍ୟକୀୟ ସାମଗ୍ରୀ ରିହାତିରେ ଯୋଗାଇଦେବା। ଆମ୍ ଆଦ୍‌ମୀ ପାର୍ଟି ହେଉ ବା ଅନ୍ୟାନ୍ୟ ରାଜ୍ୟଗୁଡ଼ିକରେ ଥିବା ଭିନ୍ନ ଭିନ୍ନ ଆଞ୍ଚଳିକ ଦଳର ସରକାରମାନେ ତ ସେଇଆ କରୁଛନ୍ତି। ଦିଲ୍ଲୀରେ ଆମ୍ ଆଦ୍‌ମୀ ପାର୍ଟି କମ୍ପାନୀଗୁଡ଼ିକୁ ବିଜୁଳି ସବ୍‌ସିଡିରେ ନ ଦେଇ ଲୋକମାନଙ୍କୁ ଦେଉଛି, ଏଥିରେ ଅସୁବିଧା କେଉଁଠି? ଗତ ଦଶ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଭିନ୍ନ ଭିନ୍ନ କମ୍ପାନୀଗୁଡ଼ିକୁ ୧୦ ଲକ୍ଷ କୋଟି ଟଙ୍କାର ଟିକସ ଛାଡ଼ କରିଛନ୍ତି। ଚଳିତ ବଜେଟରେ ମଧ୍ୟ କର୍ପୋରେଟ୍ ଟିକସ ହାର କମ୍ କରାଗଲା। ଯଦି ହିସାବ କରାଯାଏ, ଗତ ଦଶ ବର୍ଷ ମଧ୍ୟରେ କର୍ପୋରେଟ୍‌ମାନଙ୍କୁ ଯେତିକି ଟିକସ ଛାଡ଼ କରାଯାଇଛି, ଯେତିକି ବିଜୁଳି, ପାଣି ଓ ଜମି ମାଗଣାରେ ଯୋଗେଇ ଦିଆଯାଇଛି, ତାହା ତୁଳନାରେ ଗରିବ ଲୋକମାନଙ୍କୁ ସବ୍‌ସିଡିରେ ଯେଉଁ ଚାଉଳ ଓ ଅନ୍ୟାନ୍ୟ ସୁବିଧା ଦିଆଯାଉଛି, ତାହା ତ କିଛି ନୁହେଁ। କେନ୍ଦ୍ର ସରକାର ହୁଅନ୍ତୁ ବା ରାଜ୍ୟ ସରକାର ସାଧାରଣ ଲୋକମାନଙ୍କଠାରୁ ପେଟ୍ରୋଲ, ଡିଜେଲ୍‌ଠାରୁ ଆରମ୍ଭ କରି ଭିନ୍ନ ଭିନ୍ନ ଦ୍ରବ୍ୟରେ ଯେତିକି ଟିକସ ନେଉଛନ୍ତି, ତାହା ତୁଳନାରେ ଲୋକମାନଙ୍କୁ ଭିନ୍ନ ଭିନ୍ନ ଯୋଜନା ମାଧ୍ୟମରେ ଯାହା ବି ମାଗଣାରେ ବା ସବ୍‌ସିଡିରେ ଦିଆଯାଉଛି, ତାହା କ'ଣ ଏତେ ଅଧିକ? ଆଉ ଗୋଟିଏ କଥା ଆଦୌ ବୁଝି ହେଉନାହିଁ। ଯେତେବେଳେ ଅର୍ଥନୀତି କଥା କୁହାଯାଉଛି, ସବୁବେଳେ ଗରିବମାନଙ୍କୁ ଦିଆଯାଉଥିବା ଅନୁଦାନ କଥା ପ୍ରଥମେ ଉଠୁଛି କାହିଁକି? ଧନୀମାନଙ୍କୁ ମିଳୁଥିବା ଟିକସ ଛାଡ଼ ବା ଅନ୍ୟାନ୍ୟ ସୁବିଧା ସୁଯୋଗ କଥା ତ କେବେ ଶୁଣା ଯାଉନାହିଁ।

ପୁଣି ଯଦି ଶ୍ରୀଲଙ୍କା ଘଟଣାକୁ ଫେରିବା, ତେବେ ଏହା ସ୍ପଷ୍ଟ ଯେ, ଶ୍ରୀଲଙ୍କା କେବଳ ତା'ର ଲୋକମାନଙ୍କୁ ମାଗଣାରେ ଜିନିଷ ଯୋଗାଇଛି ବୋଲି ତା'ର ବୈଦେଶିକ ଋଣ ଭାର ବଢ଼ିନାହିଁ ଓ ତା'ର ଅର୍ଥନୀତି ଧୂଳିସାତ୍ ହୋଇନାହିଁ। ଶ୍ରୀଲଙ୍କାର ବିପର୍ଯ୍ୟୟ ପଛରେ ଅନେକ କାରଣ ରହିଛି। ଶ୍ରୀଲଙ୍କାର ଜିଡିପିର ୧୦ ପ୍ରତିଶତ ପର୍ଯ୍ୟଟନରୁ ଆସିଥାଏ। ଯାହା ଗତ ଦୁଇ ବର୍ଷ ହେବ କରୋନା କଟକଣା ଯୋଗୁ ବହୁଳ ଭାବେ ପ୍ରଭାବିତ ହୋଇଛି। ୨୦୧୯ରେ ଶ୍ରୀଲଙ୍କାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ମଧ୍ୟ ଶ୍ରୀଲଙ୍କାର ପର୍ଯ୍ୟଟନ କ୍ଷେତ୍ରରେ ରୋଜଗାରକୁ କମ୍ କରିଦେଇଥିଲା। ଏତଦ୍‌ବ୍ୟତୀତ ଶ୍ରୀଲଙ୍କାକୁ ଅଧିକାଂଶ ପର୍ଯ୍ୟଟକ ରୁଷ୍, ୟୁକ୍ରେନ୍ ଓ ଅନ୍ୟ ୟୁରୋପୀୟ ଦେଶଗୁଡ଼ିକରୁ ଆସିଥାଆନ୍ତି। ଯୁଦ୍ଧ ଯୋଗୁ ତାହା ମଧ୍ୟ ଗତ ଦୁଇମାସ ହେବ ପ୍ରଭାବିତ ହୋଇଛି। ଗତ ବର୍ଷ ଶ୍ରୀଲଙ୍କା ସରକାର ହଠାତ୍ ଚାଷ କ୍ଷେତ୍ରରେ ସମସ୍ତ ପ୍ରକାର ରାସାୟନିକ ପ୍ରୟୋଗକୁ ବାରଣ କରିଦେବାରୁ ଶ୍ରୀଲଙ୍କାର ଚା' ଉତ୍ପାଦନ ଓ ଅନ୍ୟାନ୍ୟ ଚାଷ ବି ବହୁଳ ଭାବେ ପ୍ରଭାବିତ ହୋଇଛି। ଏଥିପାଇଁ ଶ୍ରୀଲଙ୍କାର ୪୨୫ ମିଲିୟନ୍ ଡଲାର ଆର୍ଥିକ କ୍ଷତି ହୋଇଥିବା ବେଳେ ଧାନ ଉତ୍ପାଦନରେ ୨୦ ପ୍ରତିଶତ ହ୍ରାସ ହୋଇଛି। ଶ୍ରୀଲଙ୍କାର ଅର୍ଥନୀତି ମୁଖ୍ୟତଃ ଆମଦାନୀ ଉପରେ ନିର୍ଭରଶୀଳ। ଦେଶ ପାଖରେ ହଠାତ୍ ବୈଦେଶିକ ମୁଦ୍ରା କମ୍ ହୋଇଯିବାରୁ ଶ୍ରୀଲଙ୍କା ଖାଦ୍ୟ ଦ୍ରବ୍ୟ ସମେତ ଅନେକ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଆମଦାନୀ କରିବାକୁ ସକ୍ଷମ ହୋଇପାରିଲା ନାହିଁ, ଯାହା ଶ୍ରୀଲଙ୍କାର ସଙ୍କଟକୁ ଅଧିକ ତୀବ୍ର କରିଦେଲା।

ଭାରତର ଅବସ୍ଥା ଶ୍ରୀଲଙ୍କା ପରି ହେବାର ଆଦୌ ସମ୍ଭାବନା ନାହିଁ। କାରଣ ଭାରତର ଅର୍ଥନୀତି ଶ୍ରୀଲଙ୍କାଠାରୁ ବହୁତ ଭିନ୍ନ। ଆମ ଦେଶ ଖାଦ୍ୟ ଦ୍ରବ୍ୟ ଉତ୍ପାଦନ କ୍ଷେତ୍ରରେ ଅତ୍ୟନ୍ତ ସ୍ୱାବଲମ୍ବନଶୀଳ ଓ ରପ୍ତାନି କରୁଛି। ତେଣୁ ଶ୍ରୀଲଙ୍କାର ଉଦାହରଣ ଦେଇ ଆଞ୍ଚଳିକ ଦଳଗୁଡ଼ିକୁ ଟାର୍ଗେଟ୍ କରି ଲୋକାଭିମୁଖୀ ଯୋଜନାଗୁଡ଼ିକୁ ବନ୍ଦ କରି ଦେଶରେ କେବଳ ଧର୍ମ ଓ ଜାତି ନାଁରେ ରାଜନୀତିକୁ ବଞ୍ଚେଇ ରଖିବାର ଷଡ଼ଯନ୍ତ୍ର କରାନଯାଉ। ଶେଷରେ ଗୋଟିଏ କଥା। ଯେଉଁ ଅମଲା ଗୋଷ୍ଠୀ, ଅର୍ଥନୀତିଜ୍ଞ ଓ ଭକ୍ତମାନଙ୍କ ଆଖିକୁ କେବଳ ସାଧାରଣ ଲୋକମାନଙ୍କୁ ଚାମଚ ଅଗରେ ଦିଆଯାଉଥିବା ମାଗଣା ଜିନିଷସବୁ ଦେଖାଯାଉଛି, ସେମାନେ ଟିକେ ଆଖି ଖୋଲି ବଡ଼ ବଡ଼ ପାଇପ୍ ଯୋଗେ କର୍ପୋରେଟ୍‌ମାନଙ୍କୁ ଯାହାସବୁ ମାଗଣାରେ ଓ ଟିକସ ରିହାତି ମାଧ୍ୟମରେ ଦିଆଯାଉଛି, ତାକୁ ଟିକେ ଦେଖନ୍ତୁ। ଦ୍ୱିତୀୟ କଥା, ସାଧାରଣ ଲୋକମାନଙ୍କୁ ମାଗଣାରେ ବା ରିହାତିରେ ଯାହା ବି ସବୁ ମିଳୁଛି, ତାହା ପରୋକ୍ଷରେ ଲୋକମାନଙ୍କ କ୍ରୟଶକ୍ତିକୁ ବୃଦ୍ଧି କରୁଛି ଓ ପ୍ରକାରାନ୍ତରେ ତାହା ଆମ ଅର୍ଥନୀତିକୁ ଚଳଚଞ୍ଚଳ ରଖୁଛି। କାରଣ ସାଧାରଣ ଲୋକମାନେ ହିଁ ବଡ଼ ଖାଉଟି।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ: ୯୪୩୮୪୬୮୪୭୪**

## ନିର୍ବାଚିତ ପ୍ରତିନିଧିଙ୍କ ଲକ୍ଷ୍ୟ



ଡ. ଭାରତ ଭୂଷଣ ରଥ

ଭାରତର ଅନେକ ରାଜ୍ୟରେ ନିର୍ବାଚନ ସମାପ୍ତ ହୋଇଛି। ଉତ୍ତରପ୍ରଦେଶ, ପଞ୍ଜାବ, ମଣିପୁର, ଉତ୍ତରାଖଣ୍ଡ, ଗୋଆ ପ୍ରଭୃତି ରାଜ୍ୟରେ ବିଧାନସଭା ନିର୍ବାଚନ ସହିତ ଓଡ଼ିଶାର ପଞ୍ଚାୟତ ଏବଂ ପୌର ଭୋଟ ମଧ୍ୟ ନିର୍ବାଚନ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ ଥିଲା। ରାଜନୈତିକ ଦଳଗୁଡ଼ିକ ଅତୀତର ଜନମଙ୍ଗଳ କାର୍ଯ୍ୟ ଏବଂ ଭବିଷ୍ୟତର କାର୍ଯ୍ୟପନ୍ଥାକୁ ଭୋଟରମାନଙ୍କ ପାଖରେ ଉପସ୍ଥାପନ କରିବାର ସୁଯୋଗ ପାଇଲେ। ଯେଉଁ ରାଜନୈତିକ ଦଳ ନିଜକୁ ଯେତେ ପ୍ରଭାବୀ ଭାବରେ ଉପସ୍ଥାପନ କରିପାରିଲା ସେ ବିଜୟ ପତାକା ଉଡ଼ାଇବାରେ ସକ୍ଷମ ହେଲା। ତେବେ ଏହି କ୍ରମରେ କିଛି ଗୁରୁତ୍ୱପୂର୍ଣ୍ଣ ବିଷୟ ଲକ୍ଷ୍ୟ କରାଯାଇଛି। ତନ୍ମଧ୍ୟରେ ଗୋଟିଏ ହେଲା; ଅନେକ ସ୍ଥାନରେ ଦଳର ପ୍ରଭାବ ଅପେକ୍ଷା ପ୍ରାର୍ଥୀଙ୍କ ଶିକ୍ଷା, ସଚୋଟତା ତଥା ସମାଜରେ ବ୍ୟବହାରକୁ ଭୋଟରମାନେ ପ୍ରାଧାନ୍ୟ ଦେଇଛନ୍ତି। ଦ୍ୱିତୀୟ ହେଲା; ଦଳର ମୁଖିଆଙ୍କର ଭାବମୂର୍ତ୍ତିକୁ ସମ୍ମାନ ଦେଇ ଭୋଟର ଭୋଟ ଦେଇଛନ୍ତି। ତୃତୀୟ ହେଲା; କେତେକାଂଶରେ ଲାଳସାର ବଶବର୍ତ୍ତୀ ହୋଇ ଭୋଟ ଦାନ କରିଛନ୍ତି ଅନେକ ଭୋଟର। କିନ୍ତୁ ବାସ୍ତବରେ ଲାଳସା କ୍ଷେତ୍ରଟିକୁ ନିର୍ବାଚନ କ୍ଷେତ୍ରରେ ବିଶେଷ ପ୍ରାଧାନ୍ୟ ଦିଆଯାଇ ନ ପାରେ, କାରଣ ବର୍ତ୍ତମାନର ଭୋଟର ପରିସ୍ଥିତିକୁ ଭଲଭାବରେ ବୁଝିପାରୁଛନ୍ତି। ତେଣୁ ଦଳର ମୁଖିଆଙ୍କର ଭାବମୂର୍ତ୍ତିକୁ ହିଁ ଭୋଟରମାନେ ସର୍ବପ୍ରଥମେ ଆକଳନ କରୁଛନ୍ତି ତା'ପରେ ଅନ୍ୟ କିଛି। ଦଳର ନେତା ଓ ପ୍ରମୁଖ ନେତାମାନଙ୍କର ବ୍ୟବହାର, ବିଗତ ପାଞ୍ଚବର୍ଷର କାର୍ଯ୍ୟଧାରା, ଦଳର ଆଭ୍ୟନ୍ତରୀଣ କନ୍ଦଳ, ଦଳୀୟ ନେତାମାନଙ୍କର ସାଧାରଣ ଜନସାଧାରଣଙ୍କ ସହିତ ହାବଭାବ ତଥା ଏମିତି ଅନେକ କିଛି ବିଷୟକୁ ନିର୍ବାଚନ ମଇଦାନରେ ଭୋଟର ଚର୍ଚ୍ଚା କରେ। ତା' ପରେ ଯେଉଁ ଦଳ ଉପରେ ଜନସାଧାରଣଙ୍କର ବିଶ୍ୱାସ ଏବଂ ଆସ୍ଥା ସୃଷ୍ଟି ହେଉଛି ସେହିଠାରେ ହିଁ ଭୋଟ ବର୍ଷା ହେଉଛି। ତେବେ ଏହି ପରିପ୍ରେକ୍ଷୀରେ ନିର୍ବାଚିତ ପ୍ରତିନିଧିମାନେ କେଉଁ ଲକ୍ଷ୍ୟ ନେଇ ରାଜନୀତି କରିବେ ଏବଂ ନିଜର ଭବିଷ୍ୟତ ଗଢ଼ିବେ ତାହା ସେମାନଙ୍କୁ ଅବଗତ ହେବାର ଅଛି। କାରଣ ଅନେକ ନିର୍ବାଚିତ ପ୍ରତିନିଧି କ୍ଷମତା ମାୟାରେ ଏଭଳି ଛନ୍ଦି ହୋଇଯାଆନ୍ତି, ଯଦ୍ଦ୍ୱାରା ସେମାନେ ଆଜୀବନ ନିନ୍ଦିତ ହୋଇଯାଆନ୍ତି ଏବଂ ପୁନଃ କ୍ଷମତାକୁ ଫେରିପାରନ୍ତି ନାହିଁ। ତେଣୁ ଜଣେ ନିର୍ବାଚିତ ପ୍ରତିନିଧି ସମସ୍ତ କାର୍ଯ୍ୟ ଭିତରେ ନିଜ ନିର୍ବାଚନ କ୍ଷେତ୍ରର ଭୋଟରମାନଙ୍କର ବିଶ୍ୱାସଭାଜନ ହେବା ଆବଶ୍ୟକ। ଲୋକପ୍ରତିନିଧିମାନେ ନିଜର କର୍ତ୍ତବ୍ୟ ପାଳନରେ ସେତିକି ସଚୋଟ ଏବଂ ବିକାଶଶୀଳ ଭାବନାକୁ ଉଦ୍ରେକ କରିବା ଦରକାର। ଲୋକପ୍ରତିନିଧିଙ୍କ ଲକ୍ଷଣକୁ ଉପସ୍ଥାପନ କରିବା ପାଇଁ ପ୍ରମାଣ ସ୍ୱରୂପ ଏକ ସୁନ୍ଦର ଶାସ୍ତ୍ରୀୟ ମତକୁ ଉପସ୍ଥାପନ କରାଯାଇପାରେ।

ଜଣେ ନେତାଙ୍କ ପାଖରେ ଯଦି ନିମ୍ନୋକ୍ତ ଗୁଣ ରହିଥିବ ସେ ଜଣେ ଉଚ୍ଚକୋଟୀର ଲୋକପ୍ରତିନିଧି ପଦମର୍ଯ୍ୟାଦାକୁ ମଣ୍ଡନ କରି ପାରିବେ। ଏ କ୍ଷେତ୍ରରେ ଦଶରୂପକ ଗ୍ରନ୍ଥକାର ଧନଞ୍ଜୟ କହିଛନ୍ତି– ''ନେତା ବିନୀତୋ ମଧୁରସ୍ତ୍ୟାଗୀ ଦକ୍ଷଃ ପ୍ରିୟବଂଦଃ। ରକ୍ତଲୋକଃ ଶୁଚିର୍ବାଗ୍ମୀ ରୂଢବଂଶଃ ସ୍ଥିରୋ ଯୁବା॥'' ତନ୍ମଧ୍ୟରୁ ଦଶଗୋଟି ପ୍ରଧାନ ଗୁଣ ହେଲା – ବିନୟୀ, ପ୍ରିୟଦର୍ଶୀ, ତ୍ୟାଗୀ, ଦକ୍ଷ, ପ୍ରିୟଭାଷୀ, ଲୋକପ୍ରିୟ, ପବିତ୍ର, ବାଗ୍ମୀ, ଯୁବା ଏବଂ ସ୍ଥିର । ଏହି ଅମୃତ ତତ୍ତ୍ୱଗୁଡ଼ିକୁ ଯେଉଁ ରାଜନୈତିକ ବ୍ୟକ୍ତି ଏବଂ ରାଜନୈତିକ ଦଳମାନେ ନିଜର ଲକ୍ଷ୍ୟ ରୂପରେ ଗ୍ରହଣ କରିବେ ସେମାନେ ନିଶ୍ଚୟ ସଫଳତାର ଶିଖର ସ୍ପର୍ଶ କରିବେ। ସର୍ବପ୍ରଥମେ ଜଣେ ରାଜନେତା ବିନୟୀଗୁଣ ସମ୍ପନ୍ନ ହେବା ଆବଶ୍ୟକ। ମଧୁର ଅର୍ଥାତ୍ ସମସ୍ତଙ୍କର ପ୍ରିୟପାତ୍ର ହେବା। ନେତା ନିଜର ବୁଦ୍ଧି ବଳରେ ସମାଜର ମଙ୍ଗଳ ସାଧନ କରୁଥିବା ବିଷୟକୁ ହିଁ ଚିନ୍ତା କରିବା ଉଚିତ। ନେତାଙ୍କ ମନରେ ଯେଉଁଦିନଠାରୁ ସମାଜ ଅହିତକର ତତ୍ତ୍ୱ ବସାବାନ୍ଧିବ, ସେହିଦିନଠାରୁ ରାଜନେତା ପତନୋନ୍ମୁଖୀ ହେବେ। ତ୍ୟାଗ ରୂପକ ସଦ୍‌ଗୁଣ ନେତାଙ୍କୁ ଜୀବିତ କାଳରେ ଯେତିକି ସମ୍ମାନ ଦିଏ ମୃତ୍ୟୁ ପରେ ବି ସେତିକି ସମ୍ମାନ ଦିଏ। ଭଗବାନ ଶ୍ରୀରାମଚନ୍ଦ୍ର ଅଯୋଧ୍ୟା ଶାସନ କରୁଥିବା ସମୟରେ ଏକ ତ୍ୟାଗପୂର୍ଣ୍ଣ ଜୀବନ ଅତିବାହିତ କରିଥିଲେ, ଯାହା ତାଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ ଉପାଧିରେ ବିଭୂଷିତ କରିଥିଲା। ଜଣେ ପ୍ରକୃତ ନେତା ସିଏ ଯିଏ ସମାଜ ପାଇଁ ବଞ୍ଚି ରହନ୍ତି ଏବଂ ସମାଜ ମଙ୍ଗଳ ଲାଗି ରାଜନୀତି କରନ୍ତି । ଦେଶ ଏବଂ ରାଜ୍ୟକୁ ଶାସନ କରିବାରେ ନେତା ଦକ୍ଷତାସମ୍ପନ୍ନ ହେବା ଆବଶ୍ୟକ। ନେତା ଯେତେ ଦକ୍ଷ ହେବେ ଦେଶ ସେତେ ବିକଶିତ ହେବ। ପ୍ରିୟଭାଷୀ ନେତାଙ୍କର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଗୁଣ। ନେତା ନିଜର ବାଣୀ ଏବଂ ଆଚରଣ ଉପରେ ନିୟନ୍ତ୍ରଣ ରଖିବା ଆବଶ୍ୟକ। ଲୋକପ୍ରିୟ ନେତା ହିଁ ବାରମ୍ବାର ରାଜଗାଦିରେ ଅଭିଷିକ୍ତ ହୁଅନ୍ତି। ବିଶିଷ୍ଟ ଅର୍ଥଶାସ୍ତ୍ରକାର କୌଟିଲ୍ୟ କହିଛନ୍ତି, ଅର୍ଥ ଶୁଚି ହିଁ ସମସ୍ତ ପବିତ୍ରତାର ଶ୍ରେଷ୍ଠ। ତେଣୁ ନେତା ସର୍ବପ୍ରଥମେ ଅର୍ଥ କ୍ଷେତ୍ରରେ ନିଜକୁ ପବିତ୍ର କରିବା ଆବଶ୍ୟକ। ବାଗ୍ମିତା ପ୍ରତ୍ୟେକ ନେତାଙ୍କର ଏକ ବିଶିଷ୍ଟ ଗୁଣ ହେବା ଦରକାର। ବାଗ୍ମୀର ଅର୍ଥ ହେଲା ବୁଦ୍ଧି ଏବଂ ଭାଷଣରେ ନିପୁଣତା। ତେବେ ଜଣେ ବ୍ୟକ୍ତି ସେତେବେଳେ ଭାଷଣ ଦେବାରେ ନିପୁଣ ହୋଇପାରିବ ଯେତେବେଳେ ସେ ଅନେକ କିଛି ଅଧ୍ୟୟନ କରିବ। ବିଦ୍ୟା, ବୁଦ୍ଧି ଏବଂ ଅନୁଭବକୁ ପାଥେୟ କରି ଜଣେ ବ୍ୟକ୍ତି ବାଗ୍ମୀ ହୋଇପାରିବ। ତେଣୁ ପ୍ରତ୍ୟେକ ନେତା ନିଜ ଦୈନନ୍ଦିନ ବ୍ୟସ୍ତବହୁଳ ଜୀବନରୁ କିଛି ସମୟ ବାହାର କରି ଅଧ୍ୟୟନ କରିବା ଏକାନ୍ତ ଆବଶ୍ୟକ। ସ୍ଥିର ସ୍ୱଭାବଯୁକ୍ତ ଯୁବକମାନେ ରାଜନୀତିରେ ଶୀଘ୍ର ନିଜକୁ ପ୍ରତିଷ୍ଠା କରିପାରନ୍ତି । ସ୍ଥିର ଗୁଣସମ୍ପନ୍ନ ବ୍ୟକ୍ତି ହିଁ ଦେଶରେ ସ୍ଥିର ଶାସନ ଦେବାରେ ସମର୍ଥ ହୁଅନ୍ତି। ତେଣୁ ନିଜର ବାଣୀ, ମନ ଏବଂ କାର୍ଯ୍ୟକଳାପରେ ସ୍ଥିରତାକୁ ପ୍ରକାଶ କରିବା ସହିତ ନିଜ ନିର୍ବାଚନକ୍ଷେତ୍ରର ଉନ୍ନତି ପ୍ରତ୍ୟେକଟି ରାଜନୈତିକ ବ୍ୟକ୍ତିଙ୍କର ଲକ୍ଷ୍ୟ ହେବା ଆବଶ୍ୟକ।

**ଉପ ନିର୍ଦ୍ଦେଶକ, ଦୂରସ୍ଥ ଶିକ୍ଷା ବିଭାଗ,**
**କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତି**
**ମୋ– ୮୮୯୭୪୨୬୨୪୩**

## ଏଇ ଭାରତରେ

ବେଙ୍ଗାଲୁରୁର ରଚନା ବୋଡାଗୁଙ୍କ ନିଷ୍ଠା ଓ ଇଚ୍ଛାଶକ୍ତି ତାଙ୍କୁ ଏକ ଭିନ୍ନ ପରିଚୟ ଆଣିଦେଇଛି। ସେ ଏକାଦଶ ଶ୍ରେଣୀରେ ପଢୁଛନ୍ତି। ତାଙ୍କ ଦ୍ୱାରା ପ୍ରସ୍ତୁତ ସୋଲାର ସାଇକେଲ୍ କୃଷକମାନଙ୍କୁ କ୍ଷେତରେ ପାଣି ମଡ଼ାଇବାରେ ସାହାଯ୍ୟ କରୁଛି। ସେଥିରେ ମୋଟର ସିଷ୍ଟମ ରହିଛି ଓ କୌଣସି ଇନ୍ଧନ ବା ବିଦ୍ୟୁତ୍ ଆବଶ୍ୟକ ପଡୁନାହିଁ, କେବଳ ସୌରଶକ୍ତିରେ ଚାଲୁଛି। ରଚନା ତାଙ୍କ ଦିଗ୍‌ଦର୍ଶକ ତଥା ଜଳଯୋଦ୍ଧା ଆନନ୍ଦ ମଲିଗାଭଦ୍‌ଙ୍କ ସହ ଏକାଠି ବେଙ୍ଗାଲୁରୁର କୋମାସାନ୍ଦ୍ରା ହ୍ରଦର ପୁନରୁଦ୍ଧାର କାର୍ଯ୍ୟ କରୁଛନ୍ତି। ହ୍ରଦ ଚାରିପାଖରେ ସେମାନେ ୨,୦୦୦ ଗଛ ମଧ୍ୟ ଲଗାଇଛନ୍ତି। ଗଛରେ ନିୟମିତ ପାଣି ଦେବା ଏକ କଷ୍ଟକର କାର୍ଯ୍ୟ ହୋଇଥିବାରୁ ରଚନା ଏହାର ସମାଧାନ ଲାଗି ତାଙ୍କୁ ସୋଲାର ସାଇକେଲ ପ୍ରସ୍ତୁତ କରିବାକୁ ପଡ଼ିଲା। ସୋଲାର ସାଇକେଲ ସମ୍ପୂର୍ଣ୍ଣ ପରିବେଶ ଉପଯୋଗୀ। ଏହି ସାଇକେଲରେ ସୋଲାର ପ୍ୟାନେଲ ଖଞ୍ଜା ହୋଇଛି। ଏହାକୁ ନିର୍ମାଣ କରିବା ସକାଶେ ରଚନା ତାଙ୍କ ପକେଟରୁ ୧ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ଏହା କିଭଳି ଶସ୍ତା ହେବ ଓ ଅଧିକରୁ ଅଧିକ କୃଷକ ବ୍ୟବହାର କରିପାରିବେ ସେଥିପାଇଁ ସେ ପ୍ରୟାସ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଏପ୍ରିଲ ୧୯୯୭

- ପ୍ରଶାସନକୁ ଦୁର୍ନୀତିମୁକ୍ତ କରିବା ପାଇଁ ନିର୍ବାଚନ ପ୍ରତିଶ୍ରୁତିକୁ ଆଂଶିକ ପାଳନ କରିବାକୁ ଯାଇ ପାକିସ୍ତାନର ପ୍ରଧାନମନ୍ତ୍ରୀ ନୱାଜ ଶରିଫ ୮୭ ବରିଷ୍ଠ ପଦାଧିକାରୀଙ୍କୁ ସସ୍‌ପେଣ୍ଡ କରିଛନ୍ତି।
- କେନ୍ଦ୍ରରେ ୧୧ ମାସ ଧରି କ୍ଷମତାସୀନ ଥିବା ମିଳିତ ସାମ୍ମୁଖ୍ୟ ସରକାର ଆସ୍ଥା ଭୋଟରେ ପରାଜିତ ହେବା ପରେ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ାଙ୍କ ଇସ୍ତଫା ପ୍ରଦାନ।

## ଚିରନ୍ତନୀ

ମଧୁ–ବିବାହ
ବିବାହ–ଶଙ୍ଖ ଉଠୁ ଗୋ ମନ୍ଦେ ବାଜି
ପକ୍ୱ ଧାନର ବିପୁଳ ଗନ୍ଧେ
ସୋରିଷ ଫୁଲର ମାଦକ ଛନ୍ଦେ
ପୂରିଛି ଗଗନ ଭାସିଛି ଭୁବନ
ଥରିଛି ପବନ ଆଜି
ବିବାହ ଶଙ୍ଖ ଉଠୁ ଗୋ ମନ୍ଦେ ବାଜି।
-(ମଧୁ–ବିବାହ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ–ଡୋ–କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | | | 5 | 1 | | |
| | | 8 | | 2 | | 3 | | |
| | | | 7 | | 9 | 2 | | |
| | | | 4 | | | | | |
| | | 3 | | | | | 5 | |
| | | | | | | 9 | 6 | 7 |
| | 8 | | | | 6 | | 4 | |
| | | 4 | | 3 | | | | |
| | 6 | 2 | | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 9 | 4 | 6 | 7 | 1 | 5 | 2 |
| 1 | 5 | 6 | 3 | 2 | 8 | 9 | 4 | 7 |
| 4 | 7 | 2 | 1 | 5 | 9 | 3 | 8 | 6 |
| 8 | 3 | 5 | 2 | 9 | 1 | 7 | 6 | 4 |
| 2 | 9 | 4 | 7 | 3 | 6 | 5 | 1 | 8 |
| 6 | 1 | 7 | 8 | 4 | 5 | 2 | 9 | 3 |
| 7 | 6 | 1 | 5 | 8 | 3 | 4 | 2 | 9 |
| 9 | 2 | 3 | 6 | 1 | 4 | 8 | 7 | 5 |
| 5 | 4 | 8 | 9 | 7 | 2 | 6 | 3 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପାଣି ବଞ୍ଚେଇଲେ ଜୀବନ ବଞ୍ଚିବ

ମହାଶୟ,

ଜଳ ହିଁ ଜୀବନ। ତଥାପି ଜଳର ସୁରକ୍ଷା ପ୍ରତି ଯେତିକି ଗୁରୁତ୍ୱ ଦିଆଯିବା କଥା, ତାହା ଦେଖିବାକୁ ମିଳୁନାହିଁ। ଅନେକ ସ୍ଥାନରେ ଲୋକେ ଜଳକଷ୍ଟ ଭୋଗୁଛନ୍ତି। ଆବଶ୍ୟକତାକୁ ଚାହିଁ ସେମାନଙ୍କୁ ଜଳ ମିଳୁ ନାହିଁ, ଅନ୍ୟପଟେ କେତେକ ଲୋକ ଆବଶ୍ୟକତାଠାରୁ ଅଧିକ ଜଳ ବ୍ୟବହାର କରୁଛନ୍ତି। ଜଳସ୍ତର ହ୍ରାସ ପାଉଥିବାବେଳେ କେତେକ ସ୍ଥାନରେ ପ୍ରାକୃତିକ ଜଳଉତ୍ସଗୁଡ଼ିକ ଶୁଖିଗଲାଣି। ଏହାର ପୁନରୁଦ୍ଧାର ହେବା ଉଚିତ । ଜଳ ସୁରକ୍ଷାକୁ ପ୍ରତ୍ୟେକ ନିଜର କର୍ତ୍ତବ୍ୟ ଭାବରେ ଗ୍ରହଣ କରିବା ଦରକାର। ଜଳକଷ୍ଟ ଭୋଗୁଥିବା ଲୋକଙ୍କ ସମ୍ପର୍କରେ ଚିନ୍ତା କରିବାକୁ ପଡ଼ିବ। ଆବଶ୍ୟକତା ଅନୁସାରେ ଲୋକେ ଜଳ ବ୍ୟବହାର କରିବାର ଆବଶ୍ୟକତା ରହିଛି। ଜୀବନ ବଞ୍ଚାଇବା ଲାଗି ଜଳର ଆବଶ୍ୟକତା ସମ୍ପର୍କରେ ପ୍ରତ୍ୟେକଙ୍କୁ ବିଚାର କରିବାକୁ ପଡ଼ିବ। ମାତ୍ର ଲୋକେ ଏହାକୁ ହାଲୁକା ଭାବେ ନେଉଛନ୍ତି। ଏସବୁକୁ ଲକ୍ଷ୍ୟ କରି କେତେକ ବେସରକାରୀ ଅନୁଷ୍ଠାନ ପକ୍ଷରୁ ଜଳ ସୁରକ୍ଷା ଦିଗରେ ସଚେତନ କରିବା ଲାଗି ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ମାତ୍ର ଏହା ଫଳପ୍ରଦ ହେଉନାହିଁ। ଜଳାଭାବ ଆଗକୁ ବଡ଼ ସମସ୍ୟା ହେବାର ସମ୍ଭାବନା ରହିଛି। ତେଣୁ ବେଳ ହୁଁ ଏଥିପ୍ରତି ସତର୍କତା ଗ୍ରହଣ ଜରୁରୀ।

**–ସୁଧାଂଶୁ ମହାପାତ୍ର, ନୀଳାଦ୍ରିବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜଙ୍ଗଲରୁ ହାତୀ ଶାବକର ମୃତଦେହ ମିଳିଲା

ମୋରଡା,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ ଅଧୀନ ମୋରଡା ବିଟ ଅଞ୍ଚଳର ବାଘାଝରଣ ଜଙ୍ଗଲରୁ ଏକ ହାତୀ ଛୁଆର ମୃତଦେହ ବନବିଭାଗ ଜବତ କରିଛି। ତେବେ ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ଗତ ରବିବାର ରାତିରୁ ଉକ୍ତ ଜଙ୍ଗଲରେ ତିନି ହାତୀ ସହିତ ଉକ୍ତ ଛୁଆ ହାତୀ ବୁଲୁଥିବା ବେଳେ ସୋମବାର ସକାଳେ ମୃତ ହାତୀକୁ ଦେଖି ଲୋକେ ବନବିଭାଗକୁ ସୂଚନା ଦେଇଥିଲେ। ତେବେ ହାତୀର ମୃତ୍ୟୁ ପାଇଁ ସ୍ଥାନୀୟ ଲୋକେ ବନବିଭାଗର ଦାୟିତ୍ୱହୀନତାକୁ ଦାୟୀ କରିଛନ୍ତି। ରାସଗୋବିନ୍ଦପୁର ରେଞ୍ଜର ମଧୁସ୍ମିତା ଦାସ କହିଛନ୍ତି, ଉକ୍ତ ହାତୀଟି ପଶ୍ଚିମବଙ୍ଗରୁ ଆସିଥିବା ଓ ଆନ୍ଥ୍ରାକ୍ସରେ ଆକ୍ରାନ୍ତ ହୋଇ ମୃତ୍ୟୁ ଘଟିଥାଇପାରେ ବୋଲି ଅଧିକ ତଦନ୍ତ ଜାରି ରହିଛି।

**ସଂକ୍ଷେପରେ**

### ଯୁକ୍ତ୨ ପରୀକ୍ଷା ସୂଚୀରେ ପରିବର୍ତ୍ତନ

ଭୁବନେଶ୍ୱର, ୧୧।୪(ବ୍ୟୁରୋ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ସୂଚୀରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ମେ' ୧୯ରେ ହେବାକୁ ଥିବା ଗଣିତ, ଗୃହ ବିଜ୍ଞାନ ଓ ଭୋକେଶନାଲ ବାୟୋଲୋଜି ପରୀକ୍ଷା ମେ' ୩୧ରେ ଅନୁଷ୍ଠିତ ହେବ। ଏ ନେଇ ସୋମବାର ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞାନ ଛାତ୍ରୀଛାତ୍ରଙ୍କ ନିର୍ଦ୍ଧାରିତ ପରୀକ୍ଷା ସୂଚୀରେ କମ୍ ଦିନର ବ୍ୟବଧାନ ରହିଥିଲା। ଏଥିପାଇଁ ପିଲାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ତେଣୁ ଯୁକ୍ତ୨ ବିଜ୍ଞାନ ପରୀକ୍ଷାସୂଚୀରେ ସାମାନ୍ୟ ପରିବର୍ତ୍ତନ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସିଏଚ୍ଏସ୍ଇକୁ ନିର୍ଦ୍ଦେଶ ଦେଇଥିଲେ। ଚଳିତବର୍ଷ ୧,୫୮୬ କଲେଜର କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷାର ୩.୨ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ୧,୧୪୮ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ। ଗତ ମାର୍ଚ୍ଚ ୨୪ରେ ପରୀକ୍ଷା କାର୍ଯ୍ୟସୂଚୀ ପ୍ରକାଶ ପାଇଥିଲା। କଳା ଓ ବାଣିଜ୍ୟ ପରୀକ୍ଷା ଏପ୍ରିଲ ୨୮ରୁ ଆରମ୍ଭ ହେବ। ପ୍ରଥମ ଦିନ ମାତୃଭାଷା ପରୀକ୍ଷା ହେବ। ଏହା ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ଯାଏ ଚାଲିବ। ବିଜ୍ଞାନ ଓ ଧନ୍ଦାମୂଳକ ପରୀକ୍ଷା ମେ' ୯ରୁ ଆରମ୍ଭ ହେବ। ବିଜ୍ଞାନ ଛାତ୍ରୀଛାତ୍ର ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଓ ଧନ୍ଦାମୂଳକ ଛାତ୍ରୀଛାତ୍ର ସକାଳ ୯ଟାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ପରୀକ୍ଷା ଦେବେ।

### ନିର୍ବାଚନରେ ବେଆଇନ କାର୍ଯ୍ୟ: ୨ ଶିକ୍ଷକ ନିଲମ୍ବିତ

ଫୁଲବାଣୀ ଅଫିସ, ୧୧।୪: ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଭୋଟ ଗ୍ରହଣ କେନ୍ଦ୍ରରେ ବେଆଇନ କାର୍ଯ୍ୟ କରିବା ୨ ଶିକ୍ଷକଙ୍କୁ ମହଙ୍ଗା ପଡିଛି। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଡା.ବୃନ୍ଦା ଡି ସେମାନଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ନିଲମ୍ବିତ ଶିକ୍ଷକ ହେଲେ ରାଇକିଆ ବ୍ଲକର ପ୍ରଧାନ ଶିକ୍ଷକ ରବୀନ୍ଦ୍ରନାଥ ପାତ୍ର ଓ କ.ନୂଆଗାଁ ବ୍ଲକର ସହକାରୀ ଶିକ୍ଷକ ନବ କିଶୋର ଓଝା। ଗତ ପଞ୍ଚାୟତ ନିର୍ବାଚନରେ ଏହି ଦୁଇଜଣ ଶିକ୍ଷକ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁସାରେ, ସହକାରୀ ଶିକ୍ଷକ ଓଝା ଫୁଲବାଣୀ ବ୍ଲକ ମିଣିଆ ପଞ୍ଚାୟତର ବିଘାପଦର ୧୨ନଂ. ବୁଥ ଓ ପାତ୍ରଙ୍କୁ ମାସାପଦର ୧୩ନଂ ବୁଥ୍‌ରେ ପ୍ରଥମ ପୋଲିଂ ଅଫିସର ଭାବେ ଦାୟିତ୍ୱ ଦିଆଯାଇଥିଲା। ଉଭୟେ ବୁଥ୍‌ରେ ସରପଞ୍ଚ ପ୍ରାର୍ଥୀଙ୍କ ବାଲଟ ପେପରକୁ ଉଦ୍ଦେଶ୍ୟମୂଳକ ଭାବେ ଭୁଲ ମୋଡ଼ି ଚିହ୍ନକୁ ଲୁଚାଇଥିଲେ। ଭୋଟ ଦେବାକୁ ଯାଇଥିବା ବେଳେ ସରପଞ୍ଚ ପ୍ରାର୍ଥିନୀ ମାଳତୀ ପ୍ରଧାନ ବୁଥକୁ ଯାଇ ଏହା ଦେଖିଥିଲେ। ଏପରିକି ପୋଲିଂ ଅଧିକାରୀ ତାଙ୍କୁ ଚିହ୍ନି ନ ପାରି ଅନ୍ୟ ଚିହ୍ନରେ ଭୋଟ ଦେବାକୁ କହିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏ ନେଇ ଅଭିଯୋଗ ହେବାରୁ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଥିଲେ। ସେକ୍ଟର ଅଫିସର ସୁରେନ୍ଦ୍ର ପାଣିଗ୍ରାହୀ ମଧ୍ୟ ବୁଥ୍ ପରିଦର୍ଶନରେ ଯାଇଥିବା ବେଳେ ବାଲଟ ତ୍ରୁଟି ନଜରକୁ ଆସିଥିଲା। ଏ ନେଇ ସରପଞ୍ଚ ପ୍ରାର୍ଥିନୀ ମାଳତୀ ପ୍ରଧାନଙ୍କ ଅଭିଯୋଗ କ୍ରମେ ଫୁଲବାଣୀ ବିଡିଓ ତଥା ନିର୍ବାଚନ ଅଧିକାରୀ ସେକ୍ଟର ଅଫିସର ସୁରେନ୍ଦ୍ର ପାଣିଗ୍ରାହୀଙ୍କୁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

# ଜୁନିୟର ଆଥ୍‌ଲେଟ୍‌ଙ୍କୁ ନିର୍ଯାତନା

**୩ ସିନିୟର ଆଥ୍‌ଲେଟ୍ ଗିରଫ**

- ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ନ ହେବାରୁ ସିନିୟର୍‌ଙ୍କ ଅମାନୁଷିକ କାଣ୍ଡ
- ଉଲଗ୍ନ କରି ମାଡ଼ ମାରିଲେ, ଭିଡିଓ କଲ୍ କରି ଦେଖାଇଲେ
- ଥାନାରୁ ନ୍ୟାୟ ନ ପାଇ ଡିସିପିଙ୍କ ଦ୍ୱାରସ୍ଥ ହୋଇଥିଲେ ପୀଡିତ
- ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ ନାବାଳକ ଓ ତାଙ୍କ ମା'

ଭୁବନେଶ୍ୱର,୧୧।୪(ବ୍ୟୁରୋ)

ଷ୍ଟେଟ୍ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍‌ରେ ଅଂଶଗ୍ରହଣ କରିଥିବା ରାଉରକେଲା ଟିମ୍‌ର ଜଣେ ଜୁନିୟର ଖେଳାଳିଙ୍କୁ ନିର୍ଯାତନା ଦିଆଯାଇଛି। ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ନ ହେବାରୁ ସିନିୟର ଆଥ୍‌ଲେଟ୍‌ମାନେ ତାଙ୍କୁ ଉଲଗ୍ନ କରି ମାଡ଼ ମାରିବା ସହ ଅମାନୁଷିକ ଭାବେ ନାନା ନିର୍ଯାତନା ଦେଇଥିବା ଗୁରୁତର ଅଭିଯୋଗ ହୋଇଛି। ତେବେ ଥାନା ପୋଲିସ କାର୍ଯ୍ୟାନୁଷ୍ଠାନ ନ ନେବାରୁ ପୀଡ଼ିତ ନାବାଳକ ଖେଳାଳି ଓ ତାଙ୍କ ପରିବାର ଲୋକେ ଭୁବନେଶ୍ୱର ଡିସିପି ଉମାଶଙ୍କର ଦାସଙ୍କୁ ଭେଟି ଜଣାଇଛନ୍ତି। ଏହାପରେ ସମ୍ପୃକ୍ତ ୩ ସିନିୟର ଖେଳାଳିଙ୍କୁ ଇନ୍‌ଫୋସିଟି ଥାନା ପୋଲିସ ସୋମବାର ଗିରଫ କରିଛି। ସେମାନେ ହେଲେ ସୁନ୍ଦରଗଡ ଜିଲା ରାଉରକେଲା ସେକ୍ଟର-୭ ଥାନା ଅନ୍ତର୍ଗତ ବିଦ୍ୟାନଗରର ଆଶିଷ କୁମାର ପାତ୍ର(୨୭), ସେକ୍ଟର-୫ ଗୋଲଘର ବସ୍ତିର ଜଗନ୍ନାଥ ଦାଶ(୨୭) ଓ ସେକ୍ଟର-୧୫ ଥାନା ଅନ୍ତର୍ଗତ ଶିବାଜୀନଗରର ସୁରଜ ଠାକୁର(୨୪)। ପୋଲିସ ଆଇପିସି ଦଫା ୩୪୨, ୩୨୩, ୫୦୬, ୩୪ ଓ ୬୭ ଆଇଟି ଆକ୍ଟ ଏବଂ ୭୫ ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟରେ ଏକ ମାମଲା (ନଂ.୯୩/୨୦୨୨) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ପୀଡିତ ନାବାଳକ ଓ ତାଙ୍କ ମା' ଗଣମାଧ୍ୟମରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ ବି ପୋଲିସ ସେଭଳି କୌଣସି ଦଫା ଲଗାଇନାହିଁ। ଏନେଇ ଜୋନ୍-୬ ଏସିପି ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି, ଯୌନ ନିର୍ଯାତନା ଦିଆଯାଇଥିବା ନେଇ ଏତଲାରେ କିଛି ଉଲ୍ଲେଖ ହୋଇନାହିଁ। ସେଥିରେ ଅଭିଯୋଗକାରୀ ଯାହା ଉଲ୍ଲେଖ କରିଥିଲେ ଏବଂ ତାଙ୍କ ବୟାନ ଆଧାରରେ ଦଫା ଲଗାଯାଇଛି ବୋଲି ସେ କହିଛନ୍ତି।

ଇନ୍‌ଫୋସିଟି ଥାନା ଅଞ୍ଚଳରେ ଏକ ଘରୋଇ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ୪ ଦିନିଆ ୬୮ତମ ଓଡ଼ିଶା ଷ୍ଟେଟ୍ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍ ଶୁକ୍ରବାରଠାରୁ ଆରମ୍ଭ ହୋଇଥିଲା। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପାରାଦୀପ ବନ୍ଦର, ଓଡିଶା ପୋଷ୍ଟ ଆଣ୍ଡ୍ ଟେଲିକମ୍ ସମେତ ବିଭିନ୍ନ ଜିଲାର ୩୦ ଟିମ୍ ଭାଗ ନେଇଥିଲେ। ଉକ୍ତ ଘରୋଇ ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ଆଥ୍‌ଲେଟ୍‌ଙ୍କ ରହିବା ଓ ଖାଇବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ତେବେ ଏହି ଚାମ୍ପିଅନଶିପ୍‌ରେ ରାଉରକେଲା ଟିମ୍ ପକ୍ଷରୁ ୨୩ଜଣ ଜୁନିୟର ଓ ସିନିୟର ଖେଳାଳି ଅଂଶଗ୍ରହଣ କରିଥିଲେ। ଅଭିଯୋଗ ଅନୁଯାୟୀ, ଟିମ୍‌ରେ ଥିବା ୧୦ ବର୍ଷର ଜଣେ ନାବାଳକଙ୍କର ଶନିବାର ୧୯ ବର୍ଷରୁ କମ୍ ବର୍ଗରେ ଲଙ୍ଗଜମ୍ପ ଇଭେଣ୍ଟ ଥିଲା। ହେଲେ ସେ ଏଥିରେ ଉତ୍ତୀର୍ଣ୍ଣ ହୋଇ ପାରି ନ ଥିଲେ। ତେଣୁ ଉକ୍ତ ଟିମ୍‌ର ସିନିୟରମାନେ ତାଙ୍କୁ ଗାଳିଗୁଲଜ କରିଥିଲେ। ରବିବାର ସକାଳେ ନାବାଳକ ଆଥ୍‌ଲେଟ୍‌ଙ୍କୁ ସମ୍ପୃକ୍ତ ସିନିୟରମାନେ ରୁମ୍‌କୁ ଡାକି ଉଲଗ୍ନ କରି ମାଡ଼ ମାରିଥିଲେ। ତାଙ୍କର ସମ୍ବେଦନଶୀଳ ଅଙ୍ଗରେ ଅମୃତାଞ୍ଜନ ଲଗାଇ ଦେଇଥିଲେ। ଏଥିସହ ତାଙ୍କର ୨ଜଣ ସାଙ୍ଗଙ୍କୁ ଭିଡ଼ିଓ କଲ୍ କରି ନିର୍ଯାତନାର ଦୃଶ୍ୟ ଦେଖାଇଥିଲେ। ଏପରିକି ନାବାଳକଙ୍କ ଦୁଇ ସାଙ୍ଗଙ୍କୁ ମଧ୍ୟ ସେମାନେ ଡାକି ଦେଖାଇଥିଲେ। ନାବାଳକ ଜଣକ ଏପରି କରିବାକୁ ବାରଣ କରିଥିଲେ ମଧ୍ୟ ସିନିୟରମାନେ ଶୁଣି ନ ଥିଲେ। ଏଭଳି ନିର୍ଯାତନାର ଶିକାର ହେବା ଫଳରେ ପୀଡିତ ନାବାଳକ ଜଣକ ସେଠାରୁ ଲଜ୍ଜିତ ହୋଇ ମାନସିକ ଭାରସାମ୍ୟ ହରାଇଥିଲେ। ଘଟଣା ସଂକ୍ରାନ୍ତରେ ମଧ୍ୟ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ରାତିରେ ପରିବାର ଲୋକ ଭୁବନେଶ୍ୱର ଆସି ଇନ୍‌ଫୋସିଟି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ମେଡିକାଲ ରିପୋର୍ଟ ଆଣିବା ପରେ ଅଟକ ରଖିଥିବା ଅଭିଯୁକ୍ତଙ୍କୁ ପୋଲିସ ପଚରାଉଚରା କରି ଛାଡ଼ି ଦେଇଥିବା ନାବାଳକଙ୍କ ମା' ଗଣମାଧ୍ୟମ ଆଗରେ ଅଭିଯୋଗ କରିଥିଲେ।



ଗିରଫ ଅଭିଯୁକ୍ତ ବାମରୁ ଆଶିଷ ପାତ୍ର, ଜଗନ୍ନାଥ ଦାସ, ସୁରଜ ଠାକୁର

# ଯୁବତୀଙ୍କଠାରେ ସଫଳ କିଡ୍‌ନୀ ପ୍ରତିରୋପଣ

**ଲାପାରୋସ୍କୋପିରେ ମା'ଙ୍କଠାରୁ କଢ଼ାଗଲା କିଡ୍‌ନୀ**

ଭୁବନେଶ୍ୱର, ୧୧।୪(ବ୍ୟୁରୋ)

ଅସୁସ୍ଥ ଝିଅକୁ କିଡ୍‌ନୀ ପ୍ରଦାନ କରି ପୁନର୍ଜନ୍ମ ଦେଲା ମା'। ସମ୍ ଅଲ୍‌ଟିମେଟ୍ ମେଡିକେୟାରରେ ସଫଳ ଅସ୍ତ୍ରୋପଚାର ପରେ ବର୍ତ୍ତମାନ ଯୁବତୀ ଜଣକ ସୁସ୍ଥ ହୋଇପାରିଛନ୍ତି। ଯୁବତୀଙ୍କର ଦୁଇଟି କିଡ୍‌ନୀ ସମ୍ପୂର୍ଣ୍ଣ ଭାବେ ଅକାମୀ ହୋଇ ପଡ଼ିଥିବାବେଳେ ଚିକିତ୍ସା ନିମନ୍ତେ ଗତବର୍ଷ ନଭେମ୍ବରରେ ସେ ସମ୍‌ରେ ଭର୍ତ୍ତି ହୋଇଥିଲେ। ନେଫ୍ରୋଲୋଜି ବିଭାଗର କନ୍‌ସଲଟାଣ୍ଟ ଡା. ତାପସ ରଞ୍ଜନ ବେହେରାଙ୍କ ଅଧୀନରେ ଚିକିତ୍ସିତ ହେଉଥିଲେ। ତାଙ୍କର ସପ୍ତାହକୁ ଦୁଇଥର ଡାଏଲିସିସ୍ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସ୍ୱାସ୍ଥ୍ୟାବସ୍ଥାକୁ ଦେଖି କିଡ୍‌ନୀ ପ୍ରତ୍ୟାରୋପଣର ନିଷ୍ପତ୍ତି ନିଆଯାଇଥିଲା ବୋଲି ଡା. ବେହେରା କହିଛନ୍ତି। ଝିଅର ଜୀବନ ବଞ୍ଚାଇବା ପାଇଁ ନିଜ କିଡ୍‌ନୀ ଦେବା ନିମନ୍ତେ ତାଙ୍କ ମା' ଇଚ୍ଛା ପ୍ରକାଶ କରିଥିଲେ। କିଡ୍‌ନୀ ପ୍ରତ୍ୟାରୋପଣର ସମସ୍ତ ପ୍ରସ୍ତୁତି ପରେ ଯୁବତୀଙ୍କ ମା'ଙ୍କ ଶରୀରରୁ ଲାପ୍ରୋସ୍କୋପିକ ପଦ୍ଧତିରେ କିଡ୍‌ନୀ କଢ଼ାଯାଇ ଯୁବତୀଙ୍କ ଶରୀରରେ ପ୍ରତ୍ୟାରୋପଣ କରାଯାଇଥିଲା। ଏହି ସମ୍ପୂର୍ଣ୍ଣ ପ୍ରତ୍ୟାରୋପଣ ପଦ୍ଧତି ପରିଚାଳନା କରିଥିଲେ ୟୁରୋଲୋଜି ବିଭାଗର କନ୍‌ସଲଟାଣ୍ଟ ଡା. ପ୍ରିୟବ୍ରତ ଦାସ। ଏହି ବିରଳ ଲାପ୍ରୋସ୍କୋପିକ ପଦ୍ଧତି ଦ୍ୱାରା ଡୋନରଙ୍କୁ ବିଶେଷ ଭାବେ କଷ୍ଟ ହୁଏ ନାହିଁ, ଶରୀରରେ କୌଣସି ଦାଗ ରହେ ନାହିଁ ଓ ସେ ଦୁଇ ତିନି ଦିନ ମଧ୍ୟରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିଥିଲେ। ତେବେ ଯୁବତୀଙ୍କ ଶରୀରରେ ସାଧାରଣ ଭାବେ ଅସ୍ତ୍ରୋପଚାର ମାଧ୍ୟମରେ କିଡ୍‌ନୀ ପ୍ରତ୍ୟାରୋପଣ କରାଯାଇଛି। ଡୋନରଙ୍କଠାରୁ କିଡ୍‌ନୀ ଅଣାଯିବା ଓ ରୋଗୀଙ୍କ ଶରୀରରେ ପ୍ରତ୍ୟାରୋପଣ ପ୍ରକ୍ରିୟା ୪ରୁ ୫ ଘଣ୍ଟାରେ ସମ୍ପୂର୍ଣ୍ଣ ହୋଇଥିଲା ବୋଲି ଡା. ଦାସ କହିଛନ୍ତି। ଯୁବତୀ ଜଣକ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଏହା ନେଫ୍ରୋଲୋଜି, ୟୁରୋଲୋଜି, ଆନେସ୍ଥେସିଆ ଟିମ, ଓଟି ଷ୍ଟାଫ୍ ଓ ଟ୍ରାନ୍ସପ୍ଲାଣ୍ଟ କୋଅର୍ଡିନେଟରଙ୍କ ସହଯୋଗ ଦ୍ୱାରା ସମ୍ଭବ ହୋଇପାରିଛି ବୋଲି ଚିକିତ୍ସା କରିଥିବା ଡାକ୍ତରମାନେ ପ୍ରକାଶ କରିଛନ୍ତି।

# ଯୁବ ଦକ୍ଷତା ବୃଦ୍ଧି ପାଇଁ ମିଳିତ କାର୍ଯ୍ୟ କରିବେ ସିପୋ, ଓଏସ୍‌ଡିଏ

**ସହଯୋଗ କରିବ ୟୁନିସେଫ୍**

ଭୁବନେଶ୍ୱର, ୧୧।୪(ବ୍ୟୁରୋ)

ସିଙ୍ଗାପୁର ସରକାରଙ୍କ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ଅଧୀନ ସିଙ୍ଗାପୁର-ଭାରତ ସହଭାଗିତା କାର୍ଯ୍ୟାଳୟ (ସିପୋ) ତଥା ଇନ୍‌ଷ୍ଟିଚ୍ୟୁଶନାଲ ଡେଭଲପ୍‌ମେଣ୍ଟର ନିର୍ଦ୍ଦେଶକ ଏରିକ୍ ଟାନ୍‌ଙ୍କ ନେତୃତ୍ୱରେ ଆସିଥିବା ଏକ ପ୍ରତିନିଧି ଦଳ ସୋମବାର ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ(ଓଏସ୍‌ଡିଏ) ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀଙ୍କୁ ସାକ୍ଷାତ କରିଛନ୍ତି। ବିଶେଷକରି ଓଡ଼ିଶାର ଯୁବ ଦକ୍ଷତା ବୃଦ୍ଧି ଓ ନିଯୁକ୍ତି ଆଦି ସଂକ୍ରାନ୍ତରେ ଆଲୋଚନା ହୋଇଛି। ଏହି ଅବସରରେ ବାଗ୍‌ଚୀ କହିଛନ୍ତି, ୱାର୍ଲଡ ସ୍କିଲ ସେଣ୍ଟରରୁ ତାଲିମପ୍ରାପ୍ତ ଦକ୍ଷ ପ୍ରଶିକ୍ଷାର୍ଥୀଙ୍କୁ ବିଶ୍ୱସ୍ତରୀୟ ସଂସ୍ଥାରେ ନିଯୁକ୍ତି ଦେବାରେ ସିପୋ ସହଯୋଗ କରିବ। ଆଇଟିଆଇ କିମ୍ବା ପଲିଟେକ୍‌ନିକ୍‌ର ପ୍ରଶିକ୍ଷାର୍ଥୀ ବିଶ୍ୱସ୍ତରୀୟ ସଂସ୍ଥାରେ ନିଯୁକ୍ତି ପାଇବା ଦ୍ୱାରା ସାମାଜିକ ରୂପାନ୍ତରଣ ଆସିପାରିବ। ରାଜ୍ୟ ସରକାର ଷ୍ଟାର୍ଟଅପ୍‌କୁ ଉତ୍ସାହିତ କରିବା ସହ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଛନ୍ତି। ସିପୋ ପ୍ରତିନିଧି ଦଳଙ୍କୁ ଷ୍ଟାର୍ଟଅପ୍ ପାଇଁ ପ୍ରତିଷ୍ଠା କରାଯାଇଥିବା ଓ-ହବ୍ କେନ୍ଦ୍ର ପରିଦର୍ଶନରେ ଯିବା ପାଇଁ ମଧ୍ୟ ବାଗ୍‌ଚୀ କହିଥିଲେ। ପାରସ୍ପରିକ ଲାଭ ପାଇଁ ସିପୋ ରାଜ୍ୟ ସରକାରଙ୍କ ସହିତ ଅର୍ଥନୈତିକ ବିକାଶ ପ୍ରକଳ୍ପରେ କାର୍ଯ୍ୟ କରିବାକୁ ଆଗ୍ରହୀ ଥିବାବେଳେ ଯୁବଗୋଷ୍ଠୀଙ୍କ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ମିଳିତ ଭାବେ କାର୍ଯ୍ୟ କରିବାକୁ ସିପୋର ନିର୍ଦ୍ଦେଶକ ଟାନ ସୂଚନା ଦେଇଥିଲେ। ସିଙ୍ଗାପୁରର ବେସରକାରୀ କ୍ଷେତ୍ରର ତାଲିମ/ ସ୍କିଲିଂ ସଂସ୍ଥାଗୁଡ଼ିକରେ ସୁଯୋଗ ଚିହ୍ନଟ କରିବାରେ ମଧ୍ୟ ଏହା ସହାୟକ ହେବ ବୋଲି ସେ କହିଥିଲେ। ଏହି ପ୍ରତିନିଧି ଦଳ ୱାର୍ଲଡ ସ୍କିଲ ସେଣ୍ଟର ପରିଦର୍ଶନ କରି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଓ ଓଏସ୍‌ଡିଏ ସିଇଓ ରେଘୁ ଜୀଙ୍କ ସହ ଆଲୋଚନା କରିଥିଲେ।

ସେହିପରି ୟୁନିସେଫ୍ ଓଡ଼ିଶା ମୁଖ୍ୟ ମୋନିକା ନେଲ୍‌ସେନ ଓଡ଼ିଶାର କିଶୋର ଯୁବଗୋଷ୍ଠୀ ତଥା ଅନଗ୍ରସର କିଶୋରୀଙ୍କ ଦକ୍ଷତା ବିକାଶ କରି ମୁଖ୍ୟସ୍ରୋତରେ ସାମିଲ କରିବା ନେଇ ବାଗ୍‌ଚୀଙ୍କ ସହ ଆଲୋଚନା କରିଥିଲେ। ବାଗ୍‌ଚୀ ଦକ୍ଷତା ବିକାଶ ନିମନ୍ତେ ନିଆଯାଇଥିବା ପଦକ୍ଷେପ ବିଷୟରେ କହିଥିଲେ। ଆଗାମୀ ଦିନରେ ଓଏସ୍‌ଡିଏ ସହ ସହଭାଗିତା କରିବାକୁ ୟୁନିସେଫ୍ ପ୍ରତିନିଧି ଦଳ ଆଶାବ୍ୟକ୍ତ କରିଥିଲେ। ୟୁନିସେଫ୍ କମ୍ୟୁନିଟି ସ୍ପେଶାଲିଷ୍ଟ ରାଧିକା ଶ୍ରୀବାସ୍ତବ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅତିରିକ୍ତ ସଚିବ ପିନାକୀ ପଟ୍ଟନାୟକ ଉପସ୍ଥିତ ଥିଲେ।



ଓଏସ୍‌ଡିଏ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀଙ୍କ ସହ ୟୁନିସେଫ୍ ପ୍ରତିନିଧି ଦଳ ଆଲୋଚନା କରୁଛନ୍ତି।

# ସ୍ୱଚ୍ଛତାକୁ ସଂକଳ୍ପରେ ପରିଣତ କରିବାକୁ ଆହ୍ୱାନ



ଏମ୍ସ ସାଇକ୍ଲୋଥନ୍‌ରେ ଅଂଶଗ୍ରହଣ କରିଥିବା ଡାକ୍ତର, ଡାକ୍ତରୀ ଛାତ୍ର ଓ କର୍ମଚାରୀ।

**ଏମ୍ସ ପକ୍ଷରୁ ସାଇକ୍ଲୋଥନ୍**

**୨୭୦ରୁ ଅଧିକ ମେଡିକାଲ୍ ଛାତ୍ର, ଡାକ୍ତରଙ୍କ ଅଂଶଗ୍ରହଣ**

ଭୁବନେଶ୍ୱର,୧୧।୪(ବ୍ୟୁରୋ)

ସ୍ୱଚ୍ଛତା ହେଉଛି ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଏହାକୁ ଏକ ସଂକଳ୍ପରେ ପରିଣତ କରିବା ପାଇଁ ଜନସାଧାରଣଙ୍କୁ ଆହ୍ୱାନ ଦେବା ସହ ଉତ୍ସାହିତ କରିଛି ସାଇକ୍ଲୋଥନ୍। ସ୍ୱଚ୍ଛତା ପଖୱାଡ଼ା ଅଭିଯାନର ଅଂଶ ସ୍ୱରୂପ (୧-୧୫ ଏପ୍ରିଲ୍) ଏମ୍ସ ଭୁବନେଶ୍ୱର ପକ୍ଷରୁ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍ଏଲ୍)ର ସହଯୋଗରେ ସୋମବାର ଏହି ସାଇକ୍ଲୋଥନ୍ ଅନୁଷ୍ଠିତ ହୋଇଥିଲା। ଏମ୍ସ ଭୁବନେଶ୍ୱର ଅଧୀକ୍ଷକ ଡା. ସଚ୍ଚିଦାନନ୍ଦ ମହାନ୍ତି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ଏମ୍ସର ୨୭୦ରୁ ଅଧିକ ଡାକ୍ତରୀ ଛାତ୍ର, ଡାକ୍ତର ଏବଂ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏମ୍ସ ପରିସରରୁ ଆରମ୍ଭ ହୋଇଥିବା ଏହି ସାଇକ୍ଲୋଥନ୍ ୮ କିମି ପଥ ଅତିକ୍ରମ କରି ଏସ୍ଓଏସ୍ ଚିଲ୍‌ଡ୍ରେନ ଭିଲେଜ୍‌ରେ ଶେଷ ହୋଇଥିଲା। ଅଂଶଗ୍ରହଣକାରୀମାନେ ସାଇକେଲ୍ ଚଲାଇ ସ୍ୱଚ୍ଛ ପରିବେଶ, ସର୍ବସାଧାରଣ ସ୍ଥାନଗୁଡ଼ିକର ପରିଷ୍କାର ପରିଚ୍ଛନ୍ନତା, ପ୍ଲାଷ୍ଟିକ ମୁକ୍ତ ଭାରତ ଆଦିର ବାର୍ତ୍ତା ଦେଇଥିଲେ।

ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏସ୍ଓଏସ୍ ଶିଶୁ ଗ୍ରାମରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମାଜରେ ସ୍ୱଚ୍ଛତାର ବାର୍ତ୍ତା ପ୍ରଦାନ କରିବା ତଥା ଜନସାଧାରଣଙ୍କୁ ଏନେଇ ସଚେତନ କରିବା ଲକ୍ଷ୍ୟରେ ନିଆଯାଇଥିବା ଏହି ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। ଏସ୍ଓଏସ୍ ଶିଶୁ ଗ୍ରାମ ନିର୍ଦ୍ଦେଶକ ଅବିନାଶ କୁମାର ହୋତା, ଏମ୍ସ ଅଧୀକ୍ଷକ ଡ. ସଚ୍ଚିଦାନନ୍ଦ ମହାନ୍ତି, କୁଳସଚିବ ବି ବି ମିଶ୍ର, ହସ୍ପିଟାଲ୍ ପ୍ରଶାସନ ବିଭାଗ ମୁଖ୍ୟ ତଥା କାୟାକଳ୍ପ ନୋଡାଲ୍ ଅଧିକାରୀ ଡା. ଜବାହର ଏସ୍ ପିଲ୍ଲାଇ, ଶିଶୁ ସର୍ଜରୀ ବିଭାଗର ଡା. କନିଷ୍କ ଦାସ, ଅତିରିକ୍ତ ପ୍ରଫେସର ହସ୍ପିଟାଲ୍ ପ୍ରଶାସନ ଡା.(ମେଜର) ଏମ୍ ସି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁଗ୍ରାମର ମହାସଚିବ ସୁମନ୍ତ କର ସ୍ୱଚ୍ଛତା ସମ୍ପର୍କରେ ଏକ ବାର୍ତ୍ତା ପ୍ରଦାନ କରିଥିଲେ।

# ଆଜି ସଚିବାଳୟ ସେବା ସଂଘ ନିର୍ବାଚନ

ଭୁବନେଶ୍ୱର,୧୧।୪(ବ୍ୟୁରୋ)



୩ ବର୍ଷ ପରେ ଓଡ଼ିଶା ସଚିବାଳୟ ସେବା ସଂଘର ମୋଟ ୯ ପଦବୀ ନିର୍ବାଚନ ମଙ୍ଗଳବାର ଅନୁଷ୍ଠିତ ହେବ। ୟୁନିଟ୍-୩ସ୍ଥିତ ଖାରବେଳ ନଗରରେ ଥିବା ସଂଘ କାର୍ଯ୍ୟାଳୟଠାରେ ସକାଳ ୮ଟାରୁ ଅପରାହ୍ନ ୪ଟା ମଧ୍ୟରେ ଭୋଟ ଗ୍ରହଣ କରାଯିବ। ଦୀର୍ଘଦିନ ପରେ ନିର୍ବାଚନ ହେଉଥିବାରୁ ଦୁଇ ଗୋଷ୍ଠୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଏହି ନିର୍ବାଚନରେ ବରିଷ୍ଠ ବନାମ କନିଷ୍ଠ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଜୋରଦାର ହେଉଛି। ତେବେ ଅଭିଜ୍ଞତା ଦୃଷ୍ଟିରୁ ବରିଷ୍ଠ ପ୍ରାର୍ଥୀମାନେ କନିଷ୍ଠଙ୍କଠାରୁ ଆଗରେ ଥିବା ନେଇ ଚର୍ଚ୍ଚା ହେଉଛି।

ବରିଷ୍ଠ ଗୋଷ୍ଠୀ ମଧ୍ୟରେ ପଦ୍ମଲୋଚନ ନାୟକ ସଭାପତି ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ଅସିତ୍ ଜେନା, ରଶ୍ମିରଞ୍ଜନ ଜେନା ଉପସଭାପତି, ସାଧାରଣ ସମ୍ପାଦକ ଭାବେ ବିବେକାନନ୍ଦ ସାମଲ, ସମ୍ପାଦକ ଭାବେ ପଙ୍କଜ ସାହୁ, ମାନସ ରଞ୍ଜନ ସୂତାର, ଲଲାଟେନ୍ଦୁ କେଶରୀ ରାଉତ, ସମୀର କୁମାର ପ୍ରଧାନ ଏବଂ ଅଡିଟର ପଦବୀରେ ବିଜୟିନୀ ହେମ୍ବ୍ରମ୍ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସାଧାରଣ ସମ୍ପାଦକ ଭାବେ ବିବେକାନନ୍ଦ ସାମଲ ଗତ ନିର୍ବାଚନରେ ବିଜୟୀ ହୋଇ ପୁଣି ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି।

ସେହିପରି ଅନ୍ୟ ଏକ ଗୋଷ୍ଠୀରୁ ସଭାପତି ପଦ ପାଇଁ ଅଜୟ କୁମାର ସ୍ୱାଇଁ, ଉପସଭାପତି ଭାବେ ଅକ୍ଷୟ କୁମାର ପରିଡ଼ା ଓ ପ୍ରତ୍ୟୁଷ କୁମାର ପରିଡ଼ା, ସାଧାରଣ ସମ୍ପାଦକ ଭାବେ ପ୍ରଜ୍ୟୋତ୍ସ୍ନ ବରାଳ, ସମ୍ପାଦକ ଭାବେ ବିବେକାନନ୍ଦ ସାହୁ, ଅମିତ କୁମାର ମହାନ୍ତି, ବିଷ୍ଣୁ ଚରଣ ନାଏକ, ଚିରଞ୍ଜୀବୀ ସ୍ୱାଇଁ ଏବଂ ଅଡିଟର ଭାବେ ଲଳିତ ମୋହନ ଦାସ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

ପ୍ରାର୍ଥୀମାନେ ନିଜ ନିଜ ସପକ୍ଷରେ ମତଦାନ କରିବାକୁ ସଚିବାଳୟରେ କ୍ୟାମ୍ପେନିଂକୁ ଜୋର୍‌ଦାର କରିଛନ୍ତି। ସଚିବାଳୟରେ ଏଏସ୍ଓଠାରୁ ଆରମ୍ଭ କରି ଅତିରିକ୍ତ ଶାସନ ସଚିବ ପର୍ଯ୍ୟନ୍ତ ୨ ହଜାର କର୍ମଚାରୀ ନିର୍ବାଚନରେ ମତ ସାବ୍ୟସ୍ତ କରିବେ। ଏଏସ୍ଓ ପଦବୀକୁ ସହାୟକ ସଚିବ ପଦବୀରେ ନାମିତ କରାଯିବା ସହ ସେମାନଙ୍କ ଗ୍ରେଡ୍ ପେ' ୪ ହଜାର ୬୦୦ ଟଙ୍କା କରିବା ନେଇ ୧୯ ଦଫା ନିର୍ବାଚନ ଇସ୍ତାହାର ଜାରି କରାଯାଇଛି। ସୂଚନାଯୋଗ୍ୟ, ସେବା ସଂଘ ନିର୍ବାଚନ ଶେଷଥର ପାଇଁ ୨୦୧୭ରେ ହୋଇଥିଲା। ପ୍ରତି ୨ ବର୍ଷରେ ଥରେ ନିର୍ବାଚନ ହେବା କଥା। ମାତ୍ର ୨୦୧୯ରେ କୋଭିଡ୍ ମହାମାରୀ ପାଇଁ କଟକଣା ଲାଗିବାରୁ ନିର୍ବାଚନ ସ୍ଥଗିତ ରହିଥିଲା। କୋଭିଡ୍ କଟକଣା ହଟିବା ପରେ ମଙ୍ଗଳବାର ନିର୍ବାଚନ ହେବାକୁ ଦିନ ଧାର୍ଯ୍ୟ କରାଯାଇଛି।

# କୁବେର ଯନ୍ତ୍ରୀଙ୍କ ଦୁର୍ନୀତି ଗୁମର ଖୋଲିବ

**କାର୍ତ୍ତିକେଶ୍ୱରଙ୍କୁ ଆଉ ୩ଦିନିଆ ରିମାଣ୍ଡରେ ଆଣିଲା ଭିଜିଲାନ୍ସ**

ଭୁବନେଶ୍ୱର,୧୧।୪(ବ୍ୟୁରୋ)



ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହୋଇ ଜେଲ ଯାଇଥିବା ଗଞ୍ଜାମ ଜିଲା ଭଞ୍ଜନଗର କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ କାର୍ତ୍ତିକେଶ୍ୱର ରାଉଳଙ୍କୁ ପୁଣି ଥରେ ରିମାଣ୍ଡରେ ଆଣିଛି ଭିଜିଲାନ୍ସ। ଗତ ୮ ତାରିଖରେ ସେ ପ୍ରଥମେ ରିମାଣ୍ଡରେ ଆସିଥିଲେ। ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ତିନିଦିନ ଧରି ପଚରାଉଚରା କରିବା ସହ ପୁଳା ପୁଳା ଟଙ୍କା, ସୁନା ବିସ୍କୁଟ, ଅଳଙ୍କାର ଆଦି ବାହାର କରିଥିଲେ। ଭୁବନେଶ୍ୱରସ୍ଥିତ କାର୍ତ୍ତିକେଶ୍ୱରଙ୍କ ବାସଗୃହ ସମେତ ଦ୍ୱିତୀୟ ସ୍ତ୍ରୀଙ୍କ ଘର ଓ ଶାଳୀଙ୍କ ଘରୁ ନଗଦ ୩କୋଟି ୪୧ଲକ୍ଷ ୬୬ହଜାର ଟଙ୍କା ଜବତ ହୋଇଥିବାବେଳେ ତାଙ୍କ ଆୟ ବହିର୍ଭୂତ ସମ୍ପତ୍ତି ୭ କୋଟି ୪୮ ଲକ୍ଷ ୬୨ ହଜାରକୁ ବୃଦ୍ଧି ପାଇଥିଲା। ଏହା ତାଙ୍କ ଆୟଠାରୁ ୧୧୦୮ ପ୍ରତିଶତ ବୋଲି ଭିଜିଲାନ୍ସ କହିଥିଲା। ତେବେ ସେ ସରକାରୀ ପଦର ଦୁରୁପଯୋଗ କରି ଏସବୁ ବିପୁଳ ସମ୍ପତ୍ତି ଠୁଳ କରିଥିବା ଜଣାପଡିଥିଲା। ଏହି ଦୁର୍ନୀତି ଟଙ୍କାର ପରିମାଣ ବଢ଼ିବା ସମ୍ଭାବନା ଥିବାରୁ କାର୍ତ୍ତିକେଶ୍ୱରଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡରେ ଆଣିବାକୁ ଭିଜିଲାନ୍ସ ଯୋଜନା କରିଥିଲା। ତେଣୁ ପ୍ରଥମ ପର୍ଯ୍ୟାୟ ରିମାଣ୍ଡ ସରିବା ପରେ ଭିଜିଲାନ୍ସ ଟିମ୍ ତାଙ୍କୁ ସୋମବାର ଭୁବନେଶ୍ୱରସ୍ଥିତ ଭିଜିଲାନ୍ସର ସ୍ୱତନ୍ତ୍ର କୋର୍ଟରେ ହାଜର କରିବା ସହ ୫ ଦିନିଆ ରିମାଣ୍ଡ ଆବେଦନ କରିଥିଲା। ହେଲେ କୋର୍ଟ ୩ ଦିନିଆ ରିମାଣ୍ଡ ପାଇଁ ଅନୁମତି ଦେଇଥିବାବେଳେ ସୋମବାରଠାରୁ ଏହା ଲାଗୁ ହୋଇଛି। ଏତେ ଟଙ୍କା ସେ କେମିତି ହାତେଇଲେ, ଆଉ କେଉଁଠି ତାଙ୍କର ସମ୍ପତ୍ତି ରହିଛି, ତାହାର ଗୁମର ଖୋଲିବାକୁ ଘନଘନ ଜେରା କରୁଛି ଭିଜିଲାନ୍ସ ଟିମ୍।

କାର୍ତ୍ତିକେଶ୍ୱରଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ଭିଜିଲାନ୍ସ ପକ୍ଷରୁ ବୁଧବାର ଗଞ୍ଜାମ ଜିଲା ଭଞ୍ଜନଗରସ୍ଥିତ ସରକାରୀ ବାସଭବନ, କାର୍ଯ୍ୟାଳୟ, ଖଲ୍ଲିକୋଟ ଓ ଭୁବନେଶ୍ୱର ଆଦି ୬ ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଖଲ୍ଲିକୋଟ ଲଙ୍ଗଳେଶ୍ୱରସ୍ଥିତ ପୈତୃକ ଘର, ଭୁବନେଶ୍ୱର ଖଣ୍ଡଗିରି କମ୍ପ୍ଲୋପଲିସ୍ ରେସିଡେନ୍ସିର ୨ ବିଏଚ୍‌କେ ଫ୍ଲାଟ୍, ତୁଳସି ରେସିଡେନ୍ସିରେ ଥିବା ୩ ବିଏଚ୍‌କେ ଫ୍ଲାଟ, ଜାଗମରାସ୍ଥିତ ଦୁଇ ମହଲା ଘର ସମେତ ଗଞ୍ଜାମରେ ୫ଟି ଓ ଭୁବନେଶ୍ୱରରେ ୨ଟି ପ୍ଲଟ୍ ଠାବ ହୋଇଥିଲା। ଯାଞ୍ଚରୁ ନଗଦ ୨ ଲକ୍ଷ ୫୦ ହଜାର ୮୮୦ ଟଙ୍କା, ୩୭.୨୩ ଲକ୍ଷ ଟଙ୍କାର ଫିକ୍ସ ଡିପୋଜିଟ୍, ବ୍ୟାଙ୍କ ଓ ଇନ୍‌ସ୍ୟୁରାନ୍ସ ଡିପୋଜିଟ୍, ଘରେ ଥିବା ୧୭.୯୫ ଲକ୍ଷ ଟଙ୍କାର ସାମଗ୍ରୀ, ଗୋଟିଏ ୧୪ ଲକ୍ଷ ଟଙ୍କାର ଚାରି ଚକିଆ ଯାନ, ୨ଟି ବାଇକ୍ ଓ ୫.୭୨ ଲକ୍ଷ ଟଙ୍କାର ସୁନା ଓ ରୁପା ଅଳଙ୍କାର ଆଦି ମିଳିଛି। ଠାବ ହୋଇଥିବା ସମ୍ପତ୍ତିର ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭିଜିଲାନ୍ସ କାର୍ତ୍ତିକେଶ୍ୱରଙ୍କୁ ଶୁକ୍ରବାର ଗିରଫ କରିଥିଲା। ପରେ ତାଙ୍କ ଦ୍ୱିତୀୟ ସ୍ତ୍ରୀ କଳ୍ପନା ପ୍ରଧାନଙ୍କ ଭୁବନେଶ୍ୱର ଆଇଗିଣିଆଠାରେ ଥିବା ଟାଟା ଆରିଆନାସ୍ଥିତ ଘରୁ ନଗଦ ୨ କୋଟି ୨୯ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ, ୫୮୦ ଗ୍ରାମର ୨୦ଟି ସୁନା ବିସ୍କୁଟ୍ ଜବତ କରିଥିବାବେଳେ ସାଲିଆ ସାହିରେ ରହୁଥିବା କାର୍ତ୍ତିକେଶ୍ୱରଙ୍କ ଶାଳୀ ତଥା କଳ୍ପନାଙ୍କ ଭଉଣୀ ରହୁଥିବା ଝୁମ୍ପୁଡି ଘରୁ ନଗଦ ୧ କୋଟି ୪୧ ଲକ୍ଷ ୬୨ ହଜାର ୪୦୦ ଟଙ୍କା ଓ ୩୬୦ ଗ୍ରାମ ସୁନା ସହ ୧୦୦୪ ଗ୍ରାମ ରୁପା ମଧ୍ୟ ଜବତ କରି ତାଙ୍କୁ ମଧ୍ୟ ଗିରଫ କରିଥିଲା





ଶ୍ରୀକ୍ଷେତ୍ରରେ ରବିବାରଠାରୁ ଆରମ୍ଭ ହୋଇଥିବା ସମରକଳା ନୃତ୍ୟ ସାହିଯାତର ପ୍ରଥମ ଦିବସରେ କାଳିକା ଦେବୀ ସାହିରୁ ଆସିଥିବା ବାଘ ନାଚ ଏବଂ ନବଶିର ରାବଣ।



ସୋମବାର ଦ୍ୱିତୀୟ ଦିବସରେ ମାଟିମଣ୍ଡପ ସାହିରୁ ବାହାରିଥିବା ପଞ୍ଚମୁଖୀ ହନୁମାନ।

# ଖର, ଦୂଷଣ, ମରୀଚି, ସୁବାହୁ ବଧ ନୀତି

## ସାହିଯାତର ଦ୍ୱିତୀୟ ଦିବସ

**ପୁରୀ ଅଫିସ, ୧୧।୪**

ରାମନବମୀ ଅବସରରେ ରବିବାରଠାରୁ ଶ୍ରୀକ୍ଷେତ୍ରରେ ପାରମ୍ପରିକ ସମରକଳା ନୃତ୍ୟ 'ସାହିଯାତ' ଆରମ୍ଭ ହୋଇଛି। ଦଶମୀ ତିଥିରେ ପରମ୍ପରା ଅନୁଯାୟୀ ଯଜ୍ଞରକ୍ଷା ଏବଂ ନାକ, କାନ ବନ୍ଦ ନୀତି ସମ୍ପନ୍ନ ହୋଇଛି। ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟା ଧୂପ ପରେ ଦକ୍ଷିଣୀ ଘରୁ ଶ୍ରୀରାମଚନ୍ଦ୍ର ଏବଂ ଲକ୍ଷ୍ମଣଙ୍କ ପ୍ରତିମୂର୍ତ୍ତିକୁ ମହାଜନ ସେବକ ଭିତରକୁ ବିଜେ କରି ରତ୍ନସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ଠାକୁରଙ୍କୁ ନେଇ ମୁକ୍ତିମଣ୍ଡପ ନିକଟ ପାଲିଙ୍କିରେ ବିଜେ କରାଇଥିଲେ। ସାହିଯାତ ନୀତି ନିମନ୍ତେ ଠାକୁର ପାଲିଙ୍କିରେ ଶ୍ରୀଜଗନ୍ନାଥବଲ୍ଲଭକୁ ବିଜେ କରିଥିଲେ। ଶ୍ରୀରାମ ଓ ଲକ୍ଷ୍ମଣ ଜଗନ୍ନାଥବଲ୍ଲଭ ପରିସରରେ ପହଞ୍ଚିବା ପରେ ଠାକୁରଙ୍କୁ ମଠ ଖଟଶେଯ ଉପରକୁ ବିଜେ କରାଯାଇଥିଲା।

ସାହିଯାତର ଦ୍ୱିତୀୟ ଦିବସରେ ହରଚଣ୍ଡୀ ସାହି ଆଖଡ଼ା ପକ୍ଷରୁ ଯଜ୍ଞରକ୍ଷା, ଖର, ଦୂଷଣ, ମରୀଚି ଏବଂ ସୁବାହୁ ବଧ ନୀତି ପ୍ରସ୍ତାବ ଆଗତ କରାଯାଇଥିଲା। ହରଚଣ୍ଡୀ ସାହି ଆଖଡ଼ାରୁ ରାମାୟଣର ବିଭିନ୍ନ ଚରିତ୍ରରେ ଅଭିନୟ କରୁଥିବା ଚରିତ୍ରମାନେ ଆସି ଜଗନ୍ନାଥ ବଲ୍ଲଭରେ ପହଞ୍ଚି ବିଭିନ୍ନ କଳାକୌଶଳ ଏବଂ ନୃତ୍ୟ ପ୍ରଦର୍ଶନ କରିଥିଲେ। ପରେ ଶ୍ରୀରାମ ଓ ଲକ୍ଷ୍ମଣଙ୍କ ଦ୍ୱାରା ନୀତି ସମ୍ପାଦନ କରାଯାଇଥିଲା। ଠାକୁରଙ୍କୁ ଶୀତଳ ଭୋଗ ମଣୋହି କରାଯିବା ପରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ହରଚଣ୍ଡୀ ଆଖଡ଼ା ତରଫରୁ ସନ୍ତୋଷ କୁମାର ନାକ ବା ଖର ଏବଂ ଆଶିଷ କୁମାର ଖଟେଇ କାନ ବା ଦୂଷଣ, ବିଶ୍ୱାମିତ୍ର ଋଷି ଭୂମିକାରେ ଦୀନେଶ ଖୁରାନା ନୀତି ସମ୍ପାଦନା କରିଥିଲେ। ସେହିପରି ମାଟି ମଣ୍ଡପ ସାହି ଉତ୍ତର କାଳୀ ଆଖଡ଼ାରୁ ନିଶାଣ ବାହାରି ଦକ୍ଷିଣ କାଳୀ ମନ୍ଦିରରେ ପହଞ୍ଚିବା ସହ ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଆଖଡ଼ାରୁ ଭୂଆସିକା ଓ ଆଠସାହି ଆଖଡ଼ାର ମୁରବିମାନେ ମାଟିମଣ୍ଡପ ସାହିର ବାଦୀ ବା ବନ୍ଧୁ ସାହି କାଳିକାଦେବୀ ସାହିକୁ ଯାତ ନେଇ ଯାଇଥିଲେ। ଯାତରେ ନବସିରାରେ ଆଶୁତୋଷ ସୁଆର, ପଞ୍ଚମୁଖୀ ହନୁମାନ ରବି ନାରାୟଣ ସ୍ୱାଇଁ, ଭୋଗ ଜାଗାରୁ କାଳୀମେଢ କୀର୍ତ୍ତିସିଦ୍ଧାର୍ଥ ଦାସ, ଝାଡ଼େଶ୍ୱରରୁ କାଳୀମେଢରେ ଆଦିତ୍ୟ ନାରାୟଣ ପଣ୍ଡା, ଉଦୟଗିରିରୁ କାଳୀମେଢରେ ଅଜୟ ଦାସ, ନାଗାବେଶରେ ବାବୁଲ ମହାପାତ୍ର ଓ ସୌମ୍ୟ ମହାନ୍ତିଙ୍କ ସହ ଅନ୍ୟମାନେ କାଳିକା ଦେବୀ ସାହିରେ ସମରକଳା ପ୍ରଦର୍ଶନ କରି ମାଟିମଣ୍ଡପ ସାହିକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଶୋଭାଯାତ୍ରାରେ ଉପଜିଲାପାଳ ଭବତାରଣ ସାହୁ, ଟାଉନ ଥାନା ଅଧିକାରୀ ଏବଂ ଆଠ ସାହି ଆଖଡ଼ା ସଭାପତି, ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନ ଅର୍ଥାତ ରବିବାର କାଳିକା ଦେବୀ ସାହିରୁ ଯାତ ବାହାରି ମାଟିମଣ୍ଡପ ସାହିକୁ ଯାଇଥିଲା।

# ରାଜ୍ୟରେ ସ୍ଥାପନ ହେବ ହାଇଡ୍ରୋଜେନ୍ ପ୍ଲାଣ୍ଟ

## ଇପିକଲ-ବିପିସିଏଲ୍ ଏମ୍‌ଓୟୁ ସ୍ୱାକ୍ଷରିତ




ଏମ୍‌ଓୟୁ ସ୍ୱାକ୍ଷରିତ ସମୟରେ ଉପସ୍ଥିତ ଅଧିକାରୀ।

**ଭୁବନେଶ୍ୱର,୧୧।୪(ବ୍ୟୁରୋ)**

ରାଜ୍ୟରେ ସବୁଜ ଶକ୍ତି ଓ ହାଇଡ୍ରୋଜେନ ପ୍ଲାଣ୍ଟ ସ୍ଥାପନ ହେବ। ଏ ନେଇ ଲୋକସେବା ଭବନଠାରେ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍(ବିପିସିଏଲ) ଏବଂ ଇଣ୍ଡଷ୍ଟ୍ରିଆଲ ପ୍ରମୋଶନ ଆଣ୍ଡ ଇନ୍‌ଭେଷ୍ଟମେଣ୍ଟ କର୍ପୋରେଶନ ଲିମିଟେଡ୍(ଇପିକଲ) ମଧ୍ୟରେ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଇପିକଲ ପକ୍ଷରୁ ଏମ୍‌ଡି ଭୂପିନ୍ଦର ସିଂ ପୁନିଆ ଏବଂ ବିପିସିଏଲ ପକ୍ଷରୁ ଅକ୍ଷୟ ଶକ୍ତି ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଅମିତ ଗର୍ଗ ଏହି ଏମ୍‌ଓୟୁରେ ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ରାଜ୍ୟରେ ସବୁଜ ଶକ୍ତି, ସୌର ଶକ୍ତି ଏବଂ ହାଇଡ୍ରୋଜେନ୍ ଉତ୍ପାଦନ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ବିପିସିଏଲର ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସହାୟତା କରିବାକୁ ପ୍ରସ୍ତୁତ। ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା କହିଛନ୍ତି ଯେ, ମେଟାଲ ଓ ପେଟ୍ରୋକେମିକାଲ କ୍ଷେତ୍ରରେ ପୁଞ୍ଜି ନିବେଶ ପାଇଁ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ। ରାଜ୍ୟରେ ସବୁଜ ଶକ୍ତି ପାଇଁ ବିପିସିଏଲ ରାଜ୍ୟ ସରକାରଙ୍କ ସହ ହାତ ମିଳାଇଥିବାରୁ ଏହା ଏକ ସ୍ୱତନ୍ତ୍ର ମୁହୂର୍ତ୍ତ। ବିପିସିଏଲ ଏମ୍‌ଡି ସିଂ କହିଛନ୍ତି ଯେ, ସୌରଶକ୍ତି ଓ ସବୁଜ ଶକ୍ତି ପାଇଁ ଓଡ଼ିଶାରେ ପର୍ଯ୍ୟାପ୍ତ ସୁଯୋଗ ରହିଛି। ବିପିସିଏଲର ଅନେକ ପୂର୍ବ ପ୍ରକଳ୍ପ ଲାଗି ରାଜ୍ୟ ସରକାର ସମସ୍ତ ସହଯୋଗ ଯୋଗାଇ ଦେଇଥିବାରୁ ସେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି।

ଘରୋଇ ବ୍ୟବହାର ଏବଂ ବାହାରକୁ ରପ୍ତାନି ପାଇଁ ଏହି ହାଇଡ୍ରୋଜେନ ପ୍ରକଳ୍ପ ଲାଗି ଇପିକଲ ଓ ବିପିସିଏଲ ମଧ୍ୟରେ ହୋଇଥିବା ଏମ୍‌ଓୟୁ ବହୁତ ସହାୟକ ହେବ। ୨୦୨୪ ସୁଦ୍ଧା ବିପିସିଏଲ ରାଜ୍ୟରେ ୧୦ ଗିଗାୱାଟର ସୌର, ପବନ ଏବଂ ହାଇଡ୍ରୋଜେନ ପ୍ଲାଣ୍ଟ କରିବାକୁ ନିଷ୍ପତ୍ତି ନେଇଛି।

# ଆଉ ଜଣେ ନାବାଳକଙ୍କ ମୃତଦେହ ମିଳିଲା

**କଟକ ଅଫିସ, ୧୧।୪**



ଆୟୁର ଖାନଙ୍କ ମୃତଦେହ ଉଦ୍ଧାର କରାଯାଉଛି।

କଟକ ଯୋବ୍ରା ପାର୍କ ପାର୍ଶ୍ୱ ମହାନଦୀରେ ରବିବାର ଗାଧୋଉଥିବା ବେଳେ ୩ଜଣ ସାଙ୍ଗ ବୁଡ଼ିଯାଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨ଜଣ ନିଖୋଜ ହୋଇଯାଇଥିଲେ। ତେବେ ସୋମବାର ଓଡ୍ରାଫ୍ ଟିମ୍ ଓ ଅଗ୍ନିଶମ କର୍ମଚାରୀ ଦିନ ତମାମ ସର୍ଚ୍ଚ ଅପରେଶନ କରି ଆଉ ଜଣେ ନାବାଳକଙ୍କ ମୃତଦେହକୁ ଜବତ କରିଛନ୍ତି। ସେ ହେଲେ ମାଲଗୋଦାମ ଥାନା ଅଧୀନ ଚୂନଭାଟି ଚାରିଘରିଆ ଅଞ୍ଚଳର ଆୟୁର ଖାନ୍(୧୭)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୮/୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ଅନ୍ୟପଟେ ରାତି ହୋଇଯାଇଥିବାରୁ ଉଦ୍ଧାର କାର୍ଯ୍ୟକୁ ସ୍ଥଗିତ ରଖାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଅନ୍ୟ ନିଖୋଜ ନାବାଳକଙ୍କ ସନ୍ଧାନ ମିଳିପାରି ନାହିଁ। ସୂଚନାଯୋଗ୍ୟ, ରବିବାର ଚାରିଘରିଆ ଅଞ୍ଚଳର ଆୟୁରଙ୍କ ସହ ସେକ ସାହିଲ(୧୮) ଓ ମହମ୍ମଦ ସିଦ୍ଦିକ୍(୧୭) ସ୍ଥାନୀୟ ମସଜିଦ୍‌ରେ ବିଶ୍ରାମ ନେବା ପାଇଁ ପରିବାର ଲୋକଙ୍କୁ କହି ଘରୁ ବାହାରିଥିଲେ। ଅପରାହ୍ନ ପ୍ରାୟ ୧ଟାରେ ସେମାନେ ମହାନଦୀ କୂଳରେ ପହଞ୍ଚି ଗାଧୋଉଥିଲେ। ହେଲେ କେହି ପହଁରା ଜାଣି ନ ଥିବାରୁ ୩ଜଣଯାକ ବୁଡ଼ିଯାଇଥିଲେ। ଖବରପାଇ ଜଗତ୍‌ପୁର ପୋଲିସ, ଓଡ୍ରାଫ ଓ ଅଗ୍ନିଶମ ବାହିନୀର ଟିମ୍ ଆସି ଖୋଜାଖୋଜି କରି ସେକ୍ ସାହିଲଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହେଲେ ଅନ୍ୟ ଦୁଇ ସାଙ୍ଗ ଆୟୁର ଓ ସିଦ୍ଦିକ ନିଖୋଜ ରହିଥିଲେ। ସୋମବାର ସକାଳୁ ୨ଟି ଓଡ୍ରାଫ୍ ଟିମ୍ ଓ ଗୋଟିଏ ଅଗ୍ନିଶମ ଟିମଙ୍କ ଦ୍ୱାରା ସନ୍ଧାନ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟାରେ ଆୟୁରଙ୍କ ମୃତଦେହକୁ ମହାନଦୀ ଆନିକଟ ବ୍ରିଜ୍ ନିକଟରୁ ଉଦ୍ଧାର କରାଯାଇଥିଲା।

# ଚାରିଘରିଆ ବାସିନ୍ଦାଙ୍କ ବ୍ୟାରେଜ ରାସ୍ତା ଅବରୋଧ



ସ୍କୁବା ଡାଇଭର ସବୀର ବକ୍ସଙ୍କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରିବା ଦାବିରେ ଚାରିଘରିଆ ଚୂନଭାଟି ବାସିନ୍ଦାଙ୍କ ରାସ୍ତାରୋକୋ ଯୋଗୁ ଜାମ ହୋଇଯାଇଥିବା ଯୋବ୍ରା ବ୍ୟାରେଜ୍।

## ମହାନଦୀରେ ୩ ସାଙ୍ଗ ବୁଡ଼ିଯିବା ଘଟଣା

**କଟକ ଅଫିସ, ୧୧।୪**

କଟକ ଯୋବ୍ରା ନିକଟ ମହାନଦୀରେ ୩ ସାଙ୍ଗ ବୁଡ଼ିବା ଘଟଣାରେ ସୋମବାର ଓଡ୍ରାଫ ଓ ଅଗ୍ନିଶମ କର୍ମଚାରୀ ମହାନଦୀରେ ପହଞ୍ଚିବା ବିଳମ୍ବ ଓ ସ୍କୁବା ଡାଇଭର ସବୀର ବକ୍ସଙ୍କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରିବାକୁ ନେଇ ବ୍ୟାରେଜ ଛକ ମୁଖ୍ୟ ରାସ୍ତାକୁ ଚାରିଘରିଆ ଚୂନଭାଟି ବାସିନ୍ଦାଙ୍କ ପକ୍ଷରୁ ଅବରୋଧ କରାଯାଇଥିଲା। ଫଳରେ ମହାନଦୀ ଆନିକଟ ବ୍ରିଜ ଉପରେ ଶତାଧିକ ସଂଖ୍ୟାରେ ଗାଡି ଅଟକିବା ସହ ଟ୍ରାଫିକ ଜାମ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରି କି ଅନେକ ଆମ୍ବୁଲାନ୍ସ, ରୋଗୀ, ବୃଦ୍ଧାବୃଦ୍ଧ ବହୁ ସମୟ ଫସିରହିଥିଲେ। ଖବରପାଇ ଅବରୋଧ ସ୍ଥଳରେ ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଘଟଣାସ୍ଥଳରେ କଟକ ମେୟର ସୁବାସ ସିଂହ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଓ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ ପହଞ୍ଚି ଉଦ୍ଧାର କାର୍ଯ୍ୟର ତଦାରଖ କରିଥିଲେ। ବିଧାୟକ ସୌଭିକ ବିଶ୍ୱାଳ ଓଡ୍ରାଫ ଟିମ୍ କମାଣ୍ଡରଙ୍କ ସହ ଆଲୋଚନା କରିବା ପରେ ଉଦ୍ଧାର କାର୍ଯ୍ୟକୁ ବ୍ୟାପକ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଥିଲେ।

# ୧୭ରେ ସବୁ ନିର୍ବାଚନମଣ୍ଡଳୀରେ ପାଳନହେବ ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ

**ଭୁବନେଶ୍ୱର,୧୧।୪(ବ୍ୟୁରୋ)**

ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ଆସନ୍ତା ୧୭ ତାରିଖରେ ପଡୁଥିବା ବେଳେ ଏଥର ରାଜ୍ୟର ସବୁ ନିର୍ବାଚନମଣ୍ଡଳୀରେ ଏହି ଦିବସକୁ ନିରାଡ଼ମ୍ବର ଭାବେ ପାଳନ କରିବା

## ଚିଠି ଲେଖି ସମସ୍ତଙ୍କୁ ଜଣାଇଲେ ନବୀନ

ପାଇଁ କୁହାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିଠି ମାଧ୍ୟମରେ ସବୁ ନେତା ଓ କର୍ମୀଙ୍କୁ କହିଛନ୍ତି, ଏ ବର୍ଷ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସକୁ ରାଜ୍ୟ ସ୍ତରରେ ଏବଂ ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ପାଳନ କରାଯିବ। ଏହାସହ ରାଜ୍ୟବାସୀଙ୍କ ପ୍ରତି ରହିଥିବା ସାମାଜିକ ପ୍ରତିବଦ୍ଧତା ସ୍ୱରୂପ 'ଓଡ଼ିଶା ମୋ ପରିବାର' ତରଫରୁ 'ଜୀବନବିନ୍ଦୁ' କାର୍ଯ୍ୟକ୍ରମ ଜରିଆରେ 'ସମୂହ ରକ୍ତଦାନ ଶିବିର' ପ୍ରତି ନିର୍ବାଚନମଣ୍ଡଳୀରେ ଆୟୋଜନ ହେବ। ଏହି ଦିବସରେ ବିଜେଡିର ପ୍ରତ୍ୟେକ ସଦସ୍ୟ ବିଜୁ ପଟ୍ଟନାୟକଙ୍କ ଅଭିଳଷିତ ଓଡ଼ିଶା ଗଠନ ନିମନ୍ତେ ଏକ ମନ ଏକ ପ୍ରାଣ ହୋଇ କାର୍ଯ୍ୟ କରିବା ଲାଗି ସଂକଳ୍ପବଦ୍ଧ ହେବାକୁ ସେ କହିଛନ୍ତି। ସେ ଆହୁରି କହିଛନ୍ତି, ବିଜୁବାବୁ ସେବା, ତ୍ୟାଗ ତଥା ସ୍ୱାଭିମାନର ପ୍ରତୀକ ଥିଲେ। ଦାରିଦ୍ର୍ୟ ବିରୋଧରେ ନିରବଚ୍ଛିନ୍ନ ସଂଗ୍ରାମ ଜାରି ରଖିବା ସହିତ ରାଜ୍ୟର ସର୍ବାଙ୍ଗୀନ ବିକାଶ ,କୃଷି କ୍ଷେତ୍ରରେ ଅଭିବୃଦ୍ଧି, ଶିଳ୍ପ ସମୃଦ୍ଧି, ଯୁବଶକ୍ତିର ସଦୁପଯୋଗ, ମହିଳା ସଶକ୍ତୀକରଣ, ସାମାଜିକ ଏବଂ ଅର୍ଥନୈତିକ ପ୍ରଗତି, ଉତ୍କଳୀୟ ସ୍ୱାଭିମାନର ନ୍ୟାଯ୍ୟ ଦାବି ପାଇଁ ସେ ନିରବଚ୍ଛିନ୍ନ ସଂଗ୍ରାମ ଜାରି ରଖିଥିଲେ। ସେ ସାରା ଜୀବନ ଜନସେବାକୁ ସର୍ବାଧିକ ଗୁରୁତ୍ୱ ଦେଉଥିଲେ। ଏହି ଜନନେତାଙ୍କ ଶ୍ରାଦ୍ଧ ଦିବସ ଅବସରରେ ଉକ୍ତ ମନୋଭାବକୁ ଆହୁରି ପରିବର୍ଦ୍ଧିତ କରିବା ଦରକାର। ଏହାବାଦ୍ ସକାଳ ୬ଟା ୩୦ ମିନିଟ୍‌ରେ ତିଳତର୍ପଣ, ୭ଟା ୩୦ରେ ପ୍ରଭାତ ଫେରୀ ଏବଂ ସମୂହ ସଫେଇ ଅଭିଯାନ, ୮ଟା ୩୦ରେ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ଅପରାହ୍ନ ୫ଟାରେ ଦୀପଦାନ ଏବଂ ସମୂହ ସଂକଳ୍ପ କାର୍ଯ୍ୟକ୍ରମ କରିବା ଲାଗି ଦଳ ତରଫରୁ କୁହାଯାଇଛି।

## ପ୍ରଥମ ପୃଷ୍ଠାରୁ

### 'ସ୍ୱାସ୍ଥ୍ୟସେବା କ୍ଷେତ୍ରରେ...

ପୁରୀର ସମ୍ବିତ ନାୟକ, ରାଜସ୍ଥାନର ପ୍ରଗତି ମୀନା ଏବଂ ଓଡ଼ିଶାର ସିଦ୍ଧାର୍ଥ ସାହୁ ପ୍ରମୁଖ ଏହି କଲେଜରେ ପଢ଼ିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକାଶ କରି ଭବିଷ୍ୟତରେ ପ୍ରତିଶ୍ରୁତିବଦ୍ଧ ହୋଇ କାମ କରିବେ ବୋଲି କହିଥିଲେ। ସେମାନେ କଲେଜ ଭିତ୍ତିଭୂମିର ଉଚ୍ଚ ପ୍ରଶଂସା କରିଥିଲେ। ଉତ୍ସବରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନ୍‌ସୁଖ ମାଣ୍ଡଭ୍ୟ ଭିଡିଓ କନ୍‌ଫରେନ୍ସ ଜରିଆରେ ଯୋଗଦେଇଥିଲେ। ସେ କହିଥିଲେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଓଡ଼ିଶାରେ ଆହୁରି ମେଡିକାଲ କଲେଜ ପ୍ରତିଷ୍ଠା ହେବ। ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନେକ ଲୋକାଭିମୁଖୀ ସ୍ୱାସ୍ଥ୍ୟ ଯୋଜନା କରାଯାଇଛି। ତେବେ ଓଡ଼ିଶା ସରକାର 'ଆୟୁଷ୍ମାନ୍ ଭାରତ' ଯୋଜନାକୁ କାର୍ଯ୍ୟକାରୀ କରନ୍ତୁ, ଯାହାଦ୍ୱାରା ରାଜ୍ୟବାସୀଙ୍କ ପାଇଁ ସ୍ୱାସ୍ଥ୍ୟ ସୁବିଧା ଆହୁରି ସହଜ ହେବ। ସେ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରି ସେମାନଙ୍କୁ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ବଳିଷ୍ଠ ଯୋଗଦାନ ରଖିବାକୁ ପରାମର୍ଶ ଦେଇଥିଲେ।

ଉକ୍ତ ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ପୁରୀ ଏମ୍‌ପି ପିନାକୀ ମିଶ୍ର, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ଜିଲାପାଳ ସମର୍ଥ ବର୍ମା ଏବଂ ଏସ୍‌ପି କନ୍‌ୱର ବିଶାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଗଣଶିକ୍ଷା ମନ୍ତ୍ରୀ ଦାଶ କହିଛନ୍ତି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ହେଉଛି ସ୍ୱୟଂ ସମ୍ପୂର୍ଣ୍ଣ। ରାଜ୍ୟବାସୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ହିତାଧିକାରୀ ହୋଇପାରୁଛନ୍ତି ଓ ସମସ୍ତ ସ୍ୱାସ୍ଥ୍ୟଜନିତ ସେବା ପାଉଛନ୍ତି। ଏଣୁ ରାଜ୍ୟରେ ଆୟୁଷ୍ମାନ୍ ଭାରତ ଯୋଜନାର ଆବଶ୍ୟକତା ନାହିଁ। ସୂଚନାଯୋଗ୍ୟ, ଏହି ମେଡିକାଲ କଲେଜ ସହିତ ୬୫୦ ଆସନ ବିଶିଷ୍ଟ ସାତ ମହଲାର ଏକ ଶିକ୍ଷା ହସ୍ପିଟାଲ ନିର୍ମାଣ ପାଇଁ ମଧ କାମ ଚାଲିଛି। ଏହି ଶିକ୍ଷା ହସ୍ପିଟାଲ ୨୦୨୩ ଜୁଲାଇ ସୁଦ୍ଧା ସମ୍ପୂର୍ଣ୍ଣ ହେବ। ବର୍ତ୍ତମାନ ଏହି କଲେଜ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ଶିକ୍ଷା ହସ୍ପିଟାଲ ଭାବେ କାର୍ଯ୍ୟ କରୁଛି। ପୁରୀକୁ ବହୁ ସଂଖ୍ୟକ ପର୍ଯ୍ୟଟକ ଆସୁଥିବାରୁ ଏହି ମେଡିକାଲ କଲେଜ ଓ ହସ୍ପିଟାଲ ଜିଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ମୁଖ୍ୟମନ୍ତ୍ରୀଙ୍କୁ ସଂଘର୍ଷର କାହାଣୀ କହିଲେ ଛାତ୍ର

## ରାଜ୍ୟ ସରକାରଙ୍କ ୧୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାକୁ ପ୍ରଶଂସା

**ପୁରୀ ଅଫିସ, ୧୧।୪**



ଶ୍ରୀଜଗନ୍ନାଥ ମେଡିକାଲ କଲେଜର ଲୋକାର୍ପଣ ଉତ୍ସବ ଅବସରରେ ପ୍ରଥମ ବର୍ଷର ଛାତ୍ର

ପୁରୀ ବାଲିଗୁଆଳିଠାରେ ସୋମବାର ଶ୍ରୀଜଗନ୍ନାଥ ମେଡିକାଲ କଲେଜର ଲୋକାର୍ପଣ ଉତ୍ସବରେ ଏହି କଲେଜର ପ୍ରଥମ ବର୍ଷର ଏମ୍‌ବିବିଏସ୍ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସେମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ କେତେଜଣ ଛାତ୍ର ନିଜ ସଂଘର୍ଷର କାହାଣୀ ବଖାଣିଥିଲେ। ବାଲେଶ୍ୱରର ରାଧାବଲ୍ଲଭ ବେହେରା କହିଛନ୍ତି, ତାଙ୍କ ବାପା ଜଣେ ଭାଗ ଚାଷୀ। ସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ୧୫ ପ୍ରତିଶତ ସଂରକ୍ଷଣ ଆଧାରରେ ସେ ଶ୍ରୀଜଗନ୍ନାଥ ମେଡିକାଲ କଲେଜରେ ପାଠ ପଢ଼ିବାର ସୁଯୋଗ ପାଇପାରିଛନ୍ତି। ଏଥିପାଇଁ ସେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନିଷ୍ଠାପର ଭାବେ ଡାକ୍ତରୀ ଶିକ୍ଷା ସାରି ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କାମ କରିବେ ବୋଲି ରାଧାବଲ୍ଲଭ କହିଛନ୍ତି। ସେହିପରି ମୟୂରଭଞ୍ଜ ଜିଲାରୁ ଆସିଥିବା ଭଞ୍ଚ ହେମ୍ବ୍ରମ୍ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ନିଜ ପାଠପଢ଼ା ଜୀବନ ଓ ପରିବାରର ସଂଘର୍ଷ ସମ୍ପର୍କରେ କହିଛନ୍ତି। ସେ ଏକ ଅନୁନ୍ନତ ଅଞ୍ଚଳର ଗରିବ ଆଦିବାସୀ ଘରର ପିଲା। ତାଙ୍କ ମାତାପିତା ଦିନମଜୁରିଆ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଛନ୍ତି। ପରିବାରର ୮ଜଣ ସଦସ୍ୟଙ୍କ ଭରଣପୋଷଣ ବୋଝ ତାଙ୍କ ମାତାପିତାଙ୍କ ପାଇଁ ଅସହ୍ୟ ହୋଇପଡ଼େ। ସେ ନିଜର ନିଷ୍ଠା ଓ ରାଜ୍ୟ ସରକାରଙ୍କ ସହଯୋଗରେ ମେଡିକାଲ କଲେଜରେ ଭର୍ତ୍ତି ହୋଇପାରିଛନ୍ତି। ଏଥିଲାଗି ସେ ରାଜ୍ୟ ସରକାରଙ୍କ ୧୫ ପ୍ରତିଶତ ସଂରକ୍ଷଣ ଯୋଜନାକୁ ପ୍ରଶଂସା କରିଛନ୍ତି। ଅପହଞ୍ଚ ଅଞ୍ଚଳର ଗରିବ ଓ ମେଧାବୀ ଛାତ୍ରୀଛାତ୍ର ମେଡିକାଲ କଲେଜରେ ପଢ଼ିବାର ସୁଯୋଗ ପାଇବା ତାଙ୍କ ପାଇଁ ଗର୍ବର କଥା ବୋଲି ପ୍ରତ୍ୟୁତ୍ତରରେ ମୁଖ୍ୟମନ୍ତ୍ରୀ କହିବା ସହ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଶୋଇଥିବାବେଳେ ସ୍ୱାମୀଙ୍କୁ ହତ୍ୟା, ସ୍ତ୍ରୀ ଗୁରୁତର

## ରାଜଧାନୀ ଛାତିରେ ରକ୍ତର ଛିଟା

ଭୁବନେଶ୍ୱର,୧୧।୪ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ପୁଣି ରକ୍ତର ହୁରି ଖେଳିଛନ୍ତି ଅପରାଧୀ। ମଞ୍ଚେଶ୍ୱର ଥାନାଞ୍ଚଳରେ ଜଣେ ଜେଲ ଫେରନ୍ତାଙ୍କୁ ଦୁର୍ବୃତ୍ତମାନେ ଇଟାରେ ଛେଚି ହତ୍ୟା ଘଟଣା ମନରୁ ନ ଯାଉଣୁ ରବିବାର ବିଳମ୍ବିତ ରାତିରେ ଆଉଜଣଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଛି। ଖାରବେଳନଗର ଥାନା ଅନ୍ତର୍ଗତ ପିଏମ୍‌ଜି ଛକସ୍ଥିତ ଡାକ ବିଭାଗ ଏଟିଏମ୍ ସାମ୍ନାରେ ଶୋଇଥିବା ଜଣେ ବ୍ୟକ୍ତିଙ୍କୁ ଧାରୁଆ ଅସ୍ତ୍ରରେ ହତ୍ୟା କରାଯାଇଥିବାବେଳେ ସ୍ତ୍ରୀଙ୍କୁ ମଧ୍ୟ ହତ୍ୟା ଉଦ୍ୟମ ହୋଇଛି। ତେବେ ସୌଭାଗ୍ୟବଶତଃ ସେମାନଙ୍କ ପାଖରେ ଶୋଇଥିବା ଶିଶୁପୁତ୍ର ବର୍ତ୍ତି ଯାଇଛନ୍ତି। ମୃତକ ଜଣକ କଟକର ବବୁଲୁ ବେହେରା ଓ ଆହତ ହେଲେ ସ୍ତ୍ରୀ ପୂଜା ବେହେରା ବୋଲି ଜଣାପଡିଛି। ରାଜଧାନୀ ଛାତି ଉପରେ ରବିବାର ବିଳମ୍ବିତ ରାତିରେ ଏହି ହତ୍ୟାକାଣ୍ଡ ଘଟିଥିବାବେଳେ ସୋମବାର ସକାଳୁ ଘଟଣାସ୍ଥଳର ଛାତିଥରା ଦୃଶ୍ୟ ଚାଞ୍ଚଲ୍ୟ ଖେଳାଇ ଦେଇଛି।

ଖାରବେଳ ନଗର ଥାନା ପୋଲିସ ଓ ଜୋନ-୧ ଏସିପି ମାନସ ଗଡନାୟକ ଘଟଣାସ୍ଥଳରେ ପହଞ୍ଚି ବବୁଲୁଙ୍କ ମୃତଦେହକୁ ଜବତ କରିବା ସହ ସଙ୍କଟାପନ୍ନ ଅବସ୍ଥାରେ ସ୍ତ୍ରୀ ପୂଜାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ତେବେ ଅବସ୍ଥା ସଙ୍କଟପନ୍ନ ଥିବାରୁ ତାଙ୍କୁ କଟକ ଏସ୍‌ସିବି ସ୍ଥାନାନ୍ତର କରାଯାଇଛି। ଏଥିସହ ଦମ୍ପତିଙ୍କ ପୁଅକୁ ଉଦ୍ଧାର କରି ଚାଇଲ୍ଡଲାଇନ୍‌କୁ ହସ୍ତାନ୍ତର କରିଛି। ଘଟଣାସ୍ଥଳରୁ ପୋଲିସ ଏକ କାତି ଓ କାଠ ଫାଳିଆ ଜବତ କରିଛି। ସାଇଣ୍ଟିଫିକ ଟିମ ମଧ୍ୟ ଉକ୍ତ ସ୍ଥାନକୁ ଯାଞ୍ଚ କରିବା ସହ ବିଭିନ୍ନ ନମୁନା ସଂଗ୍ରହ କରିଛି। ଚିହ୍ନଟ ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଯାଇଛି। ଏନେଇ ପୋଲିସ ଏକ ହତ୍ୟା ମାମଲା ନଂ.୧୧୧/୨୨ ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଏନେଇ ଆଇଆଇସି ଅରୁଣ କୁମାର ସ୍ୱାଇଁ କହିଛନ୍ତି, ଆସନ୍ତା ୯୬ ଘଣ୍ଟା ମଧ୍ୟରେ ଯଦି ପରିବାର ଲୋକଙ୍କ ପତ୍ତା ନ ମିଳେ ତାହେଲେ ମୃତଦେହକୁ ଦାହ କରାଯିବ। ଏଥିସହ ଆହତ ସ୍ତ୍ରୀ ସୁସ୍ଥ ହେଲା ପରେ କିଏ ଓ କାହିଁକି ହତ୍ୟା କରିଛି ତାହା ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।



ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।


ଗୁରୁତର ଆହତ ହୋଇଥିବା ପୂଜା।

### ଫୁଟ୍‌ପାଥ ଥିଲା ମୃତ ବବୁଲୁଙ୍କ ବାସସ୍ଥାନ

ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇଥିବା ଦମ୍ପତି ଫୁଟପାଥରେ ରହି ଜୀବନ କାଟନ୍ତି। ମୃତକ ବବୁଲୁ ଦିନ ମଜୁରିଆ କାମ କରି ପରିବାର ଚଳାଉଥିବା ବେଳେ କୌଣସି ଜାଗା ନଥିବାରୁ ସେ ଖରା ହେଉ ବା ବର୍ଷା ଦୀର୍ଘ ୬ରୁ ଉର୍ଦ୍ଧ୍ୱ ମାସ ହେବ ଲୋୟର ପିଏମଜିର ଯେଉଁଠି ପାଇଲେ ସେଇଠି ଖାଇ ଶୋଇପଡିଥାନ୍ତି। ରବିବାର ମଧ୍ୟ ସେମିତି ଡାକ ବିଭାଗ ଏଟିଏମ ସାମ୍ନାରେ ମଶାରି ଟାଣି ଶୋଇପଡିଥିଲେ। ତେବେ ତାଙ୍କୁ କିଏ ଏବଂ କାହିଁକି ମାରିଲା ତାହାର ଖୋଳତାଡ କରୁଛି ପୋଲିସ । ୨୦୧୯ରେ ବବୁଲୁ ଏକ ଚୋରି ମାମଲାରେ ଜେଲ ଯାଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଜେଲ୍‌ରୁ ଫେରିବା ପରେ ସେ ଶ୍ରମିକ କାମ କରି ପରିବାର ଚଳାନ୍ତି।

### କେମିତି ଜଣାପଡିଲା

ସୋମବାର ସକାଳ ଡାକ ଘରର ଜଣେ ସିକ୍ୟୁରିଟି ଗାର୍ଡ ଏଟିଏମ୍ ଘର ଶଟର ଖୋଲିବାକୁ ଆସିଥିଲେ। ଏହି ସମୟରେ ସେ ତଳେ ରକ୍ତ ପଡିଥିବା ଦେଖିଥିଲେ। କିନ୍ତୁ ରକ୍ତ କେଉଁଠୁ ଆସିଲା ଜାଣିବାକୁ ସେହି ଦିଗକୁ ଯାଇଥିଲେ। ଏଟିଏମ୍ ସମ୍ମୁଖରୁ ରକ୍ତ ବୋହିଥିବାବେଳେ ମଶାରି ତଳେ କେହି ପଡ଼ି ରହିଥିବା ଜାଣିବାକୁ ପାଇଥିଲେ। ଏହି ସମୟରେ ଜଣେ ମହିଳାଙ୍କ ପାଟିଶୁଣି ସେଠି ପହଞ୍ଚିବା ପରେ ଡରିଯାଇଥିଲେ। ରକ୍ତଜୁଡୁବୁଡୁ ଅବସ୍ଥାରେ ଯୁବକ ଜଣକ ପଡିବା ସହ ମହିଳା ମୁହଁରେ ଗଭୀର ଆଘାତ ଲାଗିଥିଲା। ଏନେଇ ସିକ୍ୟୁରିଟି ଗାର୍ଡ ଜଣକ ଲୋକଙ୍କୁ ଡାକିଥିଲେ। ଏହାପରେ ସେଠାରେ ଲୋକ ରୁଣ୍ଡ ହେବା ସହ ଥାନାକୁ ଖବର ଦିଆଯାଇଥିଲା।

### ଶିଶୁପୁତ୍ର ଉଦ୍ଧାର କଲା ଚାଇଲ୍ଡଲାଇନ୍

ମା' ଗୁରୁତର ଥିବାରୁ ଚିକିତ୍ସା ପାଇଁ ତାଙ୍କୁ ହସ୍ପିଟାଲ ପଠାଯାଇଥିଲା। ଏପଟେ ମା' ବାପାଙ୍କ ବିନା ଏକବର୍ଷର ଶିଶୁପୁତ୍ର ବେସାହାରା ହୋଇଯାଇଥିଲା। ଖବର ମିଳିବା ପରେ ଶିଶୁପୁତ୍ରଙ୍କୁ ଚାଇଲ୍ଡଲାଇନ୍ ପକ୍ଷରୁ ଉଦ୍ଧାର କରାଯାଇଥିଲା। ତେବେ ସିଡବ୍ଲୁସିଙ୍କ ନିର୍ଦ୍ଦେଶକ୍ରମେ ଶିଶୁପୁତ୍ରଙ୍କୁ ପାତ୍ରପଡ଼ାସ୍ଥିତ ଆମ ଘର ଚାଇଲ୍ଡ କେୟାର ଅନୁଷ୍ଠାନରେ ରଖାଯାଇଛି। ଏନେଇ ଚାଇଲ୍ଡଲାଇନ୍ ଅଧ୍ୟକ୍ଷ ବେଣୁଧର ସେନାପତି ସୂଚନା ଦେଇଛନ୍ତି।

### ଅସୁରକ୍ଷିତ ହାଇ ସିକ୍ୟୁରିଟି ଜୋନ୍

ଭୁବନେଶ୍ୱର ଦିନକୁ ଦିନ ଅପରାଧୀଙ୍କ କବଳକୁ ଚାଲିଯାଉଥିବାବେଳେ ସେମାନେ ସକାଳୁ ସନ୍ଧ୍ୟା, ମୁଖ୍ୟ ରାସ୍ତାଠାରୁ ଗଳିକନ୍ଦି ଉତ୍ପାତ କରୁଛନ୍ତି। ଲୁଟ, ହତ୍ୟା, ଛିନତାଇ ଭଳି ଘଟଣା ଘଟାଇ କମିଶନରେଟ ପୋଲିସକୁ ଖୋଲା ଚ୍ୟାଲେଞ୍ଜ କରୁଛନ୍ତି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମାଷ୍ଟରକ୍ୟାଣ୍ଟିନ ଛକରୁ ୩ ଶହ ମିଟର ଦୂର, ଆଇଜି ପାର୍କ ସାମ୍ନା, ବିଧାନସଭାଠୁ ମାତ୍ର ୧୦୦ ମିଟର ଦୂର ଏବଂ ମୁଖ୍ୟ ଡାକ ଘରକୁ ଲାଗି ରହିଥିବା ହାଇ ସିକ୍ୟୁରିଟି ଜୋନ୍‌ରେ ଏହି ହତ୍ୟାକାଣ୍ଡ ଘଟିଛି। ପୂରା ଅଞ୍ଚଳ ମଧ୍ୟ ସିସିଟିଭି ସର୍ଭେଲାନ୍ସରେ ରହିଛି। ନିକଟରେ ରେଳ ଷ୍ଟେଶନ ଥିବାରୁ ଉକ୍ତ ରାସ୍ତା ଦେଇ ଦେଇ ସବୁ ସମୟରେ ପୋଲିସ ପାଟ୍ରୋଲିଂ ଓ ଲୋକଙ୍କ ଯିବାଆସିବା ଲାଗି ରହିଥାଏ। ପୁଣି ପାରିପାର୍ଶ୍ୱିକ ସ୍ଥିତିରେ ଘଟଣାରେ ଏକାଧିକଙ୍କ ସମ୍ପୃକ୍ତି ଥିବାଭଳି ଜଣାପଡୁଥିବାବେଳେ ହତ୍ୟା ପାଇଁ ବହୁ ସମୟ ଲାଗିଥିବ। ଏଭଳି ସ୍ଥିତିରେ ସବୁବେଳେ ସଜାଗ ଥିବା କମିଶନରେଟ ପୋଲିସ କିପରି ଜାଣିପାରିଲା ନାହିଁ ତାହାକୁ ନେଇ ପ୍ରଶ୍ନ ଉଠୁଛି। ଏହା ସହରର ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ମା' ମଙ୍ଗଳା ସାଂସ୍କୃତିକ ପରିଷଦ ପକ୍ଷରୁ ଚୈତ୍ର ମଙ୍ଗଳବାର ମହୋତ୍ସବ, ୟୁନିଟ୍-୧ସ୍ଥିତ ମା' ମଙ୍ଗଳା ମନ୍ଦିର ପରିସର, ସକାଳ ୬ଟା ୩୦।
- ଓଡିଶା ପଥପ୍ରାନ୍ତ ନାଟକ ମହାସଂଘ ଆନୁକୂଲ୍ୟରେ ଜାତୀୟ ପଥପ୍ରାନ୍ତ ନାଟକ ଦିବସ, କଂଗ୍ରେସ ଭବନ ସମ୍ମୁଖ, ପୂର୍ବାହ୍ନ ୧୦ଟା।
- ଡ. ସାମୁଏଲ ହନେମାନଙ୍କ ୨୬୭ତମ ଜନ୍ମ ବାର୍ଷିକୀ, ଡ. ଅଭିନ ଚନ୍ଦ୍ର ହୋମିଓପାଥିକ ମେଡିକାଲ କଲେଜ ପରିସରରେ, ପୂର୍ବାହ୍ନ ୧୧ଟା।
- ରାଗମାଳା ପକ୍ଷରୁ ୧୦ତମ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ପଣ୍ଡିତ ନୀଳମଣୀ ମିଶ୍ରଙ୍କ ୯୩ତମ ଜୟନ୍ତୀ ସମାରୋହ, କେଦାରନାଥ ଗବେଷଣା ପ୍ରତିଷ୍ଠାନ ସଭାଗୃହ, ସନ୍ଧ୍ୟା ୬ଟା।
- ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସାଂସ୍କୃତିକ ଓ କ୍ରୀଡା ସଂସଦର ବାର୍ଷିକ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା
- ବାଦୀପାଲା, ବେଣ୍ଟପୁର ଦେୱାନା ପାଟଣା ମେଳଣ ପଡିଆ, ରାତି ୭ଟା।
- ରାମଲୀଳାର ନାଟକ ଗଙ୍ଗାସ୍ନାନ ଓ ତାଡକାବଧ, ବେଣପୁର ରାମଲୀଳା ପଡିଆ, ରାତି ୧୧ଟା।
- ରାମଲୀଳା ନାଟକ ରାମ ବନବାସ, କାକଟରୁଦ୍ରପୁର ରାମଲୀଳା ପଡିଆ, ରାତି ୧୧ଟା।

ପୁରୀ
- ଦେକୁଦୀ ଗ୍ରାମବାସୀ ବୃନ୍ଦ ଓ ତାରିଣୀ ଉନ୍ନୟନ କମିଟି ପକ୍ଷରୁ ତାରିଣୀ ମହୋତ୍ସବ, ମା'ତାରିଣୀ ପୀଠ, ଦେକୁଦୀ, ବ୍ରହ୍ମଗିରି, ରାତି ୮ଟା।



ଭୁବନେଶ୍ୱର ଏୟାରପୋର୍ଟ ଥାନାଞ୍ଚଳରେ ଅନୁସୂଚିତ ଜାତିର ବିଧବା ବୃଦ୍ଧା ଅନ୍ନପୂର୍ଣ୍ଣା ଭୋଇଙ୍କୁ ଆକ୍ରମଣ ସହିତ ଜାତିଆଣ ନିର୍ଯାତନା ଦେଉଥିବା ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଜାତୀୟ ଦଳିତ ଆଦିବାସୀ ମହାସଂଘ ପକ୍ଷରୁ ଡିସିପି ଅଫିସ୍ ସମ୍ମୁଖରେ ଧାରଣା ସହ ବିକ୍ଷୋଭ।

## ଶ୍ରୀମନ୍ଦିରରେ ରକ୍ତଛିଟା

ପୁରୀ ଅଫିସ, ୧୧।୪

ଶ୍ରୀମନ୍ଦିରରେ ସୋମବାର ପୂର୍ବାହ୍ନରେ ରକ୍ତଛିଟା ପଡ଼ିବାରୁ ମହାପ୍ରଭୁଙ୍କର ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ପୂର୍ବାହ୍ନ ୧୦ଟା ୫୦ରେ ଶ୍ରୀବିଗ୍ରହମାନଙ୍କ ସକାଳଧୂପ ନୀତି ସରିଥିଲା। ପରେ ଭକ୍ତମାନଙ୍କୁ ଭିତରକାଠ ନିକଟକୁ ଦର୍ଶନ ପାଇଁ ଛଡ଼ାଯାଇଥିଲା। ଭକ୍ତମାନେ ଭିତରକାଠ ନିକଟରେ ଶ୍ରୀବିଗ୍ରହମାନଙ୍କ ଦର୍ଶନ କରୁଥିବା ସମୟରେ ଶ୍ରୀମନ୍ଦିର ଧ୍ୱଜୁଡ଼ି ଦ୍ୱାର ତଳ ପାହାଚ ନିକଟରେ ରକ୍ତଛିଟା ପଡ଼ିଥିବା ଦେଖିବାକୁ ମିଳିଥିଲା। ଦର୍ଶନ ବନ୍ଦ କରାଯାଇ ବଡ଼ ମହାସ୍ନାନ ପାଇଁ ନୀତି ଆରମ୍ଭ ହୋଇଥିଲା।

# ରାମଦାସପୁରରେ ହେବ ରୁଚି-ଇଟାଲୀ ଫୁଡ୍ ପାର୍କ

କଟକ ଅଫିସ, ୧୧।୪

ରାଜ୍ୟର ଜଣାଶୁଣା ରୁଚି ମସଲା କମ୍ପାନୀ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ କ୍ଷେତ୍ରରେ ଆଉ ପାଦେ ଆଗକୁ ଯାଇ ଏକ ନୂଆ ଖାଦ୍ୟ ପ୍ରକଳ୍ପର ଶୁଭାରମ୍ଭ କରିବାକୁ ଯାଉଛି। ଇଟାଲୀର ପ୍ରସିଦ୍ଧ କମ୍ପାନୀ ଆନସେଲ୍‌ମୋ ଇମ୍ପିଆଣ୍ଟି ସହଯୋଗରେ ଏକ ନୂତନ ରୁଚି-ଇଟାଲୀ ଫୁଡ୍ ପ୍ରୋସେସିଂ ପାର୍କ ରାମଦାସପୁରର ନୂତନ ଶିଳ୍ପ କରିଡରରେ ପ୍ରତିଷ୍ଠା ହେବ। ଏ ନେଇ ରୁଚି ଓ ଇଟାଲୀର ପ୍ରସିଦ୍ଧ କମ୍ପାନୀ ଆନସେଲ୍‌ମୋ ଇମ୍ପିଆଣ୍ଟି ମଧ୍ୟରେ ପାହାଳସ୍ଥିତ ଉତ୍କଳ ସିଗ୍‌ନେଚରସ୍ଥିତ ରୁଚି କର୍ପୋରେଟ ଅଫିସରେ ବୁଝାମଣାପତ୍ର (ଏମ୍‌ଓୟୁ) ସୋମବାର ସ୍ୱାକ୍ଷରିତ ହୋଇଛି। ଆନ୍‌ସେଲ୍‌ମୋ ଇମ୍ପିଆଣ୍ଟି ଉଦ୍ୟୋଗର ଦକ୍ଷିଣ-ପୂର୍ବ ଏସିଆ ବାଣିଜ୍ୟିକ ମୁଖ୍ୟ ବାଗିଓ ସାଲା କହିଥିଲେ, ଭାରତ-ଇଟାଲୀ ସହଯୋଗିତାରେ ପ୍ରତିଷ୍ଠିତ ହେବାକୁ ଥିବା ପାର୍କ ଏକ ନୂତନ ସମ୍ଭାବନା ସୃଷ୍ଟି କରିବ। ସେହିପରି ରୁଚି ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ କହିଥିଲେ, ୨୩ ବର୍ଷ ତଳେ ଇଟାଲୀରୁ ଉଚ୍ଚ ଜ୍ଞାନକୌଶଳ ସମ୍ପନ୍ନ ୩ଟି ବୃହତ ପାସ୍ତା କାରଖାନା ଆମଦାନୀ କରି ରୁଚି ବାଣିଜ୍ୟିକ ସଫଳତା ହାସଲ କରିଥିଲା। ଏବେ ରାମଦାସପୁରରେ ଆଉ ଦୁଇଟି ଅତ୍ୟାଧୁନିକ ପାସ୍ତା କାରଖାନା ପ୍ରତିଷ୍ଠା କରିବାକୁ ଯାଉଛି। ଉକ୍ତ କାର୍ଯ୍ୟକ୍ରମରେ ରୁଚିର ନିର୍ଦ୍ଦେଶକ ଅରବିନ୍ଦ ସାହୁ, ନିର୍ଦ୍ଦେଶିକା ସଲିନା ସାହୁ, ନିର୍ଦ୍ଦେଶିକା ରଶ୍ମି ସାହୁ, ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀ, ମହାପ୍ରବନ୍ଧକ ସୁବ୍ରମଣ୍ୟ ପ୍ରସାଦ, ଆକ୍ସିସ୍ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଶଶିଭୂଷଣ ପ୍ରସାଦ, ସହକାରୀ ଉପସଭାପତି ଅମିତ ପାଇକରାୟ ଓ ସୁଶାନ୍ତ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।



ଚୁକ୍ତିନାମା ସ୍ୱାକ୍ଷରିତ ଅବସରରେ ଦୁଇ କମ୍ପାନୀର ଅଧିକାରୀମାନେ।

### ୨ କମ୍ପାନୀ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ମୋନାଲିସା


@ ଦୀପକ


@ ମଞ୍ଜୁଲତା


@ ମନୋରଞ୍ଜନ


@ ସଞ୍ଜୀପ


@ ହ୍ରିଟ


ଜାତୀୟ ନାଟକ ପଥପ୍ରାନ୍ତ ନାଟକ ଦିବସ ପରିପ୍ରେକ୍ଷୀରେ ସୋମବାର ବନ୍ଦେ ମାତରମ୍ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ପରିବେଷିତ ପଥପ୍ରାନ୍ତ ନାଟକର ଏକ ଦୃଶ୍ୟ।


ତ୍ରିଧାରା ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ସୋମବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଳ୍ପୀ ରୀତିକା ବାଜାର୍ଜୀଙ୍କ ନୃତ୍ୟ ପରିବେଷଣ।



ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍ ଓ ଅତ୍ୟାବଶ୍ୟକ ସାମଗ୍ରୀ ଦରବୃଦ୍ଧି ବିରୋଧରେ ସିପିଆଇ(ଏମ୍‌ଏଲ୍) ଲିବରେଶନ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ସୋମବାର ବିକ୍ଷୋଭ ପ୍ରଦର୍ଶନ।

# ରାମେଶ୍ୱର ମନ୍ଦିରରେ ପହଞ୍ଚିଲା ରଥ

## ସଂକ୍ଷେପରେ

### ୧୭ରେ ରୟାଲ ଷ୍ଟାଗ ସେକେଣ୍ଡ ଓଡ଼ିଶା ମ୍ୟୁଜିକ୍ ଆୱାର୍ଡ

ଭୁବନେଶ୍ୱର,୧୧।୪ (ବ୍ୟୁରୋ): ବ୍ରାଇଟ ଓଡ଼ିଶା ଫାଉଣ୍ଡେଶନ ପକ୍ଷରୁ ରୟାଲ ଷ୍ଟାଗ୍ ସେକେଣ୍ଡ ଓଡ଼ିଶା ମ୍ୟୁଜିକ୍ ଆୱାର୍ଡ ଆସନ୍ତା ୧୭ତାରିଖରେ ଉତ୍କଳ ମଣ୍ଡପସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଆୟୋଜିତ ହେବ। କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକଙ୍କୁ 'ଜୀବନବ୍ୟାପୀ ସାଧନା ସମ୍ମାନ'ରେ ସମ୍ମାନିତ କରାଯିବ। ଏନେଇ ସୋମବାର ଫାଉଣ୍ଡେଶନର ଅଧକ୍ଷ ତଥା ପ୍ରଯୋଜକ ସଞ୍ଜୟ ନାୟକ ସୂଚନା ଦେଇଛନ୍ତି। ଏଥିସହ ଓଲିଉଡ୍ ଜଗତର ବହୁ ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯିବ ବୋଲି ଗ୍ଲାମର ୭୭ର ନିର୍ଦ୍ଦେଶକ ସଞ୍ଜୟ ମହାକୁଡ଼ କହିଛନ୍ତି।

### ୧୯୬୯ ବ୍ୟାଚର ବନ୍ଧୁମିଳନ




ପୁରୁଣା ଭୁବନେଶ୍ୱର,୧୧।୪(ଡି.ଏନ୍.ଏ.): କଟକ ଜିଲା ନିଆଳି ଅଞ୍ଚଳର ଲକ୍ଷ୍ମୀନାରାୟଣ ବିଦ୍ୟାପୀଠ କସର୍ଦା ହାଇସ୍କୁଲର ୧୯୬୯ବ୍ୟାଚର ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଭାରତର ପୂର୍ବତନ ରାଷ୍ଟ୍ରଦୂତ ଅବସର ବେଉରିଆ ଯୋଗଦେଇଥିଲେ। ପ୍ରାଚୀନ ଗୁରୁ ପରମ୍ପରା ଓ ଏହାର ନୈତିକ ମୂଲ୍ୟବୋଧ ବର୍ତ୍ତମାନର ଅବକ୍ଷୟମୁଖୀ ସମାଜର ପୁନଉଦ୍ଧାର ପାଇଁ ଜରୁରୀ ବୋଲି ବେଉରିଆ ତାଙ୍କ ଅଭିଭାଷଣରେ କହିଥିଲେ। ଏହି ଅବସରରେ ପୂର୍ବତନ ଶିକ୍ଷକ ବାନାମ୍ବର ଜେନା, ତ୍ରିଲୋଚନ ରଥ, ଶରତ ଚନ୍ଦ୍ର ସ୍ୱାଇଁ, ପୂର୍ବତନ ରାଷ୍ଟ୍ରଦୂତ ବେଉରିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ପୂର୍ବତନ ଛାତ୍ରୀ ପ୍ରଫେସର ଡ.ବିଜୟନୀ ମହାପାତ୍ର ଧନ୍ୟବାଦ ଦେଇଥିଲେ। ପ୍ରକାଶ ଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ଡ. ବିପିନା ନନ୍ଦ ମିଶ୍ର ବିବରଣୀ ପାଠ କରିଥିଲେ। ବାମଦେବ ଲେଙ୍କା ସଭା ପରିଚାଳନା କରିଥିଲେ।

### ଶିକ୍ଷାବିତ୍ ବନ୍ଦନା ତ୍ରିପାଠୀଙ୍କୁ ଶ୍ରଦ୍ଧାଞ୍ଜଳି, ପୁସ୍ତକ ଉନ୍ମୋଚନ

ଭୁବନେଶ୍ୱର,୧୧।୪ (ବ୍ୟୁରୋ) - ବିଶିଷ୍ଟ ଶିକ୍ଷାବିତ, ରମାଦେବୀ ମହିଳା ମହାବିଦ୍ୟାଳୟର ପୂର୍ବତନ ପ୍ରାଧାପିକା ତଥା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶିକା ଡକ୍ଟର ବନ୍ଦନା ତ୍ରିପାଠୀଙ୍କ ପ୍ରଥମ ଶ୍ରାଦ୍ଧ ବର୍ଷିକୀ ୟୁନିଟ୍-୮ରେ ଅନୁଷ୍ଠିତ ହୋଇଯାଇଛି। ଅଧାପକ ବିଶ୍ୱରଞ୍ଜନ, ପ୍ରଫେସର ବିଜୟ ଶତପଥୀ, ଉତ୍କଳ ପ୍ରସଙ୍ଗର ପୂର୍ବତନ ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର, ଓଡ଼ିଆ ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ବିଜୟ ନାୟକ ଓ କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଆବାହକ ବିଜୟାନନ୍ଦ ସିଂହ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତା ତ୍ରିପାଠୀଙ୍କ ସମ୍ପର୍କରେ କହିଥିଲେ। ଏହି ଅବସରରେ ବନ୍ଦନାଙ୍କ ସ୍ମୃତିରେ ସ୍ୱାମୀ ତଥା ପୂର୍ବତନ ପ୍ରଶାସକ ଓ ବିଶିଷ୍ଟ ସାହିତ୍ୟିକ ଡ. ରବିନାରାୟଣ ସେନାପତିଙ୍କ ସମ୍ପାଦନାରେ ପ୍ରକାଶିତ ପୁସ୍ତକ 'ବନ୍ଦନା' ଓ ରଚିତ ପୁସ୍ତକ 'ସାଇ ଚିନ୍ତନ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ପୂର୍ବତନ ମୁଖ୍ୟ ଶାସନ ସଚିବ ତରୁଣକାନ୍ତି ମିଶ୍ର, ସହଦେବ ସାହୁ, ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ, ଇ. ପ୍ରଭାକର ସ୍ୱାଇଁ, ଆଇଏଏସ୍ ଅଧିକାରୀ ଅଶୋକ କୁମାର ରଥ, ଡି.ଏନ୍. ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ।

## ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା

ପୁରୁଣା ଭୁବନେଶ୍ୱର, ୧୧।୪(ଡି.ଏନ୍.ଏ.)



ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ରାମେଶ୍ୱର ମନ୍ଦିର ପହଞ୍ଚିଛି। ରବିବାର ରଥଦାଣ୍ଡର ଗୋସାଗରେସ୍ୱର ଛକର ଅନତି ଦୂରରେ ଅଟକି ରହିଥିବା ରଥ ସୋମବାର ଅପରାହ୍ନରେ ଟଣାଯାଇଥିଲା। ମନ୍ଦିରରେ ଦୈନିକ ନୀତି ଭୋଗ ମଣ୍ଡପ ସରିବା ପରେ ରଥ ଉପରେ ସକାଳ ଧୂପ କରାଯାଇଥିଲା। ଶ୍ରୀଜୀଉଙ୍କ ରଥ ଚକରେ ଦୁଇ ଭଡ଼ା ମୁଆଁ ଦିଆଯାଇଥିଲା। ରଥ କାଳସିଙ୍କୁ ପାଳିଆ ପୂଜାପଣ୍ଡା ଆଜ୍ଞା ପ୍ରସାଦ ଦେଇସାରିବା ପରେ ଅପରାହ୍ନ ୩ଟା ୧୫ରେ ରଥଟଣା ଆରମ୍ଭ ହୋଇଥିଲା। ବାରିକ ସାହି ରାମେଶ୍ୱର ପାଟଣା ପରେ ରାମେଶ୍ୱର ମନ୍ଦିର ନିକଟରେ ୫ଟା ୧୫ରେ ରଥ ପହଞ୍ଚିଥିଲା। ପାଳିଆ ପୂଜା ପଣ୍ଡା ଠାକୁରଙ୍କୁ ଭେଟ ଆଳତି କରିଥିଲେ। ଏହା ପରେ ଶ୍ରୀଜୀଉଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ରାମେଶ୍ୱର ମନ୍ଦିର ପରିସରରେ ଶ୍ରୀଜୀଉମାନେ ପହଞ୍ଚିଥିଲେ। ସେଠାରେ ଦୁଇଜଣ ପୂଜା ପଣ୍ଡା ସେବାୟତ ପ୍ରଭୁ ଶ୍ରୀରାମେଶ୍ୱର ଏବଂ ଶ୍ରୀଲିଙ୍ଗରାଜଙ୍କ ମଧ୍ୟରେ ଭେଟ ଆଳତି କରିଥିଲେ। ସିଂହାସନରେ ଉପବିଷ୍ଟ କରିଥିଲେ।

### ଶ୍ୱଶ୍ୱି ମରାମତି ପରେ ଗଡ଼ିଲା ଚକ

ରବିବାର ରଥଦାଣ୍ଡରେ ରୁକୁଣା ରଥ ଅଟକି ରହିଥିଲା। ରଥର ଆଗ ଚକର ଶ୍ୱଶିରେ ଫାଟ ଦେଖାଯାଇଥିଲା ଓ ସୂର୍ଯ୍ୟାସ୍ତ ହୋଇଯାଇଥିବାରୁ ରଥ କାଳସି ରଥ ଟଣା ବନ୍ଦ କରିଥିଲେ। ସୋମବାର ଅପରାହ୍ନରେ ରଥରେ ସଂରକ୍ଷିତ ଥିବା ଦୁଇ ମାଡି ସାହାର୍ଯ୍ୟରେ ରଥକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଶ୍ୱଶ୍ୱି ମରାମତି ପରେ ରଥ ଚକ ଗଡ଼ିଥିଲା। ଏହା ସାଧାରଣ ସମସ୍ୟା। ଏଭଳି ସମସ୍ୟା ଅନେକ ବର୍ଷ ମଧ୍ୟ ଦେଖାଦେଇଛି। ରଥ ଚକରେ ଲଗାଯାଇଥିବା ବତା ଭାଙ୍ଗିଲେ କିମ୍ବା ଫାଟିଗଲେ ଚକ ଭାଙ୍ଗିବା ଏକପ୍ରକାର ନିଶ୍ଚିତ ବୋଲି ସର୍ଦ୍ଦାରୀ ମହାରଣା ବଟକୃଷ୍ଣ କହିଛନ୍ତି।

### ମା'ପାର୍ବତୀ ଭାଙ୍ଗିଲେ ରଥ କାଠ

ରୁକୁଣା ରଥଯାତ୍ରାରେ ପ୍ରଭୁ ଶ୍ରୀଲିଙ୍ଗରାଜ ଦୋଳଗୋବିନ୍ଦଙ୍କ ସହ ଭଉଣୀ ରୁକୁଣାଙ୍କୁ ଧରି ରାମେଶ୍ୱର ମନ୍ଦିର ୫ଦିନିଆ ଯାତ୍ରା କରିଥିଲେ। ସୋମବାର ମା'ପାର୍ବତୀଙ୍କୁ ପ୍ରଭୁ ଶ୍ରୀଲିଙ୍ଗରାଜ କାହିଁକି ରଥରେ ନେଲେ ନାହିଁ ବୋଲି ଅଭିମାନ ପୂର୍ବକ ରଥକାଠ ଭାଙ୍ଗିଛନ୍ତି। ସନ୍ଧ୍ୟା ଧୂପ ପରେ ମା'ପାର୍ବତୀ ପାଲିଙ୍କିରେ ସୁସଜ୍ଜିତ ହୋଇ ରାମେଶ୍ୱର ମନ୍ଦିରକୁ ଯାତ୍ରା କରିଥିଲେ। ସେଠାରେ ପହଞ୍ଚିବା ପରେ ଉଭୟ ଠାକୁରାଣୀ ଓ ଠାକୁରଙ୍କ ମଧ୍ୟରେ ଦୁଇ ସେବାୟତଙ୍କ ଦ୍ୱାରା ବଚନିକା କରାଯାଇଥିଲା। ଆସନ୍ତା ଚନ୍ଦନଯାତ୍ରାରେ ଶ୍ରୀଲିଙ୍ଗରାଜ ମା'ପାର୍ବତୀଙ୍କୁ ଧରି ବିନ୍ଦୁ ସାଗରେ ଚାପ ଖେଳିବା ପ୍ରତିଶ୍ରୁତି ପରେ ମଧ ଅଭିମାନିନୀ ମା'ପାର୍ବତୀ ରାଗିଯାଇ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ବାଟରେ ରୁକୁଣା ରଥର ଖଣ୍ଡେ କାଠ ଭାଙ୍ଗି ଫେରିଥିଲେ।

### ମା'ପାର୍ବତୀଙ୍କ ପାଲିଙ୍କି ଭାଙ୍ଗିଲା



ବହୁ ବର୍ଷ ପରେ ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଶ୍ରୀଜୀଉଙ୍କ ଯାତ୍ରାରେ ଯାତ୍ରାରେ ଲାଗୁଥବା ପାଲିଙ୍କିରେ ଦୁର୍ବଳ ଥବା ଅନୁମାନ କରାଯାଇ ଚଳିତବର୍ଷ ନୂଆ ପାଲିଙ୍କି କରାଯାଇଥିଲା। ସେମାବାର ମା'ପାର୍ବତୀ ମାନଭଞ୍ଜନ ପାଇଁ ରାମେଶ୍ୱର ମନ୍ଦିରକୁ ନୂଆ ପାଲିଙ୍କିରେ ଆସିଥିଲେ। ବଚନିକା ପରେ ମା' ପାର୍ବତୀ ରଥ କାଠ ଭାଙ୍ଗି ସ୍ୱ ମନ୍ଦିର ପ୍ରତ୍ୟାବର୍ତ୍ତନ କରୁଥିଲେ। ନୂଆ ପାଲିଙ୍କିରେ ମା'ଙ୍କୁ ଆପଟିଆ ସେବାୟତମାନେ ସ୍ୱମନ୍ଦିର ନେଉଥିବା ବେଳେ ରଥଦାଣ୍ଡର ଗୋସାଗରେସ୍ୱର ସ୍କୁଲ ନିକଟରେ ପାଲିଙ୍କି ଭାଙ୍ଗିଯାଇଥିଲା। କୌଣସି ଅଘଟଣ ଘଟିବା ପୂର୍ବରୁ ସେବାୟତମାନେ ରାସ୍ତା ପାର୍ଶ୍ୱରେ ପାଲିଙ୍କିକୁ ରଖିଦେଇଥିଲେ। ପରେ ମନ୍ଦିର କାର୍ଯ୍ୟାଳୟରୁ ପୁରୁଣା ପାଲିଙ୍କି ଆସିବା ପରେ ମା'ପାର୍ବତୀ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ତେବେ ଭାଙ୍ଗିଯାଇଥିବା ନୂଆ ପାଲିଙ୍କିକୁ ଟ୍ରାକ୍ଟରରେ ମନ୍ଦିର କାର୍ଯ୍ୟାଳୟକୁ ନିଆଯାଥଇଥିଲା। ଏହାକୁ ନେଇ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। ଏନେଇ ପୂଜାପଣ୍ଡା ନିଯୋଗର ସଭାପତି କାଶୀନାଥ ପୂଜାପଣ୍ଡା କୁହନ୍ତି, ମନ୍ଦିର ପ୍ରଶାସନର ଦୂରଦୃଷ୍ଟି ଅଭାବରୁ ଏଭଳି ବାରମ୍ବାର ଅଘଟଣ ଘଟୁଛି। ଅନ୍ୟପଟେ ଏହି ଅଘଟଣ ପାଇଁ ମନ୍ଦିର ପ୍ରଶାସନ ଦାୟୀ ବୋଲି ସେବାୟତ ଗୋପାଳ ମକଦ୍ଦମ କହିଛନ୍ତି।

## ୧୭୫ ପ୍ରକଳ୍ପ ପ୍ରଦର୍ଶିତ

ବାଲିପାଟଣା,୧୧।୪(ଡି.ଏନ୍.ଏ.): ଶିକ୍ଷାର୍ଥୀ ସଙ୍କଳ୍ପ ନେଲେ ସିଦ୍ଧିଲାଭ କରି ଆଗକୁ ବଢିପାରିବ ବୋଲି ସୋମବାର ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲି କହିଛନ୍ତି। କୁଶଭଦ୍ରା ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ଢାଲି ଯୋଗଦେଇ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ମଣ୍ଡଳ ଶିକ୍ଷାଧିକାରୀ ଶୈଳଧିରାଜ ତନୟା ଶତପଥୀ, ପ୍ରଧାନ ଶିକ୍ଷକ ତ୍ରିଲୋଚନ ଗଡପଲ୍ଲା, ଭାଗୀରଥି ପାତ୍ର, ଦିଲ୍ଲୀପ କୁମାର ଓଝା,ଏବିଇଓ ଅଜୟ ପ୍ରଧାନ, ସୁକାନ୍ତି ସାହୁ, ସରୋଜିନୀ ପାଣିଗ୍ରାହୀ, ନବ ପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। କୃତିତ୍ୱ ହାସଲ କରିଥିବା ୫ଜଣଙ୍କୁ ପୁରସ୍କୃତ କରାଯାଇ ଜିଲାସ୍ତରକୁ ମନୋନୀତ କରାଯାଇଛି। ଏହି ବିଜ୍ଞାନ ମେଳାରେ ୧୭୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବରିଷ୍ଠ ଶିକ୍ଷକ ରଘୁନାଥ ବିଶ୍ୱାଳ ବିବରଣୀ ପାଠ କରିଥିବା ବେଳେ ସଞ୍ଜୟ ନାୟକ ଧନ୍ୟବାଦ ଦେଇଥିଲେ। ଦୀପକ ଆଚାର୍ଯ୍ୟ, ବିଶ୍ୱରଞ୍ଜନ ନନ୍ଦଙ୍କ ସମେତ କୁନି କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ୧୩ରୁ ନବମ ଶ୍ରେଣୀ ସମ୍ମେଟିଭ-୨ ପରୀକ୍ଷା

କଟକ ଅଫିସ,୧୧।୪

■ପରୀକ୍ଷା ଦେବେ ୫,୬୬,୨୯୧ ପରୀକ୍ଷାର୍ଥୀ
■୪୫୯ ନୋଡାଲ ସେଣ୍ଟରକୁ ଗଲା ପ୍ରଶ୍ନପତ୍ର

ଆସନ୍ତା ୧୩ ତାରିଖଠାରୁ ନବମ ଶ୍ରେଣୀ ସମ୍ମେଟିଭ-୨ (ଏସଏ)ପରୀକ୍ଷା ଆରମ୍ଭ ହେବ। ରାଜ୍ୟର ପ୍ରାୟ ୯ ହଜାର ୭୫ଟି ସ୍କୁଲର ୫ ଲକ୍ଷ ୬୬ ହଜାର ୨୯୨ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏଥିପାଇଁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ସୋମବାର ବୋର୍ଡର କାର୍ଯ୍ୟାଳୟରୁ ସମସ୍ତ ଜିଲାକୁ ପ୍ରଶ୍ନପତ୍ର ପଠାଯାଇଛି। ପ୍ରଶ୍ନପତ୍ର ରଖିବା ପାଇଁ ୩୦ଟି ଜିଲାରେ ୪୫୯ଟି ନୋଡାଲ ସେଣ୍ଟରର ବ୍ୟବସ୍ଥା କରାଯାଇଛି। ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଉକ୍ତ ପରୀକ୍ଷା ଚାଲିବ। ପରୀକ୍ଷାର୍ଥୀମାନେ ନିଜ ସ୍କୁଲରେ ଏହି ପରୀକ୍ଷା ଦେବେ । ସକାଳ ୮ଟାରୁ ପରୀକ୍ଷା ଆରମ୍ଭ ହୋଇ ପୂର୍ବାହ୍ନ ୧୦ଟାରେ ସରିବ। ତେବେ ମୋଟ ୮୦ ମାର୍କ ମଧ୍ୟରେ ସମ୍ମେଟିଭ ପରୀକ୍ଷା ହେବ। ୫୦ ମାର୍କ ଅବଜେକ୍ଟିଭ ଏବଂ ୩୦ ମାର୍କ ସବଜେକ୍ଟିଭ ପ୍ରଶ୍ନ ରହିବ। ପରୀକ୍ଷାର୍ଥୀଙ୍କ ମଧ୍ୟରୁ ହାଇସ୍କୁଲରେ ୮ ହଜାର ୯୩୭ଟି ସ୍କୁଲର ୫ ଲକ୍ଷ ୬୬ ହଜାର ୨୯୨ଜଣ ଛାତ୍ରୀଛାତ୍ର ଏସଏ-୨ ପରୀକ୍ଷା ଦେବେ। ସେହିଭଳି ୧୩୮ଟି ସଂସ୍କୃତ ମଧମା ସ୍କୁଲର ୩ ହଜାର ୩୯୯ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ଫର୍ମପୂରଣ କରିଛନ୍ତି। ନୋଡାଲ ସେଣ୍ଟରଗୁଡିକରେ ପ୍ରଶ୍ନପତ୍ର ପହଞ୍ଚି ସାରିଛି । ସମସ୍ତ ସ୍କୁଲର ପ୍ରଧାନ ଶିକ୍ଷକମାନେ ପ୍ରଶ୍ନପତ୍ର ସଂଗ୍ରହ କରିଛନ୍ତି। ମଙ୍ଗଳବାର ସୁଦ୍ଧା ନୋଡାଲ ସେଣ୍ଟରରୁ ପ୍ରଶ୍ନପତ୍ର ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ପରୀକ୍ଷା ସରିବା ପରେ ଉତ୍ତରଖାତାକୁ ପ୍ରଧାନଶିକ୍ଷକ ସେଣ୍ଟର ସ୍କୁଲରେ ଦାଖଲ କରିବେ। ପ୍ରାୟ ୨୭୬୩ଟି ସେଣ୍ଟର ସ୍କୁଲର ଏହି ବ୍ୟବସ୍ଥା କରାଯାଇଛି। ଏହି ପ୍ରକ୍ରିୟା ଆସନ୍ତା ୨୬ ତାରିଖ ସୁଦ୍ଧା ଶେଷ ହେବ। ଏହାପରେ ଏପ୍ରିଲ ୩୦ରୁ ମେ ୬ ମଧ୍ୟରେ ପ୍ରଧାନଶିକ୍ଷକମାନେ ବୋର୍ଡ ୱେବସାଇଟରେ ମାର୍କ ଅପଲୋଡ କରିବେ ବୋଲି ସୂଚନା ମିଳିଛି।

## ସୁମିତ,ତପସ୍ୱିନୀ ଦ୍ୱିତୀୟଥର ମଧ୍ୟସ୍ଥତା କେନ୍ଦ୍ରରେ ହାଜର

କଟକ ଅଫିସ,୧୧।୪

ସୁମିତ-ତପସ୍ୱିନୀ ପାରିବାରିକ ବିବାଦ ମାମଲାର ହାଇକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ସୋମବାର ଦ୍ୱିତୀୟଥର ଉଭୟ ମଧ୍ୟସ୍ଥତା କେନ୍ଦ୍ରରେ ହାଜର ହୋଇ ୩ଘଣ୍ଟା ଆଲୋଚନା କରିଛନ୍ତି। ଶନିବାର ମଧ ଉଭୟ ମଧ୍ୟସ୍ଥତା କେନ୍ଦ୍ରରେ ହାଜର ହୋଇ ଅଢ଼େଇ ଘଣ୍ଟା ଆଲୋଚନା କରିଥିଲେ। ସମୟ ଅଭାବରୁ ସମ୍ପୂର୍ଣ୍ଣ ଆଲୋଚନା ହୋଇପାରି ନ ଥିବାରୁ ସୋମବାର ପୁଣି ମଧ୍ୟସ୍ଥତା କେନ୍ଦ୍ରରେ ଉପସ୍ଥିତ ହୋଇଥିଲେ। ମଧ୍ୟସ୍ଥତା କେନ୍ଦ୍ର ରିପୋର୍ଟ ଆଧାରରେ ଏପ୍ରିଲ୍ ୧୩ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ଅଦାଲତ ତାଙ୍କ ଆଦେଶରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ହାଇକୋର୍ଟର ବିଚାରପତି ଏ.କେ. ମହାପାତ୍ରଙ୍କ ଇଜିଲାସ ଏହି ମାମଲାର ଶୁଣାଣି କରି ଏପ୍ରିଲ ୯ ତାରିଖରେ ଉଭୟ ସୁମିତ-ତପସ୍ୱିନୀଙ୍କୁ ମଧ୍ୟସ୍ଥତା କେନ୍ଦ୍ରରେ ହାଜର ହେବାକୁ କହିଛନ୍ତି। ଏ ନେଇ ଏକ ରିପୋର୍ଟ ଦାଖଲ କରିବେ। ତପସ୍ୱିନୀଙ୍କୁ ରହିବା ଲାଗି ସୁମିତ ସାହୁ ନେଇଥିବା ଭଡ଼ା ଘରର ଭିଡିଓ କ୍ଲିପ୍ ଉଭୟ ଅଲଗା ଭାବେ ଦାଖଲ ପାଇଁ ହାଇକୋର୍ଟ କହିଛନ୍ତି। ଏଥିସହ ସୁମିତ ସରକାରୀ କ୍ୱାର୍ଟର ନେଇଛନ୍ତି କି ନାହିଁ ତାହା ମଧ୍ୟ ସତ୍ୟପାଠ ଦ୍ୱାରା ଜଣାଇବେ ବୋଲି ହାଇକୋର୍ଟ ଆଦେଶ ଦେଇଛନ୍ତି।

## 'ଯାତ୍ରୀଗଣ ଦୟାକରି ଧ୍ୟାନ ଦିଅନ୍ତୁ' ପୁସ୍ତକ ଲୋକାର୍ପିତ




ଭୁବନେଶ୍ୱର, ୧୧।୪ (ବ୍ୟୁରୋ)

କୃପାସାଗର ସାହୁଙ୍କ ରେଳ କ୍ଷୁଦ୍ରଗଳ୍ପ ସଂକଳନ 'ଯାତ୍ରୀଗଣ ଦୟାକରି ଧ୍ୟାନ ଦିଅନ୍ତୁ' ସ୍ଥାନୀୟ ଏକ ଗେଷ୍ଟ ହାଉସ୍‌ରେ ସୋମବାର ଲୋକାର୍ପିତ ହୋଇଯାଇଛି। ଶିକ୍ଷାବିତ୍ ତଥା କାନାଡ଼ାର ବିଦ୍ୟା ପବ୍ଲିଶର ସ୍ୱତ୍ୱାଧିକାରୀ ଡ. ତନ୍ମୟ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ଖାରବେଳ ସ୍ୱାଇଁ ଯୋଗଦେଇ ଏହି ପୁସ୍ତକକୁ ଲୋକାର୍ପଣ କରିଥିଲେ। ଲେଖକ ଏହି ପୁସ୍ତକରେ ନିଜର ରେଳ ଜୀବନର ଅଭିଜ୍ଞତା ଓ ଅନୁଭବରୁ ଗଳ୍ପ ଲେଖିଥିବାରୁ ସେଗୁଡ଼ିକ ପାଠକୀୟ ଆଦୃତ ହେବ ବୋଲି ଏମ୍‌ପି ସ୍ୱାଇଁ କହିଥିଲେ। ସମ୍ମାନିତ ଅତିଥି ଭାବେ ଗାଳ୍ପିକା ଡ. ଜୟନ୍ତୀ ରଥ, ନାଟ୍ୟକାର ବିଜୟ ସିଂହ ମଞ୍ଚାସୀନ ଥିଲେ। କଥାକାର ଉମାକାନ୍ତ ରାଉତ ପୁସ୍ତକର ସମୀକ୍ଷା କରିଥିଲେ। ଅଶୋକ ମହାନ୍ତି, ମନୋରମା ମିଶ୍ର, ବାଙ୍କନିଧି ମହାରଣା, ବାସନ୍ତୀ ମହାନ୍ତି, ପ୍ରିୟବ୍ରତ ପାତ୍ର, ସୁନନ୍ଦା ପ୍ରଧାନ, କନକ ମଞ୍ଜରୀ ସାହୁ, ମାଳବିକା ପଟେଲ ପ୍ରମୁଖ ଯୋଗଦେଇଥିଲେ। କବି ନିରାକାର ଦାସ ଉତ୍ସବ ପରିଚାଳନା କରିଥିଲେ।

## 'ସରକାର ବରିଷ୍ଠ ନାଗରିକଙ୍କ ପ୍ରତି ଦାୟିତ୍ୱବାନ୍ ହୁଅନ୍ତୁ'

ଭୁବନେଶ୍ୱର, ୧୧।୪(ବ୍ୟୁରୋ)




ଭିଏସ୍ଏସ୍ ନଗର ଦି ସିଲଭର୍ସ ବରିଷ୍ଠ ନାଗରିକ ସଂଘ ଓ ଚେତନା ସ୍ୱତନ୍ତ୍ର ଶିକ୍ଷା ମହାବିଦ୍ୟାଳୟ ଆନୁକୂଲ୍ୟରେ 'ବରିଷ୍ଠ ନାଗରିକଙ୍କ ପ୍ରତି ସରକାର ଓ ସମାଜର ଭୂମିକା ଏବଂ ଦାୟିତ୍ୱ' ଶୀର୍ଷକ ସେମିନାର ସୋମବାର ଅନୁଷ୍ଠିତ ହୋଇଯାଇଛି। ଦେବବ୍ରତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସେମିନାରରେ ସମ୍ପାଦକ କୈଳାସ ଚନ୍ଦ୍ର ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ନ୍ୟାୟମୂର୍ତ୍ତି ବିଜୟ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ବରିଷ୍ଠ ନାଗରିକଙ୍କ ପାଇଁ ପ୍ରଣିତ ବିଭିନ୍ନ ଯୋଜନା ସହିତ ନ୍ୟାୟିକ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ସରକାର ବରିଷ୍ଠ ନାଗରିକଙ୍କ ପ୍ରତି ଦାୟିତ୍ୱବାନ୍ ହେବା ଉଚିତ୍ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଭାରତ ସରକାରଙ୍କ ନିର୍ବାଚନ ଆୟୋଗର ପୂର୍ବତନ ଉପଦେଷ୍ଟା ପ୍ରଫେସର ଭଗବାନ ପ୍ରକାଶ ଯୋଗଦେଇ ବରିଷ୍ଠ ନାଗରିକଙ୍କ ପାଇଁ ଉପାଦେୟ ଉପଦେଶ ସହିତ ବିଭିନ୍ନ ଦେଶର ସୁବିଧା, ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ବିଷୟରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଚେତନା ସ୍ୱତନ୍ତ୍ର ଶିକ୍ଷା ମହାବିଦ୍ୟାଳୟ ସାଧାରଣ ସମ୍ପାଦକ ପ୍ରଫେସର ନାରାୟଣ ଚନ୍ଦ୍ର ପତି, ରାଜ୍ୟ ବରିଷ୍ଠ ନାଗରିକ ସଂଘ ସଭାପତି ମଧୁମାଧବ ଜେନା, ନ୍ୟୁରୋସର୍ଜନ ଡା. ପି. କେ. ସାହୁ, ଯୁଗଳ କିଶୋର ସାହୁ, ହାଡ଼ିବନ୍ଧୁ ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ମିଶ୍ର, ଶିବପ୍ରସାଦ ମିଶ୍ର, ଆଦିତ୍ୟ ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ସେବା କାର୍ଯ୍ୟ ପାଇଁ ଜାତୀୟ ସେବା ଯୋଜନା ସଂଯୋଜକ ଲୁସିକା ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର,୧୧।୪(ବ୍ୟୁରୋ): ସିଟି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୮ ଦିନିଆ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଗତ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମାର୍ଚ୍ଚ ୩୦ରେ ଶିବିରକୁ ବିଦ୍ୟାଳୟ ଅଧକ୍ଷା ଡ. ରଶ୍ମିତା ସାହୁ ଉଦ୍‌ଘାଟନ କରି ଜୀବନରେ କିପରି ନିର୍ଭୀକ, ସାହସୀ ଓ ସଶକ୍ତ ହୋଇ ସମାଜରେ ଆଗଧାଡିରେ ଚାଲିବ ସେ ନେଇ ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ୨୮୬ଜଣ ଛାତ୍ରୀଙ୍କୁ ୨ ଜଣ ତାଲିମପ୍ରାପ୍ତ ପ୍ରଶିକ୍ଷିକା ସୁନିତା ବେହେରା ଓ ଶୁଭଶ୍ରୀ ଜେନା ତାଲିମ ପ୍ରଦାନ କରିଥିଲେ। ସଂଯୋଜିକା ଡ. ରାଜଲକ୍ଷ୍ମୀ ବେହେରା ବିଦ୍ୟାଳୟର ସମସ୍ତଙ୍କୁ ଧନ୍ୟବାଦ ଦେଇ ଶିବିରକୁ ଉଦ୍‌ଯାପନ କରିଥିଲେ।

## କାର୍ଯ୍ୟ ଭାର ଗ୍ରହଣ କଲେ ମେୟର, ଆଜିଠୁ ୱାର୍ଡ ବୁଲିବେ




ବୈଠକରେ ମେୟର ସୁଲୋଚନା ଦାସ ଓ ବିଏମ୍‌ସି ଅଧିକାରୀମାନେ।

ଭୁବନେଶ୍ୱର, ୧୧।୪ (ବ୍ୟୁରୋ)

ମେୟର ସୁଲୋଚନା ଦାସ ଶପଥ ଗ୍ରହଣ ପରେ ସୋମବାର ବିଧିବଦ୍ଧ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ପୂର୍ବାହ୍ନ ୧୦ଟାରେ ବିଏମ୍‌ସି ମୁଖ୍ୟାଳୟରେ ପହଞ୍ଚି କାର୍ଯ୍ୟାଳୟ ପରିଦର୍ଶନ ସହ ବିଭିନ୍ନ ଅଧିକାରୀଙ୍କ ଚାମ୍ବର ନିରୀକ୍ଷଣ କରିଥିଲେ। ମେୟରଙ୍କ ଅଧ୍ୟକ୍ଷତାରେ ମହାନଗର ନିଗମର ବିଭିନ୍ନ ଉପବିଭାଗ (ସେକ୍ସନ୍) ଅଧିକାରୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ସ୍ଥିତି ଓ ପ୍ରଗତି, ସମସ୍ୟା, ସମାଧାନ ଏବଂ ଆବଶ୍ୟକତା ସମ୍ପର୍କରେ ଜାଣିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଭୁବନେଶ୍ୱରକୁ ଏକ ଦୃଷ୍ଟାନ୍ତଯୋଗ୍ୟ ବାସୋପଯୋଗୀ ସହର ପରିଣତରେ ବାଧକ ହେଉଥିବା ଉପାଦାନର ତୁରନ୍ତ ସମାଧାନ କରି ସମୟାନୁବର୍ତ୍ତିତା ସହିତ ଉଦ୍ଦେଶ୍ୟକୁ ପୂରଣ ପାଇଁ ବିଏମ୍‌ସି କର୍ତ୍ତୃପକ୍ଷଙ୍କ ସମେତ ସମସ୍ତ କର୍ମଚାରୀଙ୍କ ଦାୟିତ୍ୱ ରହିଛି ବୋଲି ବୈଠକରେ ମେୟର କହିଥିଲେ। ବୈଠକରେ ଉପସ୍ଥିତ ଉପବିଭାଗୀୟ ଅଧିକାରୀମାନଙ୍କୁ ନିଜ ନିଜ କାର୍ଯ୍ୟର ପ୍ରଗତି, ସମସ୍ୟା, ସମାଧାନ ବାବଦରେ ଉପସ୍ଥାପନାପତ୍ର ପ୍ରସ୍ତୁତ କରିବାକୁ କହିଥିଲେ। ମଙ୍ଗଳବାରଠାରୁ ପ୍ରତ୍ୟେକ ଦିନ ପ୍ରାୟ ୨ଟି ୱାର୍ଡ଼ କାର୍ଯ୍ୟାଳୟ ପରିଦର୍ଶନ କରିବେ ବୋଲି ସେ କହିଛନ୍ତି। ଅପରପକ୍ଷେ ବୈଠକରେ ୱାର୍ଡ କାର୍ଯ୍ୟାଳୟଗୁଡ଼ିକ ନିୟମିତ ଖୋଲିବା, ବିଏମ୍‌ସି ଜଳବନ୍ଦୀ ସମସ୍ୟା, ଡ୍ରେନେଜ୍, ପରିମଳ, ବସ୍ତି ବିକାଶ, ନିର୍ମାଣ, ସ୍ୱାସ୍ଥ୍ୟସେବା ଆଦି ବାବଦରେ ଉପସ୍ଥିତ ଅଧିକାରୀଙ୍କ ସହିତ ଆଲୋଚନା କରାଯାଇଥିଲା। ଗୋଟିଏ ଉପବିଭାଗ ସହ ଅନ୍ୟ ଗୋଟିଏ ଉପବିଭାଗଙ୍କ ସହିତ ସମ୍ପର୍କ, ସମାନ କାମ ପାଇଁ ଉପ ବିଭାଗଗୁଡ଼ିକ କିପରି ଦାୟୀ ଏବଂ ଏଥିପାଇଁ କିଭଳି ସମନ୍ୱୟ ରହିବ ସେ ଦିଗରେ କାର୍ଯ୍ୟ ପ୍ରଣାଳୀ ସ୍ଥିର କରିବାକୁ କୁହାଯାଇଛି। ବୈଠକରେ ଅତିରିକ୍ତ କମିଶନର ବିନୟ ଦାସଙ୍କ ସମେତ ଡ଼େପୁଟି କମିଶନର (ରେଭିନ୍ୟୁ) ଶ୍ରୀମନ୍ତ ମିଶ୍ର, ମୁଖ୍ୟ ବିତ ଅଧିକାରୀ ସଞ୍ଜୀବ କୁମାର ସିଂ, ଡ଼େପୁଟି କମିଶନର (ମାର୍କେଟ) ପ୍ରମୋଦ କୁମାର ପୃଷ୍ଟି, ଡ଼େପୁଟି କମିଶନର (ୱେଲ୍‌ଫେୟାର୍) ରମେଶ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ୭ଦିନ ଭିତରେ କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ ଅସ୍ଥାୟୀ ଜାଗା ଦେବ ବିଡିଏ

ଭୁବନେଶ୍ୱର, ୧୧।୪ (ବ୍ୟୁରୋ)

**ଝାରପଡ଼ା ଗଣେଶ ମଣ୍ଡପ ଡେଲି ମାର୍କେଟ ଉଚ୍ଛେଦ ପ୍ରସଙ୍ଗ**



ଝାରପଡ଼ା ଗଣେଶ ମଣ୍ଡପ ଡେଲି ମାର୍କେଟ ଉଚ୍ଛେଦ ଘଟଣାରେ ସୋମବାର ଭୁବନେଶ୍ୱର ଜିଲା ବିଜେପି କର୍ମକର୍ତ୍ତାମାନେ ବିଡିଏ ଅଧିକାରୀଙ୍କୁ ଭେଟିଛନ୍ତି। ଏଥିରେ କ୍ଷତିଗ୍ରସ୍ତ ଦୋକାନୀଙ୍କୁ ଶୀଘ୍ର କ୍ଷତିପୂରଣ ସହ ଥଇଥାନ ପାଇଁ ଦାବି କରାଯାଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ, ଦକ୍ଷିଣ ପୂର୍ବ ଜୋନ୍ ଡେପୁଟି କମିଶନର, ବିଏମ୍‌ସି ଅତିରିକ୍ତ କମିଶନର ଏବଂ ବିଡିଏର ଲ୍ୟାଣ୍ଡ ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯିବ। ସେମାନେ କ୍ଷତିଗ୍ରସ୍ତଙ୍କ ପାଇଁ ତୁରନ୍ତ ଅସ୍ଥାୟୀ ସ୍ଥାନ ଚିହ୍ନଟ କରି ସେଠାରେ ଦୋକାନ ବ୍ୟବସ୍ଥା କରିବେ, ଯେପରି ୨ ବର୍ଷ ପାଇଁ ଅସ୍ଥାୟୀ ଭାବେ ଦୋକାନୀମାନେ ସେଠାରେ ବ୍ୟବସାୟ କରିପାରିବେ। ପରେ ଭଙ୍ଗାଯାଇଥିବା ସ୍ଥାନରେ ନିର୍ମାଣ ହେବାକୁ ଥିବା ମାର୍କେଟ କମ୍ପ୍ଲେକ୍ସରେ ଏହି ଦୋକାନୀମାନଙ୍କୁ ଥଇଥାନ ନେଇ ଅଗ୍ରାଧିକାର ଦିଆଯିବ। କ୍ଷତିଗ୍ରସ୍ତ ହୋଇଥିବା ପ୍ରାୟ ୪୩୦ ବ୍ୟବସାୟୀଙ୍କ ସର୍ଭେ ରିପୋର୍ଟ ଏବଂ ଅନ୍ୟାନ୍ୟ ତଥ୍ୟ ଦେଖି ମାର୍କେଟ କମ୍ପ୍ଲେକ୍ସରେ ସେମାନଙ୍କର ଆଲଟ୍‌ମେଣ୍ଟ କରାଯିବ ବୋଲି ସୂଚନା ଦିଆଯାଇଛି। ସେହିପରି ବିଡିଏ ପକ୍ଷରୁ ରାତି ୪ଟାରୁ ଉଚ୍ଛେଦ କାର୍ଯ୍ୟ କରାଯାଇଥିବାରୁ ଦୋକାନୀମାନେ ତାଙ୍କ ଜିନିଷପତ୍ର ଉଠାଇ ନ ପାରିବା ଦ୍ୱାରା କ୍ଷତିଗ୍ରସ୍ତ ହୋଇଛନ୍ତି। ତେବେ ବିଏମ୍‌ସି କମିଶନର ସଞ୍ଜୟ ସିଂ ନ ଥିବା କାରଣରୁ କ୍ଷତିପୂରଣ ନେଇ କିଛି ନିଷ୍କର୍ଷ ମିଳିପାରି ନ ଥିବାରୁ ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ପର୍ଯ୍ୟନ୍ତ ସମୟ ଦିଆଯାଇଛି। କମିଶନର ଆସିବା ପରେ କ୍ଷତିପୂରଣ ନେଇ ସ୍ପଷ୍ଟ ହେବ। ଅପରପକ୍ଷେ ୧୫୦ ଜଣ ବ୍ୟବସାୟୀ ସେମାନଙ୍କ କ୍ଷତି ନେଇ ରବିବାର ଲକ୍ଷ୍ମୀସାଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବୈଠକରେ ବିଡିଏ ସେକ୍ରେଟାରି, ସ୍ଥାନୀୟ କର୍ପୋରେଟର ଧରିତ୍ରୀ ଜେନା, ଭାଜପା ଜିଲା ସଭାପତି ବାବୁ ସିଂ, ମୁଖପାତ୍ର ଦିଲୀପ ମହାନ୍ତି, ଜଗନ୍ନାଥ ପ୍ରଧାନ, ଆସୋସିଏଶନର କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## ଟୁଇଟର ବୋର୍ଡରେ ସାମିଲ ହେବେନି ମସ୍କ

**ନୂଆଦିଲ୍ଲୀ:** ଟେସ୍‌ଲା ସିଇଓ ଏଲନ୍ ମସ୍କ, ମାଇକ୍ରୋ ବ୍ଲଗିଂ ସାଇଟ୍ 'ଟୁଇଟର' ବୋର୍ଡରେ ସାମିଲ ହେବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ଟୁଇଟର ଶେୟାର କ୍ରୟ କରିବା ପରଠାରୁ ମସ୍କ ବୋର୍ଡରେ ସାମିଲ ହେବା ନେଇ ଚର୍ଚ୍ଚା ଚାଲୁ ରହିଥିଲା। ତେବେ ଟୁଇଟର ସିଇଓ ପରାଗ ଅଗ୍ରୱାଲ ଏକ ଟୁଇଟ୍ ମାଧ୍ୟମରେ ମସ୍କ ବୋର୍ଡରେ ସାମିଲ ହେବା ଖବରକୁ ଖଣ୍ଡନ କରିଛନ୍ତି। ତେବେ କମ୍ପାନୀକୁ ସବୁବେଳେ ମସ୍କଙ୍କ ପରାମର୍ଶର ଆବଶ୍ୟକତା ରହିଥିବା କଥା ଅଗ୍ରୱାଲ କହିଛନ୍ତି।

### ସଂକ୍ଷେପରେ

## ୩ ବର୍ଷରେ ସର୍ବାଧିକ ଇନ୍ଧନ ଚାହିଦା

**ନୂଆଦିଲ୍ଲୀ, ୧୧।୪:** ବର୍ତ୍ତମାନ ଇନ୍ଧନର ଚାହିଦା ମହାମାରୀ ପୂର୍ବର ବିକ୍ରି ସହ ସମାନ ହୋଇଛି। ଫଳସ୍ୱରୂପ ଇନ୍ଧନ ଚାହିଦାରେ ୪.୨% ବୃଦ୍ଧିସ୍ୱରୂପ, ୩ବର୍ଷରେ ସର୍ବାଧିକ ରହିଛି। ଦେଶର ତୈଳ ମନ୍ତ୍ରଣାଳୟର ପେଟ୍ରୋଲିୟମ ଯୋଜନା ଏବଂ ବିଶ୍ଳେଷଣ ସେଲ୍ ପକ୍ଷରୁ ସୋମବାର ଦିଆଯାଇଥିବା ସୂଚନାରୁ ଏହା ଜଣାପଡ଼ିଛି। ତଥ୍ୟ ଅନୁସାରେ, ମାର୍ଚ୍ଚ ୨୦୨୨ରେ ପେଟ୍ରୋଲିୟମ ଉତ୍ପାଦର ମୋଟ୍ ବିକ୍ରି ୧.୯୪ କୋଟି ଟନ୍ (୧୯.୪୧ ମିଲିୟନ ଟନ୍) ରହିଛି। ଏହି ବିକ୍ରି ପରିମାଣ ୨୦୧୯ ମାର୍ଚ୍ଚ ପରେ ସର୍ବାଧିକ। ଏହାଛଡ଼ା ପୂର୍ବରୁ ତୈଳ ଦର ବୃଦ୍ଧି ଆଶଙ୍କା କରି ଷ୍ଟକ୍ ରଖିବା ଉଦ୍ଦେଶ୍ୟରେ ମାର୍ଚ୍ଚରେ ଅଧିକ ତୈଳ ବିକ୍ରି ହୋଇଥିବା ରିପୋର୍ଟରେ କୁହାଯାଇଛି।

## ଟପ୍-୧୦ କମ୍ପାନୀରେ ଆଦାନୀ ଗ୍ରୀନ୍ ଏନର୍ଜି ସାମିଲ

**ନୂଆଦିଲ୍ଲୀ, ୧୧।୪:** ଭାରତ ତଥା ଏସିଆର ଅଗ୍ରଣୀ ବ୍ୟବସାୟୀ ଗୌତମ ଆଦାନୀଙ୍କ ମାଲିକାନାରେ ଥିବା ଆଦାନୀ ଗ୍ରୁପ୍‌ର ଶେୟାର ବଜାର କାରବାରରେ ସୋମବାର ବୃଦ୍ଧି ଦେଖିବାକୁ ମିଳିଥିଲା। ୟୁଏଇର ଇଣ୍ଟରନ୍ୟାଶନାଲ ହୋଲ୍ଡିଂ କମ୍ପାନୀ (ଆଇଏଚ୍‌ସି) ପକ୍ଷରୁ ଆଦାନୀ ଗ୍ରୁପ୍‌ର ୩ଟି କମ୍ପାନୀରେ ପ୍ରିଫରେନ୍ସିଆଲ୍ ରିଭ୍ୟୁ ଜରିଆରେ ୨ମିଲିୟନ ଡଲାର ନିବେଶ କରିବା ଦିଗରେ ସହମତି ପ୍ରକାଶ କରାଯାଇଛି। ଏହାଦ୍ୱାରା ଆଦାନୀ ଗ୍ରୀନ୍ ଏନର୍ଜିର ଶେୟାରରେ ୨୦% ବୃଦ୍ଧି ଘଟିଛି। ଫଳରେ ଭାରତୀ ଏୟାରଟେଲ୍‌କୁ ପଛରେ ପକାଇ ଆଦାନୀ ଗ୍ରୀନ୍ ଏନର୍ଜି ଦେଶର ୧୦ମ ସର୍ବାଧିକ ଆୟକାରୀ କମ୍ପାନୀରେ ପରିଣତ ହୋଇଛି। ସୋମବାର ସାଢେ ୩ଟା ବେଳକୁ ଆଦାନୀ ଗ୍ରୀନ୍ ଏନର୍ଜିର ଶେୟାରରେ ୨୦% ବୃଦ୍ଧି ସହିତ ୨୭୮୮.୨୦ ଟଙ୍କାରେ କାରବାର କରିଥିଲା। ଏହାଦ୍ୱାରା କମ୍ପାନୀର ମାର୍କେଟ୍ କ୍ୟାପ୍ ୪,୩୬,୧୫୬.୬୬ କୋଟି ଟଙ୍କାରେ ପହଞ୍ଚିଥିଲା।

# ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍‌କୁ ମିଳିଲା ପରିବେଶ ମଞ୍ଜୁରୀ

**ଭୁବନେଶ୍ୱର,୧୧।୪(ବ୍ୟୁରୋ)/ କୁଜଙ୍ଗ(ଡି.ଏନ୍.ଏ.)**

- ପ୍ରତିଷ୍ଠା ହେବ ୬୫ ହଜାର କୋଟିର ମେଗା ଷ୍ଟିଲ୍ ପ୍ଲାଣ୍ଟ
- ସୃଷ୍ଟି ହେବ ୭୨ ହଜାର ନିଯୁକ୍ତି ସୁଯୋଗ

ଜଗତ୍‌ସିଂହପୁର ଜିଲା କୁଜଙ୍ଗଠାରେ ପ୍ରସ୍ତାବିତ ୧୩.୨ ନିୟୁତ ଟନ୍ କ୍ଷମତାବିଶିଷ୍ଟ ଗ୍ରୀନ୍‌ଫିଲ୍ଡ ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନ କରିବା ପାଇଁ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍(ଜେୟୁଏସ୍‌ଏଲ୍)କୁ ମଞ୍ଜୁରୀ ମିଳିଛି। ସୋମବାର କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଏହି ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହି ମେଗା ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ଫଳରେ ରାଜ୍ୟରେ ପ୍ରାୟ ୭୨ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟିହେବା ସହ ରାଜ୍ୟ ଅର୍ଥନୀତିକୁ ଏକ ଶକ୍ତି ମିଳିବ ବୋଲି ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି। ଏହି ଅତ୍ୟାଧୁନିକ, ସବୁଜ ଏବଂ ପରିବେଶ ଅନୁକୂଳ ଷ୍ଟିଲ୍ ପ୍ଲାଣ୍ଟ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ପ୍ରାୟ ୬୫ ହଜାର କୋଟି ଟଙ୍କା ବ୍ୟୟ ହେବା ନେଇ ଆକଳନ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଜମି ଯୋଗାଇଦେବା ମାତ୍ରେ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଦେଶର



ସଜ୍ଜନ ଜିନ୍ଦଲ

ସର୍ବବୃହତ୍ ମ୍ୟାନୁଫାକ୍ଚରିଂ ପ୍ରକଳ୍ପ ମଧ୍ୟରୁ ଏହି ପ୍ରକଳ୍ପ ଅନ୍ୟତମ। ଜନଶୁଣାଣି ସଫଳତାର ସହ ଶେଷହେବା ପରେ ଦେଶର ଏହି ସର୍ବବୃହତ୍ ପ୍ରକଳ୍ପକୁ ପରିବେଶ ମନ୍ତ୍ରଣାଳୟ ପରିବେଶ ମଞ୍ଜୁରୀ ଦେଇଛି।

ଜେୟୁଏସ୍‌ଏଲ୍ ନିଜର ସାମାଜିକ ଦାୟିତ୍ୱବୋଧ ପାଇଁ ବଜେଟ ବ୍ୟବସ୍ଥା କରିଛି। ଏଥିରେ ଜନସ୍ୱାସ୍ଥ୍ୟ, ଶିକ୍ଷା, ଦକ୍ଷତା ବିକାଶ, ସାମାଜିକ ଭିତ୍ତିଭୂମି, ବର୍ଜ୍ୟବସ୍ତୁ ପରିଚାଳନା, ପରିବେଶ, ପାନୀୟ ଜଳ, ମହିଳା ସଶକ୍ତୀକରଣ ଭଳି କାର୍ଯ୍ୟ ପାଇଁ କମ୍ପାନୀ ପକ୍ଷରୁ ଅର୍ଥ ବିନିଯୋଗ କରାଯିବ। ଏଥିସହିତ କମ୍ପାନୀ ଏନ୍‌ଭାଇରନ୍‌ମେଣ୍ଟାଲ ଇମ୍ପାକ୍ଟ ଆସେସ୍‌ମେଣ୍ଟ(ଇଆଇଏ) ଅନୁଯାୟୀ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିବା ନେଇ ସୂଚନା ଦିଆଯାଇଛି। ୨୦୩୦ ସୁଦ୍ଧା ଅଙ୍ଗାରକାମ୍ଳଶୂନ୍ୟ କରିବା ପାଇଁ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ ୨୦୨୧ରେ ବିଶ୍ୱ ଇସ୍ପାତ ଶିଳ୍ପକୁ ଫାଷ୍ଟ ସଷ୍ଟେନେବିଲିଟି ଲିଙ୍କ୍‌ଡ ୟୁଏସ୍ ଡଲାର ବଣ୍ଡ ପ୍ରଦାନ କରିଛି। ଭାରତର ପ୍ୟାରିସ୍ ରାଜିନାମା ଅନୁଯାୟୀ ଜେଏସ୍‌ଡବ୍ଲ୍ୟୁ କାର୍ଯ୍ୟ ଜାରି ରଖିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

ଏହି ପ୍ରକଳ୍ପରେ ଏକ ୯୦୦ ମେଗା ୱାଟ୍ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ ଏବଂ ୫୨ ଏମ୍‌ଟିପିଏ ହ୍ୟାଣ୍ଡଲିଂ କ୍ଷମତାବିଶିଷ୍ଟ କ୍ୟାପ୍ଟିଭ୍ ଜେଟି ମଧ୍ୟ ରହିଛି। ପୂର୍ବରୁ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଟର୍ମ ଅଫ୍ ରେଫରେନ୍ସ (ଟିଓଆର୍) ନିମନ୍ତେ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ନିକଟରେ ଆବେଦନ କରିଥିଲା। ଏ ସମ୍ପର୍କରେ ଜେଏସ୍‌ଡବ୍ଲ୍ୟୁର ଚେୟାରମ୍ୟାନ୍ ଏବଂ ଏମ୍‌ଡି ସଜ୍ଜନ ଜିନ୍ଦଲ କହିଛନ୍ତି, ରାଜ୍ୟବାସୀଙ୍କ ଦକ୍ଷତା ଏବଂ ନେତୃତ୍ୱରେ ଓଡ଼ିଶାର ଅଭିବୃଦ୍ଧି କାହାଣୀ ଆଗେଇବ ବୋଲି ଜେଏସ୍‌ଡବ୍ଲ୍ୟୁର ପୂର୍ଣ୍ଣ ବିଶ୍ୱାସ ରହିଛି। ଖଣିଜ ସମ୍ପଦର ପ୍ରଚୁର ଉପଲବ୍ଧତା ସହ ଓଡ଼ିଶା ଭବିଷ୍ୟତରେ ୨୦୦ ମିଲିୟନ୍ ଟନ୍ ଷ୍ଟିଲ୍, ୧୫ ମିଲିୟନ ଟନ୍ ଆଲୁମିନିୟମ, ୪୦୦ ମିଲିୟନ ଟନ୍ ଲୁହାପଥର ଏବଂ ୨୫୦ ମିଲିୟନ ଟନ୍ କୋଇଲା ଉତ୍ପାଦନ କରିବାର କ୍ଷମତା ରଖିଛି। ଲୁହାପଥର ଏବଂ କୁଶଳୀ ଶ୍ରମିକଙ୍କ ଘରୋଇ ଉପଲବ୍ଧତା ଯୋଗୁ ଷ୍ଟିଲ୍ ଉତ୍ପାଦନ କ୍ଷେତ୍ରରେ ଭାରତ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ଆସନ୍ତା ୫ ବର୍ଷ ମଧ୍ୟରେ ଭାରତ ଭିତ୍ତିଭୂମି ନିର୍ମାଣରେ ୧୦୦ ଟ୍ରିଲିୟନ୍ ଟଙ୍କା ବିନିଯୋଗ କରିବାକୁ ଘୋଷଣା କରିଛି।

## କଲ୍ୟାଣ ଜୁଏଲର୍ସର ସମର ସ୍ୱତନ୍ତ୍ର

**ନୂଆଦିଲ୍ଲୀ,୧୧।୪**

ଦେଶର ଅଗ୍ରଣୀ ଗହଣା ପ୍ରତିଷ୍ଠାନ କଲ୍ୟାଣ ଜୁଏଲର୍ସ ପକ୍ଷରୁ ସାରା ଦେଶରେ ଏହାର ଗ୍ରାହକମାନଙ୍କ ଲାଗି ସମର ସ୍ୱତନ୍ତ୍ର 'ଗ୍ରୀଷ୍ମ ବୋନାଞ୍ଜା' ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଏହାର ଗ୍ରାହକମାନେ ସୁନାଠାରୁ ହୀରା, ଅନ୍‌କଟ୍ ଓ ମୂଲ୍ୟବାନ୍ ଷ୍ଟୋନ୍‌ର ବିଭିନ୍ନ ଗହଣା ଆଦିର କ୍ରୟ ଉପରେ ସର୍ବାଧିକ ମୂଲ୍ୟ ପାଇପାରିବେ। ଏହି ସ୍ୱତନ୍ତ୍ର ଅଫର ଜରିଆରେ ଗ୍ରାହକମାନେ ସୁନା ମୂଲ୍ୟ ଉପରେ ତତ୍କାଳ ସଞ୍ଚୟ ସୁବିଧା ମଧ୍ୟ ପାଇପାରିବେ। ଏପରିକି ସୁନା,ହୀରା ଓ ମୂଲ୍ୟବାନ୍ ଷ୍ଟୋନ୍ ଅଳଙ୍କାର ଆଦିର ସମସ୍ତ ଡିଜାଇନର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୨୫% ରିହାତି ଗ୍ରାହକମାନେ ପାଇପାରିବେ। ଏହି ଦୁଇ ମେଗା ଅଫର ବ୍ୟତୀତ ସ୍ୱତନ୍ତ୍ର ଶପିଙ୍ଗ ଋତୁରେ ୩୦୦ଭାଗ୍ୟଶାଳୀ ବିଜେତାଙ୍କୁ ଉପହାର ସ୍ୱରୂପ କଲ୍ୟାଣ ଜୁଏଲର୍ସରୁ ସ୍ୱତନ୍ତ୍ର ଏଡିସନ ସ୍ୱର୍ଣ୍ଣ ମୁଦ୍ରା ପାଇପାରିବେ। ଏ ସମ୍ପର୍କରେ କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣରମଣ କହିଛନ୍ତି, ସାରା



ଦେଶରେ ଆଞ୍ଚଳିକ ନୂଆ ବର୍ଷ ସହ ବିବାହ ଋତୁ ଆରମ୍ଭ ହୋଇଯାଇଥିବାରୁ ନିଶ୍ଚିତ ଯେ ଆମେ ଘୋଷଣା କରିଥିବା ଗ୍ରୀଷ୍ମ ସ୍ୱତନ୍ତ୍ର ବୋନାଞ୍ଜାକୁ ଆମର ପୃଷ୍ଠପୋଷକମାନେ ପସନ୍ଦ କରିବେ। ଏହି ଅଫର ଚଳିତ ବର୍ଷ ମେ ୩୦ ପର୍ଯ୍ୟନ୍ତ ବୈଧ ରହିବ। ସେହିଭଳି ୩୦୦ ଭାଗ୍ୟଶାଳୀ ବିଜେତାଙ୍କ ନାମ ଚଳିତ ବର୍ଷ ଜୁନ୍ ପହିଲାରେ କମ୍ପାନୀର ୱେବ୍‌ସାଇଟ୍‌ରେ ଘୋଷଣା କରାଯିବ। ଇଲେକ୍ଟ୍ରୋନିକ୍ ରାଣ୍ଡୋମାଇଜର ଜରିଆରେ ବିଜେତା ଚୟନ କରାଯିବ।

# ଅସଂଯୁକ୍ତ ଅଞ୍ଚଳକୁ ସଂଯୁକ୍ତ କରାଉଛି ଜିଓ

**ଭୁବନେଶ୍ୱର, ୧୧।୪**

ଓଡ଼ିଶାର ପାହାଡ଼ ପର୍ବତ ପରିବେଷ୍ଟିତ କୋରାପୁଟ ଜିଲାର ନାରାୟଣାପାଟଣା ବ୍ଲକକୁ ବାସ୍ତବ ୪ଜି ଡିଜିଟାଲ ସେବା ସହିତ ଗ୍ରାହକ ସଂଯୁକ୍ତକୁ ଜିଓ ଗୁରୁତ୍ୱ ଦେଇଆସିଛି। ଏହି ତାରତମ୍ୟ ଦୂରକରିବା ଏବଂ ଏପର୍ଯ୍ୟନ୍ତ ଅସଂଯୁକ୍ତ ଅବସ୍ଥାରେ ରହିଯାଇଥିବା ଜନପଦଗୁଡ଼ିକୁ ଡିଜିଟାଲ ରୂପାନ୍ତରଣର ଲାଭ ପହଞ୍ଚାଇବା ସକାଶେ ଜିଓ ପକ୍ଷରୁ ଓଡ଼ିଶା ବଜାରରେ ଅସଂଯୁକ୍ତ ଅଞ୍ଚଳକୁ ସଂଯୁକ୍ତ କରାଇବା ଲକ୍ଷ୍ୟରେ କମ୍ପାନୀ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛି। ନିକଟରେ ଜିଓ ତାହାର ସମ୍ପୂର୍ଣ୍ଣ ୪ଜି ନେଟ୍‌ୱର୍କ ସହ ପାହାଡ଼ ପର୍ବତ ପରିବେଷ୍ଟିତ କୋରାପୁଟ ଜିଲାର ଦୁର୍ଗମ ନାରାୟଣପାଟଣା ବ୍ଲକ ସଦର ମହକୁମା



ଓ ନିକଟବର୍ତ୍ତୀ ଗ୍ରାମଗୁଡ଼ିକୁ ସଂଯୁକ୍ତ କରିଛି। ଏହାଦ୍ୱାରା ହଜାର ହଜାର ଅଧିବାସୀଙ୍କ ପାଇଁ ଡିଜିଟାଲ ବିପ୍ଳବର ଶୁଭାରମ୍ଭ ହେବ। ଯେଉଁମାନଙ୍କ ମଧ୍ୟରୁ ଅନେକ ପ୍ରଥମ ଥର ପାଇଁ ୪ଜି ଇଣ୍ଟରନେଟ ସେବାର ଲାଭ ପାଇବେ। ସେହିପରି ଅନେକ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ, ଡାକ୍ତରଖାନା, ପ୍ରଶାସନିକ ସ୍ଥଳ, ଶିକ୍ଷାନୁଷ୍ଠାନ ଏବଂ ବ୍ୟବସାୟ ପ୍ରତିଷ୍ଠାନ ରହିଥିବା ନାରାୟଣପାଟଣା ସହର ସମେତ ଜିଓ ୪ଜି ନେଟ୍‌ୱର୍କ ନିକଟବର୍ତ୍ତୀ ଗ୍ରାମ ବିକ୍ରମପୁର, ମୁଣ୍ଡିଗୁରା, ବଚନାପୁଟ, ଅଞ୍ଚଳପୁର ଆଦିର ଅଧିବାସୀଙ୍କୁ ମଧ୍ୟ ଫାଇଦା ପହଞ୍ଚାଉଛି। ବର୍ତ୍ତମାନ ସମୟରେ ଉକ୍ତ ଦୁର୍ଗମ ଅଞ୍ଚଳର ପ୍ରାୟ ୭୦୦୦ ଲୋକଙ୍କୁ କମ୍ପାନୀ ତା'ର ସେବା ଯୋଗାଇଦେଉଛି।

## ରୁଚି ସୋୟାର ନାମ ପରିବର୍ତ୍ତନ

**ନୂଆଦିଲ୍ଲୀ,୧୧।୪**

ଯୋଗଗୁରୁ ବାବା ରାମଦେବଙ୍କ ମାଲିକାନାରେ ଥିବା ଏଫ୍‌ଏମ୍‌ଜିସି କମ୍ପାନୀ 'ରୁଚି ସୋୟା'(ପତଞ୍ଜଳି ଗ୍ରୁପ୍)ର ବୋର୍ଡ କମ୍ପାନୀରେ ପରିବର୍ତ୍ତନ ଆଣିବା ଦିଗରେ ପ୍ରୟାସ କରୁଛି। କମ୍ପାନୀର ଫଲୋଅନ୍ ପବ୍ଲିକ୍ ଅଫର (ଏଫ୍‌ପିଓ) ଆଣିବା ପରେ କମ୍ପାନୀ ବୋର୍ଡ ପକ୍ଷରୁ 'ରୁଚି ସୋୟା' ନାମରେ ପରିବର୍ତ୍ତନ କରିବା ପାଇଁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ସୋମବାର କମ୍ପାନୀ ମ୍ୟାନେଜମେଣ୍ଟ ପକ୍ଷରୁ ବିଏସ୍‌ଇକୁ ମଧ୍ୟ ସୂଚନା ଦିଆଯାଇଛି। ମ୍ୟାନେଜମେଣ୍ଟର ସୂଚନା ଅନୁସାରେ 'ରୁଚି ସୋୟା'ର ନାମ ପରିବର୍ତ୍ତନ ପରେ କମ୍ପାନୀର ନାମ 'ପତଞ୍ଜଳି ଫୁଡ୍‌ସ ଲିମିଟେଡ୍' ରଖାଯିବ।

## ୫ଜି ସ୍ପେକ୍ଟ୍ରମ୍ ବେସ୍ ପ୍ରାଇସ୍ ହ୍ରାସ ପାଇଁ ଟ୍ରାଇର ପରାମର୍ଶ

**ନୂଆଦିଲ୍ଲୀ,୧୧।୪**

ଟେଲିକମ୍ ରେଗୁଲେଟୋରି ଅଥରିଟି ଅଫ୍ ଇଣ୍ଡିଆ(ଟ୍ରାଇ) ୩୩୦୦-୩୬୭୦ ମେଗାହର୍ଜ ବ୍ୟାଣ୍ଡରେ ୫ଜି ସ୍ପେକ୍ଟ୍ରମ ପାଇଁ ରିଜର୍ଭ ପ୍ରାଇସ୍‌ରେ ୩୫% ହ୍ରାସ କରି ମେଗାହର୍ଜ ପିଛା ୩୧୭ କୋଟି ଟଙ୍କା ରଖିବା ପାଇଁ ସୁପାରିସ କରିଛି। ଟ୍ରାଇ ପକ୍ଷରୁ ଭିନ୍ନ ଭିନ୍ନ ବ୍ୟାଣ୍ଡ ପାଇଁ ରିଜର୍ଭ ଦର ଗତ ଥର ତୁଳନାରେ ପ୍ରାୟ ୩୯% କମ୍ ରଖିବାକୁ ପରାମର୍ଶ ଦିଆଯାଇଛି। ସରକାର ଏ ବର୍ଷ ସ୍ପେକ୍ଟ୍ରମ ନିଲାମ ପାଇଁ ଯୋଜନା ରଖିଛନ୍ତି। ଚଳିତ ଆର୍ଥିକ ବର୍ଷରେ ୫ଜି ମୋବାଇଲ ସେବା ଆରମ୍ଭ କରିବା ପାଇଁ ପ୍ରାଇଭେଟ୍ ଟେଲିକମ୍ କମ୍ପାନୀଗୁଡ଼ିକୁ ୫ଜି ସ୍ପେକ୍ଟ୍ରମ୍ ଦିଆଯିବ। ଏ ସମ୍ପର୍କରେ ଟ୍ରାଇ ପକ୍ଷରୁ କୁହାଯାଇଛି, ୭୦୦, ୮୦୦, ୯୦୦, ୧୮୦୦, ୨୧୦୦,୨୩୦୦ ମେଗାହର୍ଜରେ ରହିଥିବା ବ୍ୟାଣ୍ଡଗୁଡ଼ିକ ନିଲାମ ହେବ। ଏଥିସହିତ ୬୦୦ ମେଗାହର୍ଜ, ୩୩୦୦-୩୬୭୦ ମେଗାହର୍ଜ ଏବଂ ୨୪.୨୫-୨୮.୫ ମେଗାହର୍ଜର ନୂଆ ସ୍ପେକ୍ଟ୍ରମ୍ ବ୍ୟାଣ୍ଡଗୁଡିକ ମଧ୍ୟ ନିଲାମ କରାଯିବ।

### ଫୁରସତ୍

# ଖାଦ୍ୟ ପରଷୁଛନ୍ତି ଏଚ୍‌ଆଇଭି ପଜିଟିଭ

**କୋଲାକାତା:** ପଶ୍ଚିମବଙ୍ଗ ରାଜଧାନୀ କୋଲକାତାର ବାଲିଗଞ୍ଜରେ ଏଚ୍‌ଆଇଭି ସଂକ୍ରମିତ ଯୁବତୀଯୁବକ ଏକ ରେଷ୍ଟୁରାଣ୍ଟ ଖୋଲିଛନ୍ତି, ଯାହାର ନାଁ ରହିଛି 'ପଜିଟିଭ୍ କାଫେ'। ଏଚ୍‌ଆଇଭି ସଂକ୍ରମିତଙ୍କ ପାଇଁ ଏକ ଏନ୍‌ଜିଓ ଖୋଲିଥିବା ଡା. କାଲୋଲ ଘୋଷ ୨୦୧୮ରେ ଏହି ରେଷ୍ଟୁରାଣ୍ଟ ଖୋଲିଥିଲେ। ପ୍ରଥମେ ଏହା ଯୋଧପୁର ପାର୍କ ନିକଟରେ ୧୦୦ ସ୍କୋୟାରଫୁଟ ପରିମିତ ଗ୍ୟାରେଜ୍‌ରେ ଖୋଲା ହୋଇଥିଲା। କିନ୍ତୁ ଗ୍ରାହକଙ୍କ ଭିଡ଼ ବଢ଼ିବା ଦେଖି ଡା. ଘୋଷ ବାଲିଗଞ୍ଜରେ ଏକ ବଡ଼ ରେଷ୍ଟୁରାଣ୍ଟ ଖୋଲିଲେ। ତେବେ ରେଷ୍ଟୁରାଣ୍ଟର ଠିକଣା ବଦଳିଥିଲେ ସୁଦ୍ଧା ବ୍ୟବସାୟ ପ୍ରଭାବିତ ହୋଇ ନ ଥିବା ସେ କହିଛନ୍ତି।

ପଜିଟିଭ୍ କାଫେର ବିଶେଷତ୍ୱ ହେଉଛି ଏହାକୁ ଚଳାଉଛନ୍ତି ୭ ଏଚ୍‌ଆଇଭି ଆକ୍ରାନ୍ତ ।




ଖାଦ୍ୟ ପ୍ରସ୍ତୁତ କରିବାଠାରୁ ଆରମ୍ଭ କରି ଗ୍ରାହକଙ୍କୁ ଖାଦ୍ୟ ପରଷିବା କାମ ଏହି ଯୁବତୀଯୁବକମାନେ କରୁଛନ୍ତି। କଫିଠାରୁ ଆରମ୍ଭ କରି ମାଛରେ ତିଆରି ବିଭିନ୍ନ ଆଇଟମ୍, ଚିପ୍ସ, ସାଣ୍ଡୱିଚ୍ ଭଳି ସବୁ ପ୍ରକାର ଆଧୁନିକ ଖାଦ୍ୟ ଏଠାରେ ଉପଲବ୍ଧ। ଏସିଆ ମହାଦେଶରେ ଏ ପ୍ରକାର ରେଷ୍ଟୁରାଣ୍ଟ ଖୋଲାଯିବା ପ୍ରଥମ ବୋଲି ଏହାର ମାଲିକ ଡା. ଘୋଷ କହିଛନ୍ତି। ରେଷ୍ଟୁରାଣ୍ଟକୁ ଆସୁଥିବା ଗ୍ରହକମାନଙ୍କୁ ପ୍ଲେଟ୍‌ଲେଟ୍ ଦିଆଯାଏ ଯେଉଁଥିରେ କାଫେ ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ଉଲ୍ଲେଖ ରହିଛି, ଯାହାକୁ ପଢ଼ିବା ପରେ କେତେଜଣ ଗ୍ରାହକ ବିନା ଦ୍ୱିଧାରେ ଖାଦ୍ୟ ଗ୍ରହଣ କରନ୍ତି ତ ଆଉ କିଛି ଗ୍ରାହକ ଫେରି ଚାଲିଯାଉଥିବା ସେ କହିଛନ୍ତି। ଅନ୍ୟପଟେ ରେଷ୍ଟୁରାଣ୍ଟ ଖୋଲିବା ପାଇଁ ତାଙ୍କୁ ବହୁ ପ୍ରକାର ଅସୁବିଧାରେ ସମ୍ମୁଖୀନ ହେବାକୁ ପଡ଼ିଥିଲା। ବହୁ କଷ୍ଟରେ ଯୋଧପୁର ପାର୍କ ନିକଟରେ ଜଣେ ଗ୍ୟାରେଜ୍ ମାଲିକ ତାଙ୍କ ଗ୍ୟାରେଜ୍ ଭଡ଼ା ଦେବା ପାଇଁ ରାଜି ହୋଇଥିଲେ। କିନ୍ତୁ ସେଠାରେ ରହୁଥିବା ଲୋକେ ଏହାର ପ୍ରତିବାଦ କରିଥିଲେ। ସେମାନଙ୍କ କହିବା କଥା, କାଫେରୁ ବାହାରୁଥିବା ଅଳିଆ ଆବର୍ଜନା ଦ୍ୱାରା ଏଚ୍‌ଆଇଭି ବ୍ୟାପିବାର ସମ୍ଭାବନା ରହିଛି। ଅନ୍ୟ ସଂକ୍ରାମକ ରୋଗ ଭଳି ଏଚ୍‌ଆଇଭି ବ୍ୟାପୁ ନ ଥିବା ସତ୍ତ୍ୱେ ଲୋକମାନଙ୍କ ଭୁଲ୍ ଚିନ୍ତାଧାରା ବିରୋଧରେ ଯାଇ କାଫେ ଖୋଲିବା ଏକ ବଡ଼ ଯୁଦ୍ଧ ଥିଲା ବୋଲି ଡା. ଘୋଷ ପ୍ରକାଶ କରିଛନ୍ତି।

# ୨୨ରେ 'ଜର୍ସି'

**ମୁମ୍ବାଇ**

ଆସନ୍ତା ୨୨ ତାରିଖରେ ମୁକ୍ତିଲାଭ କରିବ ଶାହିଦ କପୁରଙ୍କ ଦ୍ୱାରା ଅଭିନୀତ ହିନ୍ଦୀ ଫିଲ୍ମ 'ଜର୍ସି'। ଫିଲ୍ମଟି ୧୪ ତାରିଖରେ ରିଲିଜ୍ ହେବାକୁ ଥିଲା। ମେକର୍ସ ଏହାର ରିଲିଜ୍‌କୁ ଆଉ ଗୋଟିଏ ସପ୍ତାହ ବଢ଼ାଇ ଦେଇଛନ୍ତି। ସୋମବାର ଜର୍ସିର ପ୍ରଯୋଜକ ଅମନ ଗିଲ୍ ଟୁଇଟର ପୋଷ୍ଟ ଜରିଆରେ ଏହି ସୂଚନା ଦେଇଥିଲେ। ଫିଲ୍ମକୁ ବହୁ ଲୋକଙ୍କ ପରିଶ୍ରମରେ ତିଆରି କରାଯାଇଥିବାବେଳେ ପ୍ରତ୍ୟେକ ଫିଲ୍ମପ୍ରେମୀଙ୍କ ପାଖରେ ଏହା ପହଞ୍ଚିବାକୁ ଆମେ ଚେଷ୍ଟିତ। ସେଥିପାଇଁ ଏହାର ରିଲିଜ୍ ଡେଟ୍‌କୁ ଘୁଞ୍ଚାଇ ଦିଆଯାଇଛି। ଆସନ୍ତା ୧୩ରେ ସୁପରହିଟ୍ ଫିଲ୍ମ କେଜିଏଫ୍‌ର ଚାପ୍ଟର-୨ ରିଲିଜ୍ ହେବାକୁ ଥିବାବେଳେ ୧୪ରେ ସାଉଥ୍ ସୁପରଷ୍ଟାର ବିଜୟଙ୍କ ଦ୍ୱାରା ଅଭିନୀତ 'ବିଷ୍ଟ' ମୁକ୍ତିଲାଭ କରିବ। ବ୍ୟବସାୟିକ କ୍ଷତି ଆଶଙ୍କା କରି ଜର୍ସି ୧୪ ବଦଳରେ ୨୨ରେ ରିଲିଜ୍ ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିରେ ଶାହିଦ କପୁର ମୁଖ୍ୟ ଭୂମିକାରେ ଅଭିନୟ କରିଥିବାବେଳେ ତାଙ୍କ ଅପୋଜିଟ୍‌ରେ ରହିଛନ୍ତି ମୃଣାଳ ଠାକୁର। ଏହା ଏକ ସ୍ପୋର୍ଟସ୍ ଡ୍ରାମା ଫିଲ୍ମ। ଏହା ୨୦୨୦ ଅଗଷ୍ଟ ୨୮ରେ ରିଲିଜ୍ ହେବାର ଥିଲା। ମାତ୍ର କରୋନା ମହାମାରୀ କାରଣରୁ ରିଲିଜ୍ ଡେଟ୍ ୨୦୨୧ ଡିସେମ୍ବର ୩୧କୁ ଘୁଞ୍ଚାଇ ଦିଆଯାଇଥିଲା। ତଥାପି ଏହା ପ୍ରେକ୍ଷାଳୟକୁ ଆସି ପାରିଲା ନାହିଁ। ଚଳିତ ବର୍ଷ ସଂକ୍ରମଣ ନିୟନ୍ତ୍ରଣକୁ ଆସିବା ପରେ ରିଲିଜ୍ ଡେଟ୍ ଏପ୍ରିଲ ୧୪କୁ ଧାର୍ଯ୍ୟ କରାଯାଇଥିଲା।


ଶାହିଦ କପୁର

# ସିଡ୍‌ନୀ ସମୁଦ୍ର କୂଳରେ ବିଚିତ୍ର ଜୀବ

**କାନବେରା**

ଅଷ୍ଟ୍ରେଲିଆ ସିଡ୍‌ନୀର ବୋନ୍ଦି ସମୁଦ୍ର ବେଳାଭୂମିରେ ଏକ ବିଚିତ୍ର ଜୀବ ଦେଖିବାକୁ ମିଳିଛି। ଅଧ ମିଟର ଲମ୍ବ ଏହି ପ୍ରାଣୀର ମଣିଷଙ୍କ ଭଳି ଓଠ ଥିବାବେଳେ ସାର୍କ ମାଛ ଭଳି ଚର୍ମ ରହିଛି। ତେବେ ଏଲିୟନ୍ ଭଳି ଦେଖାଯାଉଥିବା ଏହି ଜୀବର ଚିହ୍ନଟ ହୋଇପାରି ନାହିଁ। ଏପ୍ରିଲ ୫ରେ ଜଣେ ବ୍ୟକ୍ତି ସମୁଦ୍ରକୂଳରେ ପ୍ରାତଃ ଭ୍ରମଣ କରୁଥିବାବେଳେ ଲହଡ଼ିରେ ଜମିଥିବା ଅଳିଆ ଗଦାରେ ଏହି ଜୀବକୁ ଦେଖିଥିଲେ। ସେଠାରେ ଉପସ୍ଥିତ କେତେଜଣ ଏହାକୁ ବୋନ୍ ସାର୍କ ବୋଲି କହୁଥିବାବେଳେ ବିଚିତ୍ର ଜୀବଟି ଠିକ୍ ଭାବେ ଚିହ୍ନଟ ହୋଇପାରି ନାହିଁ।



## ସାଇକେଲ ଚାଳକ ଓ ଓଟପକ୍ଷୀ ରେସ୍

ଓଟପକ୍ଷୀ ସାଇକେଲ ଚାଳକଙ୍କ ସହ ତାଳ ଦେଇ ରେସ କରିବା କେବେ ଦେଖିଛନ୍ତି? ଯଦି ନା ତେବେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେଉଛି। ଯେଉଁଥିରେ ଓଟପକ୍ଷୀର ରେସ ଦେଖିଲେ ଆଶ୍ଚର୍ଯ୍ୟ ହେବେ। ଜଣେ ସାଇକେଲ ଚାଳକଙ୍କ ସହ ଓଟ ପକ୍ଷୀ ରେସ୍ କରୁଛି। ସାଇକେଲ ଚାଳକ ଯେତେ ଦ୍ରୁତ ବେଗରେ ସାଇକେଲ ଚଲାଉଛନ୍ତି ତାଙ୍କୁ ଟପିବା ପାଇଁ ଓଟ ପକ୍ଷୀ ସେତେ ଜୋର୍‌ରେ ଦୌଡିବାରେ ଲାଗୁଥିବା ଭିଡ଼ିଓରେ ଦେଖିବାକୁ ମିଳିଛି। ସାଧାରଣତଃ ଓଟପକ୍ଷୀ ଘଣ୍ଟାପ୍ରତି ୪୫ କିଲୋମିଟର ବେଗରେ ଦୌଡ଼ିଥାନ୍ତି। କିନ୍ତୁ ଆବଶ୍ୟକ ପଡ଼ିଲେ ସେ ଘଣ୍ଟା ପ୍ରତି ୬୦ କିଲୋମିଟରକୁ ବି ବଢ଼ାଇପାରେ।

## ଶିବ କୁମାରଙ୍କ ପରଲୋକ

**ମୁମ୍ବାଇ:** ବଲିଉଡ୍ ଅଭିନେତା ଶିବ କୁମାର ସୁବ୍ରମଣ୍ୟମଙ୍କର ରବିବାର ବିଳମ୍ବିତ ରାତିରେ ପରଲୋକ ହୋଇଛି। ୧୫ ବର୍ଷୀୟ ପୁଅ ମୃତ୍ୟୁର ୨ ମାସ ପରେ ଶିବ କୁମାରଙ୍କ ମୃତ୍ୟୁ ତାଙ୍କ ପରିବାର ଓ ଫିଲ୍ମ ଇଣ୍ଡଷ୍ଟ୍ରି ପାଇଁ ବଡ଼ କ୍ଷତି କହିଲେ ଚଳେ। ସଂଳାପ ଲେଖକ ଭାବେ ଶିବ କୁମାର ନିଜର ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ୧୯୮୯ରେ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ପ୍ରବେଶ କରିଥିବା ଶିବ କୁମାର ନାନା ପାଟେକରଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'ପରିନ୍ଦା'ର କାହାଣୀ ଲେଖିଥିଲେ। ପାଖାପାଖି ୩୦ ବର୍ଷ ଧରି ସେ ଫିଲ୍ମ ଇଣ୍ଡଷ୍ଟ୍ରି ସହ ଜଡ଼ିତ। ଶିବ କୁମାର ଏକାଧିକ ସିରିଏଲ୍‌ରେ ମଧ୍ୟ ଅଭିନୟ କରିଛନ୍ତି।



# ୩୫ ହଜାରରେ ୧ କେଜି ଲୁଣ

**ନୂଆଦିଲ୍ଲୀ:** ଖାଦ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜିନିଷ ହେଉଛି ଲୁଣ; ଯାହାକି ଆମେ ବହୁତ ବ୍ୟବହାର କରୁ ଏବଂ ଏହା କମ୍ ଦାମ୍‌ରେ ବଜାରରେ ମିଳିଯାଏ। କିନ୍ତୁ ଏମିତି ଏକ ଲୁଣ ଅଛି, ଯାହାର ମୂଲ୍ୟ କିଲୋ ପ୍ରତି ୩୫ ହଜାର ଟଙ୍କା। କୁହାଯାଏ କି ହିମାଳୟର ଗୋଲାପି ଲୁଣ ସବୁଠାରୁ ଦାମୀ ଲୁଣ। ହେଲେ ଏହାଠାରୁ 'ଆମେଥାଏଷ୍ଟ ବାମ୍ବୋ' ନାମକ ଲୁଣ ଯାହା ଦୁନିଆର ସବୁଠାରୁ ଦାମୀ ଲୁଣ; ଯାହାକି ବାଉଁଶ ସିଲିଣ୍ଡର ମଧ୍ୟରେ ଭର୍ତ୍ତି କରାଯାଇ ତିଆରି କରାଯାଇଥାଏ। ଏହି ରୋଷ୍ଟେଡ୍ ବାମ୍ବୋ



ଲୁଣର ପ୍ରକ୍ରିୟା ୨୦ଶହ ବର୍ଷ ହେବ ଆରମ୍ଭ ହୋଇଛି। ଏହି ଲୁଣକୁ ବାଉଁଶ ଭିତରେ ଭର୍ତ୍ତି କରି ବାହାରେ ମାଟିର ଲେପ ଦିଆଯାଇଥାଏ। ଏହାପରେ ସେହି ଲୁଣକୁ ୯ ଥର ନିଆଁରେ ରନ୍ଧାଯାଇଥାଏ। ଏହି ପ୍ରକ୍ରିୟାକୁ ୫୦ ଦିନ ସମୟ ଲାଗିଥାଏ। ଏହାକୁ ହାତରେ ତିଆରି କରାଯାଏ। ପୂର୍ବରୁ ଏହି ପ୍ରକ୍ରିୟା ୨-୩ ଥର ରନ୍ଧା ଯାଉଥିଲା। ପରେ ଏହାକୁ ୯ ଥର କରାଯାଉଛି। ଫଳରେ ଏହା ଭଲ ବାସ୍ନା ହେବାସହ ତା' ମଧ୍ୟରୁ ସବୁ ବ୍ୟାକ୍ଟେରିଆ ନଷ୍ଟ ହୋଇଯାଇଥାଏ। ଏହି ଲୁଣକୁ ସବୁଠାରୁ ଶୁଦ୍ଧ ଲୁଣ ବୋଲି କୁହାଯାଏ। ଏହି କାରଣରୁ ଏହି ଲୁଣର ଦାମ୍ ସବୁଠାରୁ ଅଧିକ।

# କଟକ ଚାମ୍ପିୟନ, ଭୁବନେଶ୍ୱର ରନର୍ସ ଅପ୍

**ଭୁବନେଶ୍ୱର, ୧୧।୪ (କ୍ରୀଡ଼ା ପ୍ରତିନିଧି)** ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଶା ଆଥଲେଟିକ୍ ଆସୋସିଏଶନ୍ ଓ କିଟ୍-କିସ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟ ଆଥଲେଟିକ୍ସ ମିଟ୍ ସୋମବାର ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାରେ ମୋଟ ୧୨ଟି ନୂଆ ମିଟ୍ ରେକର୍ଡ ସ୍ଥାପନ ହୋଇଥିବାବେଳେ ଦଳଗତ ଭାବେ କଟକ ୫୭୯ ପଏଣ୍ଟ ପାଇ ଚାମ୍ପିୟନ ଓ ଭୁବନେଶ୍ୱର ୨୬୦ ପଏଣ୍ଟ ସହିତ ରନର୍ସଅପ୍ ହୋଇଛି। ୧୦୫୨ ପଏଣ୍ଟ ପାଇ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ଶ୍ରେଷ୍ଠ ମହିଳା ଆଥଲେଟ୍ ବିବେଚିତ ହୋଇଛନ୍ତି। ସେହିପରି ପୁରୁଷ ବିଭାଗରେ ଆର୍ଯ୍ୟନ ଏକ୍କା ୧୦୦୨ ପଏଣ୍ଟ ସହିତ ଶ୍ରେଷ୍ଠ ପୁରୁଷ ଆଥଲେଟ୍ ହୋଇଛନ୍ତି।

**ଅନ୍ତିମ ଦିବସରେ ୫ ମିଟ୍ ରେକର୍ଡ**

ପ୍ରତିଯୋଗିତାର ଅନ୍ତିମ ଦିବସରେ ୫ ନୂଆ ମିଟ୍ ରେକର୍ଡ ସୃଷ୍ଟି ହୋଇଛି। ୧୮ ବର୍ଷରୁ କମ୍ ଶଟ୍‌ପୁଟ୍ ଥ୍ରୋରେ ରେକର୍ଡ କରିଛନ୍ତି ଭୁବନେଶ୍ୱରର ଆଂଶିକା ରାଉତରାୟ। ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କ କନ୍ୟା ଆଂଶିକା ସୋମବାର ୧୧.୭୫ ମିଟର ଦୂରକୁ ଶଟ୍‌ପୁଟ୍ ପକାଇ ରେକର୍ଡ ହାସଲ କରିବା ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୂର୍ବ ରେକର୍ଡ ଥିଲା ୧୧.୪୩ ମିଟର। ମୟୂରଭଞ୍ଜର ଦୀପା ସିଂ ୧୦.୧୩ ଓ ଜଗତ୍‌ସିଂହପୁରର ଜ୍ୟୋତ୍ସ୍ନା ସାହୁ ୯.୯୧ ମିଟର ଦୂରକୁ ଥ୍ରୋ କରି ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀ ଆମ୍ବାସାଡର ଥିବା ଆଂଶିକା ୨୦୧୫ରୁ ବିଭିନ୍ନ ବୟସ ବର୍ଗରେ ରାଜ୍ୟ ରେକର୍ଡ କରିଆସୁଛନ୍ତି। କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ଅଗ୍ରାଧିକାର ଦେଉଥିବାରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ଆଂଶିକାଙ୍କ କୋଚ୍ ଏବଂ ମା' ଅନୁରାଧା। ପୁରୁଷ ୧୦,୦୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଓଡ଼ିଶା ପୋଲିସର ଅଶୋକ ଦଣ୍ଡସେନା। ସେ ୩୧:୨୪.୦୬ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପୂର୍ବ ରେକର୍ଡ ୩୧:୩୬.୦ ସେକେଣ୍ଡ ଥିଲା। ରାଜ୍ୟ ମିଟ୍‌ରେ ଏହା ଥିଲା ଦଣ୍ଡସେନାଙ୍କ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ। ଲଙ୍ଗ୍ ଡିଷ୍ଟାନ୍ସ ରନର ଦଣ୍ଡସେନା ପୂର୍ବରୁ ୫୦୦୦ ମିଟର ରେସ୍‌କୁ ୧୪:୩୯.୦୪ ସେକେଣ୍ଡରେ ଅତିକ୍ରମ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଦୂତୀ ମହିଳା ୨୦୦ ମିଟର ରେସ୍‌କୁ ୨୩.୭ ସେକେଣ୍ଡରେ ଅତିକ୍ରମ କରିଛନ୍ତି। ପୂର୍ବରୁ ଏହି ଇଭେଣ୍ଟରେ ରେକର୍ଡ ଥିଲା ୨୪.୨ ସେକେଣ୍ଡ। ସେହିପରି ୨୦ ବର୍ଷରୁ କମ୍ ବାଳିକା ଟ୍ରିପଲ ଜମ୍ପ୍‌ରେ ମାରି ମୁକ୍ତା ସୋରେଙ୍ଗ ୧୧.୪୯ ମିଟର ଡେଇଁ ରେକର୍ଡର ଅଧିକାରୀ ହୋଇଛନ୍ତି। ଏହି ଇଭେଣ୍ଟରେ ପୂର୍ବ ରେକର୍ଡ ଥିଲା ୧୧.୪୦ ମିଟର। ୨୦ ବର୍ଷରୁ କମ୍ ବାଳକ ୨୦୦ ମିଟର ରେସ୍‌କୁ ଆର୍ଯ୍ୟନ ଏକ୍କା ୨୨.୦ ସେକେଣ୍ଡରେ ଅତିକ୍ରମ କରି ରେକର୍ଡ କରିଛନ୍ତି। ପୂର୍ବରୁ ରେକର୍ଡ ଥିଲା ୨୨.୧ ସେକେଣ୍ଡ।

**ରାଜ୍ୟ ଆଥଲେଟିକ୍ସ ମିଟ୍ ଉଦ୍‌ଯାପିତ**
- ୧୨ ନୂଆ ମିଟ୍ ରେକର୍ଡ
- ଦୂତୀ ଚାନ୍ଦ, ଆର୍ଯ୍ୟନ ଏକ୍କା ଶ୍ରେଷ୍ଠ ଆଥଲେଟ୍

ଉଦ୍‌ଯାପନୀ ଉତ୍ସବରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ, ଓଡ଼ିଶା ଆଥଲେଟିକ୍ ଆସୋସିଏଶନ୍ ସମ୍ପାଦକ ଆଶୀର୍ବାଦ ବେହେରା, ସଭାପତି ଜି. ଶ୍ରୀନିବାସ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଅଶୋକ ସାହୁ, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା ଏବଂ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ୍ ସମ୍ପାଦକ ଅଭିଜିତ୍ ପାଲ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିୟନଶିପ୍‌ରେ ଓଡ଼ିଶାର ୩୦ ଜିଲା, ପାରାଦୀପ ବନ୍ଦର ଓ ଟେଲିକମ୍ ଆଦିରୁ ୨ ହଜାରରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍, କୋଚ୍ ଓ ଅଫିସିଆଲ୍ ଯୋଗଦେଇଥିଲେ।







ରାଜ୍ୟ ଆଥଲେଟିକ୍ସ ମିଟ୍‌ର ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ। ଦୂତୀ ଚାନ୍ଦଙ୍କୁ ଶ୍ରେଷ୍ଠ ମହିଳା ଆଥଲେଟ୍ ପୁରସ୍କାର ପ୍ରଦାନ କରୁଛନ୍ତି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ।

# ଓଡ଼ିଶାର ରେକର୍ଡ ସଂଖ୍ୟକ ମହିଳାଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ



ଓଡ଼ିଶାରେ ଆତ୍ମରକ୍ଷା ପ୍ରଶିକ୍ଷଣ ସମ୍ପର୍କରେ ସୂଚନା ଦେଉଛନ୍ତି ହରିପ୍ରସାଦ ପଟ୍ଟନାୟକ।

**ଭୁବନେଶ୍ୱର, ୧୧।୪ (କ୍ରୀଡ଼ା ପ୍ରତିନିଧି)** ବିଶ୍ୱର ବିଭିନ୍ନ ସ୍ଥାନରେ ଛାତ୍ରୀ ଓ ମହିଳାମାନଙ୍କ ଆତ୍ମରକ୍ଷା ନିମନ୍ତେ ବିଭିନ୍ନ ପରାମର୍ଶ, କର୍ମଶାଳା ଓ ସେମିନାର ଆଦି ଆୟୋଜନ ହେଉଛି। କେତେକ ସ୍ଥାନରେ ସାମରିକ କଳା ଓ କ୍ରୀଡ଼ା ପ୍ରଶିକ୍ଷଣ ମଧ୍ୟ ପ୍ରଦାନ କରାଯାଉଛି, ଯାହା ଦୈନନ୍ଦିନ ଜୀବନରେ ମହିଳାମାନଙ୍କ ଉପରେ ହେଉଥିବା ଶାରୀରିକ ଆକ୍ରମଣକୁ ପ୍ରତିହତ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଆସୁଛି। ଓଡ଼ିଶା ସରକାର ମହିଳାମାନଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ ପ୍ରଦାନ କ୍ଷେତ୍ରରେ ରେକର୍ଡ ସୃଷ୍ଟି କରିଛନ୍ତି। ୨୦୧୩ ଯୁବନୀତିରେ ଏପର୍ଯ୍ୟନ୍ତ ୧୬, ୫୦,୦୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଓ କର୍ମଜୀବୀ ମହିଳାଙ୍କୁ ଆତ୍ମରକ୍ଷା କୌଶଳରେ ପ୍ରଶିକ୍ଷିତ କରିଛନ୍ତି। ରାଜ୍ୟର ଉଚ୍ଚଶିକ୍ଷା ବିଭାଗ, ଗଣଶିକ୍ଷା ବିଭାଗ, କ୍ରୀଡ଼ା ବିଭାଗ, ମହିଳା ଓ ଶିଶୁକଲ୍ୟାଣ ବିଭାଗ, ଓଡ଼ିଶା ପୋଲିସ, ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ ଦ୍ୱାରା ଏହି ପ୍ରଶିକ୍ଷଣ ଦିଆଯାଇଥିବାବେଳେ ଶିକ୍ଷା ବିଭାଗ ଦ୍ୱାରା ଏହି ପ୍ରଶିକ୍ଷଣ ଏବେ ମଧ୍ୟ ଚାଲୁ ରହିଛି। ଓଡ଼ିଶାର ସର୍ବପୁରାତନ ସାମରିକ କଳା ଓ କ୍ରୀଡ଼ା ପ୍ରଶିକ୍ଷଣ କେନ୍ଦ୍ର ଉତ୍କଳ କରାଟେ ସ୍କୁଲ ଦ୍ୱାରା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ୪୨ ଘଣ୍ଟାର ଆତ୍ମରକ୍ଷା ପ୍ରଶିକ୍ଷଣ କୋର୍ସ 'ରିଆକ୍ଟ' ମାଧ୍ୟମରେ ରାଜ୍ୟ ସରକାରଙ୍କ ଦ୍ୱାରା ୧୬ ଲକ୍ଷ ୫୦ ହଜାର ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିବାବେଳେ ବେସରକାରୀ ସଂସ୍ଥା ମାଧ୍ୟମରେ ୫୦,୦୦୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ପ୍ରଶିକ୍ଷିତ କରାଯାଇଛି। ଗୁଜରାଟର ଜାମ୍‌ନଗରସ୍ଥିତ ରିଲାଏନ୍ସ ରିଫାଇନେରି, ଦିଲ୍ଲୀସ୍ଥିତ ଅନ୍ତର୍ଜାତୀୟ ମାନବିକ ଅଧିକାର ସଙ୍ଗଠନ, ମାଇଣ୍ଡ୍ ଟ୍ରି, ଟାଟା ଏଆଇଏ, ବିଜୟା, ଭାରତୀୟ ରିଜର୍ଭ ବ୍ୟାଙ୍କ, ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ, କଲେଜ ଅଫ୍ ଆଇଟି ଆଣ୍ଡ ମ୍ୟାନେଜମେଣ୍ଟ ଏଜୁକେଶନ, ହାଇ-ଟେକ୍ ଗ୍ରୁପ୍ ଅଫ୍ ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଟ୍, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଏନ୍‌ସିସି ୱିଙ୍ଗ୍ ଆଦି ଅନେକ ସଂସ୍ଥା ଦ୍ୱାରା ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। କୌଣସି ସଂସ୍ଥା ଦ୍ୱାରା ରେକର୍ଡ ସୃଷ୍ଟି କରିବାର ଆଶା କରାଯାଇ ନ ଥିଲେ ମଧ୍ୟ ଓଡ଼ିଶାର ଏହି ଆତ୍ମରକ୍ଷା ପ୍ରଶିକ୍ଷଣ ସାରା ବିଶ୍ୱରେ ଏକ ରେକର୍ଡ ବୋଲି ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଉତ୍କଳ କରାଟେ ସ୍କୁଲର ସମ୍ପାଦକ ତଥା 'ରିଆକ୍ଟ'ର ଲେଖକ ହରିପ୍ରସାଦ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଦେଶରେ ଓଡ଼ିଶା ହିଁ ଏକମାତ୍ର ରାଜ୍ୟ, ଯେଉଁଠି ମହିଳାମାନଙ୍କୁ ସରକାରୀସ୍ତରରେ ମାଗଣାରେ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଉଛି ବୋଲି ସେ କହିଛନ୍ତି। ସେଥିପାଇଁ ହରିପ୍ରସାଦ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ରିଦ୍ଧିମାନଙ୍କ ଅଭିଯୋଗର ତଦନ୍ତ ରିପୋର୍ଟ ରିଭ୍ୟୁ କରାଯିବ

**ନୂଆଦିଲ୍ଲୀ, ୧୧।୪ (ପିଟି):** ଜଣାଶୁଣା ଜର୍ନାଲିଷ୍ଟ ବୋରିଆ ମଜୁମ୍‌ଦାରଙ୍କ ବିରୋଧରେ ଭାରତୀୟ ଟେଷ୍ଟ ଉଇକେଟ୍‌କିପର ରିଦ୍ଧିମାନ ଶାହା ଆଣିଥିବା ଅଭିଯୋଗ ଉପରେ ତଦନ୍ତକାରୀ ଦଳ ରିପୋର୍ଟକୁ ବିସିସିଆଇର ଆପେକ୍ସ କାଉନ୍ସିଲ ପୁନଃ ଯାଞ୍ଚ କରିବ। ଏଥିଲାଗି ଉପସଭାପତି ରାଜୀବ ଶୁକ୍ଲା, ଟ୍ରେଜରର ଅରୁଣ ଧୁମାଲ ଓ ଆପେକ୍ସ ସଦସ୍ୟ ପ୍ରଭତେଜ ଭାଟିଆଙ୍କୁ ନେଇ ବିସିସିଆଇ ଏକ ୩ ଜଣିଆ ପେନାଲ ଗଠନ କରିଛି। ୩୭ ବର୍ଷୀୟ କ୍ରିକେଟର ଗତମାସରେ କମିଟି ଆଗରେ ହାଜର ହୋଇଥିଲେ। ତାଙ୍କ ଭଳି ଜର୍ନାଲିଷ୍ଟ ବୋରିଆ ମଧ୍ୟ ପେନାଲ ଆଗରେ ହାଜର ହୋଇ ନିଜ ପକ୍ଷ ରଖିଥିଲେ। ସାକ୍ଷାତ୍‌କାର ଦେବା ପାଇଁ ମଜୁମ୍‌ଦାର ଧମକ ଦେଇଥିବା ଶାହା ଅଭିଯୋଗ କରିଥିଲେ। ଆଶା କରାଯାଉଛି, ବିସିସିଆଇ ଆପେକ୍ସ କାଉନ୍ସିଲ ବୈଠକରେ ଏହି ସମସ୍ୟାର ସମାଧାନ ହେବ।

# ଟେଷ୍ଟ ସିରିଜ୍‌ରେ ବାଂଲାଦେଶକୁ ମୂଳପୋଛ କଲା ଦକ୍ଷିଣ ଆଫ୍ରିକା

**ପୋର୍ଟ ଏଲିଜାବେଥ (ଦକ୍ଷିଣ ଆଫ୍ରିକା), ୧୧।୪:** ବାଂଲାଦେଶ ଦଳକୁ ଦ୍ୱିତୀୟ ଇନିଂସ୍‌ରେ ୮୦ ରନ୍‌ରେ ଅଲଆଉଟ୍ କରି ୨ୟ ଟେଷ୍ଟକୁ ୩୩୨ ରନ୍‌ର ବୃହତ୍ ବ୍ୟବଧାନରେ ଜିତିନେଇଛି ଦକ୍ଷିଣ ଆଫ୍ରିକା। ଏଥିସହ ଘରୋଇ ଦଳ ସୋମବାର ଦୁଇ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌କୁ ୨-୦ରେ ମୂଳପୋଛ କରିଛି। କେଶବ ମହାରାଜ (୭/୪୦) ଏବଂ ସାଇମନ ହାରମର(୩/୩୪)ଙ୍କ ସ୍ପିନ୍ ଯୋଡ଼ି ପୁଣିଥରେ ବାଂଲାଦେଶ ବିପକ୍ଷରେ ସମସ୍ତ ୧୦ ଉଇକେଟ ହାତେଇଛି। ଏହି ଦୁଇ ସ୍ପିନର ବାଂଲାଦେଶ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ମଧ୍ୟ ସମାନ ସଫଳତା ପାଇଥିଲେ। ପୂର୍ବ ଦିନର ସ୍କୋର ୨୭/୩ରୁ ବ୍ୟାଟିଂ ଆରମ୍ଭ କରିଥିବା ବାଂଲାଦେଶକୁ ଅଲଆଉଟ୍ କରିବା ପାଇଁ ଦକ୍ଷିଣ ଆଫ୍ରିକା ସ୍ପିନରଙ୍କୁ ମାତ୍ର ୧୪ ଓଭର ବୋଲିଂ କରିବାକୁ ପଡ଼ିଥିଲା। ପ୍ରଥମ ଇନିଂସ୍‌ରେ ଘରୋଇ ଦଳ ୪୫୩ ରନ୍ କରିଥିବା ବେଳେ ଭ୍ରମଣକାରୀ ବାଂଲାଦେଶ ୨୧୭ରେ ସୀମିତ ରହିଥିଲା। ଏହାପରେ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସରେ ୧୭୬/୬ରେ ପାଳି ଘୋଷଣା କରିବାରୁ ବାଂଲାଦେଶ ଆଗରେ ଛିଡ଼ା ହୋଇଥିଲା ବିଶାଳ ୪୧୩ ରନ୍‌ର ବିଜୟଲକ୍ଷ୍ୟ।

## ଅନ୍ୟାନ୍ୟ ଖବର

# ବିଚାରପତିଙ୍କ ପାଇଁ ରାଜନୀତି ପ୍ରାସଙ୍ଗିକ ନୁହେଁ: ସିଜେଆଇ

**ନୂଆଦିଲ୍ଲୀ, ୧୧।୪(ପି.ଟି.):** ବିଚାରପତି ହୋଇସାରିବା ପରେ ରାଜନୀତି ପ୍ରାସଙ୍ଗିକ ନୁହେଁ। ସମ୍ବିଧାନ ହିଁ ବିଚାରପତିମାନଙ୍କୁ ମାର୍ଗଦର୍ଶନ କରିଥାଏ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନା ସୋମବାର କହିଛନ୍ତି। ଭାରତର ବିଶାଳ ସାମାଜିକ ଓ ଭୌଗୋଳିକ ବିବିଧତା ନ୍ୟାୟ ବ୍ୟବସ୍ଥାରେ ପ୍ରତିଫଳନ ହେଲେ ସାମର୍ଥ୍ୟ ବୃଦ୍ଧି କରିବ। ଆମେରିକା ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଷ୍ଟଫେନ୍ ବ୍ରେୟରଙ୍କ ସହ 'ଦ୍ୱିତୀୟ ତୁଳନାତ୍ମକ ସାମ୍ବିଧାନିକ ଆଇନ ଆଲୋଚନା'ରେ ଉଦ୍‌ବୋଧନ ଦେଇ ଜଷ୍ଟିସ ରମନା ଏହା କହିଛନ୍ତି। ବିଚାରପତିଙ୍କ କାମ ରାଜନୈତିକ ନୁହେଁ ବୋଲି ବ୍ରେୟରଙ୍କ ସହିତ ସେ ସହମତ ଥିବା କହିଛନ୍ତି। ଏହି ଅନ୍‌ଲାଇନ କାର୍ଯ୍ୟକ୍ରମ ନୂଆଦିଲ୍ଲୀର ସୋସାଇଟି ଫର୍ ଡେମୋକ୍ରାଟିକ୍ ରାଇଟ୍ସ ଏବଂ ୱାଶିଂଟନ ଡିସିର ଜର୍ଜଟାଉନ ୟୁନିଭର୍ସିଟି ଲ' ସେଣ୍ଟର ପକ୍ଷରୁ ଆୟୋଜିତ ହୋଇଥିଲା।

# ଅଭୟାରଣ୍ୟର ଶୋଭା ବଢ଼ାଉଛନ୍ତି ନେପାଳୀ ମୂଷା



କପିଳାସ ପ୍ରାଣୀ ଉଦ୍ୟାନ ପରିସରରେ ଥିବା ନେପାଳୀ ମୂଷା।

**ଢେଙ୍କାନାଳ ଅଫିସ,୧୧।୪**

- କପିଳାସ ପ୍ରାଣୀ ଉଦ୍ୟାନରେ ସାଜିଛନ୍ତି ପର୍ଯ୍ୟଟକଙ୍କ ଆକର୍ଷଣ
- ସୁରକ୍ଷା ମିଳୁଥିବାରୁ ବଢ଼ୁଛି ଏହି ବିରଳ ପ୍ରାଣୀଙ୍କ ସଂଖ୍ୟା

ଢେଙ୍କାନାଳ ଜିଲା କପିଳାସ ଅଭୟାରଣ୍ୟ ଏବଂ ପ୍ରାଣୀ ଉଦ୍ୟାନର ଶୋଭା ବଢ଼ାଉଛନ୍ତି ଏକ ବିରଳ ପ୍ରଜାତିର ମୂଷା। ବନବିଭାଗ ପକ୍ଷରୁ ଏହାକୁ ଇଣ୍ଡିଆନ୍ ଜିଆଣ୍ଟ ସ୍କୁଇରେଲ୍ କୁହାଯାଉଥିବାବେଳେ ସ୍ଥାନୀୟ ରେଞ୍ଜ୍ କର୍ମଚାରୀମାନେ ନେପାଳୀ ମୂଷା ବୋଲି କହୁଛନ୍ତି।

କପିଳାସ ଅଭୟାରଣ୍ୟ ଏବଂ ପ୍ରାଣୀ ଉଦ୍ୟାନ ବ୍ୟତୀତ ଏହି ପ୍ରଜାତିର ମୂଷା ରାଜ୍ୟର ବିଭିନ୍ନ ଘନଜଙ୍ଗଲରେ ଦେଖିବାକୁ ମିଳିଥାନ୍ତି। ଶିମିଳିପାଳ ସହ ଢେଙ୍କାନାଳ ଜିଲାର ହିନ୍ଦୋଳ ରେଞ୍ଜ ଅନ୍ତର୍ଗତ କନ୍ଧାର, କପିଳାସ ରେଞ୍ଜ୍‌ର କପିଳାସ ଅଭୟାରଣ୍ୟ ଓ ପ୍ରାଣୀ ଉଦ୍ୟାନ, କଙ୍କଡ଼ାହାଡ଼ ବ୍ଲକର ରଞ୍ଜାଗଡ ସଂରକ୍ଷିତ ଜଙ୍ଗଲ ଏମାନଙ୍କ ବାସସ୍ଥାନ ପାଲଟିଛି। ବିଶେଷକରି କପିଳାସ ପ୍ରାଣୀ ଉଦ୍ୟାନରେ ଏହା ପର୍ଯ୍ୟଟକମାନଙ୍କ ଆକର୍ଷଣ ସାଜିଛନ୍ତି। ପର୍ଯ୍ୟଟକମାନେ ଏହି ମୂଷାମାନଙ୍କ ଫଟୋ ଉଠାଇବା ପାଇଁ ବେଶ୍ ଆଗ୍ରହ ରଖିଥିବା ଦେଖାଯାଉଛି। ବଡ଼ ବଡ଼ ଗଛରେ ରହିବାକୁ ପସନ୍ଦ କରୁଥିବା ନେପାଳି ମୂଷା ଗଛରୁ ଗଛ କିମ୍ବା ଡାଳରୁ ଡାଳ ୨୦ ଫୁଟ ପର୍ଯ୍ୟନ୍ତ ଡେଇଁ ପାରୁଛନ୍ତି। ଭୋର୍, ପୂର୍ବାହ୍ନ ଓ ଅପରାହ୍ନରେ ଏମାନେ ଅଧିକ ସଂଖ୍ୟାରେ ବାହାରକୁ ଆସୁଛନ୍ତି। ପ୍ରାଣୀ ଉଦ୍ୟାନ ମଧ୍ୟରେ ଥିବା ଗଛଗୁଡ଼ିକରେ ବସା ବାନ୍ଧି ରହୁଥିବା ଏହି ବିରଳ ପ୍ରାଣୀଙ୍କୁ ବନ କର୍ମଚାରୀଙ୍କ ପକ୍ଷରୁ ସୁରକ୍ଷା ଯୋଗାଇ ଦିଆଯାଉଛି। ଫଳରେ ଏଠାରେ ପ୍ରାୟ ୨୭ଟି ଇଣ୍ଡିଆନ ଜିଆଣ୍ଟ ସ୍କୁଇରେଲ୍ ରହୁଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଏହି ମୂଷାଗୁଡ଼ିକ ବେଲ, ଆମ୍ବ, ପଣସ ଆଦି ବିଭିନ୍ନ ଫଳ, ଆମ୍ବ ଓ କୁସୁମ ଗଛର ପତ୍ର, ଶାଳଫୁଲ, ଅସନ ଗଛର ଫଳ ଖାଇଥାନ୍ତି। ପ୍ରାଣୀ ଉଦ୍ୟାନ ପରିସରରେ ବିଭିନ୍ନ ସ୍ଥାନରେ ଜୀବଜନ୍ତୁଙ୍କ ପାଇଁ ରହିଥିବା ଫଳ ଏମାନଙ୍କ ଆହାର ପାଲଟିଛି। ସେହିପରି ଢେଙ୍କାନାଳ-କପିଳାସ ରାସ୍ତା ପାର୍ଶ୍ୱରେ ଥିବା କପିଳାସ ଅଭୟାରଣ୍ୟରେ ମଧ୍ୟ ଏହି ପ୍ରଜାତିର ମୂଷା ଦେଖିବାକୁ ମିଳୁଛନ୍ତି।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି କହିଛନ୍ତି, ଓଡ଼ିଶାର ଶିମିଳିପାଳ ସମେତ ଅନ୍ୟ ଜିଲାରେ ଥିବା ଘନଜଙ୍ଗଲ, କପିଳାସ ଅଭୟାରଣ୍ୟ ଓ ପ୍ରାଣୀ ଉଦ୍ୟାନରେ ଏହି ପ୍ରାଣୀ ରହିଛନ୍ତି। ବନ ବିଭାଗ ପକ୍ଷରୁ ସୁରକ୍ଷା ଦିଆଯାଉଛି। ସକାଳେ ଓ ଅପରାହ୍ନରେ ଏମାନେ ଚଳଚଞ୍ଚଳ ରହୁଥିବାବେଳେ ମଧ୍ୟାହ୍ନରେ ଗଛ ଡାଳରେ ବିଶ୍ରାମ ନେଇଥାନ୍ତି ବୋଲି ଜିଲା ବନଖଣ୍ଡ ଅଧିକାରୀ ପ୍ରକାଶ କରିଛନ୍ତି।

**CLASSIFIED DISPLAY** — ALL EDITION - B/W (Everyday)
TARIFF — MORE SPACE • SAME PRICE — GST 5%

| For Single Day 6x4 | For Single Day 12x4 | For 7 Days 6x4 | For 7 Days 12x4 | For 15 Days 6x4 | For 15 Days 12x4 | For 30 days 6x4 | For 30 days 12x4 |
|---|---|---|---|---|---|---|---|
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

ଭାରତର ସୁପ୍ରସିଦ୍ଧ ୨୧ବର୍ଷର ମାନ୍ୟତାପ୍ରାପ୍ତ ବଶୀକରଣ ବିଶେଷଜ୍ଞ, ପ୍ରେମ ବିବାହ, ମନଚାହୁଁଥିବା ପ୍ରେମ, ପତି-ପତ୍ନୀ ସମସ୍ୟା ଏହିପରି ସବୁ ପ୍ରକାର Love problem ସମାଧାନ କରାଯାଏ।
7749814706
7606076003

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
Mudra Finance
Mob. 8987604637
9471160476
Whatsapp: 8902923601

ସରକାରୀ ସୁବିଧାର ଉଠାନ୍ତୁ ଲାଭ
(୧) କୃଷି ସୋଲାର ପମ୍ପ ଯୋଜନା।
(୨) ଗୃହ ସୋଲାର ପ୍ୟାନେଲ ଯୋଜନା।
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା।
(୪) କିଷାନ କ୍ରେଡିଟ କାର୍ଡ ଯୋଜନା।
6399403124

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଵରାଜକିଶୋର ମିଶ୍ର
ପୋଖରୀପୁଟ, ଭୁବନେଶ୍ୱର
ଆବିର୍ଭାବ: ୧୧।୦୪।୧୯୪୪
ତିରୋଧାନ: ୦୩।୦୪।୨୦୨୨
ତୁମର କର୍ତ୍ତବ୍ୟନିଷ୍ଠା, ସ୍ନେହ, ଶ୍ରଦ୍ଧା, ସରଳ ଜୀବନଶୈଳୀ ଓ ସମ୍ମାନବୋଧ ଏବଂ ସର୍ବଦା ସହାସ୍ୟ ମୁଖ ଆମର ଚିର ସ୍ମରଣୀୟ ହୋଇ ରହିବ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ। (ଝିଅ, ଜ୍ୱାଇଁ, ପୁଅ, ବୋହୂ, ନାତିମାନେ।
ଧ-୦୯୪

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତା କମଳିନୀ ତ୍ରିପାଠୀ
ଯୋଗୀସର୍ଡା, ଲୋଇସିଂହା, ବଲାଙ୍ଗୀର
ଆବିର୍ଭାବ: ୧୫।୦୨।୧୯୪୫
ତିରୋଧାନ: ୦୧।୦୪।୨୦୨୨
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ମଣିଷ ପଣିଆ, ଦୂରଦୃଷ୍ଟି, ସମ୍ମାନବୋଧ, ଆଦର୍ଶ, ତ୍ୟାଗ ଓ ଆଶୀର୍ବାଦ ସବୁଦିନ ସ୍ମୃତି ହୋଇ ରହିବ। ଅମର ଆତ୍ମାର ଶାନ୍ତି, ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ (ପ୍ରଭୁ) ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର ଓ ବନ୍ଧୁବର୍ଗ।
ଧ-୧୦୬

ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ

ଵ ରାମଚନ୍ଦ୍ର ମଣ୍ଡଳ
ନିରାଳ (ଆସିକା) ଗଞ୍ଜାମ
ତିରୋଧାନ : ୧.୪.୨୦୨୨
ଆଜି ଆପଣଙ୍କ ତିରୋଧାନର ଦ୍ୱାଦଶାହ ଦିବସରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଚରଣାର ବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ।
- ଶୋକସନ୍ତପ୍ତ -
କୃଷ୍ଣଚନ୍ଦ୍ର ମଣ୍ଡଳ, ଲବ ମଣ୍ଡଳ
ନାରାୟଣ ବେହେରା,
ଭାଗ୍ୟଲତା ମଣ୍ଡଳ ଓ ଆତ୍ମୀୟ ସ୍ୱଜନ
ଧ-୧୧୦

ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ

ଵ କନ୍ଧ ପଣ୍ଡା
ବାଣୀବିହାର, ଆସିକା ଗଞ୍ଜାମ
ପ୍ରଥମ ଶ୍ରାଦ୍ଧବାର୍ଷିକୀ : ୧୨.୪.୨୨
ଆଜି ଆପଣଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଚରଣାର ବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ।
- ଶୋକସନ୍ତପ୍ତ -
ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ
ଧ-୧୦୯

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

ଵ କୋରି ପଣ୍ଡା
ଅନନ୍ତ ନଗର ୩ୟ ଲାଇନ୍, ବ୍ରହ୍ମପୁର, ଗଞ୍ଜାମ
ଆବିର୍ଭାବ : ୨୭.୦୭.୧୯୩୪
ତିରୋଧାନ : ୨୩.୦୪.୨୦୨୧
ତିଥି - ଏକାଦଶୀ
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ତ୍ତବ୍ୟ ଆମ ପାଇଁ ସବୁଦିନ ପ୍ରେରଣାର ଉତ୍ସ ହୋଇ ରହିବ। ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ବିଶ୍ୱନିୟନ୍ତା ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପାଖରେ ଆମ୍ଭେମାନେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ :
ଉତ୍ତମ, ଗୌତମ, ମମତା
ରିତା, ଗିତା ଏବଂ ସବିତା,
ନାତି, ନାତୁଣୀ - ବଦ୍ରୀ, ପୂଜା, କ୍ରୀଷ୍ଣା
ଧ-୧୧୫

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ସୌନ୍ଦର୍ଯ୍ୟ

# ମେଥି ହେୟାର ମାସ୍କ



କେଶକୁ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରକାରର ଦାମୀ ପ୍ରଡକ୍ଟ ବ୍ୟବହାର କରାଯାଏ। କିନ୍ତୁ ଘରୋଇ ଉପାୟରେ ମେଥି ବ୍ୟବହାର କରି ସୁନ୍ଦର ଘନ କେଶ ପାଇ ହେବ...

➡ମେଥି ହେୟାର ମାସ୍କ ଲଗାଇବା ଫଳରେ କେଶ ଝଡ଼ିବା, କେଶ ଧଳା ହୋଇଯିବା ଏବଂ ରୂପି ଆଦି ସମସ୍ୟା ଦୂର ହୋଇଥାଏ।

➡କେଶକୁ ଅଧିକ ମଜଭୁତ କରିବା ପାଇଁ ସପ୍ତାହରେ ୨ ଥର ମେଥିକୁ ରାତିରେ ଭିଜାଇ ସେହି ପାଣିରେ କେଶ ଧୁଅନ୍ତୁ।

➡ସେହିପରି କେଶ ଅଧିକ ଶୁଷ୍କ ଥିଲେ ମେଥିକୁ ଭିଜାଇ ବାଟି ସେଥିରେ ନଡିଆ କିମ୍ବା ବାଦାମ ତେଲ ମିଶାଇ କେଶରେ ଲଗାନ୍ତୁ।

➡ମେଥିରେ ଭିଟାମିନ୍ ଏ, କେ, ସି, ଆଇରନ୍, କ୍ୟାଲସିଅମ୍ ଓ ଫଲିକ୍ ଏସିଡ୍ ଭଳି ତତ୍ତ୍ୱ ଥିବାରୁ ତାହା କେଶ ବୃଦ୍ଧି ସହ କେଶର ବିଭିନ୍ନ ସମସ୍ୟା ଦୂର କରିବାରେ ସହାୟକ ହୋଇଥାଏ।

➡ ମେଥି ହେୟାର ମାସ୍କ ତିଆରି କରିବା ପାଇଁ ପ୍ରଥମେ ଦୁଇ ଚାମଚ ମେଥିକୁ ରାତିରୁ ଭିଜାଇ ରଖନ୍ତୁ। ସକାଳେ ମେଥିକୁ ବାଟି ସେଥିରେ ଲେମ୍ବୁ ରସ ଓ ନଡିଆ କ୍ଷୀର ମିଶାନ୍ତୁ। ଏହି ପେଷ୍ଟକୁ କେଶ ମୂଳରେ ୨୦ ମିନିଟ ପର୍ଯ୍ୟନ୍ତ ଲଗାଇ ତା' ପରେ ସାମ୍ପୁ କରି ଦିଅନ୍ତୁ।

➡ ମେଥିକୁ ଗୁଣ୍ଡ କରି ନଡିଆ ତେଲରେ ମିଶାଇ କେଶ ମୂଳରେ ଲଗାନ୍ତୁ। ଶୁଖିଗଲା ପରେ ସାମ୍ପୁ କରି ଦିଅନ୍ତୁ।



# କହିବା ଆଗରୁ...

କହିବାର କଳା ତ ପ୍ରାୟ ସମସ୍ତେ ଜାଣନ୍ତି କିନ୍ତୁ ନ କହିବା ବି ଏକ ସୁନ୍ଦର କଳା ଏକଥାକୁ ହୁଏତ କେତେଜଣ ଜାଣନ୍ତି। ଆଉ ଥରେ ଏଇ କଳା ଜାଣିଗଲେ ପରିବାରରେ ସୁଖଶାନ୍ତି ଆସିବା ସହିତ ଢେର୍ ମଧୁର ହୋଇଥାଏ ସମ୍ପର୍କ। ପଦିଏ କଥାରେ ଝରିଯାଏ ପ୍ରେମର ମଧୁର ମୂର୍ଚ୍ଛନା ଆଉ ପଦେ କଥାରେ ବି ଭୁଶୁଡି ଯାଏ ସମ୍ପର୍କର ମଜଭୁତ ନିଅଁ। କେଉଁ ସମୟରେ କଥାର ପ୍ରଭାବ କ'ଣ ହୁଏ ସେ ଅନୁଭବ ତ ଅଳ୍ପେ ବହୁତେ ଥାଏ ଗୃହିଣୀଙ୍କର। ତେଣୁ ହଠାତ୍ କିଛି କହିବା ଆଗରୁ ଥରେ ଭାବିବା ଉଚିତ...



ପରିବାର ଭିତରେ ସମସ୍ତଙ୍କ ମନ ନେଇ ଚଳିବାକୁ ହେଲେ ପ୍ରଥମେ ନିଜ ଉପରେ ନିୟନ୍ତ୍ରଣ ରଖିବାକୁ ହୁଏ। କେଉଁ ସମୟରେ କଥା କହିଲେ ତା'ର ସକାରାତ୍ମକ ପ୍ରଭାବ ପଡିବ ସେକଥା ବିଚାର କରିବା ଦରକାର। ନଚେତ୍ ବିରକ୍ତି ଭାବରେ ପ୍ରତିକ୍ରିୟାରେ ପଦେ କଥା କହିଦେଲେ ନିମିଷକେ ହୁଏତ ସୁନା ସଂସାର ଭାଙ୍ଗି ଯାଇପାରେ। ତେଣୁ ସଙ୍ଗେ ସଙ୍ଗେ ସବୁ କଥା ନ କହି ସମୟକୁ ଅପେକ୍ଷା କରି ନିଜ କଥା ଉପସ୍ଥାପନ କରିବା ଉଚିତ।

**ହଠାତ୍ ଡରାନ୍ତୁ ନାହିଁ:** ପିଲାମାନେ କିଛି ଭୁଲ୍ କରିଲେ ସେମାନଙ୍କୁ ସଙ୍ଗେ ସଙ୍ଗେ ଗାଳି ଦିଅନ୍ତୁ ନାହିଁ। ଆପଣଙ୍କ ଦୃଷ୍ଟିରେ ହୁଏତ ସେମାନେ କିଛି ଭୁଲ୍ କରିଥାଇ ପାରନ୍ତି କିନ୍ତୁ ସଙ୍ଗେ ସଙ୍ଗେ ପିଲାଙ୍କୁ ଗାଳି କିମ୍ବା ମାଡ ଦେଲେ ସେମାନେ ହୁଏତ ପ୍ରତିକ୍ରିୟାଶୀଳ ହୋଇପାରନ୍ତି। ଫଳରେ ସେମାନଙ୍କ କଅଁଳ ମନକୁ ଢେର୍ ଆଘାତ ଲାଗିବ। ହୁଏତ ସବୁଦିନ ପାଇଁ ସେମାନେ ଭୟରେ କିମ୍ବା କ୍ରୋଧରେ ଲୁଚାଇ ଲୁଚାଇ ଭୁଲ କାମ କରିପାରନ୍ତି। ତେଣୁ ପିଲାଙ୍କୁ ସବୁବେଳେ ବୁଝାଇ ଶୁଝାଇ ପ୍ରତି କଥା କୁହନ୍ତୁ। ଏମିତିକି ସେମାନଙ୍କ ଭୁଲ୍ କାମକୁ ବି ପ୍ରଥମେ ଭୁଲ୍ କୁହନ୍ତୁ ନାହିଁ। ପରେ ସମୟ ଦେଖି ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରନ୍ତୁ।



**ଉତ୍ତର ଦେବାକୁ ହେଲେ:** ପରିବାରରେ ଥିବା ଗୁରୁଜନମାନେ ଆପଣଙ୍କୁ କିଛି କହିଲେ ତାଙ୍କୁ କିଛି ଉତ୍ତର ଦେବା ପୂର୍ବରୁ ସେ କଥାର କ'ଣ ପ୍ରଭାବ ହେବ ଚିନ୍ତା କରିବା ଉଚିତ। କାହିଁକି ନା ସେମାନଙ୍କ ମନରେ ସାମାନ୍ୟ ଟିକିଏ ବି ଆଘାତ ଲାଗିଲେ ତାହା ପରିବାରରେ ଏକ ବିରାଟ ଝଡ଼ ସୃଷ୍ଟି କରିଥାଏ। ତେଣୁ ଶାଶୁ, ଶ୍ୱଶୁର କିମ୍ବା ଅନ୍ୟ ଗୁରୁଜନଙ୍କୁ କିଛି କହିବା ସମୟରେ ପ୍ରଥମେ ଭାବିବା ଉଚିତ। ହୁଏତ ଅନେକ ସମୟରେ ଠିକ୍ କିମ୍ବା ସତ କଥା ବି ସେମାନଙ୍କୁ ଠିକ୍ ଲାଗି ନ ଥାଏ। ତେଣୁ ସେଭଳି ସତ ବି କହିବା ଉଚିତ ନୁହେଁ। ଅବଶ୍ୟ ସମୟ ସୁବିଧା ଦେଖି ପର ମୁହୂର୍ତ୍ତରେ କେବେ ସେହି କଥାକୁ କହିଲେ କଥାର ଗୁରୁତ୍ୱ ରହିଥାଏ। ତା' ଛଡ଼ା ସେମିତି କିଛି କଥା ପରେ କହିବା ଫଳରେ ପରିବାରରେ ବୋହୂ ପ୍ରତି ସମସ୍ତଙ୍କର ଭଲପାଇବା ବି ଅତୁଟ ରହିଥାଏ।





**ମନକୁ ବୁଝି :** ସାଥୀଙ୍କ ଆଗରେ ମନଖୋଲି ସବୁ କିଛି କହିଦେବାକୁ ଇଚ୍ଛା ହୋଇଥାଏ। ହେଲେ କହିବା ପାଇଁ ଉପଯୁକ୍ତ ସମୟ ସୁଯୋଗକୁ ଅପେକ୍ଷା କରିବା ଉଚିତ। ନଚେତ୍ ଆପଣଙ୍କ କଥାର ବିପରୀତ ପ୍ରଭାବ ପଡ଼ିପାରେ। ହୁଏତ ସାଥୀଙ୍କ ସହ ସମ୍ପର୍କରେ ଫାଟ ବି ସୃଷ୍ଟି ହୋଇପାରେ। ପରିବେଶ ଓ ପରିସ୍ଥିତିକୁ ଦୃଷ୍ଟିରେ ରଖି କଥା କହିଲେ ସହଜରେ ସ୍ୱାମୀଙ୍କ ମନକୁ କିଣିହୁଏ। ଆଉ କିଛି ବିଚାର ନ କରି କ୍ରୋଧରେ ପ୍ରତିକ୍ରିୟାଶୀଳ ହୋଇ ସବୁକିଛି କହିଦେଲେ କଥା ସରିଯାଏ। କିନ୍ତୁ ବୁଦ୍ଧିମତୀ ମହିଳା ଏମିତି ଭୁଲ୍ କେବେ କରନ୍ତି ନାହିଁ। ସ୍ୱାମୀଙ୍କ ମନକୁ ବୁଝି ସମୟ ନେଇ କଥା କହିଲେ ଆପତ୍ତି ଅଭିଯୋଗ ଅବା ଅଭିମାନ ସବୁର ମୂଲ୍ୟ ରହିଥାଏ।

## ଏମାନେ କ'ଣ କରନ୍ତି...

**ସମସ୍ତେ ଭଲ ପାନ୍ତି:** ଶାଶୁ ଘରେ ଆଜିପର୍ଯ୍ୟନ୍ତ କେବେ କାହାକୁ ରାଗରେ ମୁଁ କିଛି କହିନି। ସେମିତି ବି ନୁହଁ ଯେ ମୁଁ ସବୁ କଥା ଲୁଚାଇ ରଖେ। କିନ୍ତୁ କୌଣସି କଥାକୁ ନେଇ ଯୁକ୍ତି ହେଉଥିବା ସମୟରେ ମୁଁ କାହାକୁ କିଛି ନ କହି ପରେ ସମସ୍ତେ ଭଲ ମୁଡରେ ଥିବାବେଳେ ମୋର ପରାମର୍ଶ କିମ୍ବା ମତ ଦେଇଥାଏ। ଏମିତି କରିବା ଫଳରେ ଅନେକ ସମୟରେ ସହଜରେ ସମସ୍ୟା ସମାଧାନ ହୋଇଯାଏ। ତେଣୁ ଶାଶୁ ଘରେ କୌଣସି ସଦସ୍ୟ ମୋ ଉପରେ କେବେ ରାଗନ୍ତି ନାହିଁ। ବରଂ ଭଲ ବୋହୂ କହି ମତେ ସମସ୍ତେ ବହୁତ ଭଲ ପାଆନ୍ତି।

*–ସୁରଭି ମିଶ୍ର, ଗୃହିଣୀ, ଭୁବନେଶ୍ୱର*

**ଉଦାହରଣ ଦେଇ ବୁଝାଏ:** ମୋ ପିଲା ପାଇଁ ମୁଁ ବହୁତ ଭାବପ୍ରବଣ। ତେଣୁ ଘରେ ଆମ ଭିତରେ କେବେ ଯଦି କୌଣସି କଥାରେ ଛୋଟମୋଟ ଝଗଡା ହୁଏ ତେବେ ପିଲାମାନଙ୍କୁ ଅଲଗା ଘରେ ରଖିଥାଏ। ସେମାନଙ୍କର ପ୍ରତିଟି ଭାବନାକୁ ମୁଁ ଗୁରୁତ୍ୱ ଦିଏ। ସେଥିପାଇଁ କୌଣସି କଥାରେ ମୁଁ ତାଙ୍କୁ ରାଗିକି କିଛି କହେନି। ବରଂ ବୁଝାଇବା ସହ ଅନ୍ୟମାନଙ୍କର ଉଦାହରଣ ଦେଖାଇ ସବୁ କଥା କହିଥାଏ। ତେଣୁ ପ୍ରଥମେ ରାଗିଲେ ବି ସାଙ୍ଗେ ସାଙ୍ଗେ ସେ ତା' ଭୁଲ୍ ବୁଝିଯାଏ।

*–କବିତା ପାତ୍ର, ଗୃହିଣୀ, ଫେଜ୍-୩, ବଡମାଳ, ବଲାଙ୍ଗୀର*

**ମୁଡ୍ ଦେଖି କହେ:** ଘରକୁ ଫେରିବା ମାତ୍ରେ ସାଙ୍ଗେ ସାଙ୍ଗେ ମୁଁ କାହାକୁ କିଛି କହେନି। ଏମିତି କି ସ୍ୱାମୀ ଘରକୁ ଆସିବାର କିଛି ସମୟ ପରେ ତାଙ୍କ ମୁଡ୍ ଦେଖି ମୁଁ କଥା କହେ। ଖିଆପିଆ ସରିବା ପରେ ଏକୁଟିଆ ସମୟରେ ମୁଁ ଯାହା କହିଲେ ସେ ସହଜରେ ବୁଝିପାରନ୍ତି। ଏମିତି କି ମୁଁ ବିରକ୍ତ ହୋଇଥିବା କୌଣସି କଥା କହିଲେ ବି ସେ ମତେ ବୁଝାଇବାକୁ ଚେଷ୍ଟା କରନ୍ତି। ତେଣୁ ଆମ ଭିତରେ କେବେ କୌଣସି ମତପାର୍ଥକ୍ୟ ହୁଏନି ଓ ଭଲ ବୁଝାମଣା ରହିଥାଏ। ମୋର ଏଇ ସ୍ୱଭାବ ପାଇଁ ଆମ ପରିବାର ସୁଖ ଶାନ୍ତିରେ ଚାଲିଛି ବୋଲି କହି ଶାଶୁ ଘରେ ସମସ୍ତେ ମତେ ପ୍ରଶଂସା କରନ୍ତି।

*–ସସ୍ମିତା ବ୍ରହ୍ମା, ସାଉଥ୍ ସିଟି, ବାନର ଘାଟ ରୋଡ୍, ବେଙ୍ଗାଲୁରୁ*



କବିତା



ସୁରଭି



ସସ୍ମିତା

# ସମର ଫ୍ୟାଶନ୍

ଋତୁ ଅନୁସାରେ ସବୁବେଳେ ଫ୍ୟାଶନ୍ ବଦଳିଥାଏ। ଖରାଦିନେ ସାଧାରଣତଃ ହାଲ୍କା ରଙ୍ଗର ଆରାମଦାୟକ ପୋଷାକ ପିନ୍ଧିବାକୁ ଭଲ ଲାଗେ। ଏହି ଦୃଷ୍ଟିରୁ ଏବେ ଫ୍ୟାଶନ୍ ଟ୍ରେଣ୍ଡରେ କେଉଁ ସବୁ ପୋଷାକ ଆରାମଦାୟକ ହେବା ସହ ଷ୍ଟାଇଲିସ୍ ଲାଗିବ ଜାଣି ରଖନ୍ତୁ...



➤ଖରାଦିନିଆ ଫ୍ୟାଶନରେ କ୍ଲୋଟ୍ସ ସହିତ କ୍ରପ ଟପ୍ ବେଶ୍ ଭଲ ଲାଗିବ। କ୍ଲୋଟ୍ସ ଆଣ୍ଠୁଠାରୁ ତଳକୁ ରହିବା ସହ ଢିଲା ରହିଥାଏ। ତେଣୁ ଏହା ଆରାମଦାୟକ ଏବଂ ଷ୍ଟାଇଲିସ୍ ଲାଗେ। ଏଥିରେ ସ୍ଲିଭ୍ ଲେସ୍ ଟି-ଶାର୍ଟ ବି ଭଲ ଲାଗିଥାଏ।

➤ଖରାଦିନେ ପ୍ଲାଜୋ ବହୁତ ଭଲ ଲାଗିଥାଏ। ଏହା ସହିତ କ୍ରପଟପ୍, ଟି-ଶାର୍ଟ ମଧ୍ୟ ଭଲ ଲାଗେ।

➤ଜିନ୍ସ, ପ୍ଲାଜୋ, ସ୍କର୍ଟ ସହିତ ବିଭିନ୍ନ ରଙ୍ଗର ସ୍ପାଗେଟି ମଧ୍ୟ ଏବେ ଫ୍ୟାଶନ୍ ଟ୍ରେଣ୍ଡରେ ଖୁବ୍ ପସନ୍ଦ ହୋଇପାରୁଛି।

➤ହାଫ୍ ହଲଟର୍ ନେକ୍ ଟପ୍ ମଧ୍ୟ ଷ୍ଟାଇଲିସ୍ ଲାଗିଥାଏ। ଏହାକୁ ଜିନ୍ସ କିମ୍ବା ସ୍କର୍ଟ ସହିତ ପିନ୍ଧିପାରିବେ। ଅଫିସ୍ ବ୍ୟତୀତ ଏହାକୁ ପାର୍ଟିରେ ମଧ୍ୟ ପିନ୍ଧିପାରିବେ।

➤ଯଦି ଆପଣଙ୍କର ପେଟ ସାମାନ୍ୟ ବଡ ଲାଗୁଛି ତେବେ ଆପଣ ପେଲପମ୍ ଟପ୍ ପିନ୍ଧିପାରିବେ। ଏହା ଆରାମଦାୟକ ହେବା ସହିତ ଟ୍ରେଣ୍ଡି ଲୁକ୍ ଦେଇଥାଏ।

➤ଖରାଦିନେ ଫ୍ୟାଶନ୍ ଟ୍ରେଣ୍ଡରେ ସ୍କର୍ଟର ଚାହିଦା ଖୁବ୍ ରହିଥାଏ। ସ୍କର୍ଟ ସହିତ କଟ୍ ସ୍ଲିଭ୍ ଟପ୍ କିମ୍ବା ଡେନିମ୍ ଜ୍ୟାକେଟ୍‌କୁ ଖୋଲା କରି ପିନ୍ଧି ହେବ। ଏହା ସହିତ ଜୋତା ବଦଳରେ ବୁଟ୍ କିମ୍ବା ହାଇ ହିଲ ପିନ୍ଧନ୍ତୁ। ଷ୍ଟାଇଲିସ୍ ଲୁକ୍ ମିଳିବ।

➤ଗରମରେ ହାଲ୍କା ରଙ୍ଗର ପୋଷାକ ଭଲ ଲାଗିଥାଏ। ତେଣୁ ଆପଣ ଡେନିମ୍ ପ୍ଲାଜୋ, ଜିନ୍ସ କିମ୍ବା ଶର୍ଟ ସ୍କର୍ଟ ସହିତ ବଲୁନ୍ ସ୍ଲିଭ୍‌ର ନଟେଡ୍ ଟପ୍ ପିନ୍ଧିପାରିବେ।



## ଖାଦ୍ୟରୁଚି: ଓନିଅନ୍ ମସାଲା

**ଆବଶ୍ୟକ ସାମଗ୍ରୀ–**
ପିଆଜ– ୧ଟି (ବଡ), ଭଜା ଜିରା ଗୁଣ୍ଡ– ଅଧା ଛୋଟ ଚାମଚ, ଚାଟ ମସଲା– ଅଧା ଛୋଟ ଚାମଚ, ଲଙ୍କା ଗୁଣ୍ଡ– ଅଧା ଛୋଟ ଚାମଚ, ଗୋଲମରିଚ ଗୁଣ୍ଡ– ଅଧା ଛୋଟ ଚାମଚ, ଲେମ୍ବୁ ରସ– ୧ ଛୋଟ ଚାମଚ, ଧନିଆପତ୍ର– ୧ ଛୋଟ ଚାମଚ (କଟା), ଲୁଣ ସ୍ୱାଦ ଅନୁସାରେ।

**ପ୍ରଣାଳୀ–**
ପିଆଜକୁ ପତଳା ଓ ଲମ୍ବା ଲମ୍ବା କରି କାଟି ଏକ ବଡ଼ ପାତ୍ରରେ ରଖନ୍ତୁ। ଏବେ ଏଥିରେ ସବୁ ମସଲା ଓ ଲୁଣ ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ। ଏହାପରେ ଲେମ୍ବୁ ରସ ପକାଇ ମିଶାନ୍ତୁ। ଶେଷରେ ଏଥିରେ କଟା ଧନିଆପତ୍ରକୁ ପକାଇ ଦିଅନ୍ତୁ। ଆପଣ ଚାହିଁଲେ ଏଥିରେ ପୁଦିନା ପତ୍ରକୁ କାଟି ମିଶାଇ ପାରିବେ। ଏବେ ପ୍ରସ୍ତୁତ ହୋଇଗଲା ମସାଲା ଓନିଅନ୍। ଏହାକୁ ଆପଣ ଭାତ କିମ୍ବା ରୁଟି ସହିତ ଖାଇପାରିବେ।



# ଘରୋଇ ଉପାୟରେ ଦୂରାନ୍ତୁ ମଶା

ପ୍ରବଳ ଗରମ ସାଙ୍ଗକୁ ମଶାଙ୍କ ଦୌରାତ୍ମ୍ୟ ଭାରି କଷ୍ଟ ଦେଇଥାଏ। ତେବେ ମଶା କାମୁଡ଼ାରୁ ବର୍ତ୍ତିବା ପାଇଁ ଚାହୁଁଥିଲେ ଜାଣି ରଖନ୍ତୁ କିଛି ଘରୋଇ ଉପାୟ...





➔ମଶା ଘଉଡାଇବା ପାଇଁ ରସୁଣ ବେଶ୍ ଫଳପ୍ରଦ। ଏଥିପାଇଁ ଆପଣ କିଛି ରସୁଣକୁ ଛେଚି ପାଣିରେ ମିଶାଇ ସିଝାଇ ଦିଅନ୍ତୁ। ଏବେ ଏହି ରସୁଣ ସିଝା ପାଣିକୁ ସ୍ପ୍ରେ ବୋତଲରେ ଭର୍ତ୍ତି କରି ଘରର ସବୁଆଡେ ସ୍ପ୍ରେ କରି ଦିଅନ୍ତୁ। ଏପରି କଲେ ଘର କୋଣରେ ରହିଥିବା ସବୁ ମଶା ବାହାରି ଯିବେ।

➔କଫି ବ୍ୟବହାର କରି ଆପଣ ମଶା ବାହାର କରିପାରିବେ। ଅଧିକ ମଶା ଥିବା ସ୍ଥାନରେ କଫି ପକାଇ ଦିଅନ୍ତୁ। କଫିର ଗନ୍ଧରେ ମସା ହେବେ ନାହିଁ।

➔ପୁଦିନାର ବାସ୍ନାରେ ମଧ୍ୟ ମଶା ରହିପାରନ୍ତି ନାହିଁ। ତେଣୁ ଘରର ବିଭିନ୍ନ ସ୍ଥାନରେ ଯଦି ପୁଦିନାର ତେଲ ପକାଇ ଦେବେ ତା'ହେଲେ ଘରେ ମଶା ରହିବେ ନାହିଁ।

➔ ନିମ୍ବ ତେଲରେ ମଧ୍ୟ ମଶାକୁ ଘଉଡାଇହେବ। ନିମ୍ବ ତେଲକୁ ପାଣିରେ ମିଶାଇ କିମ୍ବା ଲୋସନରେ ମିଶାଇ ଶରୀରରେ ଲଗାଇ ଦିଅନ୍ତୁ। ମଶା ଆପଣଙ୍କ ପାଖ ମାଡ଼ିବେ ନାହିଁ।

➔ସୋୟାବିନ୍ ତେଲକୁ ମଧ୍ୟ ଦେହରେ ଲଗାଇଲେ ମଶା କାମୁଡନ୍ତି ନାହିଁ।

# ଅମିତ ଅଧିନାୟକ ରହିଲେ, ଶୀଳାନନ୍ଦ ସାମିଲ



ଜର୍ମାନୀ ବିପକ୍ଷ ପ୍ରୋ ଲିଗ୍ ମ୍ୟାଚ ପାଇଁ ମନୋନୀତ ଭାରତୀୟ ପୁରୁଷ ହକି ଦଳ।

**ଏଫ୍ଆଇଏଚ୍ ପ୍ରୋ ଲିଗ୍**

- ଜର୍ମାନୀ ବିପକ୍ଷ ମ୍ୟାଚ ପାଇଁ ଭାରତୀୟ ପୁରୁଷ ହକି ଦଳ ଘୋଷିତ

ଭୁବନେଶ୍ୱର, ୧୧।୪ (କ୍ରୀଡ଼ା ପ୍ରତିନିଧି)

ଭାରତ ଓ ଜର୍ମାନୀ ମଧ୍ୟରେ ପ୍ରୋ ଲିଗ୍ ପୁରୁଷ ହକି ମ୍ୟାଚ୍ ଆସନ୍ତା ଗୁରୁବାର ଓ ଶୁକ୍ରବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିପାଇଁ ୨୨ ଜଣିଆ ଭାରତୀୟ ଦଳ ସୋମବାର ଘୋଷଣା କରାଯାଇଛି। ଓଡ଼ିଶାର ଅମିତ୍ ରୋହିଦାସ ଅଧିନାୟକ ପଦ ବଜାୟ ରଖିଥିବାବେଳେ ଫରୱାର୍ଡ ଶୀଳାନନ୍ଦ ଲାକ୍ରା ଦଳରେ ସ୍ଥାନ ପାଇଛନ୍ତି। ହରମନପ୍ରୀତ ସିଂ ଦଳର ଉପଅଧିନାୟକ ଦାୟିତ୍ୱ ତୁଲାଇବେ। ଦଳ ଚୟନ ସମ୍ପର୍କରେ ମତଦେଇ ମୁଖ୍ୟ କୋଚ୍ ଗ୍ରାହାମ ରିଡ୍ କହିଛନ୍ତି ଯେ, ଚଳିତ ବର୍ଷର ପ୍ରୋ ହକି ଲିଗ୍ ଆମକୁ ଭିନ୍ନ କମ୍ବିନେଶନ ଓ କୌଶଳରେ ଖେଳିବାର ସୁଯୋଗ ଦେଇଛି। ଯେଉଁଠି ଦୁର୍ବଳତା ପରିଲକ୍ଷିତ ହେଉଛି ଆମେ ତାହାକୁ ସୁଧାରିବାକୁ ଉଦ୍ୟମ କରୁଛୁ। ଘରୋଇ ପରିବେଶରେ ଆମେ ଶେଷ ମ୍ୟାଚ୍ ଜର୍ମାନୀ ବିପକ୍ଷରେ ଖେଳିବୁ। ତେଣୁ ଏହି ଦୁଇ ମ୍ୟାଚ୍‌ରେ ଉନ୍ନତ ପ୍ରଦର୍ଶନ ପାଇଁ ଆମେ ଚେଷ୍ଟା କରିବୁ। ଜର୍ମାନୀ ସବୁବେଳେ ଏକ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇଥାଏ। ତେଣୁ ଆଗାମୀ ୨ଟି ମ୍ୟାଚ୍‌ରୁ ଯଥାସମ୍ଭବ ଅଧିକ ପଏଣ୍ଟ ହାସଲ କରି ଟେବୁଲର ଶୀର୍ଷରେ ରହିବା ଆମର ଲକ୍ଷ୍ୟ ରହିବ। ଚଳିତ ସିଜନରେ ଭାରତ ୧୦ଟି ମ୍ୟାଚ୍ ଖେଳି ୨୧ ପଏଣ୍ଟ ସହିତ ଟେବୁଲର ଶୀର୍ଷରେ ରହିଛି। ଜର୍ମାନୀ ୮ ଗେମ୍‌ରୁ ୧୭ ପଏଣ୍ଟ ପାଇ ଦ୍ୱିତୀୟରେ ରହିଛି। ଦକ୍ଷିଣ ଆଫ୍ରିକାକୁ ଭାରତ ତା'ର ଘରୋଇ ପରିବେଶରେ ୧୦-୨, ୧୦-୨ ଗୋଲରେ ହରାଇଥିବାବେଳେ ଫ୍ରାନ୍ସ ନିକଟରୁ ଗୋଟିଏ ମ୍ୟାଚରେ ୫-୦ରେ ଜିତିଥିଲା ଏବଂ ଅନ୍ୟଟିରେ ୨-୫ରେ ପରାଜିତ ହୋଇଥିଲା। ଘରୋଇ ପରିବେଶରେ ଭାରତ ସ୍ପେନ୍‌କୁ ୫-୪ରେ ହରାଇବା ପରେ ୩-୫ରେ ପରାସ୍ତ ହୋଇଥିଲା। ସେହିପରି ଆର୍ଜେଣ୍ଟିନା ବିପକ୍ଷରେ ୫-୪ ଗୋଲରେ ବିଜୟୀ ହୋଇଥିଲା ଏବଂ ପରବର୍ତ୍ତୀ ମ୍ୟାଚରେ ଶୁଟ୍‌ଆଉଟ ୧-୩ ଗୋଲରେ ପରାସ୍ତ ହୋଇଥିଲା। ତେବେ ଇଂଲଣ୍ଡ ବିପକ୍ଷ ଉଭୟ ଗେମ୍‌କୁ ଶୁଟ୍‌ଆଉଟ ୩-୨ ଓ ୪-୩ ଗୋଲରେ ଜିତିବାକୁ ସକ୍ଷମ ହୋଇଥିଲା।

**ଭାରତୀୟ ଦଳ**

ଗୋଲକିପର: ଶ୍ରୀଜେଶ ପାରାଟ୍ଟୁ ରବୀନ୍ଦ୍ରନ, କ୍ରିଷ୍ଣନ ବାହାଦୁର ପାଠକ। ଡିଫେଣ୍ଡର: ବରୁଣ କୁମାର, ଅମିତ ରୋହିଦାସ, ସୁରେନ୍ଦର କୁମାର, ଜୁଗରାଜ ସିଂ, ହରମନପ୍ରୀତ ସିଂ, ଜରମନପ୍ରୀତ ସିଂ, ଗୁରିନ୍ଦର ସିଂ। ମିଡ୍‌ଫିଲ୍ଡର: ନୀଳକାନ୍ତ ଶର୍ମା, ମନପ୍ରୀତ ସିଂ, ବିବେକ ସାଗର ପ୍ରସାଦ, ଶମ୍‌ଶେର ସିଂ, ହାର୍ଦ୍ଦିକ ସିଂ, ମୋଇରାଙ୍ଗଥେମ୍ ରବିଚନ୍ଦ୍ର ସିଂ। ଫରୱାର୍ଡ: ସୁଖଜିତ ସିଂ, ଅଭିଷେକ, ମନଦୀପ ସିଂ, ଶୀଳାନନ୍ଦ ଲାକ୍ରା, ଦିଲପ୍ରୀତ ସିଂ, ଲଳିତ କୁମାର ଉପାଧ୍ୟାୟ, ଆକାଶଦୀପ ସିଂ।

# ଜାତୀୟ ସବ୍‌ଜୁନିୟର ତୀରନ୍ଦାଜୀ ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର, ୧୧।୪ (କ୍ରୀଡ଼ା ପ୍ରତିନିଧି)

ଚଳିତ ମାସ ୧୪ରୁ ରାଜସ୍ଥାନରେ ୩୯ତମ ଏନ୍‌ଟିପିସି ଜାତୀୟ ସବ୍‌ଜୁନିୟର ତୀରନ୍ଦାଜୀ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ଓଡ଼ିଶା ପକ୍ଷରୁ ୨୦ ଜଣିଆ ବାଳିକା ଓ ବାଳକ ଦଳ ଘୋଷଣା କରାଯାଇଛି। ମାର୍ଚ୍ଚ ୧୨ରୁ ଏପ୍ରିଲ ୧୧ ପର୍ଯ୍ୟନ୍ତ ପ୍ରଶିକ୍ଷଣ ପରେ ଏହି ଦଳ ଚୟନ କରାଯାଇଥିଲା। ଏ. ରାଜୁ ଓ ରାଜକୁମାର ନାୟକ ଖେଳାଳିମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ମନୋନୀତ ଖେଳାଳିଙ୍କୁ ଓଡ଼ିଶା ଆର୍ଚେରୀ ଆସୋସିଏଶନ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଛି। ଆସୋସିଏଶନ ସଭାପତି ଗୋକୁଳ ଚନ୍ଦ୍ର ପତି, ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ।

**ଓଡ଼ିଶା ଦଳ**

ଇଣ୍ଡିଆନ ରାଉଣ୍ଡ (ବାଳକ): ସଞ୍ଜୟ ମାଝି, ବାହାଦୁର ମାରାଣ୍ଡି, ତ୍ରିନାଥ ମୁଣ୍ଡା, ବିକ୍ରମ ମାଝି। ବାଳିକା-ଫୁଲମଣି ହାଁସ୍‌ଦା, ମଞ୍ଜୁଲତା ହାଁସ୍‌ଦା, ଜଇନା ଇସ୍‌ଲାମ, ମଧୁସ୍ମିତା ମୁଣ୍ଡା। ରିକର୍ଭ ରାଉଣ୍ଡ (ବାଳକ): ସୁରେଶ ଓ୍ୱିକା, ବିଜୟ ମାଢ଼ୀ, କୃଷ୍ଣ ମୁଣ୍ଡା, କେଶବ ବନର୍ସା। ବାଳିକା-ମୋମିତା ଓରାମ, ମାନେଶ୍ୱରୀ ହାଁସ୍‌ଦା, ପ୍ରଜ୍ଞା ଦଳାଇ, ଉଜ୍ଜୟିନୀ କେଶରୀ। କମ୍ପାଉଣ୍ଡ ରାଉଣ୍ଡ (ବାଳକ): ରାହୁଲ ମାଡ଼କାମୀ, ଭାସ୍କର ଖିଲୋ, ଗଙ୍ଗୁଲି ଗୁଡ଼ିଆ, ସିଦ୍ଧାନ୍ତ ଖାରା। କୋଚ୍: ଏ. ରାଜୁ, ରାଜକୁମାର ନାୟକ। ମ୍ୟାନେଜର: ବିଶ୍ୱଜିତ୍ ସିଂ, କୋଷାଧ୍ୟକ୍ଷ: ସୌରଜିତ୍ ସିଂ।



ଜାତୀୟ ସବ୍‌ଜୁନିୟର ତୀରନ୍ଦାଜୀ ପାଇଁ ଘୋଷିତ ଓଡ଼ିଶା ଦଳର ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ଗହଣରେ।

# ବାବର, ହେନ୍ସ ଶ୍ରେଷ୍ଠ କ୍ରିକେଟର

ଦୁବାଇ, ୧୧।୪ (ପିଟି)

ପାକିସ୍ତାନ ଅଧିନାୟକ ବାବର ଆଜାମଙ୍କୁ ସୋମବାର ମାର୍ଚ୍ଚ ମାସର ଶ୍ରେଷ୍ଠ ଆଇସିସି ପୁରୁଷ ଖେଳାଳି ଭାବେ ବିବେଚିତ କରାଯାଇଛି। ସେହିଭଳି ଅଷ୍ଟ୍ରେଲିଆନ ଦଳର ଓପ୍‌ନର ରିଚେଲ ହେନ୍ସ ସେହିମାସର ଶ୍ରେଷ୍ଠ ମହିଳା କ୍ରିକେଟର ସମ୍ମାନ ପାଇଛନ୍ତି।

ଅଷ୍ଟ୍ରେଲିଆ ବିପକ୍ଷ ୩ ଫର୍ମାଟର ସିରିଜ୍‌ରେ ଚମତ୍କାର ବ୍ୟାଟିଂ ପ୍ରଦର୍ଶନ ଯୋଗୁ ବାବରଙ୍କୁ ଏହି ପୁରସ୍କାର ମିଳିଛି। ୩ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ବାବର ୩୯୦ ରନ୍ କରିଥିଲେ। ଏଥିରେ ୧୯୬ ରନ୍‌ର ରେକର୍ଡ ଇନିଂସ ସାମିଲ ରହିଛି। ବାବରଙ୍କ ଏହି ଇନିଂସ ବଳରେ ପାକିସ୍ତାନ ଦ୍ୱିତୀୟ ମ୍ୟାଚ୍‌କୁ ଡ୍ର' ରଖିବାରେ ସକ୍ଷମ ହୋଇଥିଲା। ଦିନିକିଆ ସିରିଜ୍‌ରେ ମଧ୍ୟ ଉଲ୍ଲେଖନୀୟ ପ୍ରଦର୍ଶନ ବଳରେ ବାବର ଓ୍ୱେଷ୍ଟଇଣ୍ଡିଜର କ୍ରେଗ ବ୍ରାଥୱେଟ ଓ ଅଷ୍ଟ୍ରେଲିଆର ପ୍ୟାଟ କମିନ୍ସଙ୍କୁ ପଛରେ ପକାଇ ମାର୍ଚ୍ଚ ମାସର ଆଇସିସି ଶ୍ରେଷ୍ଠ କ୍ରିକେଟର ପୁରସ୍କାର ହାତେଇଛନ୍ତି। ସେ ପ୍ରଥମ କ୍ରିକେଟର ଭାବେ ଏହି ସମ୍ମାନଜନକ ଟ୍ରଫିକୁ ଦୁଇଥର ହାତେଇବାର ସଫଳ ହୋଇଛନ୍ତି। ଅନ୍ୟପକ୍ଷରେ ହେନେସଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଅଷ୍ଟ୍ରେଲିଆ ୭ମ ଥର ପାଇଁ ମହିଳା ଦିନିକିଆ ବିଶ୍ୱକପ୍ ଟାଇଟଲ ଜିତିଛି। ହେନ୍ସ ୮ ମ୍ୟାଚ୍‌ରେ ୬୧.୨୮ ହାରରେ ୪୨୯ ରନ୍ କରିଥିଲେ। ଟପ୍ ଅର୍ଡରରେ ତାଙ୍କ ପ୍ରଦର୍ଶନ ଯୋଗୁ ଅଷ୍ଟ୍ରେଲିଆ ପୂରା ବିଶ୍ୱକପ୍‌ରେ ଅପରାଜେୟ ରହିଥିଲା। ସେ ସୋଫି ଇକଲେଷ୍ଟୋନ (ଇଂଲଣ୍ଡ) ଏବଂ ଲୀରା ଓ୍ୱଲଭାର୍ଡ (ଦକ୍ଷିଣ ଆଫ୍ରିକା)ଙ୍କୁ ପଛରେ ପକାଇ ଏହି ପୁରସ୍କାର ପାଇଛନ୍ତି।

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

ଚେନ୍ନାଇ ସୁପର କିଙ୍ଗ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର

ସ୍ଥାନ: ମୁମ୍ବାଇ

ସମୟ: ରାତି ୭ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଗୁଜରାଟର ପ୍ରଥମ ପରାଜୟ

ମୁମ୍ବାଇ, ୧୧।୪

ସ୍ଥାନୀୟ ଡି.ଓ୍ୱାଇ. ପାଟିଲ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦ ୮ ଉଇକେଟରେ ଗୁଜରାଟ ଟାଇଟାନ୍ସକୁ ପରାସ୍ତ କରିଛି। ଗୁଜରାଟ ଟାଇଟାନ୍ସ ୨୦ ଓଭରରେ ୭ ଉଇକେଟ ହରାଇ ୧୬୨ ରନ କରିଥିଲା। ଜବାବରେ ସନ୍‌ରାଇଜର୍ସ ୧୯.୧ ଓଭରରେ ମାତ୍ର ୨ ଉଇକେଟ ହରାଇ ୧୬୮ ରନ ସଂଗ୍ରହ କରି ନେଇଥିଲା। ଆଇପିଏଲ୍‌ର ନୂଆ ଦଳ ଗୁଜରାଟ ଟାଇଟାନ୍ସର ପ୍ରଥମ ପରାଜୟ ସ୍ୱାଦ ଚାଖିଛି। ପୂର୍ବରୁ ଅନୁଷ୍ଠିତ ୩ଟି ଯାକ ମ୍ୟାଚ ଜିତି ଏହି ଦଳ ବିଜୟରେ ହ୍ୟାଟ୍ରିକ୍ କରିଥିଲା। ସନ୍‌ରାଇଜର୍ସ ୪ ମ୍ୟାଚରୁ ୨ଟି ଲେଖାଏ ବିଜୟ ଓ ପରାଜୟ ସହ ନିଜ ପଏଣ୍ଟ ସଂଖ୍ୟାକୁ ୪ରେ ପହଞ୍ଚାଇଛି।

ଟସ୍ ହାରି ଗୁଜରାଟ ଟାଇଟାନ୍ସ ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା। ଶୁବମନ ଗିଲ୍ ମାତ୍ର ୭ ରନ କରି ଟି. ନଟରାଜନଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଫଳରେ ୨୪ ରନରେ ଗୁଜରାଟ ପ୍ରଥମ ଉଇକେଟ ହରାଇଥିଲା। ସାଇ ସୁଦର୍ଶନ ୧୧ ଓ ମାଥ୍ୟୁ ଓ୍ୱାଡେ ୧୯ ରନ କରିବାକୁ ସକ୍ଷମ ହୋଇଥିଲେ। ମିଡିଲ ଅର୍ଡରରେ ଡେଭିଡ ମିଲର ମାତ୍ର ୧୨ ରନ କରିଥିଲେ। ତେବେ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅପରାଜିତ ଅର୍ଦ୍ଧଶତକ ଏବଂ ଅଭିନବ ମନୋହରଙ୍କ ଉପଯୋଗୀ ୩୫ (୨୧ ବଲ, ୫ ଚୌକା, ୧ ଛକା) ରନ ଯୋଗୁ ଗୁଜରାଟ ସମ୍ମାନଜନକ ସ୍କୋରରେ ପହଞ୍ଚି ପାରିଥିଲା। ହାର୍ଦ୍ଦିକ ୪୨ ବଲ୍‌ରୁ ୪ ଚୌକା ଓ ୧ ଛକା ସହାୟତାରେ ସର୍ବାଧିକ ୫୦ ରନକରି ଅପରାଜିତ ରହିଥିଲେ। ସନ୍‌ରାଇଜର୍ସ ବୋଲରମାନେ ଅତିରିକ୍ତଭାବେ ୨୨ ରନ ବ୍ୟୟ କରିଥିଲେ। ଭୁବନେଶ୍ୱର କୁମାର ଓ ଟି. ନଟରାଜନ ୨ଟି ଲେଖାଏ ଉଇକେଟ ନେଇଥିଲେ।

ସନ୍‌ରାଇଜର୍ସ ଓପନିଂ ଯୋଡ଼ିରେ ୬୪ ରନ ଯୋଗକରି ଦୃଢ଼ ଭିତ୍ତି ପକାଇଥିଲା। ଫର୍ମରେ ଥିବା ଯୁବ ଓପନର ଅଭିଷେକ ଶର୍ମା ଏଠାରେ ଭଲ ଆରମ୍ଭ କରିଥିଲେ ହେଁ ଅର୍ଦ୍ଧଶତକ ହାସଲ ପୂର୍ବରୁ ଆଉଟ ହୋଇ ଯାଇଥିଲେ। ସେ ୩୨ ବଲ୍‌ରୁ ୬ ଚୌକା ସହାୟତାରେ ୪୨ ରନ କରିଥିବାବେଳେ ରଶିଦ ଖାଁଙ୍କ ବଲ୍‌ରେ ସାଇ ସୁଦର୍ଶନଙ୍କୁ କ୍ୟାଚଦେଇ ପ୍ୟାଭିଲିୟନ ଫେରିଥିଲେ। ରାହୁଲ ତ୍ରିପାଠୀ ବିସ୍ଫୋରକ ବ୍ୟାଟିଂ ଆରମ୍ଭ କରି ୧୧ ବଲ୍‌ରୁ ଗୋଟିଏ ଲେଖାଏ ଚୌକା ଓ ଛକା ସହାୟତାରେ ୧୭ ରନ କରିଥିବାବେଳେ ଗୋଡ଼ ମାଂଶପେଶୀ ଟାଣି ଧରିବାରୁ ରିଟାୟର୍ଡ ହର୍ଟ ହୋଇ ଯାଇଥିଲେ। କେନ୍ ଓ୍ୱିଲିୟମସନ ୪୬ ବଲ୍‌ରୁ ୨ ଚୌକା ଓ ୪ ଛକା ସହାୟତାରେ ୫୭ ରନ କରିଥିଲେ। ନିକୋଲସ ପୁରନ ୧୮ ବଲ୍‌ରୁ ୩୪ (୨ ଚୌକା, ୨ ଛକା) ଓ ଏଡେନ ମାରକ୍ରାମ ୧୨ ରନରେ ଅପରାଜିତ ରହି ଦଳକୁ ଜିତାଇଥିଲେ।



ଉଇକେଟ ନେବାପରେ ଖୁସି ମନାଉଛନ୍ତି ଟି.ନଟରାଜନ (ଡାହାଣ)।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟାନ୍ସ ୨୦ ଓଭରରେ ୧୬୨/୭ (ହାର୍ଦ୍ଦିକ ପାଣ୍ଡ୍ୟା-୫୦*, ଅଭିନମ ମନୋହର-୩୫, ଭୁବନେଶ୍ୱର କୁମାର-୨/୩୭, ଟି. ନଟରାଜନ-୨/୩୪, ମାର୍କୋ ଜାନସେନ-୧/୨୭, ଉମ୍ରାନ ମଲିକ-୧/୩୯)। ସନ୍‌ରାଇଜର୍ସ ହାଇଦ୍ରାବାଦ ୧୯.୧ ଓଭରରେ ୧୬୮/୨ (କେନ୍ ଓ୍ୱିଲିୟମସନ-୫୭, ଅଭିଷେକ ଶର୍ମା-୪୨, ନିକୋଲସ ପୁରନ-୩୪*, ହାର୍ଦ୍ଦିକ ପାଣ୍ଡ୍ୟା-୧/୨୭, ରଶିଦ ଖାଁ-୧/୨୮)।

# ରାଜକିଶନ, ଶୁଭମ୍‌ଙ୍କୁ ୫ ଉଇକେଟ

**କଳାହାଣ୍ଡି କପ୍ କ୍ରିକେଟ**

ଭୁବନେଶ୍ୱର, ୧୧।୪ (କ୍ରୀଡ଼ା ପ୍ରତିନିଧି)

କଟକ ଓ ଭୁବନେଶ୍ୱରର ବିଭିନ୍ନ ପଡ଼ିଆରେ ଚାଲିଥିବା କଳାହାଣ୍ଡି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସୋମବାର ୬ଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ଇଷ୍ଟକୋଷ୍ଟ ରେଲ୍‌ୱେ ସ୍ପୋର୍ଟ୍ସ ଆସୋସିଏଶନ (ଇକୋର୍ସା), ଭୁବନେଶ୍ୱର-ଏ, ଖୋର୍ଦ୍ଧା, ଝାରସୁଗୁଡ଼ା, କଟକ-ଏ ଓ ରାଉରକେଲା ବିଜୟ ହାସଲ କରିଛନ୍ତି। ଝାରସୁଗୁଡ଼ାର ରାଜକିଶନ ପଟେଲ ଓ କଟକ-ଏର ଶୁଭମ୍ ନାୟକ ୫ ଉଇକେଟ ସଫଳତା ପାଇଛନ୍ତି। ରେଲ୍‌ୱେ ଷ୍ଟାଡିୟମରେ ଇକୋର୍ସା ୧ ଉଇକେଟରେ ସମ୍ବଲପୁରକୁ ହରାଇ ରୋମାଞ୍ଚକ ବିଜୟ ହାସଲ କରିଛି। ସମ୍ବଲପୁର ୫୦ ଓଭରରେ ୮ ଉଇକେଟ ହରାଇ ୨୭୭ ରନ୍ କରିଥିଲା। ଦେବବ୍ରତ ପ୍ରଧାନ ୭୪ ଓ ରୋଶନ ମହାପାତ୍ର ୬୪ ରନ୍ କରିଥିଲେ। ଇକୋର୍ସା ୪୯.୫ ଓଭରରେ ୯ ଉଇକେଟ ହରାଇ ୨୮୦ ରନ୍ ସଂଗ୍ରହ କରିନେଇଥିଲା। ସୁଜିତ ଲେଙ୍କା ସର୍ବାଧିକ ୬୩ ରନ୍ କରିଥିଲେ। ସି.ଭି. ରମଣ ପଡ଼ିଆରେ ଭୁବନେଶ୍ୱର-ଏ ୯୭ ରନ୍‌ରେ ସୁନ୍ଦରଗଡ଼କୁ ହରାଇଛି। ଭୁବନେଶ୍ୱର-ଏ ୪୩.୫ ଓଭରରେ ୧୯୩ ରନ୍ କରି ଅଲ୍‌ଆଉଟ ହୋଇଥିଲା। ସନ୍ଦୀପ ପଟ୍ଟନାୟକ ୬୬ ଓ ଶାନ୍ତନୁ ମିଶ୍ର ୫୦ ରନ୍ କରିଥିଲେ। ଜବାବରେ ସୁନ୍ଦରଗଡ଼ ୩୨.୨ ଓଭରରେ ୯୬ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ସେଞ୍ଚୁରିଅନ ଗ୍ରାଉଣ୍ଡରେ ଖୋର୍ଦ୍ଧା ୬ ଉଇକେଟରେ କଟକ 'ବି'କୁ ପରାସ୍ତ କରିଛି। କଟକ 'ବି' ୫୦ ଓଭରରେ ୮ ଉଇକେଟ ହରାଇ ୨୩୮ ରନ୍ କରିଥିଲା। ଅଭିଷେକ ଗିରି ୭୯ ଓ ପ୍ରଦୀପ ଦାଶ ୬୦ ରନ୍ କରିଥିଲେ। ଜବାବରେ ଖୋର୍ଦ୍ଧା ୪୯.୪ ଓଭରରେ ୪ ଉଇକେଟ ହରାଇ ୨୪୨ ରନ୍ କରିଥିଲା। ଆର୍ଯ୍ୟଶ୍ରୀ ଭଞ୍ଜ ୬୮ ଓ ରଞ୍ଜିତ ପାଇକରାୟ ୫୮ ରନ୍ କରିଥିଲେ। ରେଭେନ୍ସା-୨ ଗ୍ରାଉଣ୍ଡରେ ଝାରସୁଗୁଡ଼ା ୪୬ ରନ୍‌ରେ ଭୁବନେଶ୍ୱର 'ବି'କୁ ପରାସ୍ତ କରିଛି। ଝାରସୁଗୁଡ଼ା ୪୮.୪ ଓଭର ଖେଳି ୧୮୪ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲେ ହେଁ ଭୁବନେଶ୍ୱର 'ବି' ୩୭.୪ ଓଭରରେ ୧୩୮ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ଝାରସୁଗୁଡ଼ାର ରାଜକିଶନ ପଟେଲ ମାତ୍ର ୧୬ ରନ୍ ଦେଇ ୫ ଉଇକେଟ ହାସଲ କରିଥିଲେ। ରେଭେନ୍ସା-୧ ପଡ଼ିଆରେ କଟକ-ଏ ୧୦ ଉଇକେଟରେ ମୟୂରଭଞ୍ଜକୁ ହରାଇଛି। ମୟୂରଭଞ୍ଜ ୨୩.୩ ଓଭରରେ ୧୦୧ ରନ୍ କରି ସମସ୍ତ ଉଇକେଟ ହରାଇଥିଲା। କଟକ-ଏ'ର ଶୁଭମ୍ ନାୟକ ୧୪ ରନ୍ ବିନିମୟରେ ୫ ଉଇକେଟ ନେଇଥିଲେ। ଜବାବରେ କଟକ-ଏ ୧୯.୧ ଓଭରରେ କୌଣସି ଉଇକେଟ ନ ହରାଇ ୧୦୪ ରନ୍ ସଂଗ୍ରହ କରି ନେଇଥିଲା। ରାମଚନ୍ଦ୍ର ବେହେରା ୫୩ ରନ୍ କରି ଅପରାଜିତ ଥିଲେ। ସନ୍‌ସାଇନ୍ ପଡ଼ିଆରେ ରାଉରକେଲା ୬ ଉଇକେଟରେ ଯାଜପୁରକୁ ପରାସ୍ତ କରିଛି। ଯାଜପୁର ୩୬.୧ ଓଭର ଖେଳି ମାତ୍ର ୧୨୦ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ରାଉରକେଲା ୨୮.୧ ଓଭରରେ ୪ ଉଇକେଟ ହରାଇ ୧୨୨ ରନ ସଂଗ୍ରହ କରିନେଇଥିଲା। ଶୁଭଙ୍କର ବିଶ୍ୱାସ ୫୧ ରନ୍‌ରେ ଅପରାଜିତ ରହିଥିଲେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୨ ଏପ୍ରିଲ୍, ୨୦୨୨



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୯,୯୧,୬୦,୮୨୩ | ୬୨,୦୪,୦୯୨ | ୪୪,୮୯,୦୪,୧୧୫ |
| ଭାରତ | ୪,୩୦,୩୬,୧୩୨ | ୫,୨୧,୭୨୨ | ୪,୨୫,୦୩,୩୮୩ |
| ଓଡ଼ିଶା | ୧୨,୮୭,୮୫୪ | ୯୧୨୧(+୫୩) | ୧୨,୭୮,୫୩୬ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଶକ୍ତି ଓ ଜଳବାୟୁ ସୂଚକାଙ୍କ: ର୍‍ୟାଙ୍କ ୨୨ରେ ଓଡ଼ିଶା

**ନୂଆଦିଲ୍ଲୀ,୧୧।୪**

ନୀତି ଆୟୋଗ ପକ୍ଷରୁ ସୋମବାର ରାଜ୍ୟ ଶକ୍ତି ଓ ଜଳବାୟୁ ସୂଚକାଙ୍କ- ରାଉଣ୍ଡ ୧ ର୍‍ୟାଙ୍କିଙ୍ଗ୍ ପ୍ରକାଶ ପାଇଛି। ସାମଗ୍ରିକ ର୍‍ୟାଙ୍କିଙ୍ଗ୍ ତାଲିକାରେ ଓଡ଼ିଶା ୨୨ ନମ୍ବର ସ୍ଥାନରେ ରହିଛି। ସେହିପରି ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ୩ଟି ବର୍ଗରେ ବିଭକ୍ତ କରାଯାଇଛି। ସେଥିମଧ୍ୟରୁ ୨୦ଟି ବଡ଼ ରାଜ୍ୟ, ୮ଟି ଛୋଟ ରାଜ୍ୟ ଏବଂ ୭ଟି କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ୩ ପୃଥକ୍ ର୍‍ୟାଙ୍କିଙ୍ଗ୍ ତାଲିକା ପ୍ରକାଶ ପାଇଛି। ବଡ଼ ରାଜ୍ୟଗୁଡ଼ିକର ର୍‍ୟାଙ୍କିଙ୍ଗ୍ ତାଲିକାରେ ଓଡ଼ିଶା ୩୭.୧ ସ୍କୋର ସହ ୧୬ ନମ୍ବର ସ୍ଥାନରେ ଥିବାବେଳେ ଗୁଜରାଟ ୫୦.୧ ସ୍କୋର ସହ ଶୀର୍ଷରେ ରହିଛି। ଗୁଜରାଟ ପଛକୁ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଯଥାକ୍ରମେ କେରଳ(୪୯.୧) ଏବଂ ପଞ୍ଜାବ (୪୮.୬) ରହିଛି। ସେହିପରି ତାଲିକାରେ ତଳ ସ୍ଥାନ ତଥା ୨୦, ୧୯, ୧୮ ଓ ୧୭ ନମ୍ବରରେ ଯଥାକ୍ରମେ ଛତିଶଗଡ଼(୩୧.୭), ମଧ୍ୟପ୍ରଦେଶ(୩୨.୬), ଝାଡ଼ଖଣ୍ଡ (୩୫.୨) ଓ ରାଜସ୍ଥାନ (୩୫.୪) ରହିଛି। ସାମଗ୍ରିକ ର୍‍ୟାଙ୍କିଙ୍ଗ କ୍ଷେତ୍ରରେ ଗୁଜରାଟ ୫ ନମ୍ବର ସ୍ଥାନରେ ରହିଥିବାବେଳେ ଚଣ୍ଡୀଗଡ଼ ଶୀର୍ଷରେ ରହିଛି।

ରାଜ୍ୟ ଶକ୍ତି ଓ ଜଳବାୟୁ ସୂଚକାଙ୍କ ୬ଟି ମାପଦଣ୍ଡ ଉପରେ ଆଧାରିତ। ସେଗୁଡ଼ିକ ହେଲା ୧- ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକର (ଡିସ୍‌କମ୍) ପ୍ରଦର୍ଶନ, ୨- ଶକ୍ତି ପାଇବାର ସହଜସାଧ୍ୟ ବ୍ୟବସ୍ଥା, ସୁଲଭତା ଏବଂ ନିର୍ଭରଯୋଗ୍ୟତା, ୩- ସ୍ୱଚ୍ଛ ଶକ୍ତି ବା ଅକ୍ଷୟ ଶକ୍ତି କ୍ଷମତା ବୃଦ୍ଧି ପାଇଁ ପଦକ୍ଷେପ, ୪- ଶକ୍ତି ଦକ୍ଷତା, ୫- ପରିବେଶଗତ ନିରନ୍ତରତା ଏବଂ ୬- ଶକ୍ତି କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ନୂଆ ପଦକ୍ଷେପ। ଏହି ୬ଟି ମାପଦଣ୍ଡ ମୋଟ ୨୭ଟି ବିଷୟ ଉପରେ ଆଧାରିତ ହୋଇଛି।

ଉପରୋକ୍ତ ୬ଟି ମାପଦଣ୍ଡ ମଧ୍ୟରୁ ବିଦ୍ୟୁତ୍ ବିତରଣ କମ୍ପାନୀର ପ୍ରଦର୍ଶନ ୯ ବିଷୟକୁ ନେଇ ଆକଳନ କରାଯାଇଥିବାବେଳେ ଏ କ୍ଷେତ୍ରରେ ଓଡ଼ିଶା ମୋଟ ୫୯ ସ୍କୋର ପାଇ ବଡ଼ ରାଜ୍ୟଗୁଡ଼ିକ ମଧ୍ୟରେ ୧୦ମ ସ୍ଥାନରେ ରହିଛି। ପଞ୍ଜାବ(୭୭.୧) ଏହି କ୍ଷେତ୍ରରେ ଶୀର୍ଷରେ ରହିଛି। କିନ୍ତୁ ଓଡ଼ିଶା ଦ୍ୱିତୀୟ ମାପଦଣ୍ଡ ଅର୍ଥାତ୍ ଶକ୍ତି ପାଇବାର ସହଜସାଧ୍ୟ ବ୍ୟବସ୍ଥା, ସୁଲଭତା ଏବଂ ନିର୍ଭରଯୋଗ୍ୟତା କ୍ଷେତ୍ରରେ ୫୭.୪ ସ୍କୋର ହାସଲ କରି ତୃତୀୟ ସ୍ଥାନରେ ରହିଛି। ଏହି ମାପଦଣ୍ଡର ଶୀର୍ଷରେ ରହିଛି କେରଳ (୬୭.୩)। ୩ୟ ମାପଦଣ୍ଡ କ୍ଷେତ୍ରରେ ହରିୟାଣା ୪୨.୯ ସ୍କୋର ସହ ଶୀର୍ଷରେ ରହିଥିବାବେଳେ ଓଡ଼ିଶା ୪.୮ ସ୍କୋର ସହ ୧୭ ନମ୍ବର ସ୍ଥାନରେ ରହିଛି। ୪ର୍ଥ ମାପଦଣ୍ଡରେ ଓଡ଼ିଶା(୨୧.୮)ର ସ୍ଥାନ ୧୫ରେ ରହିଥିବାବେଳେ ତାମିଲନାଡୁ (୮୫.୪) ଶୀର୍ଷରେ ରହିଛି। ପରିବେଶଗତ ନିରନ୍ତରତା ଭଳି ଗୁରୁତ୍ୱପୂର୍ଣ୍ଣ ମାପଦଣ୍ଡ(୫) କ୍ଷେତ୍ରରେ ଓଡ଼ିଶା ୨୨.୬ ସ୍କୋର ସହ ୧୮ ନମ୍ବର ସ୍ଥାନରେ ରହିଛି। ଏ କ୍ଷେତ୍ରରେ ସର୍ବାଗ୍ରେ ରହିଛି ହିମାଚଳ ପ୍ରଦେଶ(୫୨.୧)। ସେହିପରି ୬ଷ୍ଠ ମାପଦଣ୍ଡ ତଥା ନୂଆ ପଦକ୍ଷେପ କ୍ଷେତ୍ରରେ ଓଡ଼ିଶାର ପ୍ରଦର୍ଶନ ଭଲ ନାହିଁ। ବୈଦ୍ୟୁତିକ ଯାନ (ଇଭି) ଅନ୍ତଃପ୍ରବେଶ, ଇଭି ପାଇଁ ଚାର୍ଜ ଭିତ୍ତିଭୂମି ଉପଲବ୍ଧତା ଓ ଗ୍ରାହକଙ୍କ ତୁଳନାରେ ସ୍ମାର୍ଟମିଟର ବ୍ୟବସ୍ଥା ଭଳି ୩ଟି ବିଷୟକୁ ନେଇ ଏହି ମାପଦଣ୍ଡ ଆଧାରିତ। କିନ୍ତୁ ଏ କ୍ଷେତ୍ରରେ ମାତ୍ର ୦.୯ ସ୍କୋର ସହ ଓଡ଼ିଶା ୧୮ ନମ୍ବର ସ୍ଥାନରେ ରହିଥିବାବଳେ ୩୮.୧ ସ୍କୋର ସହ ହିମାଚଳ ପ୍ରଦେଶ ଶୀର୍ଷରେ ରହିଛି।

ଛୋଟ ରାଜ୍ୟ ର୍‍ୟାଙ୍କିଙ୍ଗ୍ ତାଲିକାରେ ଗୋଆ(୫୧.୪) ଶୀର୍ଷରେ ଏବଂ ଅରୁଣାଚଳ ପ୍ରଦେଶ(୨୭) ସବା ତଳେ ଥିବାବେଳେ କେନ୍ଦ୍ରଶାସିତ ଅଞ୍ଚଳ ର୍‍ୟାଙ୍କିଙ୍ଗ୍ ତାଲିକାରେ ଚଣ୍ଡୀଗଡ଼ (୫୫.୭) ଶୀର୍ଷରେ ଏବଂ ଲାକ୍ଷାଦ୍ୱୀପ (୨୬.୯) ତଳସ୍ଥାନରେ ରହିଛି। ସେହିପରି ବଡ଼ ରାଜ୍ୟଗୁଡ଼ିକର ର୍‍ୟାଙ୍କିଙ୍ଗ୍ ତାଲିକାର ୪ରୁ ୧୫ ନମ୍ବର ଯାଏ ହରିୟାଣା (୪୭.୯), ଉତ୍ତରାଖଣ୍ଡ (୪୬.୫), ମହାରାଷ୍ଟ୍ର (୪୬), ହିମାଚଳ ପ୍ରଦେଶ (୪୫.୪), କର୍ଣ୍ଣାଟକ (୪୩.୮), ତାମିଲନାଡୁ (୪୩.୪), ଆସାମ (୪୨.୬), ତେଲଙ୍ଗାନା (୪୧.୯), ଆନ୍ଧ୍ରପ୍ରଦେଶ (୪୧.୬), ଉତ୍ତରପ୍ରଦେଶ (୪୧), ପଶ୍ଚିମବଙ୍ଗ (୩୮.୯) ଓ ବିହାର(୩୮.୩) ରହିଛି।

# ରାଜ୍ୟର ୭ ସହର ଅତି ପ୍ରଦୂଷିତ

- ରାମ୍‌କୋ ଅଞ୍ଚଳ ତାଲିକାରୁ ବାଦ୍
- ଆଜି କୋର୍ଟରେ ହାଜର ହେବେ ରାମ୍‌କୋ କର୍ତ୍ତୃପକ୍ଷ
- ଜାଣିଶୁଣି ଦିଆଯାଉଛି ସୁରକ୍ଷା
- ଅତିଷ୍ଠ, ନୟାନ୍ତ ହେଲେଣି ପ୍ରଦୂଷିତ ଅଞ୍ଚଳବାସୀ

**ଯାଜପୁର ଅଫିସ,୧୧।୪**

ବାୟୁରେ ପ୍ରଦୂଷଣର ମାତ୍ରା ଜାଣିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ଦ୍ୱାରା ରାଜ୍ୟର ୧୭ ସହରରେ ନିୟମିତ ବାୟୁ ପରୀକ୍ଷଣ କରାଯାଉଛି। ଏହି କ୍ରମରେ ଯାଜପୁରରୋଡ-କଳିଙ୍ଗନଗର, କଟକ, ଭୁବନେଶ୍ୱର, ଅନୁଗୋଳ, ତାଳଚେର, ରାଉରକେଲା ଓ ବାଲେଶ୍ୱରକୁ ଅତି ପ୍ରଦୂଷିତ ସହର ବା ନନ୍-ଆଟେନ୍‌ମେଣ୍ଟ ସିଟି ଭାବେ ଚିହ୍ନଟ କରାଯାଇଛି। ନିକଟରେ ଶେଷ ହୋଇଥିବା ବିଧାନସଭା ବଜେଟ୍ ଅଧିବେଶନରେ ବିଧାୟକ ମୋହନ ଚରଣ ମାଝିଙ୍କ ଏକ ପ୍ରଶ୍ନର ଉତ୍ତରରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏସ୍‌ପିସିବିର ରିପୋର୍ଟ ଆଧାରରେ ଏହା ଦର୍ଶାଇଛନ୍ତି। କିନ୍ତୁ ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁରଠାରେ ଥିବା ସିମେଣ୍ଟ କାରଖାନା ଦ୍ୱାରା ପ୍ରଭାବିତ ଅଞ୍ଚଳକୁ ଏଥିରେ ବାଦ୍ ଦିଆଯାଇଛି। ସ୍ଥାନୀୟ ଗ୍ରାମବାସୀଙ୍କ ଅଭିଯୋଗକୁ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ସ୍ୱୀକାର କରି ଦୁଇ ରାମ୍‌କୋ ଅଧିକାରୀଙ୍କୁ ଜବାବ ତଲବ୍ କରି ସାରିଛନ୍ତି। ରାମ୍‌କୋ ସିମେଣ୍ଟ କାରଖାନାର ଉତ୍କଟ ପ୍ରଦୂଷଣକୁ ଲୁଚାଇ ଏସ୍‌ପିସିବି କର୍ତ୍ତୃପକ୍ଷ କେବଳ ସହଯୋଗୀ ହୋଇନାହାନ୍ତି ବରଂ ସାଧାରଣ ଲୋକଙ୍କ ଜୀବନ ପ୍ରତି ଖେଳ ଖେଳୁଛନ୍ତି ବୋଲି ମତପ୍ରକାଶ ପାଇଛି।

ମନ୍ତ୍ରୀ ଆରୁଖ ତାଙ୍କ ରିପୋର୍ଟରେ ଆହୁରି ଦର୍ଶାଇଛନ୍ତି, ଉପରୋକ୍ତ ସହରଗୁଡ଼ିକରେ ବାୟୁ ପ୍ରଦୂଷଣର ମାତ୍ରାକୁ ହ୍ରାସ କରିବା ପାଇଁ ଏକ ବିସ୍ତୃତ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରାଯାଇଛି। ଏହି ଆକ୍ସନ ପ୍ଲାନ୍ ଅନୁଯାୟୀ ପ୍ରଦୂଷିତ ସହରଗୁଡ଼ିକରେ ପ୍ରଦୂଷଣର ଉତ୍ସ ଓ କାରଣ ଠିକ୍ ଜାଣିବା ପାଇଁ ସୋର୍ସ ଆପୋର୍ସନମେଣ୍ଟ ଷ୍ଟଡି ବା ଉତ୍ସ ବିଭାଜନ ଅଧ୍ୟୟନ କରାଯାଉଛି। ଏହି ଅଧ୍ୟୟନ ଦ୍ୱାରା ବିଭିନ୍ନ ପ୍ରଦୂଷଣ ଉତ୍ସ ଯଥା କଳକାରଖାନା, ଯାନବାହନ, ନିର୍ମାଣ ଜନିତ କାର୍ଯ୍ୟ ଆଦିରୁ ପ୍ରଦୂଷଣ ମାତ୍ରାର ଆନୁପାତିକ ପରିସଂଖ୍ୟାନ ମିଳିପାରିବ। ଏହାପରେ ରିପୋର୍ଟଗୁଡ଼ିକର ନିଷ୍କର୍ଷ ଓ ସୁପାରିସ ଅନୁଯାୟୀ ପଦକ୍ଷେପ ନିଆଯାଇ ପାରିବ ବୋଲି ମନ୍ତ୍ରୀ ଆରୁଖ ପ୍ରତିଶ୍ରୁତି ଦେଇଛନ୍ତି। ହେଲେ ରାଜ୍ୟରେ ପ୍ରଦୂଷଣ ରିପୋର୍ଟ ପ୍ରସ୍ତୁତିରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇ ଆସୁଛି। ଏହାର ଜ୍ୱଳନ୍ତ ଉଦାହରଣ ଯାଜପୁରରେ ଜଳଜଳ ହୋଇ ଦିଶୁଛି। ପ୍ରଥମରେ ରାମ୍‌କୋ ସିମେଣ୍ଟ କାରଖାନାରୁ ନିର୍ଗତ ସିମେଣ୍ଟ ଗୁଣ୍ଡ ଓ ବିଷାକ୍ତ ବାୟୁ ପ୍ରଦୂଷଣ ଅଣାୟତ ହୋଇଛି। ଏନେଇ ସ୍ଥାନୀୟ ପ୍ରଭାବିତ ଲୋକେ ଅତିଷ୍ଠ ହୋଇ ମାର୍ଚ୍ଚ ୨୪ରେ ଆବଶ୍ୟକ କାଗଜପତ୍ର ସହ ରାମ୍‌କୋର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ଓ ପବ୍ଲିକ ରିଲେଶନ ଅଫିସର(ପିଆର୍‌ଓ)ଙ୍କ ବିରୋଧରେ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ୨୮।୩।୨୦୨୨ରେ ଏହାର ଶୁଣାଣି କରି ଉପରୋକ୍ତ ଅଧିକାରୀଦ୍ୱୟଙ୍କୁ ଜବାବ ତଲବ୍ ନୋଟିସ ଜାରି କରିଥିଲେ। ଏହି ନୋଟିସ ଉପରେ ଯଦି କିଛି ଆପତ୍ତି ଥାଏ ତେବେ ଆସନ୍ତା ୧୨।୪।୨୦୨୨ ତାରିଖ ପୂର୍ବାହ୍ନ ୧୦ଟାରେ ଆବଶ୍ୟକ କାଗଜପତ୍ର ସହ ଉପସ୍ଥିତ ରହିବାକୁ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ରାମ୍‌କୋ ସିମେଣ୍ଟ କାରଖାନାର ବିଷାକ୍ତ ଗୁଣ୍ଡ ଦୈନନ୍ଦିନ ପରିଚର୍ଯ୍ୟାକୁ ବାଧା ଦେବା ସହ ଗୁରୁତର ଭାବେ ବିଶୃଙ୍ଖଳା ସୃଷ୍ଟି କରୁଛି। ଆଖପାଖ ଜଳଉତ୍ସଗୁଡ଼ିକ ବ୍ୟବହାର ଅନୁପଯୋଗୀ ହୋଇଯାଇଛି। ଖାଦ୍ୟ, ବସ୍ତ୍ରରେ ଗୁଣ୍ଡ ପଡି ଲୋକଙ୍କ ଜୀବନ ପ୍ରତି ବିପଦ ଦେଖା ଦେଇଛି। ଏହାବାଦ୍ ଧର୍ମଶାଳା ତହସିଲ ଅଞ୍ଚଳରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପଥର ଖାଦାନ ଚାଲିଥିବାରୁ ସଂପୃକ୍ତ ଅଞ୍ଚଳବାସୀ ବାୟୁ ପ୍ରଦୂଷଣରେ ଅତିଷ୍ଠ ହୋଇ ପଡିଛନ୍ତି। ତଥାପି ପ୍ରଶାସନ ଓ ଲୋକ ପ୍ରତିନିଧି କୁମ୍ଭକର୍ଣ୍ଣ ନିଦ୍ରାରେ ରହି ମୁହଁ ଖୋଲୁ ନାହାନ୍ତି ବୋଲି ଚର୍ଚ୍ଚା ହେଉଛି।

ଅନ୍ୟପକ୍ଷେ ମନ୍ତ୍ରୀଙ୍କ ରିପୋର୍ଟ ଅନୁସାରେ ଅନୁଗୋଳରେ ୯୫ ପିଏମ୍(୧୦) ବା ପାର୍ଟିକୁଲେଟ ମେଟର, ବାଲେଶ୍ୱରରେ ୭୬ ପିଏମ୍ ୧୦, ବ୍ରହ୍ମପୁରରେ ୬୩ ପିଏମ୍୧୦, ଭୁବନେଶ୍ୱରରେ ୧୦୩ ପିଏମ୍୧୦, ବଣେଇଗଡ଼ରେ ୯୪ ପିଏମ୧୦, କଟକରେ ୯୦ ପିଏମ୍୧୦, ଝାରସୁଗୁଡ଼ାରେ ୧୦୩ ପିଏମ୍୧୦, କଳିଙ୍ଗନଗରରେ ୧୧୬ ପିଏମ୍୧୦, କେନ୍ଦୁଝରରେ ୭୭ ପିଏମ୍୧୦, କୋଣାର୍କରେ ୫୪ ପିଏମ୍୧୦, ପାରାଦୀପରେ ୧୦୯ ପିଏମ୍୧୦, ପୁରୀରେ ୯୮ ପିଏମ୧୦, ରାଜଗାଙ୍ଗପୁରରେ ୧୧୯ ପିଏମ୧୦, ରାୟଗଡାରେ ୬୯ ପିଏମ୍୧୦, ରାଉରକେଲାରେ ୧୧୭ ପିଏମ୍୧୦, ସମ୍ବଲପୁରରେ ୧୦୨ ପିଏମ୍୧୦ ଓ ତାଳଚେରରେ ୧୦୫ ପିଏମ୍୧୦ ରହିଛି। ଏସ୍‌ପିସିବିର ରିପୋର୍ଟ ଅନୁସାରେ ୦ ରୁ ୫୦ ପିଏମ୍୧୦ ହେଉଛି ଅତି ଭଲ ପରିବେଶ। ୫୧ ରୁ ୧୦୦ ସନ୍ତୋଷଜନକ ସ୍ଥିତି। ଏହିକ୍ରମରେ ସରକାରଙ୍କ ଦ୍ୱାରା ପରିକଳ୍ପିତ ଆକ୍ସନ ପ୍ଲାନ କେବେ କାର୍ଯ୍ୟକାରୀ ହେବ ଏବଂ ଲୋକେ ବିଭିନ୍ନ କାରଖାନାର ପ୍ରଦୂଷଣରୁ ମୁକ୍ତି ପାଇବେ ତାହାକୁ ପ୍ରଭାବିତ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି।

# ବଦଳିଲେ ଗୋଇନ୍ଦା ନିର୍ଦ୍ଦେଶକ

## ଆର୍.ପି.କୋଚେଙ୍କୁ ଅତିରିକ୍ତ ଦାୟିତ୍ୱ

**ଭୁବନେଶ୍ୱର,୧୧।୪(ବ୍ୟୁରୋ)**

ରାଜ୍ୟ ଗୋଇନ୍ଦା ନିର୍ଦ୍ଦେଶକ ଲଳିତ ଦାସଙ୍କୁ ରାଜ୍ୟ ସରକାର ବଦଳି କରିଛନ୍ତି। ତାଙ୍କୁ ଗୃହ ବିଭାଗର ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି(ଓଏସ୍‌ଡି) ଭାବେ ବଦଳି କରାଯାଇଛି। ୧୯୯୩ ବ୍ୟାଚ୍ ଆଇପିଏସ୍ ଅଫିସର ତଥା ସ୍ପେଶାଲ ଆର୍ମଡ ପୋଲିସ(ଏସ୍‌ଏପି) ଏଡିଜିପି ଆର୍.ପି. କୋଚେଙ୍କୁ ଗୋଇନ୍ଦା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏ ନେଇ ଗୃହ ବିଭାଗ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି।



ଆର୍.ପି. କୋଚେ

ଆଗକୁ ଆଇପିଏସ୍‌ସ୍ତରରେ ଏକ ବଡ଼ଧରଣର ଅଦଳବଦଳ ହେବାର ସମ୍ଭାବନା ରହିଛି। ଗୋଇନ୍ଦା ନିର୍ଦ୍ଦେଶକ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଅତିରିକ୍ତ ଭାବେ କୋଚେଙ୍କ ହାତରେ ରହିବ ନା ଆଉ କାହାକୁ ଏହା ଦିଆଯିବ, ତାହା ଆଗାମୀ କିଛିଦିନ ମଧ୍ୟରେ ଜଣାପଡ଼ିବ। ତେବେ ଗୋଇନ୍ଦା ନିର୍ଦ୍ଦେଶକ ଥିବା ଲଳିତ ଦାସଙ୍କୁ ହଠାତ୍ ଗୃହ ବିଭାଗ ଓଏସ୍‌ଡି କରିବା ପଛର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ତାଙ୍କ କାର୍ଯ୍ୟରେ ସରକାର ସନ୍ତୁଷ୍ଟ ନ ଥିବା ନେଇ ଆଲୋଚନା ହେଉଛି।

# ବନ୍ଧୁକ ଲଗାଇ ଲୁଟି ନେଲେ ୨.୭୭ ଲକ୍ଷ

**ସୋର, ୧୧।୪(ଡି.ଏନ୍.ଏ.)**

ସୋମବାର ମଧ୍ୟାହ୍ନରେ ସୋର-ମଙ୍ଗଳପୁର ରାସ୍ତା ଦହିପୁର ଛକରେ ୩ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ବନ୍ଧୁକ, ଭୁଜାଲି ଦେଖାଇ ଜଣେ ନିର୍ମାଣ କମ୍ପାନୀ କ୍ୟାସିଅରଙ୍କଠାରୁ ୨ ଲକ୍ଷ ୭୭ ହଜାର ଟଙ୍କା ଲୁଟି ନେଇଛନ୍ତି । ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କେନାଲ ଖୋଳା କାମରେ ନିୟୋଜିତ ଆର୍‌କେଡି କମ୍ପାନୀ କ୍ୟାସିଅର ଆଶିଷ କୁମାର ସ୍ୱାଇଁ ସୋର ଏସ୍‌ବିଆଇ ଶାଖାରୁ ଶ୍ରମିକଙ୍କ ପାଉଣା ଦେବାକୁ ୨ ଲକ୍ଷ ୭୭ ହଜାର ଟଙ୍କା ଉଠାଇ ବାଇକ୍‌ରେ ଫେରୁଥିଲେ। ଏହି ଛକରେ ତାଙ୍କୁ ଏକ ପଲ୍‌ସର ବାଇକ୍‌ରେ ପିଛା କରୁଥିବା ୩ଜଣ ଲୁଟେରା ଅଟକାଇ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଭୁଜାଲି ଦେଖାଇ ଭୟଭୀତ କରି ଟଙ୍କା ଲୁଟି ନେଇ ଦ୍ରୁତ ଗତିରେ ସୋର ଆଡକୁ ଆସିଥିଲେ। ଏନେଇ ଆଶିଷ ସୋର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରୁଛି।

# ଅଭିଯୁକ୍ତଙ୍କୁ ଘାସକଟାଳି ବେଶରେ ଧରିଲା ପୋଲିସ

**କୁଜଙ୍ଗ, ୧୧।୪ (ଡି.ଏନ୍.ଏ.)**

୩ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ କାବୁ କରିବାରେ ସଫଳ ହୋଇଛି। ଏଥିପାଇଁ ପୋଲିସକୁ ଘାସକଟାଳି ବେଶ ଧାରଣ କରିବାକୁ ପଡ଼ିଛି। ସମ୍ପୃକ୍ତ ଅଭିଯୁକ୍ତ ଜଗତ୍‌ସିଂହପୁର ଜିଲା ଢିଙ୍କିଆ ଚାରିଦେଶରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ଅଞ୍ଚଳରେ ଅଭୟଚାନ୍ଦପୁର ଥାନା କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ଜଡ଼ିତ ଥିଲେ। ସେ ହେଲେ ଏହି ଅଞ୍ଚଳର ନୂତନ ଦାସ।

ଗତ ଡିସେମ୍ବର ୩ ତାରିଖ ରାତିରେ ଗୋବିନ୍ଦପୁରସ୍ଥିତ ପ୍ରଭାତ ରାଉତଙ୍କ ଘର ଉପରେ ବୋମାମାଡ଼ ହୋଇଥିଲା। ୪ ତାରିଖରେ ପୋଲିସ ଘଟଣାର ତଦନ୍ତ କରିବାକୁ ଢିଙ୍କିଆ ଗ୍ରାମକୁ ଆସିଥିଲା। ଏହି ସମୟରେ ପୋଲିସ କର୍ମଚାରୀଙ୍କ ଉପରେ କେତେଜଣ ଗ୍ରାମବାସୀ ଆକ୍ରମଣ କରିବା ସହ ଗାଡ଼ି ଭଙ୍ଗାରୁଜା କରିଥିଲେ। ଉକ୍ତ ଆକ୍ରମଣରେ ନୂତନ ମଧ୍ୟ ସାମିଲ ଥିଲେ। ପୋଲିସ ଏହି ମାମଲାରେ ପୂର୍ବରୁ ୫ ଜଣଙ୍କୁ ଗିରଫ କରିଥିବାବେଳେ ନୂତନ ଚକମା ଦେଇ ବୁଲୁଥିଲେ। ରବିବାର ଅପରାହ୍ନରେ ନୂତନ ଢିଙ୍କିଆ ଗ୍ରାମର ଏକ ବିଲରେ ଲୁଚିଥିବା ନେଇ ପୋଲିସକୁ କୌଣସି ସୂତ୍ରରୁ ସୂଚନା ମିଳିଥିଲା। ତାଙ୍କୁ ଧରିବା ପାଇଁ ଥାନାର କେତେଜଣ ପୋଲିସ କର୍ମଚାରୀ ସାଦା ପୋଷାକରେ ଦା' ଏବଂ ଅଖା ଧରି ଘାସ କଟାଳି ସାଜି ବିଲକୁ ଯାଇଥିଲେ। ନୂତନ ସେମାନଙ୍କୁ ଚିହ୍ନି ନ ପାରି ପଦାକୁ ଆସିଥିଲେ। ଏହି ସମୟରେ ପୋଲିସ ତାଙ୍କୁ ଗିରଫ କରିଥିଲା। ସୋମବାର ନୂତନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ଥାନା ଅଧିକାରୀ ଜୀବନାନନ୍ଦ ଜେନା କହିଛନ୍ତି।

# ଭିଡିଓ କନ୍‌ଫରେନ୍ସରେ କୋର୍ଟରେ ହାଜର ହେଲେ ଶର୍ମିଷ୍ଠାଙ୍କ ସମେତ ୮ ଅଭିଯୁକ୍ତ

**କ୍ୟାମେରାମ୍ୟାନ ମାନସ ହତ୍ୟା ଘଟଣା**

**୨୨ରେ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ**



**ଚାନ୍ଦବାଲି, ୧୧।୪(ଡି.ଏନ.ଏ.)**

ନୟାଗଡ଼ ଜିଲା ରଣପୁର ଥାନା ଅଧୀନ ମଝିଆଖଣ୍ଡ ଗୋଡ଼ିପୋଖରୀ ଗ୍ରାମର କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ଭଦ୍ରକ ଜେଲ୍‌ରେ ଥିବା ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତଙ୍କ ସମେତ ୮ ଅଭିଯୁକ୍ତଙ୍କୁ ସୋମବାର ଚାନ୍ଦବାଲି ଜେଏମ୍‌ଏଫ୍‌ସି କୋର୍ଟରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ହାଜର କରାଯାଇଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୨ ତାରିଖକୁ ଧାର୍ଯ୍ୟ କରାଯାଇଛି। ଉକ୍ତ ଦିନ ଅଭିଯୁକ୍ତମାନଙ୍କୁ କୋର୍ଟରେ ହାଜର ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ୮ ଅଭିଯୁକ୍ତ ଗିରଫ ପରେ କ୍ରାଇମବ୍ରାଞ୍ଚ ଏକାଧିକବାର ରିମାଣ୍ଡରେ ନେଇ ତଦନ୍ତ ଜାରି ରଖିଥିବା ବେଳେ ମାନସ ହତ୍ୟା ପଛରେ ପ୍ରକୃତ କାରଣ ଏଯାଏ ସ୍ପଷ୍ଟ ହୋଇପାରିନାହିଁ। ଗତ ମାର୍ଚ୍ଚ ୨୯ରେ କ୍ରାଇମବ୍ରାଞ୍ଚ ଅଭିଯୁକ୍ତ ନିରଞ୍ଜନ ସେଠୀ, ରଞ୍ଜନ ନାୟକ, ଶର୍ମିଷ୍ଠା ଏବଂ ଝୁନା ଭୋଇଙ୍କୁ ଚାନ୍ଦବାଲି କୋର୍ଟରେ ହାଜର କରିଥିଲା। ପରେ ପ୍ରଥମ ପର୍ଯ୍ୟାୟରେ ଶର୍ମିଷ୍ଠା ଓ ଝୁନାଙ୍କୁ ୫ଦିନିଆ ରିମାଣ୍ଡରେ ନେଇ କ୍ରାଇମବ୍ରାଞ୍ଚ ଟିମ୍ ଜେରା କରିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଗତ ୩ ତାରିଖରେ ପୁନର୍ବାର ସେମାନଙ୍କୁ ରିମାଣ୍ଡରେ ନେଇଥିଲା। ରିମାଣ୍ଡ ଅବଧି ସରିବାରୁ ୭ ତାରିଖରେ ଚାନ୍ଦବାଲି କୋର୍ଟରେ ହାଜର ପରେ ଭଦ୍ରକ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା।



## ସଂକ୍ଷେପରେ

### ଜାଗୁଲାଈଙ୍କ ବାସନ୍ତିକ ଦୁର୍ଗାପୂଜା, ନବରାତ୍ର ମହୋତ୍ସବ ଉଦ୍‌ଯାପିତ



**ଜଟଣୀ,୧୧।୪(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀ ଗ୍ରାମଦେବୀ ମା'ଜାଗୁଲାଈଙ୍କ ପୀଠରେ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ଏହି ପୂଜା ବିଧି ଅନୁଯାୟୀ କରାଯିବା ସହ ପ୍ରତିଦିନ ମା'ଙ୍କୁ ବିଭିନ୍ନ ବେଶରେ ସଜ୍ଜିତ କରାଯାଇଥିଲା। ପୂର୍ଣ୍ଣାହୁତି ପାଇଁ ସୋମବାର ଅପରାହ୍ନ ୪ଟାରେ ମହାସ୍ନାନ କରାଯାଇ ମା'ଙ୍କୁ ବିଜୟା ଦଶମୀ ବେଶରେ ସଜ୍ଜିତ କରାଯାଇଥିଲା। ଏହି ବେଶ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଭାଜପା ନେତା ସୁଦୀପ୍ତ ରାୟ, ବିଜେଡି ଉପସଭାପତି ସୁଦର୍ଶନ ସୁନ୍ଦରାୟ ସୋମବାର ମା'ଙ୍କ କୃପା ଭିକ୍ଷା କରିଥିଲେ। ମା'ଙ୍କର ପ୍ରତିଦିନ ବେଶ ଚିତ୍ରକର ସେବକ ବିଜୟ କୁମାର ପଣ୍ଡା କରିଥିଲେ। କର୍ତ୍ତା କର୍ତ୍ରୀ ଭାବେ ଅଭିରାମ କର ଓ ତାଙ୍କ ସହଧର୍ମିଣୀ ସ୍ୱର୍ଣ୍ଣଲତା କର କାର୍ଯ୍ୟ ତୁଲାଇଥିଲେ। ମୁଖ୍ୟ ପୂଜକ ମନୋରଞ୍ଜନ ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ପରିଚାଳନା କମିଟିର ସମ୍ପାଦକ ଏଲ୍.ଡି. ମହାନ୍ତି, ସଭାପତି ରାଧାମୋହନ ପଟ୍ଟନାୟକ, ଚନ୍ଦ୍ରଶେଖର ପଣ୍ଡା, ଅଶୋକ ଦାସ, ପବିତ୍ରମୋହନ ରଣସିଂହ, ପୂର୍ଣ୍ଣଚନ୍ଦ୍ର ସାହାଣୀ, ଭାଗୀରଥି ପ୍ରଧାନ, ଉମା କହଁର, ସନିଆ ପୃଷ୍ଟି, ଶଶିକାନ୍ତ ମହାପାତ୍ର, ଅନନ୍ତ ବେହେରା ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ।

### ରାମଚଣ୍ଡୀଙ୍କ ବାର୍ଷିକୋତ୍ସବ

**ବୋଲଗଡ଼,୧୧।୪(ଡି.ଏନ୍.ଏ.):** ବୋଲଗଡ଼ ସଦର ମହାକୁମାର ରାଜ ପ୍ରତିଷ୍ଠିତ ଗଡ଼ଦେବୀ ମା'ରାମଚଣ୍ଡୀଙ୍କ ବାର୍ଷିକ ଉତ୍ସବ ଓ କଳସ ଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରେ ଠାକୁରାଣୀଙ୍କ ସକଳ ନୀତିକାନ୍ତି ବୈଦିକ ବ୍ରାହ୍ମଣ ପଣ୍ଡିତଙ୍କ ଶକ୍ତି ମନ୍ତ୍ର ପାଠ ସହ ୩୦୮ ମହିଳାଙ୍କ ଦ୍ୱାରା କଳସ ଯାତ୍ରା ଆରମ୍ଭ କରାଯାଇଥିଲା। ବ୍ରତ ଓ ମାନସିକଧାରୀ ମାନେ ଏକ ଶୋଭାଯାତ୍ରାରେ ନିକଟ ନୂଆ ପୋଖରୀକୁ ଯାଇ ଜଳପୂର୍ଣ୍ଣ କଳସୀ ଆଣି ମା'ଙ୍କ ଆସ୍ଥାନ ସ୍ଥାନୀୟ ଗଡଭିତର ସାହିସ୍ଥିତ ମନ୍ଦିର ବେଢ଼ାକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏଥିପାଇଁ ମନ୍ଦିର ପରିସର ଉତ୍ସବ ମୁଖର ରହିଥିଲା। ଏହି କଳସ ଯାତ୍ରା ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

### ରାତ୍ର ଜଗୁଆଳିଙ୍କ ଦ୍ୱାରା କାର ସଫା କରାଇଲେ କଲେଜ ଅଧକ୍ଷ



**ନିରାକାରପୁର,୧୧।୪(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ଅଞ୍ଚଳରେ ରହିଛି କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟ। ତେବେ ମହାବିଦ୍ୟାଳୟର ଅଧକ୍ଷ ଶରତ କୁମାର ସ୍ୱାଇଁ ବ୍ୟବହାର କରୁଥିବା କାର୍‌କୁ କଲେଜ ସମୟରେ ରାତ୍ର ଜଗୁଆଳି ବିକ୍ରମ ବାରିକଙ୍କ ଦ୍ୱାରା ସଫା କରାଉଥିବା ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଅଧକ୍ଷଙ୍କ ଏଭଳି କାର୍ଯ୍ୟକୁ ବୁଦ୍ଧିଜୀବୀଙ୍କ ମହଲରେ ନାପସନ୍ଦ କରାଯାଇଛି। ଏନେଇ ଅଧକ୍ଷ ସ୍ୱାଇଁଙ୍କୁ ପଚାରିବାରେ କୁହନ୍ତି, କଲେଜ କାମ ପାଇଁ ବାହାରେ ଗୋଟେ ପାଣି ପାଇପ ରହିଛି। ତେବେ କାରରେ କିଏ ପାଣି ପକେଇଲା ମାନେ ନୁହେଁ ଯେ ତାହା ଦ୍ୱାରା ସଫା କରାଇବା ବୋଲି ସଫେଇ ଦେଇଛନ୍ତି।

### ଶ୍ରଦ୍ଧାଞ୍ଜଳି ସଭା

**ଜଟଣୀ,୧୧।୪(ଡି.ଏନ୍.ଏ.):** ଜଟଣୀର ବିଶିଷ୍ଟ କବି ତଥା ସାମ୍ବାଦିକ ସୂର୍ଯ୍ୟ ମହାନ୍ତିଙ୍କ ଦଶାହ ଅବସରରେ ପଲ୍ଲବୀ ଶିକ୍ଷାନୁଷ୍ଠାନ ପକ୍ଷରୁ ସ୍ଥାନୀୟ ଶିକ୍ଷାନୁଷ୍ଠାନ ସଭାଗୃହରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜବାଦୀ ପାର୍ଟିର ରାଜ୍ୟ ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ରବୀନ୍ଦ୍ରନାଥ ମହାକୁଡ଼, ଚେତନା ସଙ୍ଗଠନର ସମ୍ପାଦକ ସତ୍ୟନାରାୟଣ ସିଂ, ପୀତବାସ ମହାନ୍ତି, ବିଜୟ ପ୍ରଧାନ, ମଧୁସ୍ମିତା ମହାନ୍ତି, ମଧୁସ୍ମିତା ସାହୁ ପ୍ରମୁଖ ଯୋଗଦେଇ ସ୍ମୃତି ଚାରଣ କରିବା ସହ କବିତା ପାଠ କରିଥିଲେ। ଅନୁଷ୍ଠାନର ଅଧକ୍ଷ ପୀତବାସ ମହାନ୍ତିଙ୍କ ଅଧକ୍ଷତା କରିଥିଲେ। ସଙ୍ଗୀତ ଗୁରୁ ପବିତ୍ର କୁମାର ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଶ୍ୱଜିତ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ମାଷ୍ଟର ମାଇଣ୍ଡ ସମେତ ୪ ଗିରଫ

**ଖୋର୍ଦ୍ଧା ଅଫିସ,୧୧।୪**

ବାଘମାରୀ ଥାନା ଅନ୍ତର୍ଗତ ୫୭ନମ୍ବର ଜାତୀୟ ରାଜପଥର ସାରୁଅ ଛକରୁ ଏଲ୍‌ଇଡି ୱାଲ୍ ସ୍କ୍ରିନ୍ ବୋଝେଇ ପିକ୍‌ଅପ୍ ଭ୍ୟାନ ଲୁଟ୍ ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ସମେତ ୪ ଜଣଙ୍କୁ ଗିରଫ କରିଛି। ଅନ୍ୟ ଜଣେ ଫେରାର ଅଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଟାଉନ ଥାନା ଅଧୀନ ମେଡିକାଲ ରୋଡର ଟୁନା ଓରଫ ପ୍ରଫୁଲ୍ଲ କୁମାର ନାୟକ(୫୦), ଶାଗୁଆନ ବଗିଚାର ଶିବ ଓରଫ ଦେବାଶିଷ ସ୍ୱାଇଁ(୨୫), ପପୁ ଓରଫ ସନ୍ତୋଷ ରାଉତରାୟ(୪୨) ଏବଂ କଟକ ବାଙ୍କୀ ଥାନା ତାଳବସ୍ତର ସିଟି ଓରଫ ବିଶ୍ୱଜିତ୍ ପରିଡା(୨୮)। ଏମାନଙ୍କ ନିକଟରୁ ଲୁଟ ହୋଇଥିବା ଏଲ୍‌ଇଡି ବୋଝେଇ ପିକ୍‌ଅପ୍ ଭ୍ୟାନ (ଓଡି୦୨-ଏଭି-୨୦୩୬), ୧୨ଟି ଏଲ୍‌ଇଡି ପାନେଲ, ଗୋଟିଏ ଲାପଟପ ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ଏହି ଜବତ ସାମଗ୍ରୀର ମୂଲ୍ୟ ପ୍ରାୟ ୩୦ଲକ୍ଷ ଟଙ୍କା ହେବ। ଏଥିସହ ଅଭିଯୁକ୍ତଙ୍କ ଠାରୁ ଏକ ମହିନ୍ଦ୍ରା ପିକଅପ (ଓଆର୦୨-ବିଏଫ୍-୪୮୭୨), ସ୍କର୍ପିଓ (ଓଡି୦୨-ବିଏଲ୍-୮୭୬୩) ଜବତ କରାଯାଇଛି। ଯାହାର ମୂଲ୍ୟ ପ୍ରାୟ ୨୫ ଲକ୍ଷ ଟଙ୍କା ହେବ। ଲୁଟ ହୋଇଥିବା ଏଲଇଡି ସମେତ ଅନ୍ୟ ଜବତ ସାମଗ୍ରୀକୁ ମିଶାଇ ୫୫ଲକ୍ଷ ଟଙ୍କାର ସାମଗ୍ରୀ ଜବତ କରାଯାଇଥିବା ସୋମବାର ଟାଉନ ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ଅଲେଖ ଚନ୍ଦ୍ର ପହି ସୂଚନା ଦେଇଛନ୍ତି।

ଏସ୍‌ପି ପହି ଆହୁରି କହିଥିଲେ, ପ୍ରଫୁଲ୍ଲ ଜଣେ ପେସାଦାର ଅପରାଧୀ। ସେ ଏହି ଲୁଟ୍ ଘଟଣାର ମାଷ୍ଟରମାଇଣ୍ଡ। ଖଣି ଖାଦାନ ଚୋରାଚାଲାଣ ଠାରୁ ଖୋର୍ଦ୍ଧା ଟାଉନ ଥାନାରେ ଏକାଧିକ ଆପରାଧିକ ମାମଲାରେ ତାଙ୍କ ସମ୍ପୃକ୍ତି ରହିଛି। ଏକ ରାଜନୈତିକ ଦଳ ସହ ତାଙ୍କର ସମ୍ପୃକ୍ତି ରହିଥିବା ଜଣାପଡ଼ିଛି। ସେହିପରି ଦେବାଶିଷଙ୍କ ନାଁରେ ମଧରେ ଖୋର୍ଦ୍ଧା ଟାଉନ ଥାନାରେ ୩ଟି ମାମଲା ଏବଂ ବିଶ୍ୱଜିତ୍‌ଙ୍କ ନାଁରେ ଗୋଟିଏ ମାମଲା ରହିଛି।



ଏସ୍‌ପି ଅଲେଖ ଚନ୍ଦ୍ର ପହି ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।



ଗିରଫ ୪ ଅଭିଯୁକ୍ତ।



ଜବତ ହୋଇଥିବା ଗାଡି।

### ଏଲ୍‌ଇଡି ୱାଲସ୍କ୍ରିନ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଲୁଟ ଘଟଣା

୧୬ ଓ ୫୭ ନଂ. ଜାତୀୟ ରାଜପଥରେ ଲୁଟ, ଡକାୟତି ଭଳି ଅନେକ ଘଟଣାରେ ଅଭିଯୁକ୍ତମାନଙ୍କଙ୍କ ସମ୍ପୃକ୍ତି ରହିଛି।

ପ୍ରକାଶ ଯେ, ଗତ ୨ତାରିଖ ରାତିରେ ଗଞ୍ଜାମ ଜିଲା ବୁଗୁଡା ଥାନା କରବୁଲି ଗ୍ରାମର ସନ୍ତୋଷ କୁମାର ଗୌଡ ଏଲଇଡି ୱାଲସ୍କ୍ରିନ ବୋଝେଇ ପିକ୍‌ଅପ୍ ଭ୍ୟାନ(ଓଡି୦୨-ଏପି-୨୦୩୬)ରେ ଭୁବନେଶ୍ୱରକୁ ଯାଉଥିଲେ। ବିଳମ୍ବିତ ରାତିରେ ସାରୁଅ ଛକରେ ଅଭିଯୁକ୍ତମାନେ ତାଙ୍କୁ ମାରଣାସ୍ତ୍ର ଦେଖାଇ ଏଲଇଡି ବୋଝଇ ପିକ୍‌ଅପ୍ ଭ୍ୟାନକୁ ଲୁଟି ଫେରାର ହୋଇଯାଇଥିଲେ। ଏନେଇ ସନ୍ତୋଷଙ୍କ ଅଭିଯୋଗକ୍ରମେ ବାଘମାରୀ ଥାନାରେ ମାମଲା (ନଂ.୩୭/୨୨)ରୁଜୁ ହୋଇଥିଲା। ଲୁଟ ଘଟଣାରେ ଏକାଧିକଙ୍କ ସମ୍ପୃକ୍ତି ରହିଥିବା ନେଇ ଜଣାପଡିବା ପରେ ସଦର ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଏଥିରେ ବାଘମାରୀ ଥାନା ଅଧିକାରୀ ଅର୍ଚ୍ଚନା ମଲିକ, ରଶ୍ମି ରଞ୍ଜନ ଦାଶ, ବ୍ରହ୍ମାନନ୍ଦ ସ୍ୱାଇଁ, ପଦ୍ମଲୋଚନ ବେହେରା, ସୁକାନ୍ତ ଦଳାଇଙ୍କ ସମେତ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ମଧ ସାମିଲ ହୋଇଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ପଚରାଉଚୁରା ବେଳେ ଅନ୍ୟ ଥାନା ଅଞ୍ଚଳରେ ଘଟିଥିବା ଆପରାଧିକ ମାମଲାରେ ଏମାନଙ୍କ ସମ୍ପୃକ୍ତି ରହିଥିବା ଜାଣିବାକୁ ପାଇଥିଲା। ଗତ ୩ତାରିଖ ବିଳମ୍ବିତ ରାତିରେ ପିଏନ କଲେଜ ଛକରେ ଜଣେ ବ୍ୟକ୍ତିଙ୍କୁ ଛୁରାମାଡ଼ କରି ୫୫୦୦ଟଙ୍କା ଲୁଟ ଘଟଣା(ନଂ୧୭୭/୨୨)ରେ ପ୍ରଫୁଲ୍ଲ, ଦେବାଶିଷ, ବିଶ୍ୱଜିତ, ସନ୍ତୋଷ ଏବଂ ପପୁ ନାମକ ଅନ୍ୟ ଜଣେ ସାମିଲ ଥିଲେ। ଗତ ୭ତାରିଖ ରାତିରେ ଠେଙ୍ଗାହାଟ ଛକରେ ଅଭିଯୁକ୍ତମାନେ ଏକ ମହିନ୍ଦ୍ରା ପିକଅପ ଭ୍ୟାନ(ଓଆର୦୨-ବିଏଫ-୪୮୭୨) ଚୋରି କରି ନେଇଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୧୭୧/୨୨)ରୁଜୁ ହୋଇଛି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଦର ଏସ୍‌ଡିପିଓ ସୁଶୀଲ ମିଶ୍ର, ବାଘମାରୀ ଥାନା ଅଧିକାରୀ ଅର୍ଚ୍ଚନା ମଲିକ, ଜଙ୍କିଆ ଥାନାଧିକାରୀ ଦିଗ୍‌ବିଜୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

**ଜଟଣୀ,୧୧।୪(ଡି.ଏନ୍.ଏ.)**

ଜଟଣୀ ବ୍ଲକ ଅନ୍ତର୍ଗତ କନ୍ତିଆସ୍ଥିତ ଶ୍ରୀ ସୋମନାଥ ବାଲୁଙ୍କେଶ୍ୱର ଦେବ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମ ରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ସତ୍ୟବ୍ରତ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଶିବିରକୁ ଶୁଭାରମ୍ଭ କରିଥିଲେ। ସୁଶାନ୍ତ ରାଉତ ଅତିଥିଭାବେ ଯୋଗଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିର ଆସନ୍ତା ୨୧ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବେଳେ ମାଷ୍ଟର ଟ୍ରେନର ଆସନା ବେଗମ ଏବଂ ମଧୁସ୍ମିତା ମହାରଣା ନାରୀମାନେ କିପରି ନିଜ ସୁରକ୍ଷା କରିବା ସହିତ ପାଖଆଖ ଲୋକଙ୍କୁ କୌଣସି ବିପତ୍ତିରୁ ସୁରକ୍ଷିତ ରଖିପାରିବେ ସେ ବିଷୟରେ କହିଥିଲେ। ଶିବିରରେ ଅଂଶଗ୍ରହଣ କରିଥିବା ଛାତ୍ରୀଙ୍କୁ ୫ଟି ଦଳରେ ବିଭକ୍ତ କରାଯାଇ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦିଆଯିବ ବୋଲି ସୂଚନା ମିଳିଛି। ବିଦ୍ୟାଳୟର ପୁଷ୍ପିତାରାଣୀ ଦାସ, ବେବିନା ସେଠୀ, ଜୟନ୍ତ ସାହୁ, ଅଭିମନ୍ୟୁ ସମାନ୍ତସିଂହାର, ସୁବାସ ଜେନା, ସନ୍ତୋଷ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବା ବେଳେ ଅଧାପିକା ମଞ୍ଜୁଲତା ସାହୁ ଧନ୍ୟବାଦ ଦେଇଥିଲେ।



ଖୋର୍ଦ୍ଧା ଜିଲା ଟାଙ୍ଗିଆପଡା ପଞ୍ଚାୟତ ନୂଆଗାଁସ୍ଥିତ ମା' ଅଁଳାଇ ଠାକୁରାଣୀଙ୍କ ଦଣ୍ଡଯାତ୍ରା।

## ଜନକଲ୍ୟାଣ ପ୍ରତିଷ୍ଠାନ ପକ୍ଷରୁ ଖୋଲିଲା ଜଳଛତ୍ର

**ବେଗୁନିଆ,୧୧।୪(ଡି.ଏନ୍.ଏ.)**

ବେଗୁନିଆ ଜନକଲ୍ୟାଣ ପ୍ରତିଷ୍ଠାନ ଆନୁକୂଲ୍ୟରେ ସୋମବାର ୬ଟି ସ୍ଥାନରେ ଜଳଛତ୍ରର ବ୍ୟବସ୍ଥା କରାଯାଇଛି। ବେଗୁନିଆ ସଦର ମହକୁମାରେ ଥିବା ଥାନା, ତହସିଲ, ବ୍ଲକ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୟୁକୋ ବ୍ୟାଙ୍କ ସମେତ ଡାକ କାର୍ଯ୍ୟାଳୟ ପରିସରରେ ଏହି ବ୍ୟବସ୍ଥା ରହିଛି। ତହସିଲଦାର ପୃଥ୍ୱିରାଜ ମଣ୍ଡଳ, ବିଡିଓ ଲକ୍ଷ୍ମୀଧର ସାହୁ, ଆଇଆଇସି ଲକ୍ଷ୍ମୀ ପ୍ରସାଦ ଶତପଥୀ, ପୋଷ୍ଟମାଷ୍ଟର ଶରତ ଚନ୍ଦ୍ର ସାହୁ, ବ୍ୟାଙ୍କ ପରିଚାଳକ ସତ୍ୟବ୍ରତ କର ପ୍ରମୁଖ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଆୟୋଜକ ପ୍ରତିଷ୍ଠାନର ସଭ୍ୟ ଅକ୍ଷୟ ରଥ, ଦୀନବନ୍ଧୁ ଦାଶ, ଭାଗୀରଥି ପରିଡା, କୁଳମଣି ବଳିୟାରସିଂହ, ଗଙ୍ଗାଧର ମାର୍ଥା, ପ୍ରଦୀପ କୁମାର ସାହୁ, ଜୟକୃଷ୍ଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରକାଶ ଯେ, ଚଳିତ ଗ୍ରୀଷ୍ମ ତାତି ବଢ଼ିଥିବା ବେଳେ ପ୍ରଶାସନ ପକ୍ଷରୁ ଜନବସତି ଅଞ୍ଚଳରେ ଜଳଛତ୍ରର ବ୍ୟବସ୍ଥା କରାଯାଇ ନାହିଁ। ଏହି ପ୍ରତିଷ୍ଠାନ ପକ୍ଷରୁ ଖୋଲାଯାଇଥିବାରୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ଏ ସମ୍ପର୍କରେ ପ୍ରତିଷ୍ଠାନର ସଭାପତି ଅକ୍ଷୟ ରଥ କୁହନ୍ତି, ଅନୁଷ୍ଠାନ ପକ୍ଷରୁ ଜଳଛତ୍ର ଖୋଲାଯାଇଛି। ଜନସାଧାରଣଙ୍କୁ ପରିଷ୍କାର ଜଳ ଯୋଗାଇଦେବାକୁ ଗୁରୁତ୍ୱ ଦିଆଯିବ।

## କଠିନ ଅଧ୍ୟବସାୟ ବିକାଶର ଚାବିକାଠି

**ବୋଲଗଡ଼,୧୧।୪(ଡି.ଏନ୍.ଏ.)**

ବୋଲଗଡ଼ ଶିକ୍ଷା ବ୍ଲକ ଅଧୀନ ସଂପୁର ସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପ୍ରଧାନ ଅତିଥିଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥିଭାବେ ଚିଲିକା-ବାଲୁଗାଁ ରୋଟାରି କ୍ଲବର ଉପସଭାପତି ଭାଗୀରଥି ସ୍ୱାଇଁ, ମୁଖ୍ୟ ବକ୍ତାଭାବେ ବୋଲଗଡ଼ ଗୋଷ୍ଠୀ ଶିକ୍ଷା ସହାଧିକାରୀ ପଦଚରଣ ବେହେରା, ଅତିଥିଭାବେ ଲକ୍ଷ୍ମୀଧର ବେହେରା, ରାଧାମୋହନ ସାହୁ, ଡମ୍ବରୁଧର ଦାସ ଓ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷା ବିନୋଦିନୀ ଦତ୍ତ ଯୋଗଦେଇଥିଲେ। ସଭାପତି ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। କଠିନ ଅଧ୍ୟବସାୟ, ଶୃଙ୍ଖଳା ଓ

### ଚତୁର୍ଭୁଜ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ଧୈର୍ଯ୍ୟ ବିକାଶର ଚାବି କାଠି ବୋଲି ମୁଖ୍ୟ ବକ୍ତା ବେହେରା କହିଥିଲେ। ଶିକ୍ଷୟିତ୍ରୀ ଶୈବାଳିକା ମଲ୍ଲିକ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ଗୋପୀନାଥ ପରିଜାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶିକ୍ଷକ ବିଶ୍ୱଜିତ୍ ସରୋଜ କୁମାର ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଙ୍ଗୀତ, ସମ୍ବଲପୁରୀ ନୃତ୍ୟ ଓ ସୁଶାନ୍ତ ସେଠୀଙ୍କ ନିର୍ଦ୍ଦେଶନାରେ ଦଳୀୟ ନୃତ୍ୟ ପରିବେଷଣ ହୋଇଥିଲା। ପ୍ରଧାନ ଶିକ୍ଷକ ସ୍ୱାଇଁଙ୍କ ରଚନା ଓ ନାରାୟଣ ମହାନ୍ତିଙ୍କ ନିର୍ଦ୍ଦେଶନାରେ କାଞ୍ଚି ଅଭିଯାନ ନାଟକ ମଞ୍ଚସ୍ଥ ହୋଇଥିଲା। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ସଂପୁର ଗ୍ରାମବାସୀ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ

**ଖୋର୍ଦ୍ଧା ଅଫିସ,୧୧।୪**

ସ୍ଥାନୀୟ ବିଜେବି ହାଇସ୍କୁଲ ପରିସରରେ ଖୋର୍ଦ୍ଧା ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତଙ୍କ ଅଧକ୍ଷତାରେ ଜିଲା ପରିଷଦ ଅଧକ୍ଷା ରୂପଶ୍ରୀ ରାଣୀ ଗୁମାନସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଖୋର୍ଦ୍ଧା ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମୟୀ ପ୍ରିୟଦର୍ଶିନୀ ଯୋଗଦେଇଥିବା ବେଳେ ଅତିଥିଭାବେ ବିଜେବି ହାଇସ୍କୁଲର ପ୍ରଧାନ ଶିକ୍ଷକ ଏସ୍.କେ ଗୋହରଅଲ୍ଲୀ, ବିଆରସିସି ସତ୍ୟବାନ ଶ୍ରୀଚନ୍ଦନ, ସହଗୋଷ୍ଠୀ ଶିକ୍ଷା ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ ଓ ନିହାର ନଳିନୀ ଦେବୀ ଯୋଗଦେଇଥିଲେ। ବୈଜ୍ଞାନିକ ଦୃଷ୍ଟି ରଖି ଅଧ୍ୟୟନରତ ହେବା ପାଇଁ କୁନି ବୈଜ୍ଞାନିକମାନଙ୍କୁ ଅତିଥିମାନେ ଆହ୍ୱାନ ଦେଇଥିଲେ।

ଉଦ୍‌ଯାପନୀ ଅଧିବେଶନରେ ମୁଖ୍ୟ ଅତିଥିଭାବେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅତିଥିଭାବେ ପୌରାଧକ୍ଷା କନକ ଲକ୍ଷ୍ମୀ ମହାନ୍ତି, ଉପାଧକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି, ମୁଖ୍ୟ ବକ୍ତା ଡିଆଇଟିର ଅଧକ୍ଷ ଡ.ତାପସ କୁମାର ନାୟକ, ଉପନିର୍ଦ୍ଦେଶିକା ଜୁଲି ମଙ୍ଗରାଜ ପ୍ରମୁଖ ଯୋଗଦେଇଥିଲେ।

### ୧୭୮ ପ୍ରକଳ୍ପ ପ୍ରଦର୍ଶିତ

ଏହି ପ୍ରଦର୍ଶନୀରେ ୧୭୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଆଦର୍ଶ ବିଦ୍ୟାଳୟର ଛାତ୍ରୀ ବର୍ଷା ପ୍ରିୟଦର୍ଶିନୀ ନନ୍ଦ, ୱାନନେସ୍ ଇଣ୍ଟରନ୍ୟାଶନାଲ ସ୍କୁଲର ସୁଲଗ୍ନା ଦାଶ, ନୂଆପଡ଼ା ମୁକ୍ତାପୁର ଉଚ୍ଚ ବିଦ୍ୟାଳୟର ସ୍ମିତି ପ୍ରଜ୍ଞା ମହାନ୍ତି, କାଇପଦର ଉଚ୍ଚ ବିଦ୍ୟାଳୟର ଶୁଭସ୍ମିତା ପାତ୍ର, ସରକାରୀ ଉ.ପ୍ରା. ବିଦ୍ୟାଳୟ ଠାକୁରପଡ଼ାର ସ୍ମିତିପ୍ରଜ୍ଞା ମୁଦୁଲି, ବିଜେବି ହାଇସ୍କୁଲ ଖୋର୍ଦ୍ଧାର ଛାତ୍ର ଜ୍ୟୋତମ୍ନାନ ଉଚ୍ଚ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ବିଜ୍ଞାନରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଆଗ୍ରହ ସୃଷ୍ଟି କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଥିଲା। ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ୮ଟି ପ୍ରକଳ୍ପ ପ୍ରଦର୍ଶନୀରେ ସ୍ଥାନିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସିଆରସିସି ଯୁଧିଷ୍ଠିର ସାହୁ, ବିଜ୍ଞାନ ଗବେଷଣା ପରିଷଦର ସଭାପତି ନିରଞ୍ଜନ ସାହୁ, ସମ୍ପାଦକ ବିଭୁପ୍ରସାଦ ସେନାପତି, ରବିନାରାୟଣ ପଣ୍ଡା, ରବୀନ୍ଦ୍ର ପ୍ରଧାନ, ସୁଜାତା ସାହୁ, ପ୍ରଦ୍ୟୁମ୍ନ ମିଶ୍ର, ରବି ସାହୁ, ଧ୍ରୁବଚରଣ ରଣା, ସୁଧାକର ମହାପାତ୍ର, ପ୍ରସନ୍ନ ମହାପାତ୍ର, ଅଗାଧୁ ସେଠୀ, ମୃତ୍ୟୁଞ୍ଜୟ ମହାପାତ୍ର, ସୁରେଶ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।





ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ।

## ବିଦ୍ୟୁତ୍ ଆଘାତରେ କ୍ରୀଡ଼ା ଅଧାପକଙ୍କ ମୃତ୍ୟୁ

**କୋଣାର୍କ, ୧୧।୪(ଡି.ଏନ୍.ଏ.)**

କୋଣାର୍କ ଭଗବତୀ ମହାବିଦ୍ୟାଳୟରେ କାର୍ଯ୍ୟରତ କ୍ରୀଡ଼ା ଅଧାପକ ଶ୍ରୀକୃଷ୍ଣ ବିଶ୍ୱରାୟ (୫୯)ଙ୍କ ବିଦ୍ୟୁତ୍ ଆଘାତରେ ସୋମବାର ମୃତ୍ୟୁ ଘଟିଛି। ପ୍ରକାଶ ଯେ, କ୍ରୀଡ଼ା ଅଧାପକ ଶ୍ରୀକୃଷ୍ଣ ନିଜ ବାସଭବନରେ ବିଦ୍ୟୁତ୍ କାର୍ଯ୍ୟ କରୁଥିଲେ। ହେଲେ ବିଦ୍ୟୁତ୍ ତାର ଲିକ୍ ଥିବାରୁ ତାଙ୍କୁ ଶକ୍ତ ବିଦ୍ୟୁତ୍ ଆଘାତ ଲାଗିଥିଲା। ତାଙ୍କୁ ପରିବାର ଲୋକେ ଚିକିତ୍ସା ନିମନ୍ତେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ଶ୍ରୀକୃଷ୍ଣଙ୍କୁ ମୃତ ଘୋଷଣା କରିଥିଲେ।

## ଭାଗବତ ବାସୁଦେବ ମେଳଣ ଉଦ୍‌ଯାପିତ



**ଜଟଣୀ,୧୧।୪(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ହାଟବଜାର ଗ୍ରାମଠାରେ ଭାଗବତ ବାସୁଦେବଙ୍କ ମେଳଣ ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଗତ ୯ତାରିଖ ଜମାଣ ରାତିରେ ଗ୍ରାମର ଆରାଧ ଭାଗବତ ବାସୁଦେବ ଥାନପତି ଖୁଣ୍ଟି ଲାଗି ହୋଇଥିଲେ। ନିମନ୍ତ୍ରିତ ଠାକୁର ସୋମବାର ଗୋଧୂଳି ବେଳାରେ ହରିହର ଭେଟ ପରେ ଠାକୁରମାନେ ନିଜ ଗ୍ରାମକୁ ଫେରିଥିଲେ। ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ମେଳଣ ଉତ୍ସବରେ ଗ୍ରାମବାସୀ ଓ ମେଳଣ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପାଇକଆଖଡ଼ା ହାଟବଜାର ପାଇକ ଦଳ ପକ୍ଷରୁ ପରିବେଷଣ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଭାରତୀୟ ତୈଳ ନିଗମ ନିର୍ଦ୍ଦେଶକ ସୁଦୀପ୍ତ ରାୟ, ବିଜେଡି ଜିଲା ଉପଦେଷ୍ଟା ସନ୍ତୋଷ ଜେନା, ଜିଲା ବିଜେଡି ଉପସଭାପତି ପ୍ରଶାନ୍ତ ପାଇକରାୟ, ଭାଜପା ନେତା ବିଶ୍ୱରଞ୍ଜନ ବଡ଼ଜେନା, ତହସିଲଦାର ତପନ କୁମାର ମହାପାତ୍ର, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ହାଟବଜାର ଓ ଗୋପୀନାଥପୁର ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଗୁରୁଜଙ୍ଗ, ଯାଁଳା ସେମିଫାଇନାଲରେ

**ଖୋର୍ଦ୍ଧା ଅଫିସ,୧୧।୪**

ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ଦେଉଳଟାଙ୍ଗୀରେ ଚାଲିଥିବା ମା'ବଘେଇ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଗୁରୁଜଙ୍ଗ ଓ ମେଣ୍ଢାଶାଳ ମଧ୍ୟରେ ପ୍ରଥମ ମ୍ୟାଚ ଖେଳାଯାଇଥିଲା। ଟସ୍ ଜିତି ମେଣ୍ଢାଶାଳ ଟିମ୍ ୧୬ ଓଭରରେ ୬ ଉଇକେଟ ବିନିମୟରେ ୧୦୩ ରନ ସଂଗ୍ରହ କରିଥିଲା। ଜବାବରେ ଗୁରୁଜଙ୍ଗ ଟିମ୍ ୧୩ ଓଭରରେ ୩ ଉଇକେଟ ବିନିମୟରେ ୧୦୬ ରନ ସଂଗ୍ରହ କରି ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁଜଙ୍ଗ ଟିମ୍‌ର ଅନିଲ ବରାଳ ୨୦ ବଲରେ ୩୧ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

### ମା'ବଘେଇ କ୍ରିକେଟ ଟୁର୍ନାମେଣ୍ଟ

ଦ୍ୱିତୀୟ ମ୍ୟାଚ ଅରିସଲ ଓ ଯାଁଳା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଯାଁଳା ଟିମ୍ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ବିନିମୟରେ ୧୫୯ ରନ ସଂଗ୍ରହ କରିଥିଲା। ଜବାବରେ ଅରିସଲ ଟିମ୍ ୯ଉଇକେଟ ବିନିମୟରେ ୧୪୫ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ଯାଁଳା ଟିମ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଯାଁଳା ଟିମ୍‌ର ଅଭିମନ୍ୟୁ ସ୍ୱାଇଁ ୪ ଓଭରରେ ୨୯ରନ ଦେଇ ୪ଟି ଉଇକେଟ ନେଇଥିବାରୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଗୋପୀନାଥ ମାଝି ଓ ମଦନ ମୋହନ ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିଲେ।

# ଶିକ୍ଷକ ପଦବୀ ପୂରଣ ଦାବିରେ ଛାତ୍ରୀଛାତ୍ରଙ୍କ ଧାରଣା

**ବୋଲଗଡ଼,୧୧।୪(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବୋଲଗଡ଼ ଶିକ୍ଷା ବ୍ଲକ ଅଞ୍ଚଳର ଅନେକ ବିଦ୍ୟାଳୟରେ ଶିକ୍ଷକଙ୍କ ଅଭାବ ରହିଛି। ଫଳରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ନେଇ ଅସୁବିଧା ଦେଖାଯାଇଛି। ବିଦ୍ୟାଳୟ ମିଶ୍ରଣ ପରେ ଶ୍ରେଣୀ ଅନୁଯାୟୀ ଶିକ୍ଷକ ନିଯୁକ୍ତ ହୋଇ ନ ଥିବାରୁ ଏଭଳି ଅବ୍ୟବସ୍ଥା ସାଗରଗୁଆଁ ପଞ୍ଚାୟତ ହଳଦୀପଦା ଗ୍ରାମ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ୩ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଉକ୍ତ ବିଦ୍ୟାଳୟରେ ଖାଲିପଡ଼ିଥିବା ଶିକ୍ଷକ ପଦବୀ ପୂରଣ ପାଇଁ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଦାବି କରି ଆସୁଥିବା ବେଳେ ସୁଫଳ ମିଳିଲା ନାହିଁ। ତୁରନ୍ତ ଖାଲିପଡ଼ିଥିବା ଶିକ୍ଷକ ପଦବୀ ପୂରଣ ଦାବିରେ ସୋମବାର ଛାତ୍ରୀଛାତ୍ରୀମାନେ ବିଦ୍ୟାଳୟର ମୁଖ୍ୟ ଫାଟକ ଆଗରେ ଧାରଣା ଦେଇଥିଲେ। ଖବରପାଇ ବୋଲଗଡ଼ ବ୍ଲକ ଏବିଇଓ ପଦ୍ମଚରଣ ବେହେରା ପହଞ୍ଚି ଖୁବଶୀଘ୍ର ଖାଲିପଡ଼ିଥିବା ଶିକ୍ଷକ ପଦବୀ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏ ସମ୍ପର୍କରେ ଏବିଇଓ ବେହେରା କୁହନ୍ତି, ଉକ୍ତ ବିଦ୍ୟାଳୟରୁ ୨ଜଣ ଶିକ୍ଷକ ସିଆର୍‌ସିସି ଦାୟିତ୍ୱରେ ରହିଥିବା ବେଳେ ଆଉ ଜଣେ ଅନ୍ୟ ସ୍କୁଲକୁ ଡେପୁଟେଶନରେ ଯାଇଛନ୍ତି। ତୁରନ୍ତ ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି।



ବିଦ୍ୟାଳୟ ଆଗରେ ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୨ ଏପ୍ରିଲ, ୨୦୨୨



## ବିଜୟ ପଢ଼ିହାରୀ ପାଇଲେ କ୍ୟୁବା ମୈତ୍ରୀ ମେଡାଲ

**କଟକ ଅଫିସ:** ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି (ଇସ୍କଫ)ର ସର୍ବଭାରତୀୟ ସାଧାରଣ ସମ୍ପାଦକ ବିଜୟ କୁମାର ପଢ଼ିହାରୀଙ୍କୁ ଭାରତ ଏବଂ କ୍ୟୁବା ମଧ୍ୟରେ ମୈତ୍ରୀ ସମୃଦ୍ଧ କରିବାରେ ବିଶେଷ ଅବଦାନ ପାଇଁ ମୈତ୍ରୀ ମେଡାଲ ପ୍ରଦାନ କରାଯାଇଛି। କ୍ୟୁବା ଦୂତାବାସଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପଢ଼ିହାରୀଙ୍କୁ କ୍ୟୁବା ଆମ୍ବାସାଡର ଆଲେଜାଣ୍ଡ୍ରୋ ସିମାନଖସ ରବିବାର ଏହି ମେଡାଲ ପ୍ରଦାନ କରିଥିଲେ। ଉକ୍ତ ଉତ୍ସବକୁ ଡେପୁଟି ଆମ୍ବାସାଡର ମାଲେନା ପରିଚାଳନା କରିଥିଲେ। ଏଥିରେ ଇସ୍କଫ ଚେୟାରମ୍ୟାନ ଭାନୁଦେବ ଦତ୍ତ, ସଭାପତି ମଣ୍ଡଳୀ ସଦସ୍ୟ ରାଧାକ୍ରିଷ୍ଣନ, ରବିନ୍ଦ୍ରନାଥ ରାୟ, ମୋତି ଲାଲ, ଡ. ନାରା ସିଂହ, ଏ.କେ. ରସିଦ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୧୩ରୁ ନବମ ଶ୍ରେଣୀ ସମ୍ମେଟିଭ-୨ ପରୀକ୍ଷା

**କଟକ ଅଫିସ,୧୧।୪:** ଆସନ୍ତା ୧୩ ତାରିଖଠାରୁ ନବମ ଶ୍ରେଣୀ ସମ୍ମେଟିଭ-୨ (ଏସଏ)ପରୀକ୍ଷା ଆରମ୍ଭ ହେବ। ରାଜ୍ୟର ପ୍ରାୟ ୯ ହଜାର ୭୫ଟି ସ୍କୁଲର ୫ ଲକ୍ଷ ୬୬ ହଜାର ୨୯୨ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏଥିପାଇଁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ସୋମବାର ବୋର୍ଡର କାର୍ଯ୍ୟାଳୟରୁ ସମସ୍ତ ଜିଲାକୁ ପ୍ରଶ୍ନପତ୍ର ପଠାଯାଇଛି। ପ୍ରଶ୍ନପତ୍ର ରଖିବା ପାଇଁ ୩୦ଟି ଜିଲାରେ ୪୫୯ଟି ନୋଡାଲ ସେଣ୍ଟରର ବ୍ୟବସ୍ଥା କରାଯାଇଛି। ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଉକ୍ତ ପରୀକ୍ଷା ଚାଲିବ। ପରୀକ୍ଷାର୍ଥୀମାନେ ନିଜ ସ୍କୁଲରେ ଏହି ପରୀକ୍ଷା ଦେବେ । ସକାଳ ୮ଟାରୁ ପରୀକ୍ଷା ଆରମ୍ଭ ହୋଇ ପୂର୍ବାହ୍ନ ୧୦ଟାରେ ସରିବ। ତେବେ ମୋଟ ୮୦ ମାର୍କ ମଧ୍ୟରେ ସମ୍ମେଟିଭ ପରୀକ୍ଷା ହେବ। ୫୦ ମାର୍କ ଅବଜେକ୍ଟିଭ ଏବଂ ୩୦ ମାର୍କ ସବଜେକ୍ଟିଭ ପ୍ରଶ୍ନ ରହିବ। ପରୀକ୍ଷାର୍ଥୀଙ୍କ ମଧ୍ୟରୁ ହାଇସ୍କୁଲରେ ୮ ହଜାର ୯୩୭ଟି ସ୍କୁଲର ୫ ଲକ୍ଷ ୬୬ ହଜାର ୨୯୨ଜଣ ଛାତ୍ରୀଛାତ୍ର ଏସଏ-୨ ପରୀକ୍ଷା ଦେବେ। ସେହିଭଳି ୧୩୮ଟି ସଂସ୍କୃତ ମଧ୍ୟମା ସ୍କୁଲର ୩ ହଜାର ୩୯୯ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ଫର୍ମପୂରଣ କରିଛନ୍ତି। ନୋଡାଲ ସେଣ୍ଟରଗୁଡ଼ିକରେ ପ୍ରଶ୍ନପତ୍ର ପହଞ୍ଚି ସାରିଛି । ସମସ୍ତ ସ୍କୁଲର ପ୍ରଧାନ ଶିକ୍ଷକମାନେ ପ୍ରଶ୍ନପତ୍ର ସଂଗ୍ରହ କରିଛନ୍ତି। ମଙ୍ଗଳବାର ସୁଦ୍ଧା ନୋଡାଲ ସେଣ୍ଟରରୁ ପ୍ରଶ୍ନପତ୍ର ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ପରୀକ୍ଷା ସରିବା ପରେ ଉତ୍ତରଖାତାକୁ ପ୍ରଧାନଶିକ୍ଷକ ସେଣ୍ଟର ସ୍କୁଲରେ ଦାଖଲ କରିବେ। ପ୍ରାୟ ୨୭୬୩ଟି ସେଣ୍ଟର ସ୍କୁଲର ଏହି ବ୍ୟବସ୍ଥା କରାଯାଇଛି। ଏହି ପ୍ରକ୍ରିୟା ଆସନ୍ତା ୨୬ ତାରିଖ ସୁଦ୍ଧା ଶେଷ ହେବ। ଏପ୍ରିଲ ୩୦ରୁ ମେ ୬ ମଧ୍ୟରେ ପ୍ରଧାନଶିକ୍ଷକମାନେ ବୋର୍ଡ ୱେବସାଇଟରେ ମାର୍କ ଅପଲୋଡ କରିବେ ବୋଲି ସୂଚନା ମିଳିଛି।

### ୪୯ ପ୍ରକଳ୍ପ ପ୍ରଦର୍ଶିତ

**ଚୌଦ୍ୱାର,୧୧।୪(ଡି.ଏନ୍.ଏ.):** ଆଗ୍ରାହାଟ ପଞ୍ଚାୟତ ଯାଜଭୈରବ ନୂଆଗାଁସ୍ଥିତ ଡିଡିଆଇପିଏସ୍ ବିଦ୍ୟାଳୟରେ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ରୁକ୍ମିଣୀ ସେନାପତି ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ମୋଟ ୪୯ଟି ବିଜ୍ଞାନ ପ୍ରକଳ୍ପ ଏହି ପ୍ରଦର୍ଶନୀରେ ସ୍ଥାନ ପାଇଥିଲା। ବିଜ୍ଞାନ ଶିକ୍ଷକ ବିକ୍ରମ ଶେଖର ଭୂୟାଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସୁକାନ୍ତ କୁମାର ଜେନା, ବାସୁଦେବ ପାଣି, ବିଳାସିନୀ ମିଶ୍ର, ସସ୍ମିତା ଜୀ, ସୁଚିତ୍ରା କର, ରଶ୍ମିତାପ୍ରଭା ସାହୁଙ୍କ ସମେତ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସାହିତ୍ୟିକ ବାଳକୃଷ୍ଣ ମାଝିଙ୍କ ପରଲୋକ

**କଟକ ଅଫିସ,୧୧।୪:** ଶିକ୍ଷାବିତ୍ ତଥା ସାହିତ୍ୟିକ ବାଳକୃଷ୍ଣ ମାଝି (୯୮)ଙ୍କର କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ରବିବାର ପରଲୋକ ହୋଇଯାଇଛି। ବ୍ରେନ୍ ଷ୍ଟ୍ରୋକ ଯୋଗୁ ମାଝିଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁତ୍ର ସାହିତ୍ୟିକ ରବିନ୍ଦ୍ରନାଥ ମାଝି, ରମାକାନ୍ତ ମାଝି, ରଜନୀକାନ୍ତ ମାଝି, ପୁତ୍ରବଧୂ, କନ୍ୟା, ଜାମାତା, ନାତୁଣି ନାତି ଉପସ୍ଥିତ ଥିଲେ। ସ୍ୱର୍ଗଦ୍ୱାରଠାରେ ଦାହ ସଂସ୍କାର କରାଯାଇଥିଲା। ବଡ଼ପୁଅ ରବିନ୍ଦ୍ରନାଥ ମୁଖାଗ୍ନି ଦେଇଥିଲେ।

# ଜେଲ ପରିଦର୍ଶନ କରି ରିପୋର୍ଟ ଦେବାକୁ ଡିଏଲ୍‌ଏସ୍ ସଚିବଙ୍କୁ ନିର୍ଦ୍ଦେଶ

## ଜେଲରେ ଅବ୍ୟବସ୍ଥା ମାମଲା

**କଟକ ଅଫିସ,୧୧।୪**

ରାଜ୍ୟର ବିଭିନ୍ନ ଜେଲ ଓ ସବ୍ ଜେଲରେ ବ୍ୟାପକ ଅବ୍ୟବସ୍ଥା ସମ୍ପର୍କିତ ମାମଲାରେ ହାଇକୋର୍ଟ ଶୁଣାଣି କରି ସମସ୍ତ ଜିଲା ଆଇନସେବା ପ୍ରାଧିକରଣ(ଡିଏଲ୍‌ଏସ୍) ସଚିବମାନଙ୍କୁ ନିଜ ଅଞ୍ଚଳରେ ଥିବା ଜେଲ୍ ପରିଦର୍ଶନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ କୃଷ୍ଣପ୍ରସାଦ ସାହୁଙ୍କ ପକ୍ଷରୁ ହୋଇଥିବା ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଏସ୍.ମୁରଲୀଧରଙ୍କ ଖଣ୍ଡପୀଠ ଉପରୋକ୍ତ ଆଦେଶ ଦେଇଛନ୍ତି। ଅଦାଲତ ରାଜ୍ୟର ସମସ୍ତ ଡିଏଲ୍‌ଏସ୍ ସଚିବଙ୍କୁ ବିନା ସୂଚନାରେ ନିଜ ଅଞ୍ଚଳରେ ଥିବା ଜେଲ୍ ଓ ସବ୍ ଜେଲ୍ ପରିଦର୍ଶନ କରି ଏକ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ଆଦେଶ ଦେଇଛନ୍ତି। ବିଶେଷକରି ପରିଦର୍ଶନ ବେଳେ ଜେଲ୍ ଓ ସବ୍ ଜେଲ୍‌ରେ ଟଏଲେଟ୍ ବ୍ୟବସ୍ଥା, ମେଡିକାଲ୍ ବ୍ୟବସ୍ଥା, ୱାର୍ଡଗୁଡିକ ସଫା ରହିଛି କି ନାହିଁ ତଥା ବିଚାରାଧୀନ କଏଦୀଙ୍କୁ ଦିଆଯାଉଥିବା ଖାଦ୍ୟର ପରିମାଣ ଓ ଗୁଣାବତ୍ତା ଠିକ୍ ଅଛି କି ନାହିଁ ସେ ସମ୍ପର୍କରେ ଅନୁଧ୍ୟାନ କରିବାକୁ ଅଦାଲତ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷେ ହାଇକୋର୍ଟ ଡିଜି (ପ୍ରିଜନ୍)ଙ୍କୁ ଉପରୋକ୍ତ ସମସ୍ତ ବ୍ୟବସ୍ଥା ଠିକ୍ ରହିଛି କି ନାହିଁ ତଥା ଠିକ୍ ପରିମାଣର ଗୁଣାତ୍ମକ ଖାଦ୍ୟ ଦିଆଯିବା ସମ୍ପର୍କରେ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି । ରାଜ୍ୟର ବିଭିନ୍ନ ଜେଲ୍‌ରେ ବ୍ୟାପକ ଅବ୍ୟବସ୍ଥା ସମ୍ପର୍କରେ ଏକ ବେସରକାରୀ ସଂଗଠନ ପକ୍ଷରୁ ହାଇକୋର୍ଟଙ୍କୁ ଏକ ପତ୍ର ପ୍ରେରଣ କରାଯାଇଥିଲା । ଏଥିରେ ରାଜ୍ୟର ୮ଟି ଜେଲ୍‌ରେ କେବଳ ଜଣେ ଜଣେ ମହିଳା ରହୁଥିବା ଓ ସେମାନଙ୍କ ମାନସିକ ସ୍ଥିତି ସମ୍ପର୍କରେ ଦର୍ଶାଯାଇଛି। ପତ୍ରରେ କୁହାଯାଇଛି ଯେ, ରାଜ୍ୟର ୧୨ଟି ସବ୍ ଜେଲରେ ୨ରୁ କମ୍ ବିଚାରାଧୀନ ମହିଳା କଏଦୀ ଅଛନ୍ତି। ସେମାନଙ୍କୁ ମହିଳା ବିଚାରାଧୀନ କଏଦୀ ଥିବା ଅନ୍ୟ ସବ୍ ଜେଲ୍‌କୁ ପଠାଯିବାକୁ ଆବେଦନ କରାଯାଇଥିଲା। ମାମଲାର ଶୁଣାଣିବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଡିଆଇଜି (ପ୍ରିଜନ୍) ସମ୍ପୃକ୍ତ ସବ୍ ଜେଲ୍‌ଗୁଡ଼ିକୁ ଏ ସମ୍ପର୍କରେ ନିର୍ଦ୍ଦେଶନାମା ଜାରି କରିସାରିଛନ୍ତି। ସେହିପରି ଆମିକସ୍‌କ୍ୟୁରିଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ ଜେଲ୍‌ରେ କେବଳ ଜଣେ ରହୁଥିବା ବିଚାରାଧୀନ ମହିଳା କଏଦୀଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରାଯାଇପାରେ । ଅଦାଲତ ଏହି ପ୍ରସଙ୍ଗରେ ଡିଆଇଜି ପ୍ରିଜନ୍‌ଙ୍କୁ ଆସନ୍ତା ୧୮ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ଆଦେଶ ଦେଇଛନ୍ତି । ଅନ୍ୟପକ୍ଷେ ହାଇକୋର୍ଟର ବିଚାରପତି ଏସ୍.କେ. ପାଣିଗ୍ରାହୀ କୋରାପୁଟର ଏକ ଜେଲ୍ ପରିଦର୍ଶନ କରିବା ସମୟରେ ସେଠାରେ ଅସ୍ୱାସ୍ଥ୍ୟକର ପରିବେଶ ଓ ଅବ୍ୟବସ୍ଥା ଦେଖିଥିଲେ। ଏହାକୁ ନେଇ କୋର୍ଟ ଶୁଣାଣିବେଳେ ଅସନ୍ତୋଷ ପ୍ରକାଶ କରିବା ସହ ବିଚାରାଧୀନ କଏଦୀଙ୍କ ମୌଳିକ ଅଧିକାର ଯେପରି କ୍ଷୁଣ୍ଣ ନ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ ଡିଜି ପ୍ରିଜନ୍‌ଙ୍କୁ ଆଦେଶ ଦେଇଛନ୍ତି।



ବଡ଼ମ୍ବା ବେଲେଶ୍ୱରପଡ଼ା ଭୂମିହୀନ ନିବାସୀଙ୍କୁ ସ୍ଥାୟୀ ଜମି ପ୍ରଦାନ କରିବା ଦାବି ନେଇ ହିନ୍ଦୁ ସେନା ପକ୍ଷରୁ ସୋମବାର କଟକ ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ଦେବାକୁ ଆସିଥିବା ପ୍ରତିନିଧି ଦଳ।

## ଝିଅ ସହ ଯୌନ ସମ୍ପର୍କ ରଖିବାକୁ ଉଦ୍ୟମ, ବାପା ଗିରଫ

**କଟକ ଅଫିସ,୧୧।୪**

କଟକ ବାଦାମବାଡ଼ି ଥାନା ଅଞ୍ଚଳରେ ଜଣେ ଝିଅକୁ ଯୌନ ସମ୍ପର୍କ ରଖିବାକୁ ବାଧ କରୁଥିଲେ ନିଜ ବାପ। ଏ ନେଇ ପୀଡ଼ିତା ଝିଅ କୌଶଳକ୍ରମେ ବାହାରି ନିଜେ ରବିବାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ତଦନ୍ତ କରି ସୋମବାର ଅଭିଯୁକ୍ତ ବାପାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ପୋଲିସ ଏକ ମାମଲା(ନଂ.୯୦/୨୨) ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପଟେ ଚାଇଲ୍ଡ ଲାଇନ ପକ୍ଷରୁ ନାବାଳିକାର ଡାକ୍ତରୀ ପରୀକ୍ଷା କରାଯାଇଛି । ଏଥିସହ ନାବାଳିକାଙ୍କ ବୟାନ ଆଇପିସିର ଧାରା ୧୬୪ରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ନିଆଯାଇଛି। ପରେ ପୀଡ଼ିତାଙ୍କୁ ବସୁନ୍ଧରାରେ ଭର୍ତ୍ତି କରାଯାଇଛି । ଏଥିସହ ପୀଡ଼ିତାଙ୍କ ୧୨ ବର୍ଷୀୟ ସାନ ଭଉଣୀକୁ ପୋଲିସ ଉଦ୍ଧାର କରି ଚାଇଲ୍ଡଲାଇନକୁ ହସ୍ତାନ୍ତର କରାଯାଇଛି ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ମଙ୍ଗଳବାର ପୀଡ଼ିତା ନାବାଳିକାଙ୍କୁ ସିଡବ୍ଲ୍ୟୁସିରେ ହାଜର କରାଯାଇ ପୀଡ଼ିତାର ବୟାନ ରେକର୍ଡ କରାଯିବ। ମିଳିଥିବା ସୂଚନାନୁଯାୟୀ ବାଦାମବାଡ଼ି ଥାନା ଅଞ୍ଚଳରେ ସ୍ୱାମୀ-ସ୍ତ୍ରୀ ଓ ତାଙ୍କ ଦୁଇ ଝିଅ ରୁହନ୍ତି। ସ୍ୱାମୀ ଜୟଶ୍ରୀ ସିନେମା ହଲ୍ ନିକଟରେ ଫଳ ବ୍ୟବସାୟ କରନ୍ତି। ଗତ ଏକମାସ ହେବ ତାଙ୍କ ସ୍ତ୍ରୀ ଅନ୍ୟ ଜଣେ ଯୁବକ ସହିତ ଫେରାର ହୋଇଯାଇଛନ୍ତି। ଘରେ ଦୁଇ ଝିଅ ଓ ବାପା ରହୁଥିଲେ। ତେବେ ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେବାକୁ ଯାଉଥିବା ୧୭ ବର୍ଷୀୟା ଝିଅକୁ ବାପା ଏକ ମାସ ହେବ ଯୌନ ସମ୍ପର୍କ ରଖିବାକୁ ବାଧ କରିବା କରିଆସୁଥିଲେ। ଏଥିରେ ଅତିଷ୍ଠ ହୋଇ ନାବାଳିକା ଥାନାର ଦ୍ୱାରସ୍ଥ ହୋଇଥିଲେ।

## ୪୦% ସଭ୍ୟ ଭୋଟଦାନ ଅଧିକାରରୁ ବଞ୍ଚିତ

### ସମବାୟ ନିର୍ବାଚନ ପ୍ରସଙ୍ଗ

**କଟକ ସଦର, ୧୧।୪(ଡି.ଏନ୍.ଏ.)**

ଆସନ୍ତା ଜୁନରେ ସମବାୟ ସମିତିଗୁଡ଼ିକରେ ପରିଚାଳନା ମଣ୍ଡଳୀ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ତେଣୁ କଟକ ସଦର ବ୍ଲକ ଅଧୀନରେ ଥିବା ୮ଟି ସମବାୟ ସମିତିର ଭୋଟର ତାଲିକା ପ୍ରସ୍ତୁତ କରାଯାଇଛି। ହେଲେ ଉକ୍ତ ତାଲିକାରେ ଶତକଡା ୪୦ ଭାଗ ସଭ୍ୟା ଓ ସଭ୍ୟଙ୍କ ନାମ ନାହିଁ । କାରଣ ଏହି ସଭ୍ୟମାନଙ୍କର ମିନି ବ୍ୟାଙ୍କରେ ଆକାଉଣ୍ଟ ନାହିଁ। ଆକାଉଣ୍ଟ ନ ଥିବା ସଭ୍ୟ ପରିଚାଳନା ମଣ୍ଡଳୀ ନିର୍ବାଚନରେ ଅଂଶଗ୍ରହଣ କରିପାରିବେ ନାହିଁ ବୋଲି ରାଜ୍ୟ ସମବାୟ ବିଭାଗ ପତ୍ର ସଂଖ୍ୟା ନଂ.ଓ୫୧୬୩/୨୬।୩।୨୦୧୨ରେ ନିର୍ଦ୍ଦେଶନାମା ଜାରି କରିସାରିଛନ୍ତି। ବିବରଣୀରୁ ପ୍ରକାଶ ଯେ, ଯଦି ଜଣେ ସଭ୍ୟ ସମ୍ପୃକ୍ତ ସମବାୟ ସମିତିର ମିନି ବ୍ୟାଙ୍କରେ ଜମା ଖାତା ଖୋଲିବା ଦରକାର। ସାଧାରଣ ବର୍ଗର ଜମାକାରୀ ସର୍ବନିମ୍ନ ୫୦୦ ଟଙ୍କା ଓ ତଫସିଲଭୁକ୍ତ ଜାତି ଓ ଜନଜାତିର ଜମାକାରୀ ୧୦୦ ଟଙ୍କା ନିର୍ବାଚନ ବର୍ଷର ମାର୍ଚ୍ଚ ୩୧ତାରିଖ ସୁଦ୍ଧା ସଞ୍ଚୟ ଖାତାରେ ଜମା ଥିବା ଆବଶ୍ୟକ। ଏହି ଦୃଷ୍ଟିରୁ ଅନେକ ସଭ୍ୟଙ୍କର ନାମ ତାଲିକାରୁ ବାଦ୍ ପଡ଼ିଛି। ଅବଶ୍ୟ ଏଥିପାଇଁ ଜନ ସଚେତନତା ସୃଷ୍ଟି କରିବାର ଥିଲା ବୋଲି ଜଣେ ସମବାୟ ବିଭାଗର ଅଧିକାରୀ ନିଜର ପରିଚୟ ଗୋପନ ରଖି କହିଛନ୍ତି।

## ଅଂଶୁଘାତ ମୁକାବିଲା ଲାଗି ଜିଲାସ୍ତରୀୟ ପ୍ରଶିକ୍ଷଣ

**କଟକ ଅଫିସ,୧୧।୪**

ସମ୍ଭାବ୍ୟ ଅଂଶୁଘାତ ମୁକାବିଲା ନିମନ୍ତେ ଜିଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ ଅଂଶୁଘାତ ନିରାକରଣ ପାଇଁ ବିଶୁଦ୍ଧ ପାନୀୟଜଳ ଉପଲବ୍ଧତା, ମୁକ୍ତବାୟୁ ସଞ୍ଚାଳନ ଓ ଶୂନ୍ୟ ମୃତ୍ୟୁହାର ଉପରେ ଗୁରୁତ୍ୱ ଦେଇଥିଲେ। ଏ ଦିଗରେ ଜିଲା ଶ୍ରମ ଅଧିକାରୀ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଅଂଶୁଘାତଜନିତ ଲକ୍ଷଣ ଓ ଚିକିତ୍ସା ପଦ୍ଧତି ସମ୍ବନ୍ଧରେ ପ୍ରଚାରପତ୍ର ବଣ୍ଟନ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ କହିଥିଲେ। ବିଶୁଦ୍ଧ ପାନୀୟଜଳ ଜରୁରିକାଳୀନ ଭିତ୍ତିରେ ଯୋଗାଇବା ସହ ଅଚଳ ନଳକୂପକୁ ସଚଳ କରିବା, ବିଭିନ୍ନ ଜଳ ଉତ୍ସକୁ ବିନିଯୋଗ କରି ପାନୀୟଜଳ ଉପଲବ୍ଧ କରାଇବା ଦିଗରେ ଜନସ୍ୱାସ୍ଥ୍ୟ ବିଭାଗକୁ ସେ ନିର୍ଦ୍ଦେଶ ଦେଇଥିଲେ। ନଦୀକୂଅ ଏବଂ ଅନ୍ୟାନ୍ୟ ଅନିଶ୍ଚିତ ତଥା ପ୍ରଦୂଷିତ ଜଳ ଉତ୍ସଗୁଡିକର ବ୍ୟବହାର ନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର ଯୋଗଦେଇ କହିଥିଲେ, କଟକ ଜିଲା ଉତ୍ତର କେନ୍ଦ୍ର ୟେଲୋ ଜୋନରେ ରହିଛି। ଏଣୁ ସମ୍ଭାବ୍ୟ ଅଂଶୁଘାତଜନିତ ମୃତ୍ୟୁ କେସଗୁଡିକୁ ୨୪ଘଣ୍ଟା ମଧ୍ୟରେ ମିଳିତ ଭାବେ ଯାଞ୍ଚ କରିବାକୁ ପ୍ରଶାସନିକ ଅଧିକାରୀଙ୍କୁ କହିଥିଲେ। ବୈଠକରେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ବର କର ଯୋଗଦେଇ ବିଡିଓ, ପୌରାଞ୍ଚଳ ଓ ଏନ୍‌ଏସି ନିର୍ବାହୀ ଅଧିକାରୀମାନେ ପାନୀୟଜଳ ସମସ୍ୟା ସ୍ଥାନର ସର୍ବେକ୍ଷଣ କରି ତାଲିକା ଜିଲା ପ୍ରଶାସନକୁ ଦେବାକୁ କହିଥିଲେ। ଏଥିରେ ସଦର ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ବାଙ୍କୀ ଉପଜିଲାପାଳ ରଞ୍ଜନ ଜେନା, ଆଠଗଡ଼ ଉପଜିଲାପାଳ ହେମନ୍ତ ସ୍ୱାଇଁ, ସିଡିଏମ୍‌ଓ ସତ୍ୟବ୍ରତ ଛୋଟରାୟ, ଡେପୁଟି କଲେକ୍ଟର ରାଜଲକ୍ଷ୍ମୀ ଓଝା, ଡା. ବାନାମ୍ବର ମହାପାତ୍ର, ୟୁନିସେଫ ଜିଲା ସଂଯୋଜିକା ମମତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ମୃତଦେହ ରଖି ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ



କ୍ଷତି ପୂରଣ ଦାବିରେ ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

### ସଡ଼କ ଦୁର୍ଘଟଣାରେ ହୋମଗାର୍ଡଙ୍କ ମୃତ୍ୟୁ

**ଆଠଗଡ଼,୧୧।୪(ସ୍ୱ.ପ୍ର.)**

ଆଠଗଡ଼ ଥାନା ଅନ୍ତର୍ଗତ ବୀରକିଶୋରପୁର ଆକ୍ସିସ ବ୍ୟାଙ୍କଠାରେ ସୋମବାର ଭୋର ସମୟରେ ଏକ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆଠଗଡ଼ ଥାନା ଅନ୍ତର୍ଗତ ଖୁଣ୍ଟକଟା ଗ୍ରାମର ରଶ୍ମି ରଞ୍ଜନ ରଣା(୩୫)। ସେ ଖୁଣ୍ଟୁଣୀ ଥାନାରେ ହୋମଗାର୍ଡଭାବେ କାମ କରୁଥିଲେ। ଏନେଇ ଉତ୍ତ୍ୟକ୍ତ ଲୋକେ ଆଠଗଡ଼-ନରସିଂହପୁର ରାସ୍ତାର ଦର୍ଶନପୁର ଛକରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ରବିବାର ରାତିରେ ରଣା ଡ୍ୟୁଟିସାରି ଘରକୁ ଫେରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ରଣାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ଗ୍ରାମକୁ ଆସିବାପରେ ଗ୍ରାମବାସୀ କ୍ଷତିପୂରଣ ଦାବିକରି ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ କରିଥିଲେ। ଖବରପାଇ ଆଠଗଡ଼ ଏସ୍‌ଡିପିଓ ବିଜୟ କୁମାର ବିଶି, ଆଇଆଇସି ବାମଦେବ ସ୍ୱାଇଁ, ଆଠଗଡ଼ ଅତିରିକ୍ତ ତହସିଲଦାର ଅଶୋକ କୁମାର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ତୁରନ୍ତ ୧୦ ହଜାର ଟଙ୍କାର ସହାୟତା ଦିଆଯିବା ସହ ତାଙ୍କ ସ୍ତ୍ରୀଙ୍କୁ ହୋମଗାର୍ଡରେ ନିଯୁକ୍ତି ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

## ଡ୍ରିମ୍‌ସ ନର୍ସିଂ କଲେଜରେ ନିରାପଦ ମାତୃତ୍ୱ ଦିବସ

**କଟକ ଅଫିସ, ୧୧।୪**

ଡ୍ରିମ୍‌ସ ସ୍କୁଲ ଆଣ୍ଡ କଲେଜ ଅଫ ନର୍ସିଂ ପକ୍ଷରୁ ଜାତୀୟ ନିରାପଦ ମାତୃତ୍ୱ ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଆଲୋଚନାଚକ୍ରକୁ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଉଦ୍‌ଘାଟନ କରିଥିଲେ। ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ ପ୍ରଫେସର ଡା. ପ୍ରତିମା ମିଶ୍ର ଯୋଗଦେଇ ମା' ଓ ଶିଶୁଙ୍କ ଯତ୍ନ ଓ ସେମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନେଇ ସଚେତନା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟକ୍ଷା ଡ. ପୋନୁ କଙ୍ଗେଶ୍ୱରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡା. ପ୍ରମୋଦିନୀ ସ୍ୱାଇଁ, ପଦ୍ମିନୀ କେୟାର ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଜ୍ୟୋତି ପ୍ରକାଶ ପରିଜା ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଏକାଡେମିକ୍ ନିର୍ଦ୍ଦେଶକ ଲୋକନାଥ ବେହେରା ସାମିଲ ଥିଲେ। ଉପାଧ୍ୟକ୍ଷା ଏନ୍. ପ୍ରେମଲତା ଦେବୀ ପ୍ରାରମ୍ଭିକ ସୂଚନା ଓ ସହକାରୀ ପ୍ରାଧ୍ୟାପିକା ରୋଜାଲିନ୍ ଦାଶ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ଗଣପର୍ବ ରାମନବମୀ ପରମ୍ପରା ବଞ୍ଚାଇ ରଖିବାକୁ ପ୍ରୟାସ

**ଆଠଗଡ଼,୧୧।୪(ସ୍ୱ.ପ୍ର.)**

ଆଧୁନିକତାର ଛାପରେ ଗୀତିନାଟ୍ୟ, ପାଲା, ସଂକୀର୍ତ୍ତନ ଆଦି ବିଲୀନ ହୋଇଯାଉଥିବାବେଳେ ଆଠଗଡ଼ ଅଞ୍ଚଳରେ କିଛି ସାଂସ୍କୃତିକ ଅନୁଷ୍ଠାନ ଏହାକୁ ବଞ୍ଚାଇ ରଖିବାକୁ ଚେଷ୍ଟା ଜାରି ରଖିଛନ୍ତି। ଆଠଗଡ଼ ଗଡ଼ଜାତର ଅନ୍ୟତମ ଗଣପର୍ବ ହେଉଛି ଶ୍ରୀରାମ ନବମୀ। ଏହା ଐତିହ୍ୟ ପରମ୍ପରା ସହ ଜଡିତ। ଗଡ଼ଜାତୀୟ ରାଜାଙ୍କ ନୀତି ଅନୁସାରେ କୁଲାଇଲୋ, ରଘୁନାଥପୁର, ବଡ଼ଭୂଇଁ ଗ୍ରାମ, ଆଠଗଡ଼ ସହରସ୍ଥିତ ଶ୍ରୀରଘୁନାଥଙ୍କ ମନ୍ଦିର ପ୍ରାଙ୍ଗଣରେ ଶ୍ରୀରାମ ନବମୀ ଆରମ୍ଭ ହୋଇଥିଲା। ଏହି ସମୟରେ ବିଭିନ୍ନ ଗ୍ରାମରେ ରାମଲୀଳା ସଂଘ ଗଢ଼ି ଉଠିଥିଲା। ସେଠାରେ ରାମାୟଣ ପାଠ କରାଯିବା ସହ ସ୍ଥାନୀୟ କଳାକାରଙ୍କ ଦ୍ୱାରା ରାମଲୀଳା ଓ ନୃତ୍ୟ ଆଦି କାର୍ଯ୍ୟକ୍ରମ କରାଯାଉଥିଲା। ଏହି ପରମ୍ପରାକୁ ବଞ୍ଚାଇ ରଖିବାକୁ ଆଠଗଡ଼ରେ ଏବେବି ପ୍ରୟାସ ଅବ୍ୟାହତ ରହିଛି। କୋଭିଡ୍ କଟକଣା ହଟିବା ପରେ ଚଳିତ ବର୍ଷ ଆଠଗଡ଼ରେ ରାମନବମୀ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାମଲୀଳା ଆରମ୍ଭ ହୋଇଛି। ଏନେଇ କଳାକାରମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଆଠଗଡ଼ ଦେବୋତ୍ତର ବିଭାଗ ତରଫରୁ ପାରମ୍ପରିକ ଶ୍ରୀରାମ ନବମୀ ପୂଜା ସହରସ୍ଥିତ ଶ୍ରୀ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣରେ ଆରମ୍ଭ ହୋଇଛି। ଏଥିନିମନ୍ତେ ଶ୍ରୀଜୀଉଙ୍କ ମନ୍ଦିରକୁ ସୁସଜ୍ଜିତ କରାଯାଇଛି। ଦିନରେ ରାମାୟଣ ପଠନ, ରାତିରେ ରାମଲୀଳା କରାଯାଉଛି। ଏହି ଅବସରରେ ସୋମବାର ସନ୍ଧ୍ୟାରେ ସୀତା ବିବାହ ଅନୁଷ୍ଠିତ ହୋଇଯାଇଛି। ଏଠାରେ ସାମୂହିକ ପଂକ୍ତି ଭୋଜନର ବ୍ୟବସ୍ଥା କରାଯାଇଥିଲା। ଏନେଇ ଆଠଗଡ଼ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଏ ସମ୍ପର୍କରେ ଶ୍ରୀ ଶ୍ରୀ ରଘୁନାଥ ଜୀଉ ରାମଲୀଳା ନାଟ୍ୟ ସଂଘ ସମ୍ପାଦକ ଶିବ ଶଙ୍କର ଜେନା କୁହନ୍ତି, ଆଠଗଡ଼ର ଏହି ଗଣପର୍ବକୁ ନେଇ ସେଠାକାର ଜନସାଧାରଣଙ୍କ ଅଖଣ୍ଡ ବିଶ୍ୱାସ ରହିଛି। ଜନସାଧାରଣଙ୍କ ଧାର୍ମିକ ବିଶ୍ୱାସ ଯୋଗୁ ଏହି ପରମ୍ପରା ଏବେବି ବଞ୍ଚି ରହିଛି।

## ଅତିରିକ୍ତ ଏସ୍‌ପି କରିବେ ତଦନ୍ତ

- ଚୋରି ଅଭିଯୋଗରେ ଫାଣ୍ଡିରେ ନାବାଳକ ଅଟକ ମାମଲା
- ଅଭିଯୁକ୍ତଙ୍କୁ ବାଲ ସୁଧାର ଗୃହକୁ ପଠାଗଲା

**କଟକ ଅଫିସ, ୧୧।୪**

ମୋବାଇଲ ଚୋରି ଅଭିଯୋଗରେ ଏସ୍‌ସିବି ଫାଣ୍ଡି ହାଜତରେ ୩ଦିନ ଧରି ଅଟକ ଥିବା ଅଣଓଡ଼ିଆ ନାବାଳକଙ୍କୁ ସୋମବାର ସ୍ଥାନୀୟ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଥିଲା। ପରେ ଜୁଭେନାଇଲ ଜଷ୍ଟିସ ବୋର୍ଡ ତାଙ୍କୁ ଅନୁଗୋଳସ୍ଥିତ ବାଲ୍ ସୁଧାର ଗୃହକୁ ପଠାଇ ଦେଇଛନ୍ତି। ଅପରପକ୍ଷେ ଜଣେ ଅତିରିକ୍ତ ଏସ୍‌ପି ଏହି ଘଟଣାର ତଦନ୍ତ କରିବେ ବୋଲି କଟକ ଡିସିପି ପ୍ରତୀକ ସିଂ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ, ମୋବାଇଲ ଚୋରି ଅଭିଯୋଗରେ ୧୪ ବର୍ଷର ଜଣେ ଅଣଓଡ଼ିଆ ନାବାଳକଙ୍କୁ ଏସ୍‌ସିବି ମେଡିକାଲ ଫାଣ୍ଡି ପୋଲିସ ଗତ ଶୁକ୍ରବାର ଧରି ଫାଣ୍ଡିକୁ ଆଣିଥିଲା। ତାଙ୍କୁ ୩ଦିନ ପର୍ଯ୍ୟନ୍ତ ଫାଣ୍ଡି ହାଜତରେ ରଖି ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଥିଲା। ହାଜତରେ ପୋଲିସ ଥାର୍ଡ ଡିଗ୍ରୀ ପ୍ରୟୋଗ କରିଥିବା ନାବାଳକ ଅଭିଯୋଗ କରିଥିଲେ। ଏପରିକି ଚୋରି ଅଭିଯୋଗ ସ୍ୱୀକାର କରିବାକୁ ପାଇପରେ ମାଡ଼ ମରାଯାଇଥିବା ନାବାଳକ କହିଥିଲେ। ଖବର ପାଇ ଚାଇଲ୍ଡ ଲାଇନ ସଦସ୍ୟ ଫାଣ୍ଡିରେ ପହଞ୍ଚିଥିଲେ । ନାବାଳକଙ୍କୁ ହାଜତରେ ରଖିବାର ନିୟମ ନ ଥିବା ବେଳେ କାହିଁକି ତାଙ୍କୁ ହାଜତରେ ରଖାଯାଇଛି ବୋଲି ପ୍ରଶ୍ନ କରିଥିଲେ। ପରେ ଫାଣ୍ଡି ପୋଲିସ ନାବାଳକଙ୍କୁ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରିଥିଲେ। ଫାଣ୍ଡିରେ କର୍ମଚାରୀ ନ ଥିବାରୁ ଅଭିଯୁକ୍ତ ନାବାଳକଙ୍କୁ ଭିତରେ ରଖାଯାଇଥିଲା ବୋଲି ଫାଣ୍ଡି ପୋଲିସ ପକ୍ଷରୁ କୁହାଯାଇଥିଲା। ସମ୍ପୃକ୍ତ ନାବାଳକ ଯଦି ମାଡ଼ ମରାଯାଇଥିବା ବୟାନ ଦିଅନ୍ତି, ତେବେ ପୋଲିସ ବିରୋଧରେ ଏତଲା ହେବ ଏବଂ ନାବାଳକଙ୍କ ଡାକ୍ତରୀ ପରୀକ୍ଷା କରାଯିବ ବୋଲି ଚାଇଲ୍ଡଲାଇନ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ମାଡ଼ମରା ଓ ନିର୍ଯାତନା ଅଭିଯୋଗ ସମ୍ପର୍କରେ ଏସ୍‌ସିବି ମେଡିକାଲ ଫାଣ୍ଡି ଅଧିକାରୀ ମାନେଶ୍ୱର ପ୍ରଧାନ କହିଛନ୍ତି, ନାବାଳକ ଜଣକ ଏସ୍‌ସିବି ମଧ୍ୟରେ ଅନ୍ୟ କେଉଁଠାରେ ରହିଥିଲେ। ରବିବାର ତାଙ୍କୁ ଆମ ନିକଟକୁ ଅଣାଯାଇଥିଲା। ତେବେ ପୋଲିସ ପକ୍ଷରୁ ତାଙ୍କୁ ମାଡ଼ ମରାଯାଇ ନାହିଁ କି କୌଣସି ଥାର୍ଡ ଡିଗ୍ରୀ ପ୍ରୟୋଗ କରାଯାଇନାହିଁ।

## ଗ୍ରାମବାସୀଙ୍କ ଦାୟିତ୍ୱରେ ଖୋଲିଲା ସ୍କୁଲ

- ଅବସରପ୍ରାପ୍ତ ଶିକ୍ଷକ ପଢ଼ାଇଲେ ପାଠ
- କମ୍ ସଂଖ୍ୟା ଛାତ୍ରୀଛାତ୍ର ଯୋଗୁ ବନ୍ଦ ହୋଇଥିଲା

**ନିଆଳି, ୧୧।୪(ଡି.ଏନ୍.ଏ.)**

ନିଆଳି ବ୍ଲକ ପଛପଟେ ଥିବା ଦିନାସିଂହପାଟଣା ପ୍ରାଥମିକ ବିଦ୍ୟାଳୟ ସୋମବାର ସ୍ଥାନୀୟ ଗ୍ରାମବାସୀଙ୍କ ଦାୟିତ୍ୱରେ ଖୋଲିଥିବା ଦେଖିବାକୁ ମିଳିଛି। ସକାଳେ ପିଲାମାନେ ସ୍କୁଲକୁ ଆସିଥିବା ବେଳେ ଗ୍ରାମବାସୀ ଫୁଲ, ଚନ୍ଦନ ଲଗାଇ ସ୍ୱାଗତ କରିଥିଲେ ଏବଂ ଗ୍ରାମରେ ଥିବା ଅବସରପ୍ରାପ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଉଚ୍ଚଶିକ୍ଷିତ ଯୁବତୀଯୁବକମାନେ ପାଠ ପଢ଼ାଇଥିଲେ। ହେଲେ ଏହି ସ୍କୁଲକୁ ସରକାରୀ ଭାବେ ଖୋଲିବାକୁ କୌଣସି ନିର୍ଦ୍ଦେଶ ମିଳି ନ ଥିବାବେଳେ କିଛିବର୍ଷ ତଳେ ସରକାରଙ୍କ ନିୟମ ଅନୁଯାୟୀ କମ ସଂଖ୍ୟକ ଛାତ୍ରୀଛାତ୍ର ଯୋଗୁ ଏହି ସ୍କୁଲକୁ ବନ୍ଦ କରାଯାଇ ନିକଟସ୍ଥ ଏକ ବିଦ୍ୟାଳୟରେ ମିଶ୍ରଣ କରାଯାଇଥିଲା। କିନ୍ତୁ ମିଶ୍ରଣ ବିଦ୍ୟାଳୟ ଗ୍ରାମଠାରୁ ଦୂରରେ ଥିବା, ଜଙ୍ଗଲିଆ ରାସ୍ତା ଦେଇ ଯିବା ଭଳି ବିଭିନ୍ନ ସମସ୍ୟା ଥିବାରୁ ଗ୍ରାମବାସୀ ସେମାନଙ୍କ ପିଲାଙ୍କୁ ସେଠାକୁ ପଠାଇବାକୁ ନାପସନ୍ଦ କରିବା ସହ ଉକ୍ତ ପ୍ରାଥମିକ ବିଦ୍ୟାଳୟକୁ ଖୋଲିବାକୁ ଦାବି କରିଥିଲେ।

ସୂଚନାଯୋଗ୍ୟ, ଏହି ବିଦ୍ୟାଳୟ ୧୯୨୭ ମସିହାରେ ସ୍ଥାପିତ ହୋଇଥିଲା।



ଗ୍ରାମବାସୀ ଓ ଅଭିଭାବକମାନେ ଫୁଲ ପକାଇ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରୁଛନ୍ତି।

ଏଠାରେ ୩ ସାହି ଦିନସିଂହପାଟଣା, ବାରବୋଡିଆ ଓ ହରିସପୁରର ପିଲାମାନେ ପାଠ ପଢୁଥିଲେ। ପ୍ରାଥମିକ ସ୍ତରରେ ଏଠାରେ ଶିକ୍ଷାଦାନ ହେଉଥିବା ବେଳେ ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ଏହି ବିଦ୍ୟାଳୟରେ କମ୍ ସଂଖ୍ୟକ ଛାତ୍ରୀଛତ୍ର ଅଧ୍ୟୟନ କରୁଥିବା ଦର୍ଶାଇ ବନ୍ଦ କରାଯାଇ ନିଆଳି ହାଇସ୍କୁଲ ସହ ମିଶ୍ରଣ କରାଯାଇଛି। କିନ୍ତୁ ୩ ସାହିଠାରୁ ନିଆଳି ହାଇସ୍କୁଲର ଦୂରତା ପ୍ରାୟ ୩ କି.ମି. ହେବା ସହ ଜଙ୍ଗଲିଆ ରାସ୍ତା ଦେଇ ପିଲାମାନଙ୍କୁ ଯିବାକୁ ପଡିବ। ଏହି ଜଙ୍ଗଲରେ ଗଧିଆ ବିଲୁଆ ଆଦି ହିଂସ୍ର ଜନ୍ତୁ ଥିବାରୁ ଏହି ରାସ୍ତା ଦେଇ ଛାତ୍ରୀଛାତ୍ର ଯିବା ବିପଦଜ୍ଜନକ। ସେହିପରି ୬୦ନଂ.ରାଜ୍ୟ ରାଜପଥ ଅତିକ୍ରମ କରି ଯିବାକୁ ପଡୁଥିବାରୁ ଛୋଟ ପିଲାଙ୍କ ପାଇଁ ଏହି ରାସ୍ତାରେ ଯିବା ଅତ୍ୟନ୍ତ ବିପଜ୍ଜନକ ବୋଲି ଅଭିଭାବକ ମତ ଦେଇଛନ୍ତି। ଫଳରେ ଗ୍ରାମବାସୀ ଓ ଅଭିଭାବକ ଏହି ମିଶ୍ରଣକୁ ବିରୋଧ କରିବା ସହ ପୁଣି ଦିନସିଂହପାଟଣା ବିଦ୍ୟାଳୟକୁ ଖୋଲିବା ଦାବିରେ ବିଡିଓ, ବ୍ଲକ ଶିକ୍ଷାଧିକାରୀ(ବିଇଓ) ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ ବର୍ତ୍ତମାନ ସମସ୍ତ ସ୍କୁଲ ଖୋଲିଥିବା ବେଳେ ଏହି ବିଦ୍ୟାଳୟ ଖୋଲିବା ନେଇ ପ୍ରଶାସନ ପକ୍ଷରୁ କୌଣସି ନିର୍ଦ୍ଦେଶ ମିଳି ନାହିଁ। ତେଣୁ ଗ୍ରାମବାସୀ ବାଧ ହୋଇ ନିଜ ଦାୟିତ୍ୱରେ ବିଦ୍ୟାଳୟ ଖୋଲିଥିଲେ। ଜିଲା ପ୍ରଶାସନ ଏହି ସମ୍ବେଦନଶୀଳ ଘଟଣା ପ୍ରତି ଦୃଷ୍ଟି ଦେଇ ତୁରନ୍ତ ଉକ୍ତ ସ୍କୁଲ ଖୋଲିବା ନିର୍ଦ୍ଦେଶ ଦେବା ସହ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତି କରିବାକୁ ଦାବି ହୋଇଛି। ଯଦି ଏହା କରା ନ ଯାଏ ତେବେ ଆଗାମୀ ଦିନରେ ଗ୍ରାମବାସୀ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ବିଇଓ ପ୍ରତିମା ମହାନ୍ତି କହିଛନ୍ତି, ଗ୍ରାମବାସୀଙ୍କ ଅଭିଯୋଗକ୍ରମେ ସମସ୍ତ ସମସ୍ୟାକୁ ଦୃଷ୍ଟିରେ ରଖି ତଦନ୍ତ କରାଯାଇ ସ୍କୁଲ ଖୋଲିବା ସପକ୍ଷରେ ବିଡିଓ ଓ ଜିଲାପାଳଙ୍କ ନିଷ୍ପତ୍ତି ରହିଛି। ଏପରିକି ସ୍କୁଲ ଖୋଲିବା ନେଇ ଜିଲାପାଳ ମଧ୍ୟ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି କରିଛନ୍ତି, ହେଲେ ଉପରିସ୍ଥ ଅଧିକାରୀଙ୍କଠାରୁ କୌଣସି ନିର୍ଦ୍ଦେଶ ଆସି ନ ଥିବାରୁ ସ୍କୁଲକୁ ଖୋଲାଯାଇ ନାହିଁ।

## ଦ୍ୱିତୀୟଥର ମଧ୍ୟସ୍ଥତା କେନ୍ଦ୍ରରେ ହାଜର

**କଟକ ଅଫିସ,୧୧।୪**

ସୁମିତ-ତପସ୍ୱିନୀ ପାରିବାରିକ ବିବାଦ ମାମଲାର ହାଇକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ସୋମବାର ଦ୍ୱିତୀୟଥର ଉଭୟ ମଧ୍ୟସ୍ଥତା କେନ୍ଦ୍ରରେ ହାଜର ହୋଇ ୩ଘଣ୍ଟା ଆଲୋଚନା କରିଛନ୍ତି। ଶନିବାର ମଧ୍ୟ ଉଭୟ ମଧ୍ୟସ୍ଥତା କେନ୍ଦ୍ରରେ ହାଜର ହୋଇ ଅଢ଼େଇ ଘଣ୍ଟା ଆଲୋଚନା କରିଥିଲେ। ସମୟ ଅଭାବରୁ ସମ୍ପୂର୍ଣ୍ଣ ଆଲୋଚନା ହୋଇପାରି ନ ଥିବାରୁ ସୋମବାର ପୁଣି ମଧ୍ୟସ୍ଥତା କେନ୍ଦ୍ରରେ ଉପସ୍ଥିତ ହୋଇଥିଲେ। ମଧ୍ୟସ୍ଥତା କେନ୍ଦ୍ର ରିପୋର୍ଟ ଆଧାରରେ ଏପ୍ରିଲ୍ ୧୩ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ଅଦାଲତ ତାଙ୍କ ଆଦେଶରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ହାଇକୋର୍ଟର ବିଚାରପତି ଏ.କେ. ମହାପାତ୍ରଙ୍କ ଇଜିଲାସ ଏହି ମାମଲାର ଶୁଣାଣି କରି ଏପ୍ରିଲ ୯ ତାରିଖରେ ଉଭୟ ସୁମିତ-ତପସ୍ୱିନୀଙ୍କୁ ମଧ୍ୟସ୍ଥତା କେନ୍ଦ୍ରରେ ହାଜର ହେବାକୁ କହିଛନ୍ତି। ଏ ନେଇ ଏକ ରିପୋର୍ଟ ଦାଖଲ କରିବେ। ତପସ୍ୱିନୀଙ୍କୁ ରହିବା ଲାଗି ସୁମିତ ସାହୁ ନେଇଥିବା ଭଡ଼ା ଘରର ଭିଡିଓ କ୍ଲିପ୍ ଉଭୟ ଅଲଗା ଭାବେ ଦାଖଲ ପାଇଁ ହାଇକୋର୍ଟ କହିଛନ୍ତି। ଏଥିସହ ସୁମିତ ସରକାରୀ କ୍ୱାର୍ଟର ନେଇଛନ୍ତି କି ନାହିଁ ତାହା ମଧ୍ୟ ଜଣାଇବେ ବୋଲି ହାଇକୋର୍ଟ ଆଦେଶ ଦେଇଛନ୍ତି।

## ଚାଷୀଙ୍କୁ ରବିଚାଷ ପ୍ରଶିକ୍ଷଣ

ଡେଲାଙ୍ଗ,(ଡି.ଏନ୍.ଏ.): ଅନ୍ତର୍ଜାତୀୟ ଧାନ ଗବେଷଣା କେନ୍ଦ୍ର(ଇରି) ପକ୍ଷରୁ ପ୍ରହରାଜପୁର ନିକଟସ୍ଥ ପାଞ୍ଚବାଟିଆ ଗ୍ରାମର ଅଧକପାଳି ମହାଦେବ ମନ୍ଦିର ପରିସରରେ ରବି ଫସଲ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଇରି ବୈଜ୍ଞାନିକ ଡ. ବିଧାନ ମହାପାତ୍ର, ଜିଲା ମୁଖ୍ୟ କୃଷି ଅଧିକାରୀ ରମେଶ ଚନ୍ଦ୍ର ରାୟ, ଧାନ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ. ପ୍ରଦୀପ ସାଗଓଲ, ମିଶନ ଶକ୍ତି ବ୍ଲକ କୋଅର୍ଡିନେଟୋର ନନ୍ଦିତା ସ୍ୱାଇଁ, ସ୍ଥାନୀୟ ବୈଷୟିକ ପରାମର୍ଶଦାତା ଅଶୋକ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସ୍ଥାନୀୟ ଅଞ୍ଚଳର କ୍ଷୁଦ୍ର ଓ ମଧ୍ୟମ ଧରଣର ମହିଳା ଓ ପୁରୁଷ ଚାଷୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କମ ଖର୍ଚ୍ଚରେ ଚାଷୀମାନେ କିପରି ଫସଲ କରିପାରିବେ, ସେ ଦିଗରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। କମ ପରିଶ୍ରମରେ ଯାନ୍ତ୍ରିକ ଓ ନୂତନ ଜ୍ଞାନକୌଶଳ ପଦ୍ଧତି, ଧାଡିରେ ଶସ୍ୟ ବୁଣିବା ଦ୍ୱାରା କିପରି ଲାଭବାନ୍ ହୋଇପାରିବେ ସେ ନେଇ ବୈଜ୍ଞାନିକମାନେ ପ୍ରଶିକ୍ଷଣ ଦେଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୧।୪।୨୦୨୨

| ୩,୦୦,୨୭୨ ଟଙ୍କା | |
|---|---|
| ସୁନା | ୧୯୦ମିଲି ଗ୍ରାମ |
| ରୁପା | ୧.୩୪୦ ଗ୍ରାମ |

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ କ୍ରୀଡ଼ା ଅଧାପକଙ୍କ ମୃତ୍ୟୁ

କୋଣାର୍କ, ୧୧।୪(ଡି.ଏନ୍.ଏ.)- କୋଣାର୍କ ଭଗବତୀ ମହାବିଦ୍ୟାଳୟରେ କାର୍ଯ୍ୟରତ କ୍ରୀଡ଼ା ଅଧାପକ ଶ୍ରୀକୃଷ୍ଣ ବିଶ୍ୱରାୟ (୫୯)ଙ୍କ ବିଦ୍ୟୁତ୍ ଆଘାତରେ ସୋମବାର ମୃତ୍ୟୁ ଘଟିଛି। ପ୍ରକାଶ ଯେ, କ୍ରୀଡ଼ା ଅଧାପକ ଶ୍ରୀକୃଷ୍ଣ ନିଜ ବାସଭବନରେ ବିଦ୍ୟୁତ୍ କାର୍ଯ୍ୟ କରୁଥିଲେ। ହେଲେ ବିଦ୍ୟୁତ୍ ତାର ଲିକ୍ ଥିବାରୁ ତାଙ୍କୁ ଶକ୍ତ ବିଦ୍ୟୁତ୍ ଆଘାତ ଲାଗିଥିଲା। ତାଙ୍କୁ ପରିବାର ଲୋକେ ଚିକିତ୍ସା ନିମନ୍ତେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ଶ୍ରୀକୃଷ୍ଣଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ବିୟୋଗରେ କୋଣାର୍କ ଭଗବତୀ ମହାବିଦ୍ୟାଳୟ ସମେତ କୋଣାର୍କ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### କାଫେ ହୋଟେଲ ଭାଙ୍ଗିଲେ ଦୁର୍ବୃତ୍ତ

ଗୋପ, ୧୧।୪(ଡି.ଏନ୍.ଏ.)- ଗୋପ ବ୍ଲକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ବ୍ଲକ ପରିସରରେ ଦିଆଯାଇଥିବା ହୋଟେଲ(କାଫେ)କୁ କେହି ଦୁର୍ବୃତ୍ତ କାଚ ବାଡେଇ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଜଣେ ଅସ୍ଥାୟୀ କର୍ମଚାରୀଙ୍କ ସହିତ ଜଣେ ହୋଟେଲ ମାଲିକ ସମ୍ପୃକ୍ତ ଥିବା ଜଣାପଡିଛି। ପ୍ରକାଶ ଯେ ୪/୫ ମାସ ଧରି ଗୋପ ବ୍ଲକ ପରିସରରେ ଏହି କାଫେ ନାମକ ହୋଟେଲକୁ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଚଳାଉଛନ୍ତି। ପ୍ରତ୍ୟେକ ଦିନ ବ୍ଲକ କର୍ମଚାରୀଙ୍କଠାରୁ ଆରମ୍ଭ କରି ସରକାରୀ କର୍ମଚାରୀ ଓ ସାଧାରଣ ଲୋକମାନେ ଖାଉଛନ୍ତି। ରବିବାର ରାତିରେ କେହି ଦୁର୍ବୃତ୍ତ ମନ୍ଦ ଉଦ୍ଦେଶ୍ୟ ରଖି ଭଙ୍ଗାଭଙ୍ଗି କରିଛି। ବ୍ଲକରେ ଲାଗି ଥିବା ସିସିଟିଭି ଫୁଟେଜରେ ଏହି ଚିତ୍ର ରହିଛି । ପୋଲିସ ସିସିଟିଭି ଯାଞ୍ଚ କରିଛି। ଏ ନେଇ ଗୋପ ବ୍ଲକ ମହିଳା ସଂଘ ସଭାପତି ମିନାକ୍ଷୀ ପୃଷ୍ଟି ଥାନାର ଦ୍ୱାରସ୍ଥ ହୋଇଛନ୍ତି।

### ଲୁଟେରାଙ୍କୁ ଉଠାଇ ନେଇ ମରଣାନ୍ତକ ଆକ୍ରମଣ

ଗୋପ,୧୧।୪(ଡି.ଏନ୍.ଏ.)-ଗୋପ ଥାନା ଅଞ୍ଚଳର ଜଣେ ଲୁଟେରାଙ୍କୁ କେତେଜଣ ଯୁବକ ସୋମବାର ପୂର୍ବାହ୍ନରେ ଉଠାଇ ନେଇ ମରଣାନ୍ତକ ଆକ୍ରମଣ କରି ଫୋପାଡ଼ି ଦେଇଥିଲେ। ଖବରପାଇ ପୋଲିସ ପହଞ୍ଚି ଉକ୍ତ ଯୁବକଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଛି। ପ୍ରକାଶ ଯେ, ଗଡସିଠା ଗ୍ରାମର ଜଣେ ଯୁବକ କିଛିଦିନ ଧରି ରାଜରାସ୍ତାରୁ ସାଧାରଣ ଲୋକଙ୍କ ସହିତ ପର୍ଯ୍ୟଟକଙ୍କଠାରୁ ଟଙ୍କା, ସୁନା ଅଳଙ୍କାର ଲୁଟ କରୁଥିଲା। ଏପରି ଅଭିଯୋଗକୁ ନେଇ ବହୁଥର ସେ ବିଭିନ୍ନ ଥାନାରୁ ଜେଲ ଯାଇଥିଲା। ଏପରିକି ୪ ଦିନ ତଳେ ଏହି ଲୁଟେରା ନିମାପଡ଼ା ଥାନା ଦିଘାଲୋ ଗ୍ରାମର ଜଣେ ଛେଳି ବ୍ୟବସାୟୀଙ୍କଠାରୁ ୨୦ ହଜାର ଟଙ୍କା ଛଡାଇ ନେଇଥିବା ଅଭିଯୋଗ ହୋଇଥିଲା। ହେଲେ ସୋମବାର ସେ ନିମାପଡ଼ା ଥାନା ତମ୍ପାଳ ବଜାରରେ ଠିଆ ହୋଇଥିବା ବେଳେ ଦିଘାଲୋ ଅଞ୍ଚଳର କେତେକ ଯୁବକ ତାଙ୍କୁ ଉଠାଇ ନେଇ ମରଣାନ୍ତକ ଆକ୍ରମଣ କରି ଫୋପାଡ଼ି ଦେଇଥିଲେ। ଖବରପାଇ ଗୋପ ଥାନାଧିକାରୀ କାଳନ୍ଦୀ ବେହେରାଙ୍କ ସହ ଅନ୍ୟ ପୋଲିସ ଦିଘାଲୋ ଗ୍ରାମ ନିକଟରେ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ପୁରୀ ସଦର ହସ୍ପିଟାଲକୁ ପଠାଯାଇଛି। ଏ ସମ୍ପର୍କରେ କୌଣସି ଅଭିଯୋଗ ଥାନାରେ ହୋଇ ନ ଥିବାବେଳେ ନିମାପଡ଼ା ଥାନା ପୋଲିସ ତଦନ୍ତ କରୁଛି।

### ହିଙ୍ଗୁଳା ଯାତ୍ରା ପ୍ରସ୍ତୁତି ବୈଠକ

ବ୍ରହ୍ମଗିରି,୧୧।୪(ଡି.ଏନ୍.ଏ.): ବ୍ରହ୍ମଗିରିସ୍ଥିତ ମାତଲାପୁର ଗ୍ରାମର ମା' ହିଙ୍ଗୁଳା ଯାତ୍ରା ପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମାତଲାପୁର ଗ୍ରାମର ସଭାପତି ମନୋରଞ୍ଜନ ରାୟଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ୫ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଉତ୍ସବରେ ଶାନ୍ତି ଶୃଙ୍ଖଳା, ପରିମଳ ଓ ଜନସମାଗମକୁ ନିୟନ୍ତ୍ରଣ ପାଇଁ ବିଶେଷ ଆଲୋଚନା ହୋଇଥିଲା। ରାଜେନ୍ଦ୍ର ପଲାଇ, ନୀଳକଣ୍ଠ ସାହୁ, ଭରତ ନାୟକ, ଭାସ୍କରଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ସିଆର୍‌ପି, ଏମ୍‌ବିକେ ଚୟନରେ ଜାଲିଆତି ଅଭିଯୋଗ

କଣାସ,୧୧।୪(ସ୍ୱ.ପ୍ର.):

କଣାସ ବ୍ଲକରେ ଥିବା ମିଶନଶକ୍ତି ପରିଚାଳନାକୁ ନେଇ ପ୍ରତ୍ୟେକ ପଞ୍ଚାୟତର ଜଣେ ଲେଖାଏ ମାଷ୍ଟର ବୁକ କିପର(ଏମ୍‌ବିକେ) ଓ ବିଭିନ୍ନ ଗ୍ରାମରେ କମ୍ୟୁନିଟି ରିସର୍ଚ୍ଚ ପର୍ସନ(ସିଆର୍‌ପି) ନିଯୁକ୍ତି ହେବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ କଣାସ ବ୍ଲକର ୨୮ଟି ପଞ୍ଚାୟତରେ ସିଆର୍‌ପି ଓ ଏମ୍‌ବିକେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ହେଲେ ଏହି ୨ ପଦବୀ ପାଇଁ ଚୟନରେ ଜାଲିଆତି ହେଉଥିବା ବିଭିନ୍ନ ପଞ୍ଚାୟତର ମହିଳାମାନେ ସୋମବାର ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସିଆର୍‌ପି ଓ ଏମ୍‌ବିକେ ପଦବୀ ପାଇଁ ପ୍ରତ୍ୟେକ ପଞ୍ଚାୟତରେ ଥିବା ମହିଳା ମଞ୍ଚ ଓ ମହିଳା ମହାସଂଘର ମହିଳାମାନେ ଆବେଦନ କରିବା ପାଇଁ ବ୍ୟବସ୍ଥା ରହିଛି। ହେଲେ ବ୍ଲକ ବା ପଞ୍ଚାୟତ ତରଫରୁ ପ୍ରଚାରପ୍ରସାର କରା ନ ଯାଇ ଲୁଙ୍କାୟତ ଭାବେ ବ୍ଲକର କେତେକ କର୍ମଚାରୀ ଓ ମହିଳା ମହାସଂଘର କର୍ମକର୍ତ୍ତା ଜଣେ ଲେଖାଏ ମହିଳାଙ୍କଠାରୁ ଉଚ୍ଚ ଅଙ୍କର ଅର୍ଥ ଆଦାୟ କରି ନିଯୁକ୍ତି ପାଇଁ ଫର୍ମ ପୂରଣ କରାଯାଉଥିବା ଅଭିଯୋଗ ହେଉଛି। ଏଭଳି ଚଞ୍ଚକତା କାଦୁଆ, ଗଡିଶାଗୋଦା ଓ ବିଜିପୁର ସମେତ ଅନ୍ୟ କେତେକ ପଞ୍ଚାୟତରେ ହେଉଥିବା ନେଇ ମହିଳାମାନେ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏପରିକି ସୋମବାର କାଦୁଆ ପଞ୍ଚାୟତର ନିଯୁକ୍ତି ପ୍ରକ୍ରିୟା ସାହସପୁର ବାତ୍ୟା ଆଶ୍ରୟସ୍ଥଳୀଠାରେ ଏଭଳି ଫର୍ମପୂରଣ ଚାଲିଥିବା ଜାଣିବା ପରେ ମହିଳାମାନେ ସେଠାରେ ପହଞ୍ଚି ହୋହଲ୍ଲା କରିଥିଲେ। ପରେ ସ୍ଥାନୀୟ ଅଧିକାରୀ ସେମାନଙ୍କୁ ବୁଝାଶୁଝା କରିଥିଲେ। ଏ ସମ୍ପର୍କରେ କଣାସ ବିଡିଓ ଲୋଚନ ଦାସଙ୍କୁ ପଚାରିବାରେ ବିଭିନ୍ନ ପଞ୍ଚାୟତରୁ ଏଭଳି କେତେକ ଅଭିଯୋଗ ପାଇଛି, ସେ ଅନୁଯାୟୀ ପଞ୍ଚାୟତରେ ତଦନ୍ତ ଚାଲିଛି।



କଣାସରେ ଭଗତା ଦଣ୍ଡ ଯାତ୍ରା ପ୍ରଦର୍ଶନ କରୁଛନ୍ତି ।

## କଣାସରେ ଦଣ୍ଡ ଯାତ୍ରା, ଭଗତାଙ୍କ ଧୂଳି ଦଣ୍ଡ

କଣାସ, ୧୧।୪ (ସ୍ୱ.ପ୍ର)

ପୁରୀ ଜିଲା କଣାସ ବ୍ଲକର ବିଭିନ୍ନ ଗ୍ରାମର କୋଠିମାନଙ୍କରେ ଦଣ୍ଡଯାତ୍ରା ଅନୁଷ୍ଠିତ ହେଉଛି। କେଉଁ ଗ୍ରାମର କେଉଁ କୋଠିରେ ୨୧, ୧୫, ୧୩, ୯ ଦିନିଆ ପାଣି ତୋଳା ଯାଉଛି। ଭଗତାମାନେ କୋଠିରେ ନିଷ୍ଠାପର ସହିତ ରହି ସନ୍ଧ୍ୟା ସମୟରେ ଗାଧୋଇ ଦିନକରେ ଥରେ ମାତ୍ର ପଣା ପିଅନ୍ତି। କେଉଁ କେଉଁ କୋଠିରେ ମାତ୍ର ଗୋଟିଏ ସମୟରେ ଆରୁଆ ଅନ୍ନ ଖାଆନ୍ତି। ସନ୍ଧ୍ୟା ସମୟରେ ମା' କାଳୀଙ୍କୁ ସାଥୀରେ ଧରି ଭଗତାମାନେ ଗ୍ରାମକୁ ଗ୍ରାମ ବୁଲି ଝୁଣା ଜାଳି ଯାତ୍ରା କରି ଭକତା ଡାକ ପକାନ୍ତି। ଗାଁରେ ଯିବା ସମୟରେ ଗ୍ରାମବାସୀ ପିଲାଠାରୁ ବୃଦ୍ଧ ପର୍ଯ୍ୟନ୍ତ ଭଗତାଙ୍କ ଆଗରେ ରାସ୍ତାରେ ଦଣ୍ଡ ପ୍ରଣାମ କରନ୍ତି। ଗ୍ରାମ ଏବଂ ଭକ୍ତମାନଙ୍କ ମନବାଞ୍ଛା ପୂର୍ଣ୍ଣ ପାଇଁ ଡାକ ଦେଉଥିବା ଦେଖିବାକୁ ମିଳିଥାଏ। ଭଗତାମାନେ ଗ୍ରାମରେ ଯିବା ସମୟରେ ଶିବ ତାଣ୍ଡବ, ଧୂଳିଆ ଦଣ୍ଡ କରି ଯାଉଥିବାରୁ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ। ଏହି ଦଣ୍ଡ ପର୍ବ ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ହୋଇ ସେହିଦିନ ଯାତ୍ରା ଉଦ୍‌ଯାପନ କରାଯାଏ।

## ଆଧ୍ୟାତ୍ମିକ ସମାଜ ଗଠନରେ ପାଲାକାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଡେଲାଙ୍ଗ,୧୧।୪(ଡି.ଏନ୍.ଏ.):

ଡେଲାଙ୍ଗ ଷ୍ଟେଶନ ବଜାରସ୍ଥିତ ଶ୍ୟାମସୁନ୍ଦର ପାଠାଗାର ପରିସରରେ ରବିବାର ଆଧ୍ୟାତ୍ମିକ ସମାଜ ଗଠନରେ ପାଲାକାରଙ୍କ ଭୂମିକା ଶୀର୍ଷକ ସାହିତ୍ୟ ଆସର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରବଚକ ଶରତ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଆବାହକ କାଶୀନାଥ ମହାପାତ୍ର, ପାଲା ଗାୟକ ଅଭିମନ୍ୟୁ ସ୍ୱାଇଁ, ଐତିହାସିକ ଭୀମସେନ ମହାପାତ୍ର, ଗାୟକ ଶରତଚନ୍ଦ୍ର ଦାଶ, ସରୋଜ ପ୍ରଧାନ, ଶିଶୁ ସାହିତ୍ୟିକ ରମେଶ ଦାସ, ପାଲା ଗାୟିକା ବୀଣାପାଣି ପଣ୍ଡା, କବି ରୋହିତ ଚମ୍ପତି, ହୃଷୀକେଶ ପାଢ଼ୀ ପ୍ରମୁଖ ଯୋଗଦେଇ ଓଡିଆ ଭାଷା ଓ ସାହିତ୍ୟର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ପାଲା, ସଂକୀର୍ତ୍ତନ ଦ୍ୱାରା ମାତୃଭାଷା, ସାହିତ୍ୟ ଓ ସଂସ୍କୃତି ଉଜ୍ଜୀବିତ ରହିପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ପଞ୍ଚାୟତ କ୍ରିକେଟ ଟୁର୍ନାମେଣ୍ଟରେ ଅରିସଲ ବିଜୟୀ

ଡେଲାଙ୍ଗ,୧୧।୪(ଡି.ଏନ୍.ଏ.):

ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଖେଲାଉର ପଞ୍ଚାୟତରେ ପଞ୍ଚାୟତ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ୧୬ ଓଭର ବିଶଷ୍ଟ ଏହି ଟର୍ନାମେଣ୍ଟରେ ଡେଲାଙ୍ଗ ଓ ପିପିଲି ବ୍ଲକର ୮ଟି ଦଳ ଅଂଶଗ୍ରହଣ କରିଥିଲା। ଫାଇନାଲ ମ୍ୟାଚ ଖେଲାଉର ଓ ଅରିସଲ ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ଅରିସଲ ବିଜୟୀ ହୋଇଛି। ଖେଲାଉର ଦଳ ବ୍ୟାଟିଂ କରି ୧୪ ଓଭରରେ ସମସ୍ତ ଉଇକେଟ୍ ହରାଇ ୯୧ ରନ୍ ସଂଗ୍ରହ କରିଥିଲା। ଜବାବରେ ଅରିସଲ ୧୫ ଓଭରରେ ୮ ଉଇକେଟ୍ ହରାଇ ୯୪ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସ୍ଥାନୀୟ ବିଧାୟକ ରୁଦ୍ର ପ୍ରସାଦ ମହାରଥୀଙ୍କ ସ୍ତ୍ରୀ ଜାଗୃତି ମହାରଥୀ, ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଦୁର୍ବାସା ନିଶଙ୍କ, ସାମାଜିକ କର୍ମୀ ରାଧାମୋହନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ପ୍ରଦାନ କରିଥିଲେ। ବିଜୟୀ ଦଳର ଅମ୍ବୁଜ ଖଟେଇଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ପ୍ରଭାତ ପରିଡାଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ଘୋଷଣା କରାଯାଇଥିଲା। ଆଲୋକ ପରିଡ଼ା ଓ ମଳୟ ପରଡ଼ା ମ୍ୟାଚ ପରିଚାଳନା କରୁଥିଲେ।

## ସ୍ତ୍ରୀଙ୍କୁ ହାଣି ଆତ୍ମସମର୍ପଣ କଲେ ସ୍ୱାମୀ

ଗୋପ, ୧୧।୪(ଡି.ଏନ୍.ଏ.)

ଗୋପ ଥାନା ଅଧୀନ ବେଗୁନିଆ ଛକ ନିକଟରେ ସୋମବାର ସନ୍ଧ୍ୟାରେ ପାରିବାରିକ ବିବାଦକୁ ନେଇ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ କଟରିରେ ହାଣି ହତ୍ୟା ଉଦ୍ୟମ କରିଛନ୍ତି। ଅନ୍ୟପଟେ ଗୁରୁତର ମହିଳା ଜଣକ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ ଯେ, ବେଗୁନିଆ ଛକରେ ପରିବାର ସହ ରହୁଥିବା ବୈରାଗୀ ବେହେରା ରେଲୱେ ପୋଲିସ ଭାବେ କାର୍ଯ୍ୟ କରି ଅବସର ନେଇଥିଲେ। କିନ୍ତୁ ଜମିବାଡ଼ିକୁ ନେଇ କିଛି ଦିନ ଧରି ପାରିବାରିକ ବିବାଦ ଲାଗିରହିଥିଲା। ସୋମବାର ସନ୍ଧ୍ୟାରେ ଘରେ କେହି ନ ଥିବାବେଳେ ବୈରାଗୀଙ୍କ ସହ ତାଙ୍କ ସ୍ତ୍ରୀ ମନ୍ଦାକିନୀଙ୍କ ପାଟିତୁଣ୍ଡ ହୋଇଥିଲା। ଏଥିରେ ବୈରାଗୀ ରାଗିଯାଇ ନିକଟରେ ଥିବା ଏକ ଧାରୁଆ କଟୁରିରେ ସ୍ତ୍ରୀଙ୍କୁ ହାଣି ଦେଇଥିଲେ। ମନ୍ଦାକିନୀ ଅଚେତ ହୋଇପଡ଼ିବାରୁ ମୃତ୍ୟୁ ହେବା ଜାଣି ବୈରାଗୀ ଥାନାରେ ଆତ୍ମସମର୍ପଣ କରି ସମସ୍ତ ଘଟଣା କହିଥିଲା। ଗୋପ ଥାନା ଅଧିକାରୀ କାଳନ୍ଦୀ ବେହେରାଙ୍କ ନିର୍ଦ୍ଦେଶରେ ମହିଳା ଏସ୍‌ଆଇ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ମନ୍ଦାକିନୀଙ୍କୁ ଗୋପ ଡାକ୍ତରଖାନା ପଠାଇଥିଲେ। ମହିଳାଙ୍କ ମୁଣ୍ଡରେ ୪/୫ଟି ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ପୋଲିସ ବୈରାଗୀଙ୍କଠାରୁ ୪୬ ହଜାର ଟଙ୍କା ସହ କଟୁରି ଜବତ କରିଛି। ପୋଲିସ ନିକଟରେ କୌଣସି ଅଭିଯୋଗ ହୋଇ ନଥିବା ଥାନାଧିକାରୀ କାଳନ୍ଦୀ ବେହେରା କହିଛନ୍ତି।



ମ୍ୟୁଜିକ୍ ଫିଲ୍ମ ଦୁନିଆ ପକ୍ଷରୁ ଦୁଇ କ୍ଷୁଦ୍ର ଫିଲ୍ମ ବଡ ହେଲେ ମୁଁ କଣ ହେବି ଏବଂ ପେଣ୍ଟର୍ସ ଲଭ୍‌କୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି ।

## ପିଲାଙ୍କ ମନରେ ସଦ୍‌ଭାବନା ସୃଷ୍ଟି ପାଇଁ ପ୍ରୟାସ

କୋଣାର୍କ,୧୧।୪(ଡି.ଏନ୍.ଏ.):

ପୁରୀ ଜିଲା କୋଣାର୍କ ଓ ଆଖପାଖ ୯ଟି ପଞ୍ଚାୟତରେ ଲୋକ କଳା ସଂକୀର୍ତ୍ତନ ବଞ୍ଚାଇ ରଖିବା ପାଇଁ ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ସେବା ପକ୍ଷରୁ ବାବା ବାଲିକପିଳେଶ୍ୱରଠାରେ ସୋମବାର ବାର୍ଷିକ ସମାରୋହ ପାଳିତ ହୋଇଯାଇଛି। ଏଥିରେ ୨୫ଟି ସଂକୀର୍ତ୍ତନ ଗ୍ରୁପ ଭାଗନେଇ ପୌରାଣିକ କଥାବସ୍ତୁ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ମନ୍ତ୍ରୀ ତୁଷାର କାନ୍ତି ବେହେରା, ପୁରୀ ଜିଲା ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ସଂକୀର୍ତ୍ତନ ମଣ୍ଡଳୀର ସଭାପତି ଭାଗୀରଥି ସାହୁ, ଯାଦବ ମହାସଂଘର ସଭାପତି ଗୋପାଳ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଲୋକ କଳାକୁ ବଢ଼ାଇବା ପାଇଁ ଏକ ଗୃହ ନିର୍ମାଣ କରିବା ସହ କିଛି ମୃଦଙ୍ଗ, କଳାକାର ଭତ୍ତା କରିବା ଏବଂ ଅବସର ନେଉଥିବା କଳାକାରମାନଙ୍କୁ କିଛି ଅର୍ଥ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଆଜିକାଲିର ପିଲାଙ୍କ ମନରେ ଲୋକ କଳା ପ୍ରତି ସଦ୍‌ଭାବନା ସୃଷ୍ଟି କରିବା ପାଇଁ ଏହା ଆମର ଛୋଟିଆ ପ୍ରୟାସ ବୋଲି କୋଣାର୍କ ଜୋନ୍‌ର ସଂକୀର୍ତ୍ତନ ମଣ୍ଡଳୀ ସଭାପତି କହିଥିଲେ। ଆୟୋଜକ ସୁବାସଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ବାର୍ଷିକ ସମାରୋହରେ ଯୋଗ ଦେଇଥିବା ଅତିଥିମାନେ ।

## ମୌଳିକ ସୁବିଧା ଯୋଗାଇବା ଦାବିରେ ବିକ୍ଷୋଭ

ପୁରୀ ଅଫିସ, ୧୧।୪:

ବାଲିଗୁଆଳି ଗ୍ରାମବାସୀଙ୍କୁ ମୌଳିକ ସୁବିଧା ଯୋଗାଇବା ଦାବିରେ ସୋମବାର ବାଲିଗୁଆଳି ଗ୍ରାମ୍ୟ ପରିଚାଳନା କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ୧୧ ଦଫା ସମ୍ବଳିତ ଦାବିପତ୍ର ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ ସୁରେନ୍ଦ୍ର କୁମାର ପ୍ରଧାନ, ସମ୍ପାଦକ ଚିତ୍ତ ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବାଲିଗୁଆଳି ଗ୍ରାମବାସୀଙ୍କ ପାଇଁ ରହିଥିବା ପ୍ରସ୍ତାବଗୁଡିକ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଲାନାହିଁ। ତେଣୁ ତୁରନ୍ତ ନିଯୁକ୍ତି ସହ ଅନ୍ୟାନ୍ୟ ସୁବିଧା ଯୋଗାଇବାକୁ ଦାବି ହୋଇଛି ।



ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଲୋକାର୍ପଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଏବଂ ଅନ୍ୟ ଅତିଥିମାନେ ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଏପାଖ ସେପାଖ

### ଘର ଯେଉଁଠି, କଲେଜ ସେଇଠି

ପୁରୀ ବାଲିଗୁଆଳି ଅଞ୍ଚଳର ତପୋପ୍ରଭା ମିଶ୍ର ଶ୍ରୀଜଗନ୍ନାଥ ମେଡିକାଲ କଲେଜର ପ୍ରଥମ ବର୍ଷ ଏମବିବିଏସ୍ ଛାତ୍ରୀ। ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ସେ ନିଜ ଅଭିଭାଷଣ ରଖି କହିଥିଲେ, ମେଡିକାଲ କଲେଜ ଯେଉଁଠାରେ ପ୍ରତିଷ୍ଠା ହୋଇଛି ସେହି ଅଞ୍ଚଳରେ ମୋ ଘର। ନିଜ ଅଞ୍ଚଳର ମେଡିକାଲ କଲେଜରେ ପଢ଼ିବାର ସୁଯୋଗ ମିଳିବା ମୋ' ପାଇଁ ଗର୍ବର ବିଷୟ। ପୁରୀ ଜିଲାର ଛାତ୍ରୀଛାତ୍ର ଏଠାରେ ମେଡିକାଲ ଶିକ୍ଷାର ସୁଯୋଗ ପାଇପାରିବେ ବୋଲି ସେ କହିଥିଲେ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ଏହି ମେଡିକାଲ କଲେଜ ପ୍ରତିଷ୍ଠା ହୋଇଥିବାରୁ ସେ ଧନ୍ୟବାଦ ଜଣାଇଥିଲେ। ଅନ୍ୟପକ୍ଷରେ ସ୍ଥାନୀୟ ଅଞ୍ଚଳର ବିଦ୍ୟାର୍ଥୀ ଏହି ମେଡିକାଲ କଲେଜରେ ପଢିବାର ସୁଯୋଗ ପାଉଛନ୍ତି ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ।

### ରାଜ୍ୟ ସ୍ୱାସ୍ଥ୍ୟ ଯୋଜନାକୁ କେନ୍ଦ୍ରର ପ୍ରଶଂସା

ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ସୁବିଧାର ପ୍ରଶଂସା କରି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭ୍ୟ କହିଥିଲେ, ଓଡ଼ିଶା ସ୍ୱାସ୍ଥ୍ୟ ସୁବିଧା ଯୋଗାଇବା କ୍ଷେତ୍ରରେ ଅନେକ ଲୋକାଭିମୁଖୀ ଯୋଜନା କରିଛି। ସେହିଭଳି କେନ୍ଦ୍ରୀୟ ସ୍ତରରେ ମେଡିକାଲ ଆସନ ସଂଖ୍ୟା ବଢୁଥିବାରୁ ଓଡ଼ିଶାରେ ମଧ ମେଡିକାଲ ଆସନ ବଢ଼ିବ। ରାଜ୍ୟବାସୀଙ୍କ ପାଖରେ ସ୍ୱାସ୍ଥ୍ୟ ସୁବିଧା ପହଞ୍ଚିପାରୁ ଏହା କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ। ଓଡ଼ିଶା ସ୍ୱାସ୍ଥ୍ୟ ସୁବିଧା କ୍ଷେତ୍ରରେ କରିଥିବା ଯୋଜନାକୁ ଆମେ ସାବାସୀ ଦେଉଛୁ। ମାତ୍ର ସ୍ୱାସ୍ଥ୍ୟ ସୁବିଧାକୁ ଆହୁରି ବଢ଼ାଇବା ପାଇଁ ଆୟୁଷ୍ମାନ୍ ଭାରତ ଯୋଜନା ଓଡ଼ିଶାରେ ଲାଗୁ କରାଯିବାକୁ କେନ୍ଦ୍ର ସରକାର ଚାହୁଁଛନ୍ତି।

### ମଞ୍ଚରେ ବସିଲେ ଜୟନ୍ତ, ଲଳିତେନ୍ଦୁ ଅନୁପସ୍ଥିତ

ମେଡିକାଲ କଲେଜ ଲୋକାର୍ପଣ ଉତ୍ସବରେ ପୁରୀ ଜିଲାର ସମସ୍ତ ବିଧାୟକ ଏବଂ ଏମ୍‌ପିଙ୍କୁ ଦେଖିବାକୁ ମିଳିଥିଲା। କେବଳ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଅନୁପସ୍ଥିତ ଥିଲେ। ଲଳିତେନ୍ଦୁ ଭାଜପା ବିଧାୟକ ହୋଇଥିବାରୁ ତାଙ୍କୁ ଅଣଦେଖା କରାଯାଇଥିବା ତାଙ୍କ ସମର୍ଥକମାନେ କହୁଛନ୍ତି। ମାତ୍ର ଅନ୍ୟପକ୍ଷରେ ଭାଜପାର ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମଞ୍ଚରେ ବସିଥିଲେ। ରାଜ୍ୟ ସରକାରଙ୍କ ପ୍ରତି ନରମ ମନୋଭାବ ପୋଷଣ କରି ଚର୍ଚ୍ଚାରେ ଥିବା ଜୟନ୍ତଙ୍କର ବିଜେଡି ବିଧାୟକଙ୍କ ସହ ଆଳାପ ଆଲୋଚନା ମୁହୂର୍ତ୍ତକୁ ନେଇ ସୋସିଆଲ ମିଡିଆରେ ୟୁଜର୍ସମାନେ ଟ୍ରୋଲ କରିବାରେ ଲାଗିଛନ୍ତି। ଜୟନ୍ତ ଭାଜପା ସମର୍ଥନରେ ବିଧାୟକ ହୋଇଥିଲେ ମଧ ନିଜର ରାଜନୈତିକ ମହତ୍ୱାକାଂକ୍ଷା ହେତୁ ବିଜେଡି ପ୍ରତି ତାଙ୍କର ଦୁର୍ବଳତା ରହିଥିବା ୟୁଜର୍ସମାନେ ଲେଖୁଛନ୍ତି।

### ଘରୁ ଟେକିନେଲେ, ବିରିୟାନି ଖୁଆଇଲେ

ପରିକ୍ରମା ପ୍ରକଳ୍ପ ଉଦ୍‌ଘାଟନ ବେଳେ ମୁଖ୍ୟମନ୍ତ୍ରୀଙ୍କ କାର୍‌କେଡ୍‌କୁ ହୋଇଥିବା ଅଣ୍ଡାମାଡ଼ ଘଟଣା ପରେ ପୁରୀ ପୋଲିସର ସୁରକ୍ଷା ବ୍ୟବସ୍ଥା ଉପରକୁ ଆଙ୍ଗୁଳି ଉଠିଥିଲା। ଏଣୁ ଏସ୍‌ପି କନୱର ବିଶାଳ ସିଂ ଏଥର କୌଣସି ତ୍ରୁଟିକୁ ପ୍ରଶ୍ରୟ ନ ଦେବା ପାଇଁ ନିଷ୍ପତ୍ତି କରିଥିଲେ। ଏଥିପାଇଁ ରବିବାର ମଧ୍ୟରାତ୍ରରୁ ରାଜନୈତିକ ବିଶୃଙ୍ଖଳା ଘଟାଇବା ସନ୍ଦେହରେ ୬୦ରୁ ଊର୍ଦ୍ଧ୍ୱ ରାଜନୈତିକ କର୍ମୀ ଓ ନେତାଙ୍କୁ ପୋଲିସ ଉଠାଇନେଇ ଅଟକ ରଖିଥିଲା। ଏମାନଙ୍କ ମଧ୍ୟରେ ୨୦ରୁ ୨୫ ଜଣ କଂଗ୍ରେସ ନେତା ଓ ୨୫ରୁ ୩୦ ଜଣ ଭାଜପା ନେତା ଥିଲେ। ସେହିଭଳି ଯେଉଁମାନଙ୍କ ଉପରେ ପୋଲିସର ସନ୍ଦେହ ରହୁଥିଲା ସେମାନଙ୍କୁ ଖୋଜିବାରେ ପୁରୀ ପୋଲିସର ବିଭିନ୍ନ ଟିମ୍ ନିୟୋଜିତ ଥିଲେ। ତେବେ ରୋଚକ କଥା ହେଉଛି, ସେମାନଙ୍କୁ ପୋଲିସ ବଳପୂର୍ବକ ନୁହେଁ ବରଂ ବୁଝାଇଶୁଝାଇ ଅଟକ ରଖିଥିଲା। ସେମାନଙ୍କୁ ଗୁଣ୍ଡିଚା ମନ୍ଦିର ନିକଟ ପୋଲିସ ଅବକାଶ ଭବନରେ ରଖାଯାଇଥିବା ବେଳେ ଦ୍ୱିପ୍ରହର ଖାଦ୍ୟରେ ବିରିୟାନି ଦିଆଯାଇଥିଲା। ରହିବା ପାଇଁ ଏସି ରୁମ୍ ସହ ଅନ୍ୟ ବ୍ୟବସ୍ଥା ହୋଇଥିଲା। ରାଜନୈତିକ କର୍ମୀମାନେ ପୁରୀ ପୋଲିସର ଆତିଥ୍ୟ ପାଇ ଏତେ ଖୁସି ହୋଇଯାଇଥିଲେ ଯେ, ମୁଖ୍ୟମନ୍ତ୍ରୀ ପୁରୀ ଛାଡ଼ିବା ପରେ ସେଠାରୁ ଫେରିଥିଲେ।

### ପୋଲିସ ପାଇଁ ଥିଲା ବଡ଼ ଚ୍ୟାଲେଞ୍ଜ

ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଓ କାର୍ଯ୍ୟକ୍ରମ ପୁରୀ ପୋଲିସ ପାଇଁ ବଡ ଚ୍ୟାଲେଞ୍ଜ ଥିଲା। ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାରେ ସାମାନ୍ୟତମ ତ୍ରୁଟି ଏଥର ଏସ୍‌ପିଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଥାନ୍ତା। ଏଥିପାଇଁ ପୁରୀ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ଏସ୍‌ପି ନିଜେ ଘଣ୍ଟା ଘଣ୍ଟା ଧରି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କଠାରୁ ଆରମ୍ଭକରି ପ୍ରଶାସନିକ ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ କଡ଼ାକଡ଼ି ଯାଞ୍ଚ କରାଯାଇଥିବାବେଳେ ସୀମିତ ଅଧିକାରୀ, କର୍ମଚାରୀ ଓ ବ୍ୟକ୍ତିଙ୍କୁ କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁମତି ମିଳିଥିଲା। ମୁଖ୍ୟମନ୍ତ୍ରୀଙ୍କ ବିଗତ ଦିନର କାର୍ଯ୍ୟକ୍ରମରେ ମାଳମାଳ ବିଜେଡି ନେତାଙ୍କୁ ଦେଖିବାକୁ ମିଳିଥିବାବେଳେ ଏଥର କେବଳ ସରକାରୀ ପଦପଦବୀରେ ଥିବା ନେତା ଓ ମନ୍ତ୍ରୀ ଏହି ଲୋକାର୍ପଣ ଉତ୍ସବରେ ଯୋଗଦେଇଥିଲେ।




ଶ୍ରୀଜଗନ୍ନାଥ ମେଡିକାଲ କଲେଜ ପରିସରରେ ପ୍ରଦର୍ଶିତ ଲୋଗୋ ।

## ଜଳ ଜୀବନ ମିଶନରେ ୩ ବ୍ଲକ ପାଇଁ ୧୭୦.୭୪ କୋଟି ଟଙ୍କା ମଞ୍ଜୁର

ଅସ୍ତରଙ୍ଗ,୧୧।୪(ଡି.ଏନ୍.ଏ.):

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଓ ଉପକୂଳବର୍ତ୍ତୀ ଅଞ୍ଚଳରେ ଖରାଦିନେ ବିଶୁଦ୍ଧ ପାନୀୟଜଳ ସମସ୍ୟା ନେଇ କାକଟପୁର ବିଧାୟକ ତଥା ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ପାନୀୟ ଜଳ ଯୋଗାଇଦେବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ପରେ ରାଜ୍ୟ ସରକାର ସମସ୍ୟା ପ୍ରତି ଗୁରୁତ୍ୱ ଦେଇ 'ଜଳ ଜୀବନ ମିଶନ' ଦ୍ୱାରା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ୫୫ ଗ୍ରାମ, ଗୋପ ବ୍ଲକ ଅନ୍ତର୍ଗତ ୫୧ ଗ୍ରାମ ସମେତ କାକଟପୁର ବ୍ଲକ ଅନ୍ତର୍ଗତ ୪୭ ଗ୍ରାମ ପାଇଁ ମୋଟ୍ ୧୭୦ କୋଟି ୭୪ ଲକ୍ଷ ଅନୁଦାନ ମଞ୍ଜୁରି କରିଛନ୍ତି। ଏହି ମେଗା ପ୍ରକଳ୍ପ ଦ୍ୱାରା ପାଣି ବିଶୋଧନାଗାର, ପାଇପ ମାଧ୍ୟମରେ ପାନୀୟଜଳ ପାଇବା ସହିତ ଦୀର୍ଘ ଦିନର ସମସ୍ୟାରୁ ଅଞ୍ଚଳବାସୀ ମୁକ୍ତି ପାଇବା ବୋଲି ଉପାଧ୍ୟକ୍ଷ ନାୟକ କହିଛନ୍ତି। ବିଶେଷଭାବେ ନଗର, ନୂଆଗଡ଼, ଝାଡ଼ଲିଙ୍ଗ, ଛୁରିଅନା ପଞ୍ଚାୟତବାସୀ ଉପକୃତ ହେବେ। ରାଜ୍ୟ ସରକାରଙ୍କ ଏଭଳି ପଦକ୍ଷେପ ପାଇଁ ଉପାଧ୍ୟକ୍ଷ ନାୟକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।